# ଉର୍ଜ୍ଜନା

(ଜୀବନ-ବୃଦ୍ଧିଦ ଧର୍ମ ଓ କୃଷ୍ଟିମୂଳକ ମାସିକ ପତ୍ରିକା)

ଯେନାତ୍ମନସ୍ତଥାନ୍ୟେଷାଂ ଜୀବନଂ
ବର୍ଦ୍ଧନଞ୍ଚାପି ଧ୍ରୀୟତେ ସ ଧର୍ମଃ ।

ଶ୍ରଦ୍ଧା-ନିଷ୍ଠା ଯେପରି ଯେଉଁଠି
ଲଗାଅ ସେବା-**ଉର୍ଜ୍ଜନାରେ**,
ବୋଧବିକାଶବି ସେଇପରି
ହୁଏବି ସେପରି ବର୍ଦ୍ଧନାରେ । ୧୨ ।

*(ଅନୁଶ୍ରୁତି, ୪ର୍ଥଖଣ୍ଡ, ପ୍ରଜ୍ଞା)*

**୩୪ଶ ବର୍ଷ, ଅଷ୍ଟମ ସଂଖ୍ୟା**

**ବୈଶାଖ, ୧୪୨୧, ମଇ, ୨୦୧୪**

**ଅନୁକୂଳାବ୍ଦ-୬୮**

**ପ୍ରଚ୍ଛଦ :** ସତ୍‌ସଙ୍ଗ ବିହାର, ଖଇରାବାଡ଼ି, ବରପେଟା, ଆସାମ
**ଅଳଙ୍କରଣ :** ସତ୍‌ସଙ୍ଗ ଗ୍ରାଫିକ୍ସ ଆଣ୍ଡ ମଲଟିମିଡ଼ିଆ ସେଣ୍ଟର

**ଉର୍ଜ୍ଜନା କାର୍ଯ୍ୟାଳୟ**

**ସତ୍‌ସଙ୍ଗ ବିହାର, ବକ୍ସିବଜାର, କଟକ-୧**

ଫୋନ୍ : (୦୬୭୧) ୨୩୦୪୧୪୦

**visit us to : www.urjana.net**
**E-mail: mail@satsang.org.in**

*ସମ୍ପାଦକ : ଡା଼ଃ. ବିନାୟକ ମହାପାତ୍ର*

## ଉର୍ଜ୍ଜନାର ନିୟମାବଳୀ : ଗ୍ରାହକମାନଙ୍କ ପ୍ରତି

୧. ଆଶ୍ୱିନ ମାସରୁ ଉର୍ଜ୍ଜନାର ବର୍ଷ ଆରମ୍ଭ । ଚଳିତ ଇଂରାଜୀ ମାସର ତା୧ରିଖ ଓ ତା୧୫ରିଖରେ ପତ୍ରିକା ପ୍ରକାଶିତ ହୁଏ ଓ ତା୧୯/୨୦ରିଖରେ ଡାକଯୋଗେ ପଠାଯାଏ ।
୨. ଗ୍ରାହକଗଣ ଯଦି ଚଳିତ ଇଂରାଜୀ ମାସର ୨୫ ତାରିଖ ଓ ୨୮ତାରିଖ ମଧ୍ୟରେ ପତ୍ରିକା ନ ପାଆନ୍ତି, ତେବେ ଡୁପ୍ଲିକେଟ୍ କପି ପାଇଁ ଏକ ଟଙ୍କା ଡାକ ଟିକେଟ୍ ସହ ପତ୍ର ଦେବେ ।
୩. ଠିକଣା ପରିବର୍ତ୍ତନ ପାଇଁ ୧୫ ଦିନ ପୂର୍ବରୁ ଉର୍ଜ୍ଜନା କାର୍ଯ୍ୟାଳୟକୁ ଜଣାଇବା ଆବଶ୍ୟକ ।
୪. ଭି.ପି.ପି. ଯୋଗେ ପତ୍ରିକା ପଠାଯାଏ ନାହିଁ । ଗ୍ରାହକ ଚାନ୍ଦା ମନିଅର୍ଡ଼ର ଯୋଗେ ଉର୍ଜ୍ଜନା କାର୍ଯ୍ୟାଳୟକୁ ପଠାଇବା ଆବଶ୍ୟକ । ଚିଠି ପତ୍ରରେ ଓ କୁପନରେ ଗ୍ରାହକ ନମ୍ବର ଉଲ୍ଲେଖ କରିବେ । ଉତ୍ତର ପାଇବାକୁ ହେଲେ ରିପ୍ଲାଇ କାର୍ଡ଼ରେ ପତ୍ର ଦେବେ ।
୫. ଭାରତରେ ଡାକଖର୍ଚ୍ଚ ସହ ଅର୍ଘ୍ୟର ହାର : ବାର୍ଷିକ ୧୨୦ ଟଙ୍କା । ଷାଣ୍ମାସିକ ୬୦ ଟଙ୍କା । ପ୍ରତି ଖଣ୍ଡର ମୂଲ୍ୟ ଟ୧୦.୦୦ ପଇସା ।
୬. ଟଙ୍କା ପଠାଇବାର ଠିକଣା-**ମ୍ୟାନେଜର, ଉର୍ଜ୍ଜନା, ପୋ.: ସତ୍‌ସଙ୍ଗ , ଦେଓଘର, (ଝାଡଖଣ୍ଡ), Pin. : 814116**
୭. ଏଜେନ୍‌ସିର ନିୟମାବଳୀ ପାଇଁ ପତ୍ର ଲେଖନ୍ତୁ ।

## ଉର୍ଜ୍ଜନାର ଲେଖକମାନଙ୍କ ପ୍ରତି

୧. ଉର୍ଜ୍ଜନାରେ ପ୍ରକାଶ ପାଇଁ ସମଗ୍ର ରଚନାର **ଡ଼ି.ଟି.ପି କରି ନିଜର ସଂପୂର୍ଣ୍ଣ ନାମ, ଠିକଣା ଓ ଫୋନ୍ ନମ୍ବର** ସହିତ ପଠାଇବା ଆବଶ୍ୟକ । କୌଣସି ଲେଖା ବିଶେଷ ସଂଖ୍ୟାରେ ପ୍ରକାଶିତ ହେବାର ବାଧ୍ୟବାଧକତା ନାହିଁ। ଅମନୋନୀତ ରଚନା ଫେରସ୍ତ ଦିଆଯାଏ ନାହିଁ। ରଚନାର ପ୍ରକାଶନ ତଥା ଅଂଶବଶେଷର ପରିବର୍ତ୍ତନ ଓ ପରିବର୍ଦ୍ଧନ ସମ୍ପାଦକଙ୍କ ଇଚ୍ଛାଧୀନ ।
୨. ରଚନା ମଧ୍ୟରେ ଯେକୌଣସି ଉଦ୍ଧୃତିର ମୂଳ ପୁସ୍ତକର ନାମ, ଲେଖକ ଓ ପୃଷ୍ଠାସଂଖ୍ୟା ଉଲ୍ଲେଖ କରିବା ଏକାନ୍ତ ପ୍ରୟୋଜନ । ଅନ୍ୟଥା ସେ ଲେଖା ପ୍ରକାଶିତ ହୁଏନା ।
୩. ଚଳିତ ସଂଖ୍ୟାରେ କୌଣସି ରଚନା ବା ସମ୍ବାଦ ପ୍ରକାଶ କରିବାକୁ ହେଲେ ଅନ୍ତତଃ ଏକ ମାସ ଆଗରୁ ଲେଖା ପହଞ୍ଚିବା ଅବଶ୍ୟ ପ୍ରୟୋଜନ ।
୪. ଲେଖା ଓ ସମ୍ବାଦ— **ସଂପାଦକ (Editor) , ଉର୍ଜ୍ଜନା ପୋ.: ସତ୍‌ସଙ୍ଗ , ଦେଓଘର (ଝାଡଖଣ୍ଡ), Pin. : 814116** ଠିକଣାରେ ପଠାଇବାକୁ ହେବ ।

**ମୂଲ୍ୟ : ଟ୧୦.୦୦ପ.**

# ସୂଚୀପତ୍ର

## ବୈଶାଖ – ୧୪୨୧ ସାଲ


▶▶ ପ୍ରେଷ୍ଠ–ପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ – ୪୯୨

▶▶ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶିଷବାଣୀ – ୪୯୪

▶▶ ଶ୍ରୀଶ୍ରୀଠାକୁରଙ୍କ ସହିତ କଥୋପକଥନ – ଆଲୋଚନା–ପ୍ରସଙ୍ଗ : *ଶ୍ରୀପ୍ରଫୁଲ୍ଲ କୁମାର ଦାସ* – ୪୯୭

◀ ନାନା–ପ୍ରସଙ୍ଗ : *ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ* – ୫୦୪

◀ କଥା–ପ୍ରସଙ୍ଗ : *ଶ୍ରୀସୁଶୀଳ ଚନ୍ଦ୍ର ବସୁ* – ୫୦୭

◀ ଅମୀୟ ବାଣୀ : *ଶ୍ରୀଅଶ୍ୱିନୀକୁମାର ବିଶ୍ୱାସ* – ୫୦୯

◀ ଇସ୍‌ଲାମ ପ୍ରସଙ୍ଗ : *ମହମ୍ମଦ ଖଲିଲର ରହମାନ ଓ ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ, ଏମ.ଏ* – ୫୧୧

◀ ପ୍ରତୁଲଦୀପ୍ତି : *ଶ୍ରୀମଣିଲାଲ ଚକ୍ରବର୍ତ୍ତୀ* – ୫୧୩

▶▶ ଯୁଗାଚାର୍ଯ୍ୟ ଶ୍ରୀଶ୍ରୀବଡ଼ଦାଙ୍କ ସହିତ କଥୋପକଥନ – ଇଷ୍ଟପ୍ରସଙ୍ଗ : *ଡ଼ଃ. ଶ୍ୟାମସୁନ୍ଦର ରକ୍ଷିତ* – ୫୧୬

▶▶ ଯୁଗାଚାର୍ଯ୍ୟ ସ୍ମରଣେ – ମୋର ବ୍ୟକ୍ତିଗତ ଅନୁଭୂତି : *ଅନୁପ କୁମାର ମୈତ୍ର (ଝ୍ୱାଇଁ)* – ୫୧୯

▶▶ ବ୍ରହ୍ମଜ୍ଞାନ – ୫୨୦

▶▶ ସତ୍ୟାନୁସରଣର ପଥେ – ସତ୍ୟାନୁସରଣ ବ୍ୟାଖ୍ୟାନରେ ଯୁଗାଚାର୍ଯ୍ୟ ଶ୍ରୀଶ୍ରୀବଡ଼ଦା – ୫୨୧

▶▶ ସାଧନାର ପଥେ – ପୁରୁଷୋତ୍ତମଙ୍କ ଦୀକ୍ଷା ସମସ୍ତଙ୍କୁ ନେବାକୁ ହେବ କାହିଁକି ? – ୫୨୩

▶▶ କର୍ମୀ–ଦର୍ପଣ – ମୋର ଈପ୍ସିତ ମଣିଷ ଯୋଗାଡ଼ କର – ୫୨୫

▶▶ ମାତୃ ଜଗତ – ଜନ୍ମ ନେବା କଠିନ ବ୍ୟାପାର – ୫୨୭

▶▶ ଯେମନ ତାଁକେ ଦେଖି – ଯେମିତି ତାଙ୍କୁ ଦେଖେ – ୫୨୯

▶▶ ପ୍ରବନ୍ଧ – ତୁମେ ଥିଲ ତେଣୁ : *ଡ଼ାଃ. ବିନାୟକ ମହାପାତ୍ର* – ୫୩୧

▶▶ ଦିବ୍ୟଲୀଳା – ଇଷ୍ଟକର୍ମ ଆଉ ଇଷ୍ଟଭରଣ ମୃତ୍ୟୁ ଟାଳି ଦିଏ ଜୀବନଦାନ : *ଡକ୍ଟର ନିରଞ୍ଜନ ମିଶ୍ର* – ୫୩୬

▶▶ ଦିବ୍ୟ ଅନୁଭୂତି – ପ୍ରେଷ୍ଠାନୁରାଗ : *ଶ୍ରୀବାସ* – ୫୪୦

▶▶ ଆଶ୍ରମରେ ନବବର୍ଷ – ୫୪୪

▶▶ ଆଶ୍ରମ ସମ୍ବାଦ – ୫୫୧

▶▶ ସମ୍ପାଦକୀୟ – ୫୫୨



# ପରମପ୍ରେମମୟ
# ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ



ରାଜନୀତି ନେଇ ଯେତେହେଁ ଖୋଳପାଡ଼ କରନା କାହିଁକି,
ଯେପର୍ଯ୍ୟନ୍ତ ତା' ମଣିଷର ଅସ୍ତିବୃଦ୍ଧିର
ଆପୂରଣୀ ନ ହୋଇଉଠୁଛି,
ପରିପୋଷକ ନ ହୋଇଉଠୁଛି,
ପରିପାଳକ ହୋଇ ନ ଉଠୁଛି,
ସୁସଙ୍ଗତ ସାର୍ଥକ ପାରସ୍ପରିକତାର ଭିତର ଦେଇ
ମଣିଷର ଧୃତି
ଓ ସତ୍ତାର ଧାରଣ–ପୋଷଣର
ଆପୂରଣ–ପାଳନରେ
ସାର୍ଥକ ହୋଇ ନ ଉଠୁଛି —
ଅସତ୍–ନିରୋଧୀ ପରାକ୍ରମ ନେଇ,
ଗୋଟେ କଥାରେ, ଧର୍ମରେ ସାର୍ଥକ ହୋଇ ନଉଠୁଛି,
ପୁନଶ୍ଚ, ସେଇ ଧର୍ମ ଯେପର୍ଯ୍ୟନ୍ତ
ଜୀବନ୍ତ ବିଗ୍ରହରେ ମୂର୍ତ୍ତ ହୋଇ ନଉଠୁଛି —

ବୈଶିଷ୍ଟ୍ୟପାଳୀ ଆପୂରୟମାଣ ହୋଇ,
ଆଧ୍ୟାତ୍ମିକ, ଆଧିଦୈବିକ, ଆଧିଭୌତିକ
ସଙ୍ଗତି-ଶାଳିନ୍ୟରେ,
ପୋଷଣ-ପରିଚର୍ଯ୍ୟାରେ
ମଣିଷର ସାତ୍ତ୍ୱିକ ଅଭିବ୍ୟକ୍ତିକୁ
ଉଦ୍ଭିନ୍ନ କରିତୋଳି,
ସ୍ୱତଃ-ବିକିରଣାରେ
ତା'ର ପରିବେଶ ଓ ପରିସ୍ଥିତିର
ଉଚ୍ଛଳ ଉଜ୍ଜ୍ୱଳ ସୁବିନାୟନାରେ,
ତା' ଯେପର୍ଯ୍ୟନ୍ତ ପ୍ରତିଟି ବ୍ୟକ୍ତିତ୍ୱରେ
ଅଧିଷ୍ଠିତି ଲାଭ ନ କରୁଛି,
ଶ୍ରଦ୍ଧୋଷିତ ଅନୁଚର୍ଯ୍ୟୀ ଅନୁଶୀଳନାର ଭିତର ଦେଇ
ଯୋଗ୍ୟତାର ଉଦ୍‌ବୋଧନରେ
ଆତ୍ମନିର୍ଭରଶୀଳତାର ଆବାହନରେ
ମଣିଷକୁ
ପରିବେଶ ଓ ପରିସ୍ଥିତିର ପରିପୁଷ୍ଟି
ଏବଂ ପରିଭୃତିର ପରିରକ୍ଷଣାରେ
ଉଦ୍ଦାମ କରି ନ ତୋଳୁଛି,
ତପ-ଅନୁଶୀଳନାର ଭିତର ଦେଇ
ସକ୍ରିୟ ସୁକେନ୍ଦ୍ରିକ ବିନାୟନାରେ
ମଣିଷକୁ ପାରସ୍ପରିକଭାବେ ଧୃତିମୁଖର
କରି ନ ତୋଳୁଛି,
ଇଷ୍ଟାର୍ଥ-ଅନୁବେଦନାରେ
ସଙ୍ଗତି-ଶାଳିନ୍ୟରେ
ସୁସଂହତ କରି ନ ତୋଳୁଛି—
ପରିଚର୍ଯ୍ୟୀ କ୍ଲେଶସୁଖପ୍ରିୟତାର ଭିତର ଦେଇ
ଜୀବନର ଉଦ୍ଦାମ ଆହବରେ ଜୟମୁଖର ହୋଇ,
ଅସ୍ତିବୃଦ୍ଧିର ଉଚ୍ଛଳ ଅନୁକ୍ରମଣାରେ,—
ତୁମର ସେଇ ଲକ୍ଷେ ଖୋଳତାଡ଼
ପ୍ରବୃତ୍ତି-ସଂକ୍ଷୁବ୍ଧ ପ୍ରବଣତାର
ଧୂକ୍ଷିତ ଫୁତ୍‌କାରରେ
କେତେବେଳେ କୋଉ ମୁହୂର୍ତ୍ତରେ
ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ନ ପଡ଼ିବ—
ଛିନ୍ନ ଛନ୍ନତାରେ ଆତ୍ମବିଲୟ କରି,—
ତା'ର କିଛି ଠିକଣା ନାହିଁ;
ତେଣୁ କହେ—
ତୁମର ଧର୍ମ ସାର୍ଥକ ହୋଇଉଠୁ ଆଦର୍ଶରେ,
ଆଦର୍ଶ ବିସ୍ତାର ଲାଭ କରୁ
ପ୍ରତିଟି ହୃଦୟରେ,
ପ୍ରତିଟି ହୃଦୟର ଜୀବନ-ଆକୂତି
ଅନୁଶୀଳନୀ ସୌଜନ୍ୟ-ଆପ୍ୟାୟନାର ଭିତର ଦେଇ
ପାରସ୍ପରିକ ସ୍ୱାର୍ଥ-ସାର୍ଥକତାରେ
ପ୍ରବର୍ଦ୍ଧନାର ଐତିହ୍ୟ ବହନ କରି
ଚଳନ୍ତ ହୋଇଉଠୁ;
ସେଇ ଧର୍ମ ଯେତେବେଳେ ମଣିଷଠାରେ ମୂର୍ତ୍ତ ହୋଇ
ପ୍ରତିଟି ବିଶେଷକୁ
ଉଚ୍ଛଳ ଉଦ୍ଦୀପନାରେ
ଧୃତିମୁଖର ଚଳନ-ଉଚ୍ଛଳ କରିତୋଳି ଚାଲିବ—
ସମବେତ ଏଷଣୀ ଉଦ୍ଦୀପନାରେ,
ସେ ସେତେବେଳେ ଯେଉଁ ନୀତିର ସ୍ରଷ୍ଟା ହୋଇଉଠିବ,
ତା'ହିଁ ହେବ ବାସ୍ତବ ରାଜନୀତି—
ଲୋକରଞ୍ଜନାର ହୋମ-ଆଶିସ୍,
ତା' ସ୍ୱତଃ-ଉତ୍ସାରଣାରେ
ଈଶ୍ୱରଙ୍କଠାରେ ସାର୍ଥକ ହେବାକୁ
ଉଦାତ୍ତ ଚଳନରେ ଚାଲୁଥିବ;
ଈଶ୍ୱରହିଁ ଧର୍ମ,
ଈଶ୍ୱରହିଁ ନୀତି,
ଈଶ୍ୱରହିଁ ସର୍ବସ୍ୱାର୍ଥର ପରମ-ସାର୍ଥକତା ।

*(ଆର୍ଯ୍ୟ-ପ୍ରାତିମୋକ୍ଷ, ୧୪ଶଖଣ୍ଡ-୫୪୨୭)*

---

**ପାଦଟୀକା :**

ଅଧିଷ୍ଠିତି : ଅଧିଷ୍ଠାନ, ଆଶ୍ରୟ ।
ପରିଭୃତି : ଉତ୍ତମ ରୂପେ ପୋଷଣ ।
ଏଷଣୀ : ପୁନଃ ପୁନଃ କରଣର ଇଚ୍ଛା ଓ ପ୍ରଚେଷ୍ଟା-ଯୁକ୍ତ ।
ପ୍ରବର୍ଦ୍ଧନା : ପ୍ରକୃଷ୍ଟ ରୂପେ ବର୍ଦ୍ଧିତ କରିତୋଳିବା ।

# ଯୁଗ-ପୁରୁଷୋତ୍ତମ
# ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶିଷବାଣୀ

ଜୀବନର ଦୁନ୍ଦୁଭି-ଚଳନ
ଉତ୍ତାଳ ହୋଇଉଠୁ,
ସେଇ ଉତ୍ତାଳ ଅଭିସାର
ପ୍ରତିପ୍ରତ୍ୟେକକୁ
ଉର୍ଜ୍ଜୀତପା ଆୟୁଷ୍ମାନ
କରିତୋଳୁ,
ଧୀ ଓ ବୋଧିର
ବିବେକ-ବିନ୍ୟାସରେ
ସବୁ ଯା'କିଛିକୁ
ସଂହତ କରି
ସନ୍ଦୀପ୍ତ ବର୍ଦ୍ଧନାରେ
ବିସ୍ତୃତ କରିତୋଳୁ;
ତୁମେମାନେ ଜାଗ,
ତୁମେମାନେ ଧର,
ତୁମେମାନେ କର,
ଚର୍ଯ୍ୟା-ଯଜ୍ଞରେ
ଜୀବନକୁ—
ବ୍ରାହ୍ମୀ ଆହୂତିର ଧୂମବହ୍ନିକୁ—
ସରସ ସନ୍ଦୀପନାରେ
ସବୁ ଯା'କିଛିରେ
ପରିବେଷଣ କରିତୋଳ;
ତୁମେ ଅଛ,
ତୁମେ ରୁହ,
ଆଉ ଏହି ରହିବା
ପ୍ରଚୁର ହୋଇ
ଉତ୍ତାଳ ଅଭିସାରରେ
ବିସ୍ତାରିତ ବିସ୍ତାର-ଅନ୍ୱୟରେ
ଅଭିଦୀପ୍ତ ହୋଇ
ସମସ୍ତଙ୍କୁ ସୌଷ୍ଠବମଣ୍ଡିତ କରିତୋଳୁ;
ତୁମେ ଏକ—
ବହୁରେ ପରିବ୍ୟାପ୍ତ ହୁଅ,
ସେଇ ପରିବ୍ୟାପନୀ ପ୍ରତ୍ୟେକ
ତୁମରହିଁ ଗୋଟେ ଗୋଟେ
ଉଜ୍ଜୟିନୀ ଅଭିସାରଣାକୁ
ଆମନ୍ତ୍ରଣ କରି
ସମସ୍ତଙ୍କୁ ସମସ୍ତଙ୍କର କରିତୋଳୁ;
ଆନନ୍ଦ—
ସେଇ ଆନନ୍ଦ-ଘନ ନିତ୍ୟାନନ୍ଦ
ନିତ୍ୟ-ଦୀପନାରେ
ଉର୍ଜ୍ଜନାର ଉଜ୍ଜ୍ୱଳନ-ଗତିରେ
ପ୍ରତିପ୍ରତ୍ୟେକକୁ
କୁହ, ବିକ୍ରମ ଓ ଅସତ୍-ନିରୋଧୀ ତତ୍‌ପରତାରେ
ନିୟୋଜିତ କରିତୋଳୁ, —
ଯେଉଁଥିରେ ପ୍ରତିପ୍ରତ୍ୟେକେ
ଶାନ୍ତି, ସ୍ୱସ୍ତିର
ଶୁଭ-ଅନୁଧ୍ୟାୟିନୀ ଅନୁଚର୍ଯ୍ୟାରେ
ଉଦ୍‌ଦୀପ୍ତ ହୋଇ
ସବୁକିଛିକୁ
ସୁନ୍ଦରରେ ସନ୍ଦୀପିତ କରିତୋଳନ୍ତି—
ଭାବବୃତ୍ତିର ଇଷ୍ଟୋଚ୍ଛଳ ଉନ୍ମାଦନାରେ
ଅଭିଦୀପ୍ତ ହୋଇ;
ତେଣୁ ପୁଣି କହେ—
ଉଠ,
ଜାଗ,
ଉତ୍ତାଳ ହୋଇ ଚାଲ,
ଜୀବନୀୟ ତରଙ୍ଗ ସୃଷ୍ଟି କରି

ସବୁ ଅନ୍ତରେ–ଅନ୍ତରେ
ଦୀପ୍ତ ଜୀବନରେ
ପରିବ୍ୟାପ୍ତ ହୋଇଉଠ;
ଜୀବନର ଲୁବ୍ଧ ଉଷ୍ଣିତ
ବୋଧ–ବିପର୍ଯ୍ୟୟୀ
କ୍ଷୟ ଓ କ୍ଷତି
ଯା' ସାତ୍ୱତ ବର୍ଦ୍ଧନାକୁ
ବିକ୍ଷୋଭିତ କରିତୋଳେ,
ତା'କୁ ଉତ୍ତାଳ ନିରୋଧରେ
ନିରୋଧ କରି
ଅବଲୁପ୍ତ କରିଦିଅ,
ଶାନ୍ତି, ସ୍ୱସ୍ତି, ସ୍ୱଧାର
ସାମଗାନରେ
କୃତି–ହୋମ–ଉଦ୍ଦୀପନାରେ
ସମସ୍ତ ହୃଦୟକୁ
ପରିତୃପ୍ତ କରିତୋଳ;
ଆହୁରି କହେ ପୁଣି —
ଅଳସ ହୋଇ ରୁହନା,
ଉଠ,
କର,
ଚାଲ,
ସମସ୍ତଙ୍କର ହୃଦୟର କେନ୍ଦ୍ର
ସେଇ ତୁମଠାରେହିଁ,
ଆଉ ତୁମମାନଙ୍କର ପ୍ରତ୍ୟେକର
ହୃଦୟ–କେନ୍ଦ୍ର
ଯେପରି ଦୀପାଳୀ–ଦୀପନାରେ
ସଜ୍ଜିତ ହୋଇ
ଉଚ୍ଛଳ ହୋଇଉଠେ —
ଐଶ୍ୱର୍ଯ୍ୟର ପ୍ରଚୁର ଉଚ୍ଛଳାରେ,
କୁହ ଓ ବିକ୍ରମର
ବହ୍ନି–ଦୀପନାରେ,
ମେଧା, ବୋଧ ଓ ବିବେକର
ବୀଚି–ଚଳନରେ
ସବୁ ଯା' କିଛିକୁ
ସଂହତ କରି
କୂଳସ୍ପର୍ଶୀ ହୋଇ;
ଏହି ଉତ୍ଥାନ
ସମସ୍ତ ପତନକୁ
ଅବଦଳିତ କରି
ଉଦ୍ଦୀପନୀ ତତ୍‌ପରତାରେ
ଉଚ୍ଛଳ ହୋଇଉଠୁ;
ମୋର ଏହି ଅକାଟ୍ୟ ପ୍ରାର୍ଥନା —
ମୋର ଏହି ପରମ ଆକୂତ ନିବେଦନ —
ଯିଏ ସମସ୍ତଙ୍କର ଏକାନ୍ତ,
ମୋର ବି ଏକ —
ଅଦ୍ୱିତୀୟ,
ତାଙ୍କ ଚରଣରେ
ଉତ୍ସର୍ଜ୍ଜିତ ହୋଇ
ସବୁ ଜୀବନରେ
ଉଚ୍ଛଳ ହୋଇଉଠୁ;
କର,
କରୁଣାର ଅଧିକାରୀ ହୁଅ,
ଦୟାର ଅଧିକାରୀ ହୁଅ,
ପାଇବାର ଅଧିକାରୀ ହୁଅ,
ଦେବାର ଅଧିକାରୀ ହୁଅ,
କହିବାର ଅଧିକାରୀ ହୁଅ,
ଚାଲିବାର ଅଧିକାରୀ ହୁଅ,
ବୋଧ ଓ ମେଧାର ଅଧିକାରୀ ହୋଇ
ପ୍ରାଜ୍ଞ ଚେତନାରେ
ସବୁ ଯା'କିଛିକୁ
ପ୍ରଜ୍ଞାନ୍ୱିତ କରିତୋଳ —
ସମସ୍ତଙ୍କୁ
ଆପଦଶୂନ୍ୟ କରି —
ନିରାପଦ୍ କରି

ଶୁଭସ୍ଥଣ୍ଡିଳରେ ସୌଷ୍ଠବମଣ୍ଡିତ କରିତୋଳି;
ପ୍ରାର୍ଥନା ମୋର—
ସେଇ ପରମକାରୁଣିକ
ପରମପିତା
ଯିଏ ସବୁ ଯା' କିଛିରହିଁ ବପ୍ତା—
ମୋର
ତୁମର
ପ୍ରତ୍ୟେକରହିଁ—
ତାଙ୍କର କରୁଣାନିର୍ଝର
ସବୁ ଅନ୍ତରରେ
ପରିବ୍ୟାପ୍ତ ହୋଇ
ସମସ୍ତଙ୍କୁ
ସାଧୁ କୃତି-ଉଦ୍ଦୀପ୍ତ
କରିତୋଳୁ;
ଦୟାଲ ମୋର !
କରୁଣାମୟ ତୁମେ,
କୃତି-ଉଦ୍ଦୀପନା ତୁମେ
ଭାବବୃତ୍ତିର ସ୍ୱତଃସମ୍ବେଗ ତୁମେ,
ସମସ୍ତଙ୍କୁ
ଶୁଭର
କଲ୍ୟାଣର
ଅଧିକାରୀ କରି
ମାଙ୍ଗଳିକ ପରିବେଶରେ
ଦୁନିଆରେ ପରିବ୍ୟାପ୍ତ କରିତୋଳ;
ଶାନ୍ତି
ସ୍ୱସ୍ତି
ତୃପ୍ତି
ଏକାଧାରରେ
ମାଙ୍ଗଳିକ ଯା'କିଛି ଅଛି
ସବୁହିଁ ଯେପରି ଉଚ୍ଛଳ ହୋଇଉଠେ—
ତୁମର କରୁଣା-ଉଦ୍ଦୀପ୍ତ ହୋଇ;
ଦୟାଲ !
ମୋର ପ୍ରାର୍ଥନା ମଞ୍ଜୁର କର,
ମୁଁ ଯେ ଚାହେଁ ତୁମ ନିକଟରେ,
ମୁଁ ଯେ ସନ୍ତାନ,
ମୁଁ କା' ନିକଟରୁ ଚାହିଁବି କୁହ ?
ତୁମ ଛଡ଼ା
ଆଉ କ'ଣ କେହି ଅଛି ?
ତେଣୁ ଚାହିଁବାକୁ ହେଲେହିଁ
ତୁମ ନିକଟରୁ ଚାହିଁବାକୁ ହୁଏ;
ଦୟାଲ !
ଆବେଦନ ମୋର ମଞ୍ଜୁର କର,
ସମସ୍ତଙ୍କୁ ପରିତୃପ୍ତ କରିତୋଳ,
ସୁନ୍ଦର କରିତୋଳ,
ସୁଶୋଭନ କରିତୋଳ,
ସମସ୍ତଙ୍କ ଉପରେ—
ସମସ୍ତେ କୃତିସୁନ୍ଦର ହୋଇ
ବୋଧଦୀପ୍ତ ହୋଇ
ଆୟୁଷ୍ମାନ ହୋଇ
ଅମରାର
ଅମୃତସ୍ପର୍ଶୀ ହୋଇଉଠୁ,
— ଏହି ତ ମୋର
ଏକାନ୍ତ ପ୍ରାର୍ଥନା ।

*ପହିଲା ବୈଶାଖ, ୧୩୬୬ । ନବବର୍ଷ ଉପଲକ୍ଷେ ।*
*(ଆଶିଷବାଣୀ, ପୃ.:୨୫୮-୨୬୬)*

---

**ପାଦଟୀକା :**

ଦୁନ୍ଦୁଭି-ଚଳନ : ପ୍ରଚଣ୍ଡ ଶକ୍ତିଶାଳୀ ପ୍ରତିକ୍ରିୟା ଜାଗ୍ରତ କରୁଥିବା ଚଳନ ।
ଅଭିସାରଣା : ତଦଭିମୁଖୀ ଗମନ, ଚଳନ ।
ବୀଚି-ଚଳନ : ତରଙ୍ଗ ସଦୃଶ ସୁସମ ଗତିଶୀଳତା ।
ଶୁଭ-ସ୍ଥଣ୍ଡିଳ : କଲ୍ୟାଣର ପବିତ୍ର ସ୍ଥାନ ।
ଭାବବୃତ୍ତି : ହୋଇ ରହିବାର ସମ୍ବେଗ, ହେବାକୁ ବରଣ କରିବା ।
Volitional urge to be.

*ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ*

# ଆଲୋଚନା ପ୍ରସଙ୍ଗ

**(ଏକାଦଶ ଖଣ୍ଡ)**

*ସଂକଳୟିତା—* **ଶ୍ରୀ ପ୍ରଫୁଲ୍ଲ କୁମାର ଦାସ,** *ଏମ୍.ଏ.*

*(ପୂର୍ବପ୍ରକାଶିତ ଉତ୍ତାରୁ........)*

## ବୈଶାଖ-୨୮, ମଙ୍ଗଳବାର, ୧୩୫୫
## (ଇଂ-୧୧।୦୫।୧୯୪୮)

ଶ୍ରୀଶ୍ରୀଠାକୁର ସକାଳେ ବଡ଼ାଲବଙ୍ଗଳାର ଉତ୍ତର ଦିଗର ବାରଣ୍ଡାରେ ପୂର୍ବକୋଣରେ ଶୁଭ୍ର ଶଯ୍ୟାରେ ସମାସୀନ । ମୁଖମଣ୍ଡଳରେ ତାଙ୍କର ମଧୁର ହାସ୍ୟରେଖା, ନୟନରେ ତାଙ୍କର ପ୍ରୀତି ଓ କରୁଣାର ନିର୍ଝର । ଭକ୍ତବୃନ୍ଦ ଜଣ ଜଣ କରି ଆସି ପ୍ରଣାମ କରି ଉପବେଶନ କରୁଛନ୍ତି । ଆଜି ବାହାରୁ କେତେଜଣ ନବଦୀକ୍ଷିତ ଭାଇ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ନିଜର ବ୍ୟକ୍ତିଗତ ଓ ପାରିବାରିକ ସମସ୍ୟାର କଥା କାତର ଭାବରେ ନିବେଦନ କଲେ ।

ଶ୍ରୀଶ୍ରୀଠାକୁର ଦରଦଭରା କଣ୍ଠରେ ଅଭୟବାଣୀ ଉଚ୍ଚାରଣ କରିଥିଲେ— 'ଉଷା-ନିଶାରେ ମନ୍ତ୍ରସାଧନ, ଚଲାବୁଲାରେ ଜପ/ ଯଥା ସମୟେ ଇଷ୍ଟନିଦେଶ ମୂର୍ତ୍ତ କରିବାହିଁ ତପ'— ଏଇ ଟିକକ ବଜାୟ ରଖିଲେ ଅନେକ କିଛି ସହଜ ହୋଇଆସେ । ଅନେକ ଅସୁବିଧା ଦୂର ହୋଇଯାଏ । ଇଷ୍ଟଧନ୍ଦା ପ୍ରବଳ ହେଲେ ଅମଙ୍ଗଳକୁ ମଙ୍ଗଳରେ ନିୟନ୍ତ୍ରଣ କରିବାର ମନୋଭାବ ଓ ଶକ୍ତି ଗଜାଇ ଥାଏ । ଆଉ, ପରିବାର-ପରିବେଶର ସମସ୍ତଙ୍କ ସଙ୍ଗେ ଖୁବ୍ ଭଲ ବ୍ୟବହାର କରିବାକୁ ହେବ, ସେମାନଙ୍କୁ ସାଧ୍ୟାନୁଯାୟୀ ସେବା କରିବାକୁ ହେବ । ଚରିତ୍ରର ଗୁଣଦ୍ୱାରା ମଣିଷକୁ ଯେ ଆପଣାର କରି ନେଇ ଜାଣେ, ଧୀରେ ଧୀରେ ତା'ର ଦୁଃଖ ଦୂର ହୋଇଯାଏ ।

ଜଣେ କହିଲେ— ମୋ ମନରେ ଖୁବ୍ ଦୁଶ୍ଚିନ୍ତା ।

ଶ୍ରୀଶ୍ରୀଠାକୁର— କ'ଣ ପାଇଁ ଦୁଶ୍ଚିନ୍ତା ?

ଉକ୍ତଭାଇ— ଦେହ ଭଲ ନାହିଁ, କ'ଣ କଲେ ଦେହଟା ଭଲ ହେବ, ଆଉ କିପରି ସଂସାରଟା ଚଲାଇବାକୁ ହେବ ଏଇସବୁ ଭାବନା ।

ଶ୍ରୀଶ୍ରୀଠାକୁର— ପ୍ୟାରୀକୁ ଦେଖା । ଦେହଟା ଯେପରି ଭଲ ହୁଏ ତାହାହିଁ କର । ଦେହଟାକୁ ଏପରି ମଜଭୁତ କରିବାକୁ ହେବ ଯେପରି ଭୂତ ପରି ଖଟି ପାରିବୁ । ଦେହଟା ଭଲ ହେଲେ ମନଟା ଚେଙ୍ଗା ହୋଇଉଠିବ । ତା'ହେଲେ ଅବସ୍ଥା ଓ ପରିସ୍ଥିତି ବୁଝି ନିଜର ଶକ୍ତି ସାମର୍ଥ୍ୟ ଅନୁଯାୟୀ ଛୋଟମୋଟ ଗୋଟାଏ କିଛି ନେଇ ଲାଗିଯିବୁ । ନିଜର ପ୍ରୟୋଜନ ତ ଅଛିହିଁ, କିନ୍ତୁ ସେ କଥା ବଡ଼ କରି ନଭାବି, ଭାବିବୁ ପରିବେଶର କ'ଣ ଅଭାବ ବା ପ୍ରୟୋଜନ ତୁ ଦୂର କରି ପାରିବୁ । ସେଇଥିରେ ସ୍ଫୁର୍ତ୍ତି ସହକାରେ ଲାଗିଯିବୁ । ଆଉ ଯାହା କରିବୁ ତାହା ନିଖୁଣ ଭାବେ କରିବୁ । ତା' ମଧ୍ୟରେ ଯେପରି କୌଣସି ତ୍ରୁଟି ବିଚ୍ୟୁତି ବା ଫାଙ୍କିବାଜୀ ନଥାଏ । ଏହାରି ଭିତରୁ ପଇସା ଆସିବ, ନିଜର ପ୍ରୟୋଜନ ପୂରଣ ହେବ । କେବଳ ଅପରକୁ ଭଲପାଇବା ତାଳରେ ଥିବୁ, ଅପରର ସୁଖସୁବିଧା ଦେଖିବାର

> ଅଟୁଟ-ସ୍ରୋତା ଇଷ୍ଟନିଶା
> ସକଳ କାର୍ଯ୍ୟେହିଁ ଥାଏ,
> ନିଷ୍ପାଦନୀ ଅର୍ଘ୍ୟରେ ଆହୁରି
> ଦକ୍ଷତାକୁ ଡ଼ାକେ । ୧୫୧
>
> *(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

## Shrink କରୁ (ସଂକୁଚିତ ହେଉ) କ'ଣ ପାଇଁ ?

ଶ୍ରୀଶ୍ରୀଠାକୁର— ଆସକ୍ତି ଯୋଗୁଁ । ହୁଏତ ବଜାରକୁ ଯିବି, କଲମ ଆଣିବାକୁ ହେବ । ଯିବାକୁ ହେବ । କିନ୍ତୁ ହୁଏତ ଏହା ସଙ୍ଗେ ଆଉ ପାଞ୍ଚଟା ଅବାନ୍ତର କରଣୀୟ ଜୁଟାଇ ନେଲି । ଫଳରେ ମୂଳ ସମ୍ବେଗ ହରାଇବାକୁ ହେଲା ଅନେକଟା । ନାନା ତାଳରେ ପଡ଼ି ଶେଷରେ କଲମଟା ଆଣିବାକୁ ହୁଏତ ଭୁଲ ହୋଇଗଲା କିମ୍ବା କଲମଟା ଆଣିବାରେ ଏତେ ଡ଼େରି ହୋଇଗଲା ଯେ, କାମରେ ଅନେକ କ୍ଷତି ହୋଇଗଲା । Purpose to the principle (ଆଦର୍ଶପୂରକ ଉଦ୍ଦେଶ୍ୟ) ଯଦି ମଣିଷର prominent (ମୁଖ୍ୟ) ନହୁଏ, ତା'ହେଲେ success (ସାଫଲ୍ୟ)ଟା ତା'ର ସୁଦୂରପରାହତ ହୋଇଉଠେ । କାରଣ, ପ୍ରବୃତ୍ତି ଓ ପରିବେଶର ହଜାର ଆକର୍ଷଣ, ହଜାର ପ୍ରୟୋଜନ ତା'କୁ ଛିନ୍ନଛତ୍ର କରିଦିଏ । ଅଥଚ ସେ ଭାବେ— ମୁଁ ତ ଖରାପ କିଛି କରୁ ନାହିଁ । ମୋ କପାଳଟା ଅତ୍ୟନ୍ତ ମନ୍ଦ ତେଣୁ ଏତେ କରି ମଧ୍ୟ ଦୁଃଖ ଦୂର ହେଉ ନାହିଁ ।

ତାଳରେ ଥିବୁ— ନିଜକୁ ବିପନ୍ନ ନ କରି । ପରର ମଙ୍ଗଳ କରିବାର ନିଶା ଯଦି ତୁମକୁ ଗ୍ରାସ କରି ବସେ, ତା'ହେଲେ ଅମଙ୍ଗଳ ତୁମ ପାଖରୁ ଛୁଟି ପଳାଇବାକୁ ବାଟ ପାଇବ ନାହିଁ ।

ଶ୍ରୀଶ୍ରୀଠାକୁରଙ୍କର ପ୍ରେରଣା-ସନ୍ଦୀପୀ, ପ୍ରାଣମତାଣିଆ, ଅମୋଘ, ଅମିୟ ବଚନ ଶୁଣୁ-ଶୁଣୁ ଭାଇଟିର ବ୍ୟାହତ ବିଷଣ୍ଣ ମୁଖମଣ୍ଡଳଟି ଆନନ୍ଦରେ ଉଜ୍ଜ୍ୱଳ ହୋଇଉଠିଲା ।

ଭାଇଟି କହିଲେ— ଆପଣଙ୍କର ଦୟା ହେଲେ ସବୁ ପାରିବି ।

ଶ୍ରୀଶ୍ରୀଠାକୁର— ପରମପିତାଙ୍କ ଦୟା ଅଛିହିଁ । ଜୀବନଟାହିଁ ତାଙ୍କର ଦୟା ।

ସୁବୋଧଭାଇ (ଦାସ) କହିଲେ— ଧାନବାଦରେ ଜଣେ ଭାଇ ଦୀକ୍ଷା ନେବାର କିଛିଦିନ ପରେ ପାଗଳ ହୋଇଯାଇଛି । ତାହା ଦେଖି ଲୋକମାନେ ସତ୍‌ସଙ୍ଗର ଦୁର୍ନାମ କରୁଛନ୍ତି । ଏବେ କ'ଣ କରାଯିବ ?

ଶ୍ରୀଶ୍ରୀଠାକୁର ଦୃପ୍ତ ଠାଣିରେ ଜବାବ ଦେଲେ— କେତେ ବର୍ବର ଅଛନ୍ତି, କେତେ କଥା କହନ୍ତି । ଆଉ ତୁମେମାନେ ଯଦି ବର୍ବର ହୁଅ, ତା'ର ଉତ୍ତର ଦେଇ ପାରନା । ମଣିଷ ଯଦି କହେ ଅମୁକ ଲୋକ ଭାତ ଖାଇ ପାଗଳ ହୋଇଯାଇଛି— ତା'ର କ'ଣ କୌଣସି ମାନେ ହୁଏ ?

ଆଶୁଭାଇ (ଭଟ୍ଟାଚାର୍ଯ୍ୟ)ଙ୍କର ଇଚ୍ଛା ଚାକିରୀ ବା ବ୍ୟବସାୟ କିଛି ଗୋଟାଏ ଅର୍ଥକରୀ ଧନ୍ଦା କରିବା ।

ସେଇ ସମ୍ପର୍କରେ ଶ୍ରୀଶ୍ରୀଠାକୁର କହିଲେ— ଚାକିରୀ ହେଲା subservient service (ପର ନିର୍ଭରଶୀଳ ଆଜ୍ଞାନୁବର୍ତ୍ତୀ ସେବା) । ତା' ମାନେ ଆଉ ଜଣେ ମୋର ଭରଣ-ପୋଷଣ ଦାୟିତ୍ୱ ବହନ କରିବ, ଆଉ ତାହା ବିନିମୟରେ ମୁଁ ତା'ର ହୁକୁମ ପାଳନ କରିଯିବି । ଖଟିବାକୁ ମୁଁ ରାଜୀ, କିନ୍ତୁ ନିଜର ମୁଣ୍ଡ ଖଟାଇ ଦାୟିତ୍ୱ ଓ ଝୁଙ୍କ୍ ନେଇ କିଛି କରିବାର ଝମେଲା ନେବାକୁ ରାଜୀ ନୁହେଁ । ଜଣେ ଲୋକ ଯେତେ efficient (ଦକ୍ଷ) ହେଉ ନା କାହିଁକି, ଯଦି ସେ ସ୍ୱାଧୀନ ଓ ସଦ୍‌ଭାବେ ଜୀବିକା ଅର୍ଜନ କରିବାର ଯୋଗ୍ୟତା ଅର୍ଜନ ନକରେ, ତା'ହେଲେ ତା'ର ଆତ୍ମପ୍ରତ୍ୟୟ ଗଜାଏନା, ଫଳତଃ ଭୟ ଓ ଦୁର୍ବଳତା ଦୂର ହୁଏନା । ସାଧାରଣତଃ ଗୋଟାଏ ଚାକର service (ସେବା) ଦିଏ not for the man, but for the money (ନିଯୁକ୍ତିକାରୀ ମଣିଷଟି ପାଇଁ ନୁହେଁ, ତା'ର ଅର୍ଥ ପାଇଁ) । ଏଇ ମନୋଭାବ ଭଲ ନୁହେଁ । ମଣିଷ ଅର୍ଥସ୍ୱାର୍ଥୀ ନ ହୋଇ ସେବା-ସ୍ୱାର୍ଥୀ ଓ ଲୋକସ୍ୱାର୍ଥୀ ହୋଇ ଯଦି ଚାଲେ ତା'ହେଲେ ତା'ର ନିଜର ମଙ୍ଗଳ ଓ ପରିବେଶର ମଧ୍ୟ ମଙ୍ଗଳ ହୋଇଥାଏ । ଏଥିରେ dis-honesty (ଅସାଧୁତା) ମୁଣ୍ଡଟେକି ପାରେନା । କେହି ଯଦି ଚାକିରୀ ହିଁ କରେ, ଆଉ ସେ ଯଦି ତା'ର ମାଲିକକୁ ସଭାବେ ଲାଭବାନ

ହୃଦୟର ବଳ ଦେଖି ବୁଝି
ବୋଧ-ବିବେକୀ ଈକ୍ଷଣେ,
ବୁଝିବୁ ଯେପରି, କରିବୁ ସେପରି,
ତୃପ୍ତିପ୍ରଦ ନିକ୍କଣେ । ୧୫୦ ।
*(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

କରି ନିଜେ ଲାଭବାନ ହେବାକୁ ଚାହେଁ, ତାହା କିନ୍ତୁ ମନ୍ଦର ଭଲ । ସେ କ୍ଷେତ୍ରରେ ସେ କେବଳ ଅର୍ଥସ୍ୱାର୍ଥୀ ନୁହେଁ ମଣିଷସ୍ୱାର୍ଥୀ ମଧ୍ୟ । ଚାକିରୀଠାରୁ ବ୍ୟବସାୟ ଭଲ । କିନ୍ତୁ ବ୍ୟବସାୟୀ ଯେ, ସେ ଯଦି ମଣିଷସ୍ୱାର୍ଥୀ ନହୋଇ, ପଟିମାରି ଟଙ୍କା ରୋଜଗାର କରିବାର ଫନ୍ଦୀ କରେ ତା'ହେଲେ ବ୍ୟବସାୟର ତାତ୍ପର୍ଯ୍ୟ ନଷ୍ଟ ହୋଇଯାଏ, ବ୍ୟବସାୟ ମଧ୍ୟ ବେଶୀଦିନ ଚାଲେନା ।

ଶ୍ରୀଶ୍ରୀଠାକୁର ଟିକିଏ ରହିଯାଇ ଉଦାସ ଦୃଷ୍ଟିରେ ଆକାଶ ଆଡ଼େ ଚାହିଁ ରହିଲେ । ତା'ପରେ ନିଜେ ମନକୁ ମନ ପୁଣି କହିଲେ— ସବୁଠାରୁ ଜବର ଜିନିଷ ହେଲା nurturing service (ପୋଷଣୀ ସେବା) । ଜଣେ ହୁଏତ ଗୋଟାଏ ବଗିଚା କଲା । ଭଲରୂପେ ଯତ୍ନ ନେଲା । ପ୍ରତ୍ୟେକଟି ଗଛରେ ସାର ଦେଲା, ପାଣି ଦେଲା । ଗଛଗୁଡ଼ିକ ବଡ଼ ହେଲା ଫଳ ଧରିଲା । ଫଳ ପାଚି ପଡ଼ିଗଲା । ସେ ସେଇ ଫଳକୁ ଗୋଟାଇ ନେଇ ଅନ୍ୟକୁ ଦେଲା, ନିଜେ ଖାଇଲା । ତା'ର ମଞ୍ଜିଟା ପୁଣି ପୋତି ଦେଲା । ପୁଣି ଗଛ ହେଲା । ଗଛର ଯତ୍ନ ନେଉଥିଲା । ଗଛଗୁଡ଼ାକ ପୁଷ୍ଟ ହୋଇ ଉଠୁ, ତାଜା ହୋଇଉଠୁ— ଏହା ଦେଖିହିଁ ସେ ଖୁସୀ, ଏହାହିଁ ତା'ର ମସ୍ତ ଆତ୍ମପ୍ରସାଦ । ନିଜ ଗଛର ଫଳ, ଅଥଚ ନିଜେ ହୁଏତ ଅନେକ ସମୟ ଖାଏନା, ପାଞ୍ଚଜଣଙ୍କୁ ବାଣ୍ଟି ଦିଏ । ତଥାପି ବଗିଚା ପଛରେ ପଇସା ଢ଼ାଳେ, କେତେ ପରିଶ୍ରମ କରେ । ଗଛଗୁଡ଼ିକୁ ଲାଳନପାଳନ କରିବାହିଁ ଯେପରି ତା'ର ନିଶା । ଏହାକୁହିଁ କୁହାଯାଏ nurturing service (ପୋଷଣୀ ସେବା) । ଅନେକେ ଗାଈଗୋରୁଙ୍କ ପାଇଁ ଏମିତି କରିଥା'ନ୍ତି । କିପରି ଗୋଟାଏ ଅକାରଣ ଆସକ୍ତି । ମଣିଷ ପିଲା-ଛୁଆଙ୍କ ପାଇଁ କେତେ inquisitiveness (ଅନୁସନ୍ଧିତ୍ସା) ନେଇ କରେ । ସେମାନେ ବଡ଼ ହେଲେ ଖୁସୀ ହେଲେହିଁ ଖୁସୀ । ବିଶେଷ କୌଣସି ସ୍ୱାର୍ଥ ପ୍ରତ୍ୟାଶା ରଖନ୍ତି ନାହିଁ । ତେବେ ମୁଁ ମୋର ପିଲାଛୁଆଙ୍କ interest (ସ୍ୱାର୍ଥ), ଏଇ ଟିକକ ବୋଧ କରିପାରିଲେ ଯେପରି ମନରେ ଆନନ୍ଦର ଆଉ ସୀମା ନଥାଏ । ମୁଁ ignored (ଉପେକ୍ଷିତ) ଏକଥା love (ଭଲପାଇବା) ବୋଧହୁଏ ସହି ପାରେନା । ପୁଅ ଟଙ୍କା ରୋଜଗାର କଲେ ବାପ ଯେ ତାହା ପାଇବ, ତା' ନୁହେଁ, ତା'ର ଯଦି ସୁନାମ ହୁଏ, ବାପର ନିଜର ଖ୍ୟାତି ହୁଏ ସେଥିରେ ବୃଦ୍ଧି ପାଏନା, ସେ ଭଲ ଖାଇଲେ, ବାପର ଖାଇବା ହୁଏନା, ତଥାପି ସେଇଥିରେହିଁ ତା'ର ସୁଖ । ମଣିଷ ନିଜେ କେତେ କଷ୍ଟ କରେ, କିନ୍ତୁ ଭାବେ ପିଲା-ଛୁଆଙ୍କର ଦେହରେ କଣ୍ଟାଟାଏ ମଧ୍ୟ ଯେପରି ଫୋଡ଼ି ନ ହୋଇଯାଏ । ବାପ ଯେ ପୁଅ ପାଇଁ ଏତେକିଛି କରେ, ତାହା ପୁଅ କିନ୍ତୁ ଭଲରୂପେ ଅନୁଭବ ଓ ଉପଭୋଗ କରିପାରେନା ଯଦି ସେ ନିଜ ତରଫରୁ ବାପ ପାଇଁ କିଛି ନ କରେ ।

ପ୍ରଫୁଲ୍ଲ— କେହି ଯଦି ମୋ ପାଇଁ ଖୁବ୍ କରେ, ତା'ହେଲେ ତାହା ମୁଁ ଅନୁଭବ ଓ ଉପଭୋଗ କରି ପାରିବି ନାହିଁ କାହିଁକି ?

ଶ୍ରୀଶ୍ରୀଠାକୁର— ଯେ ମୋ ପାଇଁ କରେ, ତା' ପ୍ରତି ମୋର ମନଟା ଯଦି ଉନ୍ମୁଖ ନ ହୁଏ, ତା'ହେଲେ ତା'ର କରିବାଟା ତଳେଇ ବୋଧ କରି ପାରେନା । ବିନା ମୂଲ୍ୟରେ ପୋଖରୀ ବା ନଦୀର ଅପର୍ଯ୍ୟାପ୍ତ ଜଳରେ ଆମେ ଯେତେବେଳେ ସ୍ନାନ କରୁ ସେତେବେଳେ କ'ଣ ଜଳର କଦର ଆମେ ବୁଝିପାରୁ ? କିନ୍ତୁ ଏଠାରେ ଯେ, ପଇସା ଖର୍ଚ୍ଚ କରି ଭାରୁଆକୁ ଦେଇ କୂଅରୁ ଜଳ ଆଣି ଘରେ ବସି ସ୍ନାନ କରିବାକୁ ହୁଏ, ସେଥିପାଇଁ ହିସାବ କରି ଦେହରେ ଜଳ ଢ଼ାଳିବାକୁ ହୁଏ । କାରଣ ତୁମେ ଜଳ ପାଇଁ ମୂଲ୍ୟ ଦେଉଛ । ସେଇପରି, ତୁମ ପାଇଁ ତୁମ ବାପ-ମା'ଙ୍କର ଅସରନ୍ତି

## ଚାକିରୀବୃତ୍ତି

ଚାକିରୀ ହେଲା subservient service (ପର ନିର୍ଭରଶୀଳ ଆଜ୍ଞାନୁବର୍ତ୍ତୀ ସେବା) । ତା' ମାନେ ଆଉ ଜଣେ ମୋର ଭରଣ-ପୋଷଣ ଦାୟିତ୍ୱ ବହନ କରିବ, ଆଉ ତାହା ବିନିମୟରେ ମୁଁ ତା'ର ହୁକୁମ ପାଳନ କରିଯିବି । ଖଟିବାକୁ ମୁଁ ରାଜୀ, କିନ୍ତୁ ନିଜର ମୁଣ୍ଡ ଖଟାଇ ଦାୟିତ୍ୱ ଓ ଝୁଙ୍କ୍ ନେଇ କିଛି କରିବାର ଝମେଲା ନେବାକୁ ରାଜୀ ନୁହେଁ । ଜଣେ ଲୋକ ଯେତେ efficient (ଦକ୍ଷ) ହେଉ ନା କାହିଁକି, ଯଦି ସେ ସ୍ୱାଧୀନ ଓ ସଦ୍‌ଭାବେ ଜୀବିକା ଅର୍ଜନ କରିବାର ଯୋଗ୍ୟତା ଅର୍ଜନ ନକରେ, ତା'ହେଲେ ତା'ର ଆତ୍ମପ୍ରତ୍ୟୟ ଗଜାଏନା, ଫଳତଃ ଭୟ ଓ ଦୁର୍ବଳତା ଦୂର ହୁଏନା ।

ଭୟ କରନା, ଘାବୁରାନା ତୁ
ଉଦ୍ଦାମ ଧାବନେ କରି ଚଳ,
କାର୍ଯ୍ୟେ ଯେତେହିଁ ଆଗେଇ ଯିବୁ
ମନରେବି ସେତେ ବଢ଼ିବ ବଳ । ୧୪୭ ।
*(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

ସାଧାରଣତଃ ଗୋଟାଏ ଚାକର service (ସେବା) ଦିଏ not for the man, but for the money (ନିଯୁକ୍ତିକାରୀ ମଣିଷଟି ପାଇଁ ନୁହେଁ, ତା'ର ଅର୍ଥ ପାଇଁ) । ଏଇ ମନୋଭାବ ଭଲ ନୁହେଁ । ମଣିଷ ଅର୍ଥସ୍ୱାର୍ଥୀ ନ ହୋଇ ସେବା-ସ୍ୱାର୍ଥୀ ଓ ଲୋକସ୍ୱାର୍ଥୀ ହୋଇ ଯଦି ଚାଲେ ତା'ହେଲେ ତା'ର ନିଜର ମଙ୍ଗଳ ଓ ପରିବେଶର ମଧ୍ୟ ମଙ୍ଗଳ ହୋଇଥାଏ । ଏଥିରେ dishonesty (ଅସାଧୁତା) ମୁଣ୍ଡଟେକି ପାରେନା । କେହି ଯଦି ଚାକିରୀ ହିଁ କରେ, ଆଉ ସେ ଯଦି ତା'ର ମାଲିକଙ୍କୁ ସଭାବେ ଲାଭବାନ କରି ନିଜେ ଲାଭବାନ ହେବାକୁ ଚାହେଁ, ତାହା କିନ୍ତୁ ମନ୍ଦର ଭଲ । ସେ କ୍ଷେତ୍ରରେ ସେ କେବଳ ଅର୍ଥସ୍ୱାର୍ଥୀ ନୁହେଁ ମଣିଷସ୍ୱାର୍ଥୀ ମଧ୍ୟ । ଚାକିରୀଠାରୁ ବ୍ୟବସାୟ ଭଲ । କିନ୍ତୁ ବ୍ୟବସାୟୀ ଯେ, ସେ ଯଦି ମଣିଷସ୍ୱାର୍ଥୀ ନହୋଇ, ପଟିମାରି ଟଙ୍କା ରୋଜଗାର କରିବାର ଫନ୍ଦୀ କରେ ତା'ହେଲେ ବ୍ୟବସାୟର ତାତ୍ପର୍ଯ୍ୟ ନଷ୍ଟ ହୋଇଯାଏ, ବ୍ୟବସାୟ ମଧ୍ୟ ବେଶୀଦିନ ଚାଲେନା ।

କରିବାର ମୂଲ୍ୟଟା ବୁଝିବା ପାଇଁ ହିଁ ତୁମ ତରଫରୁ ସେମାନଙ୍କ ପାଇଁ ସ୍ୱତଃ ପ୍ରଣୋଦିତ ହୋଇ କିଛି କରିବା ଉଚିତ । ସେଇଥିପାଇଁ ମୁଁ ପିତୃଭୃତି, ମାତୃଭୃତି କରିବା କଥା କହିଛି । ଶାସ୍ତ୍ରରେ ଯେ ପିତୃ ତର୍ପଣର କଥା ଅଛି, ତା'ର ମଧ୍ୟ ଉଦ୍ଦେଶ୍ୟ ପିତୃପୁରୁଷଙ୍କ ପ୍ରତି ଆମର ମନ ଉନ୍ମୁଖ କରି ତୋଳିବା, ଯେପରିକି ସେମାନଙ୍କର ଶୁଭ-ସ୍ମୃତି ଆମର ଉନ୍ନତ ଚଳନରେ ପ୍ରବୁଦ୍ଧ କରିତୋଳେ ।

ସନ୍ଧ୍ୟାବେଳେ ଶ୍ରୀଶ୍ରୀଠାକୁର ଉନ୍ମୁକ୍ତ ପ୍ରାଙ୍ଗଣରେ ଆରାମ ଚେୟାରରେ ଖାଲି ଦେହରେ ବସିଛନ୍ତି । ସାରାଦିନ ପ୍ରଚଣ୍ଡ ଗରମ ମଧ୍ୟରେ ଏବେ ମଧ୍ୟ ପବନ ଯେପରି ଅଗ୍ନିକଣା । ପ୍ୟାରୀଭାଇ (ନନ୍ଦୀ) ହାତପଙ୍ଖା ଧରି ଶ୍ରୀଶ୍ରୀଠାକୁରଙ୍କୁ ବିଞ୍ଚୁଛନ୍ତି । ତଥାପି ସେ ଯେପରି ସ୍ୱସ୍ତି ପାଉ ନାହାଁନ୍ତି । ଏଇ ସମୟରେ ପୂଜନୀୟା ବଡ଼ବୌଦି (ଶ୍ରୀଶ୍ରୀଠାକୁରଙ୍କ ଜ୍ୟେଷ୍ଠ ପୁତ୍ରବଧୂ) ଓ କଲ୍ୟାଣୀମା' (ବଡ଼ନାତୁଣୀ) ଆସି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କଲେ ।

ଶ୍ରୀଶ୍ରୀଠାକୁର ଖୁସୀ ମନରେ ସେମାନଙ୍କ ସଙ୍ଗେ ଘରୁଆ କଥାବାର୍ତ୍ତା କରିବାକୁ ଲାଗିଲେ ।

ଗରମରେ ଶ୍ରୀଶ୍ରୀଠାକୁରଙ୍କ କଷ୍ଟ ହେଉଥିବାର ଦେଖି ବଡ଼ବୌଦି ଓଦା ଗାମୁଛାରେ ତାଙ୍କର ଶ୍ରୀଅଙ୍ଗ ପୋଛି ଦେଲେ ।

ଏହାପରେ ସେମାନେ ଶ୍ରୀଶ୍ରୀବଡ଼ମା'ଙ୍କ ପାଖକୁ ଗଲେ ।

ଧୀରେ ଧୀରେ କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ) ଓ ଅନ୍ୟାନ୍ୟ ଭକ୍ତବୃନ୍ଦ ଆସି ପ୍ରଣାମ କରି ଉପବେଶନ କଲେ ।

ଭାଷା ଓ ସାହିତ୍ୟ ସମ୍ବନ୍ଧରେ କଥା ଉଠିଲା ।

ଶ୍ରୀଶ୍ରୀଠାକୁର— ଭାବହିଁ ଭାଷା ବାହାର କରି ଆଣେ । ଭାଷା ବାହାରି ଆସେ, କରାଯାଏନା । ଅବଶ୍ୟ ବିଶେଷ କରି ମୋ ନିଜର ।

କେଷ୍ଟଭାଇ— ପ୍ରୟୋଜନ ମତ ଆପଣଙ୍କର ସବୁ କିଛି ବାହାରି ଆସେ । ନାଟକ ତ ଆପଣ ଲେଖିଥିଲେ 'ଦେବଯାନୀ' । ତିନିଟି ଛୋଟ ଗଳ୍ପ କି ସୁନ୍ଦର ଲେଖିଥିଲେ ।

ଶ୍ରୀଶ୍ରୀଠାକୁର— 'ଦେବଯାନୀ' ଯେତେବେଳେ ଲେଖିଥିଲି, ସେତେବେଳେ ଖୁବ୍ ଛୋଟ ଥିଲି । ପଣ୍ଡିତ (କେଷ୍ଟଭାଇଙ୍କ ପୁତ୍ର)ଠାରୁ ମଧ୍ୟ ଛୋଟ । ସେଇ ଲେଖାରେ ମଧ୍ୟ ସେଇ ଏକା ରୀତି ଓ ଏକା ସ୍ୱର ।

ମେଣ୍ଟୁଭାଇ (ବସୁ) ନିଜ ଖାତାରୁ ଶ୍ରୀଶ୍ରୀଠାକୁର ଓ କେଷ୍ଟଭାଇଙ୍କର autograph (ସ୍ୱହସ୍ତଲିଖନ) ପଢ଼ି ଶୁଣାଇଲେ ।

ଶ୍ରୀଶ୍ରୀଠାକୁର ହସ ହସ ମୁହଁରେ ଗଭୀର କଣ୍ଠରେ କହିଲେ— ଲେଖା-ଲେଖି ସବୁ ଠିକ୍ ଅଛି । ଏବେ ତାହା ଚରିତ୍ରରେ ଲେଖି ପାରିଲେ ହୁଏ ଅର୍ଥାତ୍ practically (ବାସ୍ତବ) ଭାବରେ achieve (ଆୟତ୍ତ) କରିଲେ ହୁଏ ।

ମେଣ୍ଟୁଭାଇ— କିପରି କରାଯିବ ?

ଶ୍ରୀଶ୍ରୀଠାକୁର— କରିଲେ ହେବ ।

ଏହାପରେ ଶ୍ରୀଶ୍ରୀଠାକୁର କେଷ୍ଟଭାଇଙ୍କୁ ପଚାରିଲେ—

ଦକ୍ଷ ସାଧୁ ବହୁଦର୍ଶୀ ଯେ
ବାସ୍ତବ କର୍ମେ ଯେ ଜନ ଜାଣେ-
ବୋଧ ସହିତ ମିଳାଇ ନେଇ
ଚାଲିବୁ ତାହାର ଚଳନ ଟାଣେ । ୧୪୧ ।

*(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

'ସତ୍ୟାନୁସରଣ'ରେ ଏପରି କୌଣସି କଥା ଅଛି— ସେବା କର, କିନ୍ତୁ ସ୍ୱାବଲମ୍ବିତା ନଷ୍ଟ କରନା ?

କେଷ୍ଟଭାଇ— ମନେ ପଡ଼ୁ ନାହିଁ ।

ମେଣ୍ଟୁଭାଇ— ଏହାର ମାନେ କ'ଣ ?

ଶ୍ରୀଶ୍ରୀଠାକୁର— ତୁମେ ବିପଦରେ ପଡ଼ିଲେ, ଜଣେ ହୁଏତ ତୁମକୁ ଅର୍ଥ ସାହାଯ୍ୟ କଲା, କିନ୍ତୁ ସାହାଯ୍ୟ ବରାବର ଏପରି ଭାବେ କରିବା ଉଚିତ୍ ନୁହେଁ, ଯେପରିକି ତୁମର ଉପାର୍ଜନ କ୍ଷମତା ଏକାବେଳକେ ନଷ୍ଟ ହୋଇଯାଏ ।

ମେଣ୍ଟୁଭାଇ— ଠିକ୍ ବୁଝି ପାରିଲି ନାହିଁ ।

ଶ୍ରୀଶ୍ରୀଠାକୁର— ତୁମ ପାଇଁ ଜଣେ ହୁଏତ ଭାତ ରାନ୍ଧି ଦେଉଛି । ସେ ରାନ୍ଧି ଦେଉ, ସେଥିରେ କିଛି କ୍ଷତି ନାହିଁ । ତେବେ ଏପରି ଅବସ୍ଥା ଯେପରି ସୃଷ୍ଟି ନ କରେ, ଯେପରିକି ଦରକାର ବେଳେ ତୁମେ ନିଜେ ଆଉ ଭାତ ରାନ୍ଧି ଖାଇ ପାରିବ ନାହିଁ । ମୁଁ ଯେପରି ଗୋଡ଼ର ବେରାମ ପରଠାରୁ ବାଧ ହୋଇ service (ସେବା) ନେଇ ନେଇ ଆଜି ପଙ୍ଗୁ ହୋଇ ପଡ଼ିଛି ।

ମେଣ୍ଟୁଭାଇ— ଏହାକୁ କିଏ ଲକ୍ଷ୍ୟ ରଖିବା ଦରକାର ?

ଶ୍ରୀଶ୍ରୀଠାକୁର— ଯେ service (ସେବା) ଦେବ ସେ ଲକ୍ଷ୍ୟ ରଖିବ, ତେବେ ଯେ service (ସେବା) ନେବ, ତା'ର ମଧ୍ୟ ଲକ୍ଷ୍ୟ ରଖିବା ଭଲ ।

କେଷ୍ଟଭାଇ— ସେ ଦୃଷ୍ଟିରୁ ଦେଖିବାକୁ ଗଲେ ଭିକ୍ଷୁକକୁ ମଧ୍ୟ ତ ଭିକ୍ଷା ଦେବା ଠିକ୍ ନୁହେଁ ।

ଶ୍ରୀଶ୍ରୀଠାକୁର— ମୋ କଥାକୁ ଚରମ ପର୍ଯ୍ୟାୟକୁ ଟାଣି ନେଇ ସେଇପରି ଭାବେ କହି ପାରନ୍ତି । ତେବେ ମୁଁ ଚାହେଁନା ଯେ, ମୋ କଥାର ଦ୍ୱାହି ଦେଇ କେହି ପ୍ରୟୋଜନ-ପୀଡ଼ିତକୁ ସେବା ଓ ସାହାଯ୍ୟ କରିବାରୁ ବିରତ ହେଉ । ପୁଣି ସେବା କରିବାକୁ ଯାଇଁ ଯଦି କାହାର ଯୋଗ୍ୟତା ନଷ୍ଟ କରି ଦିଆଯାଏ, ତାହା ମଧ୍ୟ ଠିକ୍ ନୁହେଁ । ମଣିଷକୁ ଯୋଗ୍ୟ ହେବାରେ ସାହାଯ୍ୟ କରିବାହିଁ ସେବାର ଗୋଟାଏ vital factor (ପ୍ରାଣକେନ୍ଦ୍ର) ।

କେଷ୍ଟଭାଇ— ହେନେରୀ ଫୋର୍ଡ଼ କହିଛନ୍ତି unsympathetic charity (ସହାନୁଭୂତିହୀନ ବଦାନ୍ୟତା)ରେ ଦୁନିଆର ଅସାଧାରଣ କ୍ଷତି ହୋଇଛି ।

ଶ୍ରୀଶ୍ରୀଠାକୁର— ହଁ ! Unsympathetic ଓ unintelligent charity (ସହାନୁଭୂତି ଓ ବୁଦ୍ଧିରହିତ ବଦାନ୍ୟତା) ଭଲ ନୁହେଁ ।

ପରକ୍ଷଣରେ ଶ୍ରୀଶ୍ରୀଠାକୁର କହିଲେ— ମଣିଷର ମନକୁ ବାଦ ଦେଇ ସେବା କରିବାକୁ ଯାଅ ନାହିଁ, ସେବା ତୁମର ନିରର୍ଥକ ହେବ ।

ତା'ପରେ ଆତ୍ମପ୍ରସାଦର ସ୍ୱରରେ କହିଲେ— ଏ ଭାଷାଟା ବେଶ୍ ସହଜ ହୋଇଛି । ପରମପିତା ଦେଲେ ଆଉରି ହୁଏତ ଆସିପାରେ ।

ଟିକିଏ ପରେ ଉପରୋକ୍ତ ଭାବକୁ ଅବଲମ୍ବନ କରି ଶ୍ରୀଶ୍ରୀଠାକୁର ଇଂରାଜୀରେ କହିଲେ— Never serve one ignoring one's mind, it will go to dogs.

କେଷ୍ଟଭାଇ— ଆପଣ ମଝିରେ କହିଥିଲେ— ଇଂରାଜୀ ଆଉ ଆସିବ ନାହିଁ, କିନ୍ତୁ ତା' ପରେ କେତେ ବାଣୀ ଦେଲେ ।

ଶ୍ରୀଶ୍ରୀଠାକୁର ମନମୋହନ ଭଙ୍ଗୀରେ ଡ଼ାହାଣ ହାତଟି ବୁଲାଇ ସହଜ ନିର୍ଲିପ୍ତ କଣ୍ଠରେ କହିଲେ— ପରମପିତାଙ୍କ ମରଜି । ମୋର କୌଣସି ହାତ ନାହିଁ ।

ମେଣ୍ଟୁ— ଗୁରୁଙ୍କ ଆଦେଶ ପାଳନ କରିବାରେ ପ୍ରଧାନ ଅନ୍ତରାୟ କ'ଣ ?

ଶ୍ରୀଶ୍ରୀଠାକୁର— ଅନ୍ତରାୟ ପୁଣି କ'ଣ ? ଅନ୍ତରାୟ ମନ ଅର୍ଥାତ୍ ନିଜର ପ୍ରବୃତ୍ତିଗୁଡ଼ିକ— ଆସକ୍ତି ଯାହାକୁ କହନ୍ତି । ଗୁରୁଙ୍କୁ ଯେ ଭଲପାଏ, ଗୁରୁଙ୍କ ଆଦେଶ ପାଳନ ନକରି ରହି ପାରେନା । ନିଜର ଖିଆଲ-ଖୁସୀ ଓ ଅଷ୍ଟପାଶକୁ ଯେ ପ୍ରାଧାନ୍ୟ ଦେଇ ଚାଲେ ସେ ଆଉ ପାରି ଉଠେନା ।

ମେଣ୍ଟୁ— ଅଷ୍ଟପାଶ କ'ଣ ? ଅଷ୍ଟପାଶ କ'ଣ କରେ ?

ଶ୍ରୀଶ୍ରୀଠାକୁର ପ୍ରଫୁଲ୍ଲ ଆଡ଼େ ଚାହିଁ କହିଲେ— ଏ ସମ୍ବନ୍ଧରେ ମୋର ଯାହା କୁହା ହୋଇଛି, ତାହା ତା'କୁ ପଢ଼ି ଶୁଣା ।

ପ୍ରଫୁଲ୍ଲ— ଲେଖାଟା ପାବନାରେ ଥିଲା ବେଳେ ଦିଆ ହୋଇଥିଲା । ଖାତାଟା ବୋଧହୁଏ କେଷ୍ଟଭାଇଙ୍କ ଘରେ ଅଛି । ଏବେ ରାତିରେ ଶୀଘ୍ର ଖୋଜି ପାଇବି କି ନା ଜଣେନା ।

ଶ୍ରୀଶ୍ରୀଠାକୁର— ଦୂର ପାଗଳ ! ଓଲଟା ନ ଭାବି ଯେତେବେଳେ ଯାହା କରିବା କଥା, ତନ୍ମୁହୂର୍ତ୍ତରେହିଁ ତାହା କରିବାକୁ ଲାଗିଗଲେ କରିବାଟା ଶୀଘ୍ର ଶୀଗ୍ରୀ ସମ୍ପନ୍ନ ହୋଇଯାଏ ।

ଏହାପରେ କେଷ୍ଟଭାଇଙ୍କ ଘରୁ ଖାତାଟା ଅଣାଯାଇ ସେଥିରୁ ଲଣ୍ଠନ ଆଲୁଅରେ ପଢ଼ି ଶୁଣାଇ ଦିଆହେଲା— 'ଅନ୍ତଃକରଣରେ ଉଚିତ୍ ବୋଲି ଯାହା ଉଦୟ ହୁଏ, ତାହା କରିବାକୁ ଦିଏନା କ'ଣ

ପୃଥକ୍ ପୃଥକ୍ କରି ଜାଣି
ଯୁକ୍ତ ଚଳନେ ନ୍ୟସ୍ତ ହୁଅ,
ଯୋଗଜ୍ଞାନେ ଯୋଗାଇ ନୂତନ
ଦାୟିତ୍ୱକୁ ସୁଷ୍ଠୁ ବହ । ୧୩୯ ।
*(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

ଯେ ମୋ ପାଇଁ କରେ, ତା' ପ୍ରତି ମୋର ମନଟା ଯଦି ଉନ୍ମୁଖ ନ ହୁଏ, ତା'ହେଲେ ତା'ର କରିବାଟା ତଳେଇ ବୋଧ କରି ପାରେନା । ବିନା ମୂଲ୍ୟରେ ପୋଖରୀ ବା ନଦୀର ଅପର୍ଯ୍ୟାପ୍ତ ଜଳରେ ଆମେ ଯେତେବେଳେ ସ୍ନାନ କରୁ ସେତେବେଳେ କ'ଣ ଜଳର କଦର ଆମେ ବୁଝିପାରୁ ? କିନ୍ତୁ ଏଠାରେ ଯେ, ପଇସା ଖର୍ଚ୍ଚ କରି ଭାରୁଆକୁ ଦେଇ କୂଅରୁ ଜଳ ଆଣି ଘରେ ବସି ସ୍ନାନ କରିବାକୁ ହୁଏ, ସେଥିପାଇଁ ହିସାବ କରି ଦେହରେ ଜଳ ଢ଼ାଳିବାକୁ ହୁଏ । କାରଣ ତୁମେ ଜଳ ପାଇଁ ମୂଲ୍ୟ ଦେଉଛ । ସେଇପରି, ତୁମ ପାଇଁ ତୁମ ବାପ-ମା'ଙ୍କର ଅସରନ୍ତି କରିବାର ମୂଲ୍ୟଟା ବୁଝିବା ପାଇଁ ହିଁ ତୁମ ତରଫରୁ ସେମାନଙ୍କ ପାଇଁ ସ୍ୱତଃ ପ୍ରଣୋଦିତ ହୋଇ କିଛି କରିବା ଉଚିତ । ସେଇଥିପାଇଁ ମୁଁ ପିତୃଭୃତି, ମାତୃଭୃତି କରିବା କଥା କହିଛି । ଶାସ୍ତ୍ରରେ ଯେ ପିତୃ ତର୍ପଣର କଥା ଅଛି, ତା'ର ମଧ୍ୟ ଉଦ୍ଦେଶ୍ୟ ପିତୃପୁରୁଷଙ୍କ ପ୍ରତି ଆମର ମନ ଉନ୍ମୁଖ କରି ତୋଳିବା, ଯେପରିକି ସେମାନଙ୍କର ଶୁଭ-ସ୍ମୃତି ଆମର ଉନ୍ନତ ଚଳନରେ ପ୍ରବୁଦ୍ଧ କରିତୋଳେ ।

ଜାଣ ? ମଣିଷର ଅନ୍ତର୍ନିହିତ ନିରୋଧପ୍ରବୃତ୍ତି ବା ଭାବ । ସେହି ପ୍ରବୃତ୍ତି ବା ଭାବ ଆଠ ପ୍ରକାରର ପ୍ରକୃତି ବା ରୂପ ନେଇ କର୍ମପ୍ରେରଣାକୁ ନିରୋଧ କରିଥାଏ ତା' ହେଉଛି— ଘୃଣା, ଲଜ୍ଜା, ମାନ, ଅପମାନ, ମୋହ, ଦମ୍ଭ, ଦ୍ୱେଷ ଓ ପୈଶୂନ୍ୟ ଅର୍ଥାତ୍ ଖଳତା ବା କ୍ରୁରତା; ଆଉ ଏହାକୁହିଁ କହନ୍ତି ଅଷ୍ଟପାଶ । ତେଣୁ ନିରୋଧର ଭାବଟାକୁ ଯେପରି ହେଉ ଉଡ଼ାଇ ଦେଇ, କରିବାର ପ୍ରେରଣାକୁ ଯେ ମୁକ୍ତ ଚଳନରେ ଚଳାଇପାରେ, ସେ ପାରେ ।'

ଏଥର ଶ୍ରୀଶ୍ରୀଠାକୁର ମେଣ୍ଟୁକୁ ପଚାରିଲେ— ବୁଝାଗଲା ?

ମେଣ୍ଟୁ— ଆଜ୍ଞା ହଁ ।

ଏହାପରେ ଶ୍ରୀଶ୍ରୀଠାକୁର ନିମ୍ନଲିଖିତ ବାଣୀଟି ଦେଲେ— ''ଯାହା ସମ୍ପାଦନ କରିବାକୁ ହେବ, ତାହା ଯଥା ସମୟରେହିଁ କର, ନତୁବା ଭଣ୍ଡୁର ହୋଇଯିବ କିନ୍ତୁ ।''

କେଷ୍ଟଭାଇ— ଯେଉଁ ସମୟରେ ଯେଉଁ କାର୍ଯ୍ୟ କରିବା କଥା ତାହା ନକରି ପରେ ଗୋଟାଏ କାମ ଆରମ୍ଭ କରିବାକୁ ଗଲେ ଦେଖାଯାଏ, ଆଉ ଦଶଟା ଲଦି ହୋଇ ଯାଇଛି । ଏହାର ଉପାୟ କ'ଣ ?

ଶ୍ରୀଶ୍ରୀଠାକୁର— କରିବା ଛଡ଼ା ଉପାୟ ନାହିଁ । କରଣୀୟ କଦାପି ଆମକୁ ଛାଡ଼େନା କିନ୍ତୁ ।

କେଷ୍ଟଭାଇ— ସେତେବେଳେ କେଉଁଟା କରଣୀୟ ?

ଶ୍ରୀଶ୍ରୀଠାକୁର— ଚେଷ୍ଟା କଲେ ସବୁଗୁଡ଼ିକ କରାଯାଏ, ବା କରିବାର ରାସ୍ତା ଖୋଲିଯାଏ, ତା'ରି ଉପରେ ଜୋର ଦେବାକୁ ହୁଏ । ଆଉ ବିଭିନ୍ନ କାର୍ଯ୍ୟ କରିବାକୁ ଗଲେ ସେଗୁଡ଼ିକ ଯେପରି inter-fulfilling (ପରସ୍ପର-ପରିପୂରକ) ହୁଏ, ସେପରି ଭାବେ adjust (ବିନ୍ୟାସ) କରିବାକୁ ହେବ ।

କେଷ୍ଟଭାଇ— କରି, କରି ଆଗର arrears (ବକେୟା କାମ) କ'ଣ ପୁରାପୁରି make up (ପୂରଣ) କରାଯାଇପାରେ ?

ଶ୍ରୀଶ୍ରୀଠାକୁର— କରୁ କରୁ capacity (କ୍ଷମତା) ବଢ଼ିଯାଏ । ଦୀପଙ୍କର ଯେପରି ୬୦ବର୍ଷ ବୟସରେ ଘରୁ ବାହାରି ଯାଇଁ କେତେ କ'ଣ କରିଥିଲେ । ନକଲେ କିନ୍ତୁ system (ଦେହ-ବିଧାନ) ମଧ୍ୟ educated (ଶିକ୍ଷିତ) ହୁଏନା ।

ଏହାପରେ ଶ୍ରୀଶ୍ରୀଠାକୁର କେତେଗୋଟି ବାଣୀ ଦେଲେ । ''ତୁମର ବିଦ୍ୟା ଯଦି ମସ୍ତିଷ୍କରେହିଁ ମହଜୁତ ଥାଏ, ଆଉ ତାହା ଶରୀରକୁ ଶିକ୍ଷିତ କରି ନପାରେ, ସେ ଶିକ୍ଷା ତୁମର କିଛିହିଁ ନୁହେଁ ।''

ଉପରୋକ୍ତ ବାଣୀର ଭାବ-ଅବଲମ୍ବନରେ ଇଂରାଜୀରେ କହିଲେ— ''If your learning is accumulated in your brain only but does not train your physique that is not education, you are not educated at all.''

ପରେ କହିଲେ—

''ଯଦି ବିଚ୍ୟୁତିକୁ ଏଡ଼ାଇବାକୁ ଚାହଁ, ତେବେ ସର୍ବତୋଭାବେ ଅଚ୍ୟୁତ ହୁଅ ।''

ଉକ୍ତଭାବର ଇଂରାଜୀ ନିମ୍ନଲିଖିତ ଭାବେ ବ୍ୟକ୍ତ କଲେ— 'Be unrepelled and avoid mistakes.'

ଆଉ ଗୋଟିଏ ବାଣୀରେ କହିଲେ—

''ଉନ୍ନତ ହୁଅ ଆଉ ଉନ୍ନତି କର, କିନ୍ତୁ ସ୍ୱାର୍ଥସମାରୋହରେ ଅବନତିର ବିସ୍ତାର ଆଣନା ।''

ଏଇ ବାଣୀର ଇଂରାଜୀ କରି କରି କହିଲେ—

ସବୁ ମଣିଷ ହିଁ ହୀରାର ଫୁଲ
କରଣ-ଦୀପ୍ତ ଥାଏ ଯଦି,
ଜୀବନ-ସ୍ଫଟିକ କୃତିଚର୍ଯ୍ୟାରେ
ଦୀପ୍ତ ରଖ ତୁଇ ନିରବଧି । ୧୩୮ ।

*(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

ସବୁଠାରୁ ଜବର ଜିନିଷ ହେଲା nurturing service (ପୋଷଣୀ ସେବା) । ଜଣେ ହୁଏତ ଗୋଟାଏ ବଗିଚା କଲା । ଭଲରୂପେ ଯତ୍ନ ନେଲା । ପ୍ରତ୍ୟେକଟି ଗଛରେ ସାର ଦେଲା, ପାଣି ଦେଲା । ଗଛଗୁଡ଼ିକ ବଡ଼ ହେଲା ଫଳ ଧରିଲା । ଫଳ ପାଚି ପଡ଼ିଗଲା । ସେ ସେଇ ଫଳକୁ ଗୋଟାଇ ନେଇ ଅନ୍ୟକୁ ଦେଲା, ନିଜେ ଖାଇଲା । ତା'ର ମଞ୍ଜିଟା ପୁଣି ପୋତି ଦେଲା । ପୁଣି ଗଛ ହେଲା । ଗଛର ଯତ୍ନ ନେଉଥିଲା । ଗଛଗୁଡ଼ାକ ପୁଷ୍ଟ ହୋଇ ଉଠୁ, ତାଜା ହୋଇଉଠୁ— ଏହା ଦେଖିହିଁ ସେ ଖୁସୀ, ଏହାହିଁ ତା'ର ମସ୍ତ ଆତ୍ମପ୍ରସାଦ । ନିଜ ଗଛର ଫଳ, ଅଥଚ ନିଜେ ହୁଏତ ଅନେକ ସମୟ ଖାଏନା, ପାଞ୍ଚଜଣଙ୍କୁ ବାଣ୍ଟି ଦିଏ । ତଥାପି ବଗିଚା ପଛରେ ପଇସା ଢ଼ାଳେ, କେତେ ପରିଶ୍ରମ କରେ । ଗଛଗୁଡ଼ିକୁ ଲାଳନପାଳନ କରିବାହିଁ ଯେପରି ତା'ର ନିଶା । ଏହାକୁହିଁ କୁହାଯାଏ nurturing service (ପୋଷଣୀ ସେବା) । ଅନେକେ ଗାଈଗୋରୁଙ୍କ ପାଇଁ ଏମିତି କରିଥା'ନ୍ତି । କିପରି ଗୋଟାଏ ଅକାରଣ ଆସକ୍ତି । ମଣିଷ ପିଲା-ଛୁଆଙ୍କ ପାଇଁ କେତେ inquisitiveness (ଅନୁସନ୍ଧିତ୍ସା) ନେଇ କରେ । ସେମାନେ ବଡ଼ ହେଲେ ଖୁସୀ ହେଲେହିଁ ଖୁସୀ । ବିଶେଷ କୌଣସି ସ୍ୱାର୍ଥ ପ୍ରତ୍ୟାଶା ରଖନ୍ତି ନାହିଁ । ତେବେ ମୁଁ ମୋର ପିଲାଛୁଆଙ୍କ interest (ସ୍ୱାର୍ଥ), ଏଇ ଟିକକ ବୋଧ କରିପାରିଲେ ଯେପରି ମନରେ ଆନନ୍ଦର ଆଉ ସୀମା ନଥାଏ । ମୁଁ ignored (ଉପେକ୍ଷିତ) ଏକଥା love (ଭଲପାଇବା) ବୋଧହୁଏ ସହି ପାରେନା । ପୁଅ ଟଙ୍କା ରୋଜଗାର କଲେ ବାପ ଯେ ତାହା ପାଇବ, ତା' ନୁହେଁ, ତା'ର ଯଦି ସୁନାମ ହୁଏ, ବାପର ନିଜର ଖ୍ୟାତି ହୁଏ ସେଥିରେ ବୃଦ୍ଧି ପାଏନା, ସେ ଭଲ ଖାଇଲେ, ବାପର ଖାଇବା ହୁଏନା, ତଥାପି ସେଇଥିରେହିଁ ତା'ର ସୁଖ । ମଣିଷ ନିଜେ କେତେ କଷ୍ଟ କରେ, କିନ୍ତୁ ଭାବେ ପିଲା-ଛୁଆଙ୍କର ଦେହରେ କଣ୍ଟାଟାଏ ମଧ୍ୟ ଯେପରି ଫୋଡ଼ି ନ ହୋଇଯାଏ । ବାପ ଯେ ପୁଅ ପାଇଁ ଏତେକିଛି କରେ, ତାହା ପୁଅ କିନ୍ତୁ ଭଲରୂପେ ଅନୁଭବ ଓ ଉପଭୋଗ କରିପାରେନା ଯଦି ସେ ନିଜ ତରଫରୁ ବାପ ପାଇଁ କିଛି ନ କରେ ।

'Be developed and develop others, but do never spread downfall with ceremonious selfish move.'

ଶ୍ରୀଶ୍ରୀଠାକୁର କଥା ଛଳରେ କହିଲେ— ଆମର ଯେ କରିବାର ଇଚ୍ଛା ନାହିଁ, ତା' ନୁହେଁ, କିନ୍ତୁ shrink କରୁ (ସଂକୁଚିତ ହେଉ), ତେଣୁ କରାଯାଏନା ।

କେଷ୍ଟଭାଇ— Shrink କରୁ (ସଂକୁଚିତ ହେଉ) କ'ଣ ପାଇଁ ?

ଶ୍ରୀଶ୍ରୀଠାକୁର— ଆସକ୍ତି ଯୋଗୁଁ । ହୁଏତ ବଜାରକୁ ଯିବି, କଲମ ଆଣିବାକୁ ହେବ । ଯିବାକୁ ହେବ । କିନ୍ତୁ ହୁଏତ ଏହା ସଙ୍ଗେ ଆଉ ପାଞ୍ଚଟା ଅବାନ୍ତର କରଣୀୟ ଜୁଟାଇ ନେଲି । ଫଳରେ ମୂଳ ସମ୍ବେଗ ହରାଇବାକୁ ହେଲା ଅନେକଟା । ନାନା ତାଳରେ ପଡ଼ି ଶେଷରେ କଲମଟା ଆଣିବାକୁ ହୁଏତ ଭୁଲ ହୋଇଗଲା କିମ୍ବା କଲମଟା ଆଣିବାରେ ଏତେ ଡ଼େରି ହୋଇଗଲା ଯେ, କାମରେ ଅନେକ କ୍ଷତି ହୋଇଗଲା । Purpose to the principle (ଆଦର୍ଶପୂରକ ଉଦ୍ଦେଶ୍ୟ) ଯଦି ମଣିଷର prominent (ମୁଖ୍ୟ) ନହୁଏ, ତା'ହେଲେ success (ସାଫଲ୍ୟ)ଟା ତା'ର ସୁଦୂରପରାହତ ହୋଇଉଠେ । କାରଣ, ପ୍ରବୃତ୍ତି ଓ ପରିବେଶର ହଜାର ଆକର୍ଷଣ, ହଜାର ପ୍ରୟୋଜନ ତା'କୁ ଛିନ୍ନଛତ୍ର କରିଦିଏ । ଅଥଚ ସେ ଭାବେ— ମୁଁ ତ ଖରାପ କିଛି କରୁ ନାହିଁ । ମୋ କପାଳଟା ଅତ୍ୟନ୍ତ ମନ୍ଦ ତେଣୁ ଏତେ କରି ମଧ୍ୟ ଦୁଃଖ ଦୂର ହେଉ ନାହିଁ ।

ବଙ୍କିମଭାଇ (ରାୟ)ଙ୍କର ମନରେ ସଂଶୟ ଥିଲା 'ଅଚ୍ୟୁତ' ଶବ୍ଦଟା ହୁଏତ ଯୋଗାରୂଢ଼ ଶବ୍ଦ ରୂପେ ଶ୍ରୀକୃଷ୍ଣଙ୍କୁ ହିଁ ବୁଝାଏ, ଏଇ ଅର୍ଥରେ କେବଳ ବିଶେଷ୍ୟ ପଦ ରୂପେ ପ୍ରୟୋଗ କରାଯାଏ ଏବଂ ଏହାର ବିଶେଷଣ ପ୍ରୟୋଗ ହୁଏତ ଅସିଦ୍ଧ । ତେଣୁ ସେ ଅଭିଧାନ ଦେଖି ନିଃସଂଶୟ ହୋଇ ହସ ହସ ମୁହଁରେ ଆସି ଶ୍ରୀଶ୍ରୀଠାକୁରଙ୍କୁ ତାଙ୍କର ମନର କଥା ସବୁ ଜଣାଇଲେ ଏବଂ ପ୍ରସଙ୍ଗକ୍ରମେ କହିଲେ— 'ଅଚ୍ୟୁତ' ଶବ୍ଦଟିର ବିଶେଷ୍ୟ ପ୍ରୟୋଗ ଓ ବିଶେଷଣ ପ୍ରୟୋଗ ଉଭୟ ଅଛି ଦେଖିଲି ।

ଶ୍ରୀଶ୍ରୀଠାକୁର ସହାସ୍ୟେ କହିଲେ— ମୁଁ କେଉଁଟା କି ପଦ ତା' ତ ଜାଣେନା । କିନ୍ତୁ 'ଅଚ୍ୟୁତ' କଥାଟା ଯାହା କହିଛି, ଏକଥାର କୌଣସି substitute (ପ୍ରତିଶବ୍ଦ) ହୁଏନା । ପାଇବି କେଉଁଠୁ ଏପରି କଥା ? 'ଦେହି ପଦପଲ୍ଲବମୁଦାରମ୍' ଛଡ଼ା ତ ଉପାୟ ନାହିଁ । ଯେଉଁଠି ଯାହା ଦରକାର ସେଇଠି ତାହା ଆସିଯାଏ । ପରମପିତା ଯୋଗଇ ଦିଅନ୍ତି । *(କ୍ରମଶଃ)*

***ଅନୁବାଦକ : ଶ୍ରୀଯତୀନ୍ଦ୍ର ନାଥ ମହାନ୍ତି***

ଦଳ ଭାଙ୍ଗି ଦଳ କରିବୁ ନାହିଁଟି
ସବୁ ଦଳେ କର ଗୋଟାଏ ଦଳ,
ସାତ୍ୱତ ସେହି ଧୃତି-ପ୍ରସାଦରେ
ଶିଷ୍ଟ ତପରେ ପାଇବୁହିଁ ବଳ । ୧୩୬ ।
*(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

*ପ୍ରେଷ୍ଠ-ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ*

# ନାନା ପ୍ରସଙ୍ଗ

## (ଦ୍ୱିତୀୟ ଖଣ୍ଡ)

*ସଂକଳୟିତା—* **ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ,** *ଏମ୍.ଏ.*

*(ପୂର୍ବପ୍ରକାଶିତ ଉତ୍ତାରୁ........)*

ମୋର ମନେହୁଏ, ସେଇ ପ୍ରଜାମାନଙ୍କର ଏହିଭଳି selected ଉପଯୁକ୍ତ ପ୍ରଧାନ-ସମ୍ମିଳିତ ଜମିଦାରୀ ପରିଚାଳନୀ ପଞ୍ଚାୟତ— ଏଥିରେହିଁ ଋଣ-ସାଲିସୀ ବୋର୍ଡ଼ ଓ ଆଜିକାଲିକାର ଇଉନିୟନ ବୋର୍ଡ଼ର ଅନେକ କ୍ଷମତା, ଉନ୍ନତିକଳ୍ପୀ ଅନେକ ବିଧାନ, ଖଜଣା-ଆଦାୟୀ certificate-କ୍ଷମତା ଇତ୍ୟାଦି ଯଦି ଥାଏ— ଆଉ, ଉପରେ stateର କ୍ଷମତାପ୍ରାପ୍ତ ଏହିଭଳି କିଛି ଥାଏ ଯା' ବା ଯେଉଁମାନେ ସେଇଗୁଡ଼ିକ inspect କରିପାରନ୍ତି, ମନ୍ତ୍ରଣା ଦେଇ ପାରନ୍ତି ବା ଖରାପ କିଛିକୁ ରୋଧ କରିପାରନ୍ତି,— ଆହୁରିବି ପ୍ରଜାବର୍ଗଙ୍କର ସର୍ବପ୍ରକାର ଉନ୍ନତିରେ ସେମାନେ ଉନ୍ନତି ଲାଭ କରିପାରନ୍ତି— ଏହିଭଳିଭାବେ ନିୟନ୍ତ୍ରିତ ହେଲେ କ'ଣ ସେଇ ଜମିଦାରୀ-ପରିଚାଳନୀ-ପଞ୍ଚାୟତୀ ସୁବିଧାଜନକ ହେବନି ? ଏଥିରେ କ'ଣ ପ୍ରଜା ଓ ଜମିଦାର ଉଭୟେହିଁ ଶକ୍ତିଶାଳୀ ହୋଇ ଉଠିବେନି ?

ତା'ପରେ ଦେଖନ୍ତୁ, ମଣିଷର ଜୀବନ-ଚଳନାକୁ ଭାଗ କରିବାକୁ ଗଲେ କେତେଗୁଡ଼ିଏ main categoryରେ ଭାଗ କରାଯାଇପାରେ । ଯେପରି, ମଣିଷର individual lifeରେ ଅଛି ବଞ୍ଚିବା-ବଢ଼ିବାର ପଥରେ ବୃତ୍ତି-ପ୍ରବୃତ୍ତିର ବିଶିଷ୍ଟ ଚାହିଦା, ବିଶିଷ୍ଟ temperament ଓ ତଦନୁପାତିକ ଉପଭୋଗ, ତା'ର ପରିବାର, ପାରିପାର୍ଶ୍ୱିକ ନେଇ co-ordinationରେ ଭଲମନ୍ଦ, ସୁଖ-ଦୁଃଖ ଇତ୍ୟାଦି । ପୁଣି, ଏଥିରୁହିଁ ଆସେ ମଣିଷର hygienic life, life of home and humour, life of acquisition and activity, social life, life in riches and rights. ଏହା ପୁଣି ଗୋଟେ uphill, prosperous and profitable enjoymentର ଭିତର ଦେଇ acquire ଓ enjoy କରିବାକୁ ଗଲେହିଁ କେତେଗୁଡ଼ିଏ individual as well as collective factors ଆସିଯାଏ— ଯେପରି time ଅର୍ଥାତ୍ expediency, inventions and output, agriculture, industry and commerce, rent and rates.

ପୁଣି, ଏହି ଚଳନାରେ ଚାଲିବାକୁ ଗଲେହିଁ କେତେଗୁଡ଼ିଏ drawbackକୁ ପ୍ରାୟଶଃହିଁ face କରି, ନିୟନ୍ତ୍ରଣ କରି ଠିଆ ହେବାକୁ ହୁଏହିଁ— ଯେପରି un-employment, war, accidents and differences, designings and culprits. Peopleଙ୍କର ଏହିଗୁଡ଼ିକୁ with auto-initiative responsibility ଯିଏ ଯେତେ ସୁନ୍ଦରଭାବେ manipulate କରନ୍ତି, ସେମାନଙ୍କର being and becomingକୁ accelerating zealରେ push ଦେଇ ପ୍ରଶସ୍ତିର ପଥରେ ଚଲାଇ ପାରନ୍ତି, ତାଙ୍କ ପ୍ରତି ମଣିଷର ସ୍ୱତଃହିଁ ଅନୁରାଗ-ମୁଗ୍ଧ ହୋଇ ଆବେଗମୟୀ interestରେ interested ହୋଇ ସମ୍ମାନରେ ସମାସୀନ କରି ସେଇ personalityକୁହିଁ ସେମାନଙ୍କର ସ୍ୱାର୍ଥ କରି ତୋଳି ଥାଏ, ଆଉ ସେଇ ମଣିଷହିଁ ହେଉଛି ସେମାନଙ୍କର ପ୍ରକୃତ ପ୍ରଧାନ, ଆଉ ମୋର ମନେହୁଏ, ଏହା ହେଉଛି ସେମାନଙ୍କର ପ୍ରକୃତପକ୍ଷେ ପ୍ରକୃତି-ପ୍ରଦତ୍ତ auto-vote by natu-

ଜ୍ଞାନର କଥା କହିବୁ ଯେତେହିଁ
ସେ ଜ୍ଞାନ କିନ୍ତୁ କାମର ନୁହେଁ,
କର୍ମରେ ଯେ ଉଦ୍ଭବ ଜ୍ଞାନର
ସେଥିରେ ଜୀବନ ସାର୍ଥକ ହୁଏ । ୧୩୫ ।
*(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

ral election.

ତେବେହିଁ ବୁଝନ୍ତୁ, ଏହିଭଳି ପାଞ୍ଚଜଣଙ୍କୁ ନେଇ ଜମିଦାର ଯଦି ନିଜେ ଉକ୍ତ ପ୍ରକାରେ actively engaged ରହି, ତାଙ୍କର ନିଜର ମୁଖ୍ୟ ସ୍ୱାର୍ଥକୁ ପ୍ରଜାମାନଙ୍କ ଭିତରେ ବାସ୍ତବଭାବେ ଅବଲୋକନ କରି ତାଙ୍କ ଜମିଦାରୀକୁ ପରିଚାଳନାର ପ୍ରୟାସ ପାଆନ୍ତି ତା'ହେଲେ ସେ ପରିଚାଳନା କେତେ ସହଜ ଓ କେତେ ସୁନ୍ଦର ଏବଂ କେତେ efficiently profitable ହୁଏ ତା' କ'ଣ ସହଜରେହିଁ ଅନୁମେୟ ନୁହେଁ ?

ତା'ଛଡ଼ା, ଜମିଦାର ନିଜେ ଯଦି ତା'ର ପ୍ରାପ୍ୟ ଅଂଶରୁ ପ୍ରଜାମାନଙ୍କର ଏହିଭଳି efficient uplift ପାଇଁ certain percent-age ବ୍ୟୟ କରନ୍ତି, ତେବେ କେତେ ସୁନ୍ଦର ହୁଏ ବିବେଚନା କରି ଦେଖନ୍ତୁ ଦେଖି ?

ଆଉ, ଯେଉଁ ପ୍ରଧାନମାନଙ୍କ ଯେଉଁ ଜମିଦାରର ଜମିଦାରୀରେ ଏହି uplifting efficiencyର ratio and percent-age ଯେତେ ବେଶୀ, ତଦନୁପାତିକଭାବେ ସେଇପ୍ରକାର auto-voting and natural electionର ରକମରେ ଆହୁରି higher administrationରେ ଯଦି ସେମାନଙ୍କୁ engage କରାଯାଏ, ତେବେ କ'ଣ real and normal practical men ଦ୍ୱାରାହିଁ ଆମମାନଙ୍କର administration ପରିଚାଳିତ ହୋଇପାରେନା ?

ଏପରି କରିହିଁ through progress and development of administering capacity ଯିଏ ହୁଏତ prime ministerର ପଦର ଉପଯୁକ୍ତ ହେବେ, ସିଏ କେଉଁଭଳି ମଣିଷ ହେବେ ତା' ସହଜରେ ହିଁ ଅନୁମେୟ । ଶାସନ-ନିୟନ୍ତ୍ରଣକୁ ଏହି ବିଧି-ଅନୁପାତିକ କରି ଯେଉଁଠାରେ ଯେଉଁଭଳି ପ୍ରୟୋଜନ, ଯେତେଦୂର ସମ୍ଭବ ନିଖୁଣ ବିବେଚନାରେ ତା' ଠିଆ କରି, ସେଇ ବିଧି-ନିଷେଧ-ମାଫିକ ଶାସନ-ସଂସ୍କାର କରିଲେ କ'ଣ ତା' ଆମମାନଙ୍କର ମଙ୍ଗଳପ୍ରଦ ହେବନି ? ଆଉ, ଏଥିରେ freedom and uplift କ'ଣ ପ୍ରତ୍ୟେକ individualହିଁ ଅନୁଭବ ଓ enjoy କରିପାରନ୍ତିନି ?

ତା'ହେଲେହିଁ ଦେଖନ୍ତୁ, ଏହା ଯଦି ହୁଏ,— ପ୍ରତ୍ୟେକ individualର interest and freedom କେତେଦୂର palpably accelerated ହୋଇପାରେ, ତା' ହୁଏତ ଟିକେ ଚିନ୍ତା କରିଲେହିଁ ବୁଝି ପାରିବେ । ଆଉ, ଏହି ନିୟମ-ଗଭର୍ଣ୍ଣମେଣ୍ଟ ନିଜେହିଁ ଜମିଦାର ହୁଅନ୍ତୁ ଆଉ ଜମିଦାରମାନଙ୍କୁ ରଖି ହିଁ ବରାବର ଯା' ଚାଲି ଆସୁଛି ତା'ରହିଁ ବାସ୍ତବ ପରିଶୁଦ୍ଧି ଦ୍ୱାରାହିଁ ପ୍ରଜା-ସଂରକ୍ଷଣ କରନ୍ତୁ, ସବୁ ଜାଗାରେହିଁ କ'ଣ ସମ୍ୟକ୍ ସାର୍ଥକତା ଲାଭ କରିବେନି ? ତେବେ ମୋର ମନେହୁଏ— ଭାଙ୍ଗିବାଠାରୁ, ଯା' ଅଛି ତା'କୁ ଅବସନ୍ନ କରିଡୋଳେ ଯା' ତା'ରହିଁ ଯଥାଯଥ ନିୟନ୍ତ୍ରଣ ଓ ନିରସନ କରି ଅବସ୍ଥାନକୁ ଉନ୍ନତ-ଚଳତ୍‌ଶୀଳ କରିବାହିଁ ମଙ୍ଗଳପ୍ରସୂ । ଏଥିରେ ପ୍ରଜା ଓ ଜମିଦାର ଉଭୟେହିଁ ପ୍ରତ୍ୟକ୍ଷଭାବେ ବୁଝିବେ— ଉଭୟଙ୍କର ସମ୍ମିଳନରେ କେତେଦୂର ଶକ୍ତି, ସୁବିଧା ଓ ସ୍ୱାର୍ଥ ଉଦ୍‌ବର୍ଦ୍ଧନଶୀଳତାରେ ଅଭିନନ୍ଦିତ ହୋଇଉଠିବ । ପୁଣି ଦେଖନ୍ତୁ, ଏହି systemରେ ଚାଲୁ ଚାଲୁ, ସେଇ ପ୍ରଧାନମାନଙ୍କ ଭିତରୁହିଁ ହୁଏତ auto-evolutionରେ premier-dictator ହୋଇବି କ'ଣ ରାଜା-ପ୍ରଜାର ସ୍ୱାର୍ଥ-ସମ୍ବର୍ଦ୍ଧନାକୁ ସୁସ୍ଥ ଓ ସବଳ କରିବାର ଶକ୍ତିସ୍ୱରୂପ ହୋଇ ଉଠିବା ସମ୍ଭବ ନୁହେଁ ? ମୋର ବୋକା ମୁଣ୍ଡରେ ଯା' ଗଜାଇଲା, ଯା' ବୁଝେ— ତା'ର ଚୁମ୍ବକ ଏହି ଯା' କହିଲି । ଜମିଦାର ଓ ପ୍ରଜା ଯେତେହିଁ ଏହି ମୁଖ୍ୟ ଉଭ-ସ୍ୱାର୍ଥୀ balance ହରାଇବେ, ସେତେହିଁ, ଯେଉଁଭଳି କରିହିଁ ହେଉ, ଅଚିରେହିଁ ନାନା ସର୍ବନାଶା ରକମର ସୃଷ୍ଟି କରି ସର୍ବହରା ହୋଇ ରହିବେ । ମୁଁ ଯଦି ବଜ୍ର ଭଳି ଶବ୍ଦ କରି ପାରନ୍ତି, ତା'ହେଲେ ତା' ସେପରି କରିହିଁ କହିଥା'ନ୍ତି ।

ପ୍ରଶ୍ନ— ଆଚ୍ଛା, ପରିବାରର ବା ଗୃହର କୋଉ କୋଉ ଅଭାବଗୁଡ଼ିକ ଆଜି ଆମମାନଙ୍କୁ ପୂରଣ କରିବାକୁ ହେବ ଯେଉଁଥିରେ ଶାନ୍ତି ଆସିବ, କଲ୍ୟାଣ ଆସିବ— ତେବେ ତ ଆଉ ସବୁ ? ନା, ରାଜନୈତିକ ଆନ୍ଦୋଳନହିଁ ସବୁକିଛି ଆଣି ଦେବ ?

ଶ୍ରୀଶ୍ରୀଠାକୁର— ରାଜନୀତି କେବେବି କୃତକାର୍ଯ୍ୟ ହୋଇପାରେନା, ଆଦର୍ଶ ବା ଇଷ୍ଟନୀତି ଯେପର୍ଯ୍ୟନ୍ତ ଅବମାନିତ ହୋଇ ମ୍ଳାନମୁଖରେ କରୁଣଚକ୍ଷୁରେ ବଲବଲ କରି ଚାହିଁ ଥାଏ । ତେଣୁ, ସମାଧାନହିଁ ସେଠାରେ, ଆଦର୍ଶ ବା ଇଷ୍ଟପ୍ରାଣତା ଯେଉଁଠାରେ ଉଦ୍ଦାମ, ମୁଖର ଓ ମୁକ୍ତ— ଆଉ ରାଜନୀତି

> ବୋଧ-ନିବେଶ ଦକ୍ଷ କରି
> ଆଗ୍ରହକୁ ଶକ୍ତିଶାଳୀ,
> ନକରି ଯଦି ଉଚ୍ଛଳାକୁ
> ଅବଶ କରି ରଖିବୁ ଖାଲି,
> ଜୀବନ-ପଥେ ଆସିବ କି ତୋର
> ବଜ୍ର କଠୋର ଉର୍ଜନା—
> ଯା' ଦେଇ ତୁଇ କୃତିସ୍ରୋତା
> ହୋଇ ଆଣିବୁ ବର୍ଦ୍ଧନା ? ୧୪୬ ।
>
> *(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

ସେଠାରେହିଁ ବାସ୍ତବିକ ରାଜନୀତି !

'କୋଉ-କୋଉ'ର ମଧ୍ୟରେ ପ୍ରଥମ ଓ ପ୍ରଧାନହିଁ ହେଉଛି ବୈଶିଷ୍ଟ୍ୟଶୀଳ ହୋଇ ଉଦ୍ଦାମ ଆଦର୍ଶପ୍ରାଣତା— ଆଉ ତା'କୁ ଯେତେବେଳେ ପରିବାର ବା ସମାଜର ସ୍ୱାସ୍ଥ୍ୟବିଧି, ଶିକ୍ଷାବିଧି, ସମାଜ-ନିୟନ୍ତ୍ରଣ-ବିଧି, ଶ୍ରମ-ନିୟନ୍ତ୍ରଣ-ବିଧି ସାଫଲ୍ୟ ଓ ସାର୍ଥକତାମଣ୍ଡିତ କରିବ, ସେତେବେଳେହିଁ ସବୁ ଏକ-ନିମିଷରେ ଫର୍ସା ।

ପ୍ରଶ୍ନ— କିନ୍ତୁ ମୁସକିଲ ତ ସେଇଠାରେହିଁ— ଆପଣ ଯେଉଁ ଆଦର୍ଶପ୍ରାଣତାର କଥା କହୁଛନ୍ତି ସେଥିରେ nerveର ଯେଉଁ ଟିକକ stamina ଦରକାର ସେଇଟିକକ ତ ପାଇବା ଭାର ?

ଶ୍ରୀଶ୍ରୀଠାକୁର— ପାଇବା ନ ପାଇବାର କଥା ନ ଭାବି, ଆଦର୍ଶପ୍ରାଣତା ଅଛି ଏହିପରି ଚିନ୍ତାରେ ରଞ୍ଜିତ ହୋଇ, କାମରେ ସେହିଭଳି କରିବାହିଁ ମଣିଷର ସ୍ନାୟୁକୁ staminaର ସମ୍ପଦରେ ସମ୍ପଦଶାଳୀ କରି କ୍ରମୋନ୍ନତିରେ ନିରନ୍ତର କରି ତୋଳେ । ଏଥିରେ ଏତେଟିକେ ଛଡ଼ା ଆଉ ବିଶେଷ କିଛି ଅଛି ବୋଲି ବୋଧ କରେନା ।

## ॥ ୩ ॥

**ଆଷାଢ଼-୨୭, ୧୩୪୨ । ସ୍ଥାନ-ସତ୍‌ସଙ୍ଗର ସମ୍ମୁଖସ୍ଥ ପ୍ରାଙ୍ଗଣ । ସମୟ- ପ୍ରଭାତ । ଅଦୂରରେ ବର୍ଷାସ୍ଫୀତ ପଦ୍ମାର ଗୈରିକ ଜଳଧାରା ପଡ଼ିଆ ଭସେଇ ଚାଲିଛି । ଶ୍ରୀଶ୍ରୀଠାକୁର ତାଙ୍କର ଛୋଟ ତମ୍ବୁରେ ବସିଛନ୍ତି ।**

ପ୍ରଶ୍ନ— ଆଚ୍ଛା, ଆପଣ ତ ସେଦିନ କହିଲେ, ଆଦର୍ଶପ୍ରାଣତା ସହଜରେହିଁ ହୁଏ, କିନ୍ତୁ ଦେଶରେ ତ ଦେଖେ sexually damaged ଆଉ eccentricଙ୍କ ଅଭାବ ନାହିଁ ? ଏହା ତ ଆପଣଙ୍କର ''ଚାଁର ଚିଠି'' ଖୋଜି ଖୋଜି କୋଉଠି 'ଚୁମା ଦେବା' କଥାଟା ଅଛି, ତା' ନେଇ ତ କେତେ ଲୋକ ଅସ୍ଥିରହିଁ ହୋଇ ଉଠିଛନ୍ତି । ଏମାନେ ତ, ମନେହୁଏ, ଝିଅ-ଭଉଣୀକୁ ଚୁମା ଦେଇବି sexually irritated ହୁଅନ୍ତି ?

ଶ୍ରୀଶ୍ରୀଠାକୁର— ଯେଉଁମାନଙ୍କର libido normally uphill course ନେଇଛି, ଯେଉଁମାନଙ୍କର ବଂଶ-ପରମ୍ପରା higher instincts inherit କରି ଚାଲିଛି— ଗୋଟେ କଥାରେ, ଯେଉଁମାନେ bred from higher heredity, ସେମାନେ ଯଦି ଅବସ୍ଥା-ବିପର୍ଯ୍ୟୟରେ sexually wreckବି ହୁଅନ୍ତି, ସେମାନଙ୍କର conscience କ'ଣ ଗୋଟେ ଅଜଣା ସ୍ମୃତି ନେଇ ଜାଗି ଦାଉ ଦାଉ କରି ଜଳିଥାଏ ଗୋଟେ ବିରାଟର କ୍ଷୁଧାରେ— ଯଦିଓ ତା' ଜାଣେନା,— ତେଣୁ, wreck ହେଲେବି ସେମାନଙ୍କର libido intact ହିଁ ଥାଏ;— ତେଣୁ ସେମାନେ ବଡ଼ ବା ଭଲ କିଛି ପାଇଲେହିଁ ତୃପ୍ତି-ଆକୁଳ ଉଦ୍‌ଗ୍ରୀବତାରେ ଆପ୍ରାଣ ଆଙ୍କଡ଼ି ଧରିବାକୁ ଚାହାଁନ୍ତି— ଯେପରି natural magnet !

କିନ୍ତୁ ଯେଉଁମାନଙ୍କର libido distorted, କିମ୍ବା lower instinct ନେଇ ଗୋଟେ higher poseରେ ଯେଉଁମାନେ ମଣିଷ ସହିତ ମିଳାମିଶା କରୁଛନ୍ତି, ସେମାନେ ଭଲ ଯା' ସବୁକିଛି ଠେଲି ପକାଇ ସେମାନଙ୍କର instinct ଯା' ଚାହେଁ ସେମାନଙ୍କର ପ୍ରକୃତି ତା'ହିଁ ଆହରଣ କରିବାକୁ ଉଦ୍‌ବ୍ୟସ୍ତ, ଆଉ, ସେଥିପାଇଁ ଅନବରତ ଭଲକୁ distort କରି ସେମାନଙ୍କର ଆହାର୍ଯ୍ୟରେ ପରିଣତ କରିବାକୁ ଚାହାଁନ୍ତି— ତେଣୁ ସେମାନଙ୍କର ଦୁର୍ଦ୍ଦଶା ଏହିଭଳି !

ସେମାନେ ହୁଏତ ଝିଅର ମୁଖରେ ଚୁମା ଦେବାକୁ ଗଲେହିଁ sexually irritated ହୋଇପଡ଼ନ୍ତି, ମା'ର ବୁକୁରେ ଶୋଇବାକୁ ଗଲେହିଁ ହୁଏତ କାମ-କଳ୍ପନାରେ ବିବ୍ରତ ହୋଇଉଠନ୍ତି । ଯା'କିଛି evil, ବିଶେଷତଃ sexual— ତା'ହିଁ ନେଇ deal କରନ୍ତି, ଅଥଚ ସେମାନେ ଯେପରି ଯେପରି କ୍ଷେତ୍ରରେ ଏହିଭଳି filthy ରକମରେ excited ବା entangled ହୁଅନ୍ତି, ଅନ୍ୟର କୌଣସି normal affairରେ ବି by a distorted channel of association ସେମାନଙ୍କର ସେଇ filthy ସ୍ମୃତି excited ହୋଇ ନିଜ ଭିତରର ସେଇ filthinessକୁ normally innocentମାନଙ୍କ ଉପରେ project କରି, ନିଜ ରଙ୍ଗରେ ସେମାନଙ୍କୁ ରଙ୍ଗେଇ, ଦେହଢ଼ଙ୍କା-ଭଲଲୋକୀ so-called honest poseରେ କୌଣସି ଗୋଟେ ଛିଦ୍ର ନେଇ, ଚର୍ଚ୍ଚାର ଭିତର ଦେଇ, enjoy ନ କରିହିଁ ପାରନ୍ତିନି । ଆଉ ଏଗୁଡ଼ିକ ପ୍ରାୟଃହିଁ ସେମାନେ କରିଥା'ନ୍ତି ଗୋଟେ auto-intiative bravo-aggrandising self-supportର attitudeରେ । *(କ୍ରମଶଃ)*


**ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ବୈବାହିକୀ ସ୍ତମ୍ଭରେ ବିଜ୍ଞାପନ ଦେବାକୁ ଚାହୁଁଥିବା ବ୍ୟକ୍ତିମାନେ ସମସ୍ତ ବିବରଣୀ ଓଡ଼ିଆ ଭାଷାରେ ଦେବାକୁ ଚେଷ୍ଟା କରିବେ । କେବଳ ଦୀକ୍ଷିତ ପାତ୍ର/ପାତ୍ରୀମାନଙ୍କର ବିବରଣୀ ପ୍ରକାଶ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବ । ପରମାରାଧ୍ୟ ଶ୍ରୀଶ୍ରୀଠାକୁରଙ୍କ ଭାବାଦର୍ଶ ଦ୍ୱାରା ଅସମର୍ଥିତ କୌଣସି ତଥ୍ୟ ଗ୍ରହଣଯୋଗ୍ୟ ହେବ ନାହିଁ ।

*– ପରିଚାଳକ, ଊର୍ଜ୍ଜନା*

## ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

# କଥା-ପ୍ରସଙ୍ଗ

## (ଦ୍ୱିତୀୟ ଖଣ୍ଡ)

*ପ୍ରଶ୍ନକର୍ତ୍ତା* — ଶ୍ରୀସୁଶୀଲ ଚନ୍ଦ୍ର ବସୁ

*(ପୂର୍ବପ୍ରକାଶିତ ଉତ୍ତାରୁ........)*

ପୁଣି, ଏପରି କରି ସେବା, ସାହଚର୍ଯ୍ୟ ଓ ସହାନୁଭୂତିର ଭିତର ଦେଇ, ଭୂୟୋ-ପର୍ଯ୍ୟବେକ୍ଷଣର ଚଳନାରେ ଚାଲୁ-ଚାଲୁ, କରିବାର ଭିତର ଦେଇ ଜାଣିବାକୁ ଅର୍ଜ୍ଜନ କରି କରି, ଇଷ୍ଟପ୍ରାଣତାରେ ଆହୁରି ହେଉ ହେଉ ତୁମର ଅନ୍ତର ଏହିଭଳି ଗୋଟେ ବିସ୍ତାରରେ ଆସି ପହଞ୍ଚିବ— ଯେଉଁଥିରେ ଆଶ୍ରୟ ଗ୍ରହଣ କରି ସ୍ଥିତ ହୋଇ ଅନ୍ୟର ସ୍ଥିତିର ଉପଯୁକ୍ତ ହୋଇଥିଲେ, ତା' ଯୋଗୁଁ ତୁମର ସେଇ ଗୃହସ୍ଥାଶ୍ରମରେ ରହି ତୁମର ପରିବାର-ପାରିପାର୍ଶ୍ୱିକକୁ ଯେପରି ଯେପରି ଯା' ଯା' କରିଛ, ସେଇଟା ଆଉ ତୁମର ଜୀବନ ପକ୍ଷେ ଅତ୍ୟନ୍ତହିଁ ଛୋଟ, ଦମ-ଅଟକା ଭଳି ବୋଲି ମନେ ହେବ, ବୃହତ୍ତର ପାରିପାର୍ଶ୍ୱିକର ଡ଼ାକ ତୁମକୁ ଉଦ୍‌ବ୍ୟସ୍ତ ଓ ଉଦ୍ଦୀପ୍ତ କରିତୋଳୁଛି ବୋଲି ନିୟତହିଁ ତୁମର ମନରେ ଗୋଟେ ଛିଣ୍ଡାମିଣ୍ଡା ଭାବ ମୁଣ୍ଡ ଟେକୁଥିବ— ମନେହେବ, ତୁମର ଇଷ୍ଟ-ଉପଭୋଗ ଇଷ୍ଟ-ପ୍ରତିଷ୍ଠାର ଭିତର ଦେଇ ଆହୁରି ବେଗରେ ନ ଚାଲିଲେ ଯେପରି ଜୀବନଟା ତୁମର ନିନଡ଼ ସ୍ଥବିର ହୋଇଉଠିଛି । ଏହା ହେଉଛି ତୁମର ବାନପ୍ରସ୍ଥର ଡ଼ାକ— ଅର୍ଥାତ୍ ବିସ୍ତାରରେ ଗମନର ଡ଼ାକ— ବନ ମାନେହିଁ ହେଉଛି ବିସ୍ତାର । ତୁମର ଚଳନାକୁ ଆଉ କେହି ଅଟକାଇବାର ନାହିଁ, ତେଣୁ ସେଇ ବିସ୍ତାରର ସ୍ଥାନ ବନକୁହିଁ ମଣିଷ ଠିକ୍ କରି ନେଇଥିଲା ସେତେବେଳେ ।

ଯେତେବେଳେ ତୁମେ ଗୃହସ୍ଥାଶ୍ରମରେ ଏହିଭଳିଭାବେ ଠିଆ ହୋଇ ପାରିଲନି, କରିବାର ଡ଼ାକ, ଚଳନାର ଡ଼ାକ, ତୁମକୁ ନିୟତ ଏହିଭଳିହିଁ କରି ତୋଳିଛି, ଯେଉଁଥିରେ ତୁମର ଜୀବନ-ଧାରଣ-ଉପଯୋଗୀ ପ୍ରୟୋଜନଗୁଡ଼ିକ ଧୀରେ ଧୀରେ ଆହୁରି ଆହୁରିଭାବେ କମି ଯାଉଛି, ଅଥଚ ଏହି କମ୍ ଦେଇବି ତୁମେ ବେଶ୍ ଝରଝରଭାବେ ଜୀବନଯାପନ କରି ପାରୁଛ । ଏଥିରେ ସେଇ ଗଣ୍ଡୀରେ ରହିବା ତୁମର ଆହୁରିବି ମୁକ୍ତିରେ ଯେପରି ଜୋର କରି ହାତ ଧରି ଗୋଟେ ପରମ-ଆବେଗମୟୀ ଟାଣରେ ବିସ୍ତାରର ପ୍ରଲୋଭନରେ ବିହ୍ୱଳ କରି ତୋଳିଛି— ତୁମେ କ'ଣ ଆଉ ଠିଆ ହୋଇପାର ? ତୁମର ପୁଅଝିଅ, ନାତି-ନାତୁଣୀ ଯେଉଁମାନେ ଅଛନ୍ତି, ସେମାନଙ୍କ ଉପରେ ତୁମର ସେଇ ଆଶ୍ରମରେ ଯା' କିଛି କରିଛ ବା ଯା' କିଛି କର୍ତ୍ତବ୍ୟ, ତା'ର ଭାର ଦେଇ ଦେଲେ ଛୁଟି— ଆଉ କ'ଣ !

ଆରମ୍ଭ ହେଲା ତୁମର ବୃହତ୍ତର ଜୀବନ- ନନ୍ଦିତ ବିସ୍ତାରଣ, ବାନପ୍ରସ୍ଥ-ଆଶ୍ରମ ।

ଏହି ବିସ୍ତାରର ବୁକୁରେ ଠିଆ ହୋଇ ତୁମର ଜୀବନର ଚଳନା ଆହୁରି ବେଗରେ ଛୁଟିବାକୁ ଲାଗିଲା । ଗୃହସ୍ଥାଶ୍ରମରେ ଅନଭ୍ୟାସ ଯୋଗୁଁ ତୁମର ଜୀବନର ପ୍ରୟୋଜନୀୟ ଉପକରଣ, ଯେପରି ଯେପରି କରିଲେ ତୁମର ଏହି ଚାଲିବା ଆହୁରି ବି ଅବାଧ ହୋଇପାରେ, ସେଥିପାଇଁ ହୁଏତ ବେହିସାବୀଭାବେ ଆପ୍ରାଣ ଟାଣରେ କେତେ କୃଚ୍ଛ୍ର-ସାଧନା କରି ତୁମର ଏହି ବଞ୍ଚିବା ଓ ବର୍ଦ୍ଧନଟାକୁ ଯେପରି ଆହୁରିବି କାୟେମ କରିପାର, ଅତି ନଗଣ୍ୟ ପ୍ରୟୋଜନର ଭିତର ଦେଇ ଆପ୍ରାଣ ଚେଷ୍ଟାରେ ତା' ସବୁ କରାୟତ୍ତ କରି ନେଲେ । ସେଥିରେ ସିଦ୍ଧ ହେଲ ତୁମେ; ଜୀବନର ଚିନ୍ତାବି ଭୁଲିଗଲ, ମୃତ୍ୟୁକୁ ଭାବିବାର ବି ଆଉ ଅବସର ରହିଲାନି । ଭୃତ୍ୟ ଭଳି ପରମ-ଗତିରେ ଅବଲୋକନ କରି କରି, ସ୍ଥିର-ଚିତ୍ତରେ ମଣିଷର ଜୀବନ ଓ ବୃଦ୍ଧିର ପଥରେ, ତା'ରହିଁ ସେବାରେ ଆତ୍ମଭୋଳା ଉଦ୍ଦାମ ଇଷ୍ଟ-ପ୍ରତିଷ୍ଠା ନେଇ ଚିନ୍ତା, ଚଳନ, ବାକ୍ୟ ଓ କର୍ମରେ ଜୀବର ଜୀବନ, ବ୍ୟାପନ ଓ ବର୍ଦ୍ଧନର ପରିବେଶଣ ନେଇ, ଆତ୍ମପ୍ରସାଦର ଆବେଗରେ ଚାଲିବାକୁ ଲାଗିଲେ ।

ଏହା ଭିତରେବି ଇଷ୍ଟପ୍ରାଣତାରେ ଉଦ୍‌ବୁଦ୍ଧ ତୁମର

ପର୍ଯ୍ୟାଲୋଚନା, ପରିବେକ୍ଷଣ, ପରିସେବନ ଓ ନିୟନ୍ତ୍ରଣ ଇତ୍ୟାଦି ଚାଲିବାକୁ ଲାଗିଲା । ତା'ପରେ ଏହିଭଳି ଚାଲୁ ଚାଲୁ ସେଇ ଚଳନାହିଁ ନେଇ ଆସିଲା ତୁମର ସନ୍ନ୍ୟାସ;— ଅର୍ଥାତ୍ ତୁମେ ବ୍ରହ୍ମଚର୍ଯ୍ୟ ଆଶ୍ରମରୁ ଏତେଦୂର ପର୍ଯ୍ୟନ୍ତ ଯା' କରିଛ, ଯା' ହୋଇଛ, ଏପରିକି ତୁମର ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ଯା'କିଛି ସବୁ ଇଷ୍ଟ-ନିକ୍ଷିପ୍ତ ହୋଇ ସେଥିରେ ନ୍ୟସ୍ତ ହୋଇଉଠିଲା— ଆଉ ଏହାହିଁ ହେଲା ତୁମର ସନ୍ନ୍ୟାସ-ଆଶ୍ରମର ଆରମ୍ଭ ।

ତା'ହେଲେହିଁ ଦେଖ, ପ୍ରକୃତ ସନ୍ନ୍ୟାସୀ ଯେଉଁମାନେ ସେମାନେ କ'ଣ ? କାଇଦା-ଫାଇଦା କରି, ଜଟାଜୁଟ ରଖି, ରଙ୍ଗବେରଙ୍ଗରେ କେବଳ ରଙ୍ଗୀନ ଲୁଗାପଟାରେହିଁ ସନ୍ନ୍ୟାସୀ ହୋଇ ହୁଏନା । ମଣିଷର ଇଷ୍ଟପ୍ରାଣ ଜୀବନର ଚଳନା ଚାଲୁ ଚାଲୁ ଆପଣାଛାଏଁ ସନ୍ନ୍ୟାସତ୍ୱରେ ଉପନୀତ ହୁଏ ।

ଧରିବାକୁ ଗଲେ ସନ୍ନ୍ୟାସ କାହାକୁ ଦିଆଯାଏନା । ତା' ମଣିଷର ଆପଣାଛାଏଁ ହୁଏ— ଇଷ୍ଟପ୍ରାଣତାର କ୍ରମବିରୁଦ୍ଧ ଚଳନା ଯଦି ତା'ର ନ ଘଟେ । ମୁଁ ଯେଉଁ ସନ୍ନ୍ୟାସର କଥା ଆଗେ କହିଛି, ତା' ଏହି ସନ୍ନ୍ୟାସକୁହିଁ ଲକ୍ଷ୍ୟ କରି । ଏଥିରେ କୌଣସି ଭଣ୍ଡ-ତଣ୍ଡର ଦରକାର ନାହିଁ । ଭଣ୍ଡ-ତଣ୍ଡ ବରଂ ଏହି ସନ୍ନ୍ୟାସତ୍ୱର ଅନ୍ତରାୟହିଁ ହୋଇଥାଏ । ମଣିଷକୁ ଯେଉଁ ସନ୍ନ୍ୟାସ ଦିଆଯାଏ, ତା'ର ମାନେ ହେଉଛି ତା'କୁ ଏହି ପଥରେହିଁ ଅନୁପ୍ରାଣିତ କରିଦେବା— ତା' ଛଡ଼ା ତା'ର କୌଣସି ମାନେ ଅଛି କି ନା ମୁଁ ବୁଝିପାରେନା ।

ପ୍ରଶ୍ନ— ତା'ହେଲେ ଆର୍ଯ୍ୟ-ଦ୍ୱିଜଗଣଙ୍କର ପ୍ରତ୍ୟେକଙ୍କର ପରିଣତିହିଁ ତ ହେଉଛି ସନ୍ନ୍ୟାସରେ— ତା'ଛଡ଼ା ଅ-କ୍ରମିକ ସନ୍ନ୍ୟାସୀର ଆମଦାନୀ ହେଲା କିପରି ?

ଶ୍ରୀଶ୍ରୀଠାକୁର— ତା' ତ ନିଶ୍ଚୟହିଁ । ଆଚ୍ଛା, ତା'ହେଲେ ଥରେ କଳ୍ପନା କରିହିଁ ଦେଖନ୍ତୁ ଦେଖି, ପ୍ରତ୍ୟେକ ଆର୍ଯ୍ୟ-ଦ୍ୱିଜର ଗୋଟେ ଶେଷ ପରିଣତି ହେଉଥିଲା, ଇଷ୍ଟ-ଉଦ୍‌ବୁଦ୍ଧ ଗୋଟେ ବିରାଟ ସାର୍ବଜନୀନ ମନୁଷ୍ୟତ୍ୱରେ— ପ୍ରତ୍ୟେକେହିଁ ଯେପରି ଗୋଟେ ବିରାଟ ଜନସାଧାରଣଙ୍କର ପ୍ରତ୍ୟେକଙ୍କର ପ୍ରତିନିଧି, ମୋଟରେ ସେମାନଙ୍କର ପ୍ରତ୍ୟେକ ଖୁଣ୍ଟିନାଣ୍ଟିର— ଆଉ ଏହା ଗଜେଇ ଉଠୁଥିଲା ଗୋଟେ ଅତୁଟ ଆପ୍ରାଣ ଇଷ୍ଟପ୍ରାଣତାର ମେରୁଦଣ୍ଡ ଉପରେ ।

ତା'ହେଲେ ଦେଖନ୍ତୁ, ଏ ସଭ୍ୟତା ଥିଲା କି ସଭ୍ୟତା । ଦୁନିଆର କୌଣସି ଜାତି ଏବେବି ଏହାର କୌଣସି ପରିକଳ୍ପନାବି କରି ପାରିଛି କି ? ପ୍ରତ୍ୟେକେହିଁ ଥିଲେ ବାସ୍ତବ, ବାସ୍ତବରେ ଗଢ଼ା ଭକ୍ତି, କର୍ମ ଓ ଜ୍ଞାନର ଜୀବନ୍ତ ଉତ୍ସ ।

ଦେଶରେ ଯେତେବେଳେ ଏହିଭଳି ଆଚରଣ ଖାମ୍‌ଖିଆଲରେ ବିଧ୍ୱସ୍ତ ହୋଇ ବୃତ୍ତି-ଅନୁଗାମୀ ହେବାକୁ ଆରମ୍ଭ କରିଲା, ସେପରି ହୁଏତ ପଣ୍ଡିତମାନେ କ୍ରମକୁ ଅନେକ ନିରୁଦ୍ଧ କରି ମଣିଷକୁ ସନ୍ନ୍ୟାସରେ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ଆଧୁନିକ ସନ୍ନ୍ୟାସ-ଦୀକ୍ଷାର ପ୍ରବର୍ତ୍ତନ କରିଥିଲେ । ଉଦ୍ଦେଶ୍ୟ ଯେ ନିହାତି ଅବିବେକୀ ଥିଲା ଏକଦ୍‌ମ ତା' ନୁହେଁ । କିନ୍ତୁ ଏ ବନ୍ୟାକୁ ସମ୍ଭାଳି ନପାରିବାରୁ ଆସ୍ତେ ଆସ୍ତେ ହୁଏତ ଏହି ବିକଟ ସନ୍ନ୍ୟାସର ଅଭ୍ୟୁତ୍ଥାନ ହୋଇ ଉଠିଲା । ସନ୍ନ୍ୟାସୀ ପ୍ରତି ଯେଉଁ ମଣିଷର ଆନ୍ତରିକ ପ୍ରଗାଢ଼ ହାଡ଼ଭଙ୍ଗା ଟାଣ— କ୍ରମେ ଶିଥିଳ ହୋଇ ଭ୍ରୂକୁଟି, ଆଖିଠାର, ନାକ ଛିଞ୍ଚାଡ଼ିବା, ତା'ପରେ ଖୋଲାଖୋଲି ଅବଜ୍ଞା ସୃଷ୍ଟି ହେବାକୁ ଲାଗିଲା— କିନ୍ତୁ ସେ ସନ୍ନ୍ୟାସର ଆଜିବି ସମାନ ଭକ୍ତି ଓ ଭଲପାଇବା ଅତୁଟ ଓ ଅବାଧ ହୋଇହିଁ ଠିଆ ହୋଇ ଅଛି । ଏ ବିକଟ ସନ୍ନ୍ୟାସରହିଁ ଆଜିକାଲି ଏହିଭଳିହିଁ ଅବସ୍ଥା ହୋଇଉଠିଛି ।

ପ୍ରଶ୍ନ— ସନ୍ନ୍ୟାସ ଯଦି ଏହା ହୁଏ, ତେବେ ତ୍ୟାଗ କଥାଟାର ମାନେ କ'ଣ ? ଉପନିଷଦରେ ଅଛି ''ତ୍ୟକ୍ତେନ ଭୁଞ୍ଜୀଥାଃ''— ଅର୍ଥାତ୍ ତ୍ୟାଗ ଦ୍ୱାରା ଭୋଗ କର— ଏ କଥାର ମାନେ କ'ଣ ତା'ହେଲେ ?

ଶ୍ରୀଶ୍ରୀଠାକୁର— ତା' ତ ଠିକ୍ ଅଛି । ତୁମର ଜୀବନ ଓ ବୃଦ୍ଧିର ଅନ୍ତରାୟ ଯା'— ଯା'କୁ ଅବଲମ୍ବନ କରିଲେ ତୁମର ଜୀବନ, ଭୋଗ ଓ ପରିବେକ୍ଷଣ ବୃଦ୍ଧିରେ ନିୟତ ହୁଏନା, ତା'କୁ ତୁମେ ଛାଡ଼ି ଦିଅ; ଆଉ ଏହିପରିସବୁକୁ ଛାଡ଼ି ଦେଇ, ଭୋଗରେ ପ୍ରଚୁର ହୋଇ ପରିପୋଷଣର ଭିତର ଦେଇ, ଜୀବନକୁ ସର୍ବତୋଭାବେ ବର୍ଦ୍ଧନରେ ଉଦ୍ଦୀପ୍ତ କରି ତୋଳ ।

ଆମେମାନେ ଯେକୌଣସି ବୃତ୍ତିରେ ରଞ୍ଜିତ ହୋଇହିଁ ହେଉ ନା କାହିଁକି, ଯା'ହିଁ ଭୋଗ କରୁ, ସ୍ୱଭାବତଃହିଁ ତ ତା'ର ଅନ୍ତରାୟଗୁଡ଼ିକୁ ଛାଡ଼ି ଦେଇ ହିଁ ଥାଉ; ତ୍ୟାଗ ତ କରୁହିଁ— ଏ ତ୍ୟାଗ କରିବା ଆମମାନଙ୍କ ଜୀବନରେ ଗୋଟେ ନୂତନ ପ୍ରକାର ବନ୍ଦୋବସ୍ତ ବା କାଇଦା-କସରତର କିଛି ନୁହେଁ । ପସନ୍ଦ ମୁତାବିକହିଁ କିଛି ଉପଭୋଗ କରିବାକୁ ଗଲେ ତା'ର ବାଧାଗୁଡ଼ିକୁ ଛାଡ଼ିବାକୁ ହେବ, ତା'ବୋଲି ହମଲା କରି ବୁଲିଲେ ହେବନି । ଏପରିକି, ଛାଡ଼ିବାକୁ ହେବ ଏଇଟା ସାଧାରଣତଃ ହିସାବର ଭିତରେହିଁ ଆଣେ କି ନା ସନ୍ଦେହ । *(କ୍ରମଶଃ)*

ରାଗ-ଆବେଗର ଉଦ୍ଦୀପନାରେ
ଯେପରି ଯେ'ଟା କରି ରହିବୁ,
ଭାବବୃତ୍ତିର ନିୟମନ ଯେ ତା'ହିଁ,
ସେପରି ଫଳହିଁ ବହି ଚାଲିବୁ । ୧୩୪ ।
*(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

ପ୍ରେଷ୍ଠ-ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

# ଅମୀୟ-ବାଣୀ

*ସଂକଳୟିତା* – ଶ୍ରୀଅଶ୍ୱିନୀକୁମାର ବିଶ୍ୱାସ

*(ପୂର୍ବପ୍ରକାଶିତ ଉତ୍ତାରୁ........)*

**ଆଶ୍ୱିନ-୮, ଗୁରୁବାର, କଲିକତା—** ମନେମନେ ଭାବୁଛି କୁଷ୍ଟିୟା ଫେରି ଯାଇ ପୁଣି ମୋକ୍ତାରୀ କରିବି କି ନା । ଆଜିକୁ ୧୫ଦିନ ମୋକ୍ତାରୀ ଛୁଟି କରି ବସାଇ ରଖିଛନ୍ତି— ଏଥରୁ ବୋଧହୁଏ ମୋକ୍ତାରୀ ନ କରାଇବାହିଁ ତାଙ୍କର ଇଚ୍ଛା । ପୁଣି କହିଲେନି ବି ଯେ ଛାଡ଼ି ଦିଅ । ଏହା ପୂର୍ବରୁ କହିଛନ୍ତି, ''ମୋକ୍ତାରୀ ତୁମକୁ ଛାଡ଼ି ଯାଉ— ତୁମେ ମୋକ୍ତାରୀ ଛାଡ଼ ନା ।'' ଆଉ ଭଲବି ଲାଗେନା ଏହା । ଅତଏବ ଯଦି ଖୋଲା କରି କହି ଦିଅନ୍ତେ କ'ଣ କରିବି, detailରେ guide କରନ୍ତେ ତ ଭଲ ହୁଅନ୍ତା । ଏମିତିରେ ସିଏ କହିଲେ, ''ମୋର କାମ ହେଲେହିଁ ହେଲା— ତା' ମୋକ୍ତାରୀ କରିହିଁ ଯଦି ହୁଏ ସେଥିରେ କ୍ଷତି ନାହିଁ । ମୁଁ କହିଲି, ସେସବୁ ବୁଝେନା ମହାଶୟ, ମୋର capacity ଜାଣନ୍ତି, ମନର ଅବସ୍ଥା ଜାଣନ୍ତି, ଯା' କରିବାକୁ କହିବେ ତା'ହିଁ କରିବି— ଗୋଟେ definitely କହି ଦିଅନ୍ତୁ । କହିଲେ, ''ଯା' ଭଲ ବୁଝନ୍ତି ତା'ହିଁ କରନ୍ତୁ ।'' ମୁଁ ଭଲମନ୍ଦ ଆଉ ବୁଝିବାକୁ ଚାହେଁନା, ବୁଦ୍ଧିରେ ପାଗଳ କରିଲ । ମୋକ୍ତାରୀ ତ ଭଲ ଲାଗେନା, ପୁଣି ଛାଡ଼ିଲେ ସୁ-ର dependent ହୋଇପଡ଼େ entirely— ତା' ବି ଭଲ ଲାଗେନା । କାରଣ, ତା'ର ଏତେ dependent, ଏତେ ଖରଚ ଯେ ଆଉ burden ହେବାକୁ ସଙ୍କୋଚ ହୁଏ ।

ସିଏ କହିଲେ— ଦେଖନ୍ତୁ, ତା'ର ଅଦୃଷ୍ଟରେ ଯା' ଅଛି, ଯା' ତା'ର ଖରଚ ହେବାର ଅଛି ତା' ହେବହିଁ, ଆପଣ ନ ନିଅନ୍ତୁ, ଆଉ ଜଣେ ନେବେ— ତା' ଭାବି କ'ଣ କରିବେ ? ଭୁଲି ଯାଆନ୍ତୁ ଯେ ତା'ର ବା ଆପଣଙ୍କର ଇଚ୍ଛାରେ କିଛି ହେଉଛି, ତା'ର ବା ଆପଣଙ୍କର ଇଚ୍ଛାରେ କିଛି ହେଉ ନାହିଁ; ଆଉ ଜଣେ ତାଙ୍କ ଇଚ୍ଛା ଅନୁସାରେ ଚଲାଉଛନ୍ତି । ଯା' ତାଙ୍କର ଇଚ୍ଛାରେ ଭଲ ତା'ହିଁ ହେବ, କେହି ରୋଧ କରି ପାରିବେନି । ଅତଏବ ନିର୍ଭର କରି ଚାଲିବାହିଁ ଭଲ ।

ମୁଁ— ଆଜ୍ଞା, ମୋକ୍ତାରୀ କରିବାଟା କ'ଣ ହେବ ?

ଶ୍ରୀଶ୍ରୀଠାକୁର— ଆପଣ ମୋକ୍ତାରୀ କରିବା ବା dependent ହେବା ବା ଭିକ୍ଷା କରିବା କୌଣସିଟାର ହିଁ କର୍ତ୍ତା ନୁହଁନ୍ତି । ଏଇଟା ମନେ ରଖି ଯା' ଯେତେବେଳେ ଜୁଟେ କରି ଯାଆନ୍ତୁ । Free ହେଉ ଥାଆନ୍ତୁ, ଜୀବନ୍ମୁକ୍ତ ହୋଇଯାଆନ୍ତୁ । ମୁଁବି ଡ଼ାକ୍ତରୀ କରେ, ଦେଖୁଛନ୍ତି ତ— ସେହିଭଳି । ଦରକାର ହେଲେ ପରମପିତାଙ୍କ ଡ଼ାକ ପଡ଼ିଲେ ମୋକ୍ତାରୀ ପଡ଼ି ରହିଲା, ଚାଲି ଗଲି, ପୁଣି ଆସି ଦରକାର ହେଲା ମୋକ୍ତାରୀ କରିଲି । ଏହିଭଳି ସ୍ୱାଧୀନଭାବେ ନିର୍ଭର କରି ଚାଲୁ ଥାଆନ୍ତୁ; ସେଥିରେ ଯା' ହୁଏ ସେଇଟା ଭଲ ।

ମୁଁ— ତା'ହେଲେ କହୁଛନ୍ତି ଯେ, ମୋକ୍ତାରୀ ହିଁ କରେ, କିନ୍ତୁ ଆଦେଶ ଅନୁସାରେ ଅବ୍ୟାହତି ଦେବାକୁ ପ୍ରସ୍ତୁତ ରହି— ସେଥିରେ ଲାଗି ପଡ଼ି ନୁହେଁ । ଟିକେ ଜଡ଼ାଜଡ଼ି କରିବା ଯେପରି ଆଉ କ'ଣ !

ଶ୍ରୀଶ୍ରୀଠାକୁର— ତା'ହିଁ ଯଦି ହୁଏ, ନିର୍ଭର କରିବାକୁ ହେଲେ ସେଥିରେହିଁ— ଜଡ଼ାଜଡ଼ିରେହିଁ ରାଜୀ ହେବାକୁ ହେବ ।

ଆହୁରିବି କହିଲେ— ସେ ଦାସ୍ୟଭାବ ନୁହେଁ, ଏଇଟା ସନ୍ତାନଭାବ । ରାଜପୁତ୍ର ଯୁବରାଜ sailorଗିରି କରିଲେ, କିନ୍ତୁ ସେ sailor ହୋଇଗଲା ନାହିଁ, ସେ ଭାବର ସଙ୍ଗେ identified ହୋଇଗଲାନି । ସେଇଭଳି ମୋକ୍ତାରୀ କରୁଛି ଯେପର୍ଯ୍ୟନ୍ତ ପିତାଙ୍କ ଇଚ୍ଛା, ଯେତେବେଳେହିଁ ଦରକାର ସେତେବେଳେହିଁ ଛାଡ଼ି ଦେଲି । ଆଉ, ପିତାଙ୍କ ଇଚ୍ଛାନୁସାରେ ଯେତେବେଳେ କରୁଛି, ସେତେବେଳେ ଷୋଳ ଅଣା ମନ ଦେଇ ହିଁ କରୁଛି, କିନ୍ତୁ ମୁଁ ସେଥିରେ ବଦ୍ଧ ନୁହେଁ, ମୁଁ ବଦ୍ଧ ମୋକ୍ତାର ନୁହେଁ, ରାଜପୁତ୍ର ମୋକ୍ତାରର ଖୋଳପାରେ— ଏଇଟା ସର୍ବଦା ମନେ ରଖ । 'ଦାସ-ମୁଁ' ଠାରୁ 'ସନ୍ତାନ-ମୁଁ' ସୁବିଧାଜନକ । ଟିକେ ଅହଂ ରଖା ବି ଯାଏ— ନିଜେ ସବୁ କରିବି ପାରେ । ପୁଣି ସେଥିରେ ବଦ୍ଧ ନୁହେଁ ଏବଂ ପିତାଙ୍କ ଇଚ୍ଛାରେ କାର୍ଯ୍ୟ ବୋଲି ସେ ଅହଂରେ ବିଶେଷ କ୍ଷତି କରିପାରେନା । ଏଇଟାହିଁ ideal, ଆଉ ଏଇଟାହିଁ କରି ଦେଖାଇବାକୁ ହେବ ।

ମୁଁ— ସ-ର ଡ଼ାକ୍ତରୀ କରିବା ଭଳି ମଝିରେ ମଝିରେ ଅବ୍ୟାହତି ନିଆଯାଉଛି— ଏହିଭଳି ମୋକ୍ତାରୀ କରିବା ତ ?

ଶ୍ରୀଶ୍ରୀଠାକୁର— ନା, ତା' ଠିକ୍ ନୁହେଁ । ତା'ର ଅବ୍ୟାହତି କରାଯାଉଛି ଠିକ୍, କିନ୍ତୁ ଡ଼ାକ୍ତରୀରେ ବଦ୍ଧଭାବବି ରହିବନି । ମୁଁ ଡ଼ାକ୍ତର ବା ମୁଁ ମୋକ୍ତାର ଏ ଭାବ ରହିବନି । ହେବା ଦରକାର, ଯେପର୍ଯ୍ୟନ୍ତ ଡ଼ାକ୍ତରୀରେ ରଖିଛ ସେପର୍ଯ୍ୟନ୍ତ ଡ଼ାକ୍ତର, ଆଉ ଯେ ହିଁ ନ ରଖିଛ ସେକ୍ଷଣି ନୁହେଁ ! ସେତେବେଳେ ପିତାଙ୍କ ସନ୍ତାନ, ତାଙ୍କର ଅନ୍ୟ କାମରେ ଅଗ୍ରସର । ଆଉ ଯେପର୍ଯ୍ୟନ୍ତ ଡ଼ାକ୍ତର ବା ମୋକ୍ତାର ସେପର୍ଯ୍ୟନ୍ତବି ପିତାଙ୍କ ସନ୍ତାନ, ତାଙ୍କ ଇଚ୍ଛାରେ ଡ଼ାକ୍ତରୀ-ମୋକ୍ତାରୀ ଖୋଳପା ପିନ୍ଧି ଅଛି— ଏହା ସର୍ବଦା ମନେ ରଖିବାକୁ ହେବ । ଆଦେଶ ମାତ୍ରେ ତତ୍କ୍ଷଣାତ୍— ତା' ମାମଲା କରୁଥିବା ବେଳେହିଁ ହେଉ ନା କାହିଁକି, ମୋକ୍ତାରୀ ପକାଇ ଚାଲି ଯିବାକୁ ହେବ— ଏହି ଭାବ ।

ମୁଁ— ତା'ହେଲେ ମହାରାଜଙ୍କର ଡ଼ାକ୍ତରୀ କରିବା ଭଳି ହେବ କହନ୍ତି ?

ଶ୍ରୀଶ୍ରୀଠାକୁର— ତା'ହିଁ । ଆଉ କ'ଣ ଚାହାଁନ୍ତି ! ଏତେ ସବୁ details କହି ଗଲି, ଏତେ detailsରେ କେହି କେବେବି guide କରି ନାହିଁ ! ପୂର୍ବେ ଏପରିଭାବେ ଏତେ minute detailsରେ guide କରି ଆଉ କେହି କହି ନାହିଁ । ଲେଖି ରଖନ୍ତୁ ଯେ, ଭବିଷ୍ୟତରେ ଭୁଲି ନ ଯାଆନ୍ତି ।

୧୪ଦିନ ଯାବତ୍ ତାଙ୍କ ସଙ୍ଗେ କଲିକତାରେ ଅଛି । କେତେ କାଣ୍ଡ ଯେ ଦେଖିଲି ତାହା ବର୍ଣ୍ଣନାତୀତ । କେତେ ରକମର ଲୋକ ତାଙ୍କ ନିକଟକୁ ଆସୁଛନ୍ତି । ସମସ୍ତଙ୍କୁ ଚିହ୍ନେନା ବି । କେଇଜଣଙ୍କର ବା ପରିଚୟ ଜାଣିବି ? ସର୍ବଦାହିଁ ଘର ଭର୍ତ୍ତି, ତଥାପି ଲୋକ ତ ଯିବାଆସିବା ଜାରି ରଖିଛନ୍ତି । କେତେ ଭାବର ଲୋକ ଆସୁଛନ୍ତି— କେହି ତାଙ୍କୁ ଦର୍ଶନମାତ୍ରେ କାନ୍ଦି ଆକୁଳ, କେହି ହସି, କେହି ନାଚିଗାଇ ଅସ୍ଥିର ! କେହି କହୁଛି, ଏତେଦିନେ ଦେଖା ଦିଅନା କାହିଁକି ? କେହି ଗଭୀର ଧ୍ୟାନସ୍ଥ ରହି ସଙ୍କେତରେ କ'ଣ ଜଣାଉଛି— ସିଏ ସଙ୍କେତରେ କ'ଣ ଉତ୍ତର ଦେଉଛନ୍ତି ।

ଯେତେ ଲୋକ ଆସିଥିଲେ ସେମାନଙ୍କ ମଧ୍ୟରେ ବାରିଷ୍ଟର J.N.Dutta, ତାଙ୍କ ସ୍ତ୍ରୀ, କନ୍ୟା, ପୂର୍ବକଥିତ ଜ୍ଞାନବାବୁ, ତାଙ୍କ ଭଗ୍ନୀ ଚାରୁବାଳା ସରସ୍ୱତୀ, କଟକର Govt. pleader ଜାନକୀନାଥ ବସୁ ରାୟବାହାଦୁର ଓ ତାଙ୍କ ସ୍ତ୍ରୀ, ପୂର୍ବରୁ ଦୀକ୍ଷିତ Prof. ସତୀଶଭାଇ, ସଂସ୍କୃତ କଲେଜର Prof. ଶାସ୍ତ୍ରୀ ପ୍ରଭୃତିଙ୍କ ପରିଚୟ ଜାଣିଛି । J.N.Duttaଙ୍କ ସ୍ତ୍ରୀଙ୍କୁ ଦେଖି ମନେହୁଏ ଖୁବ୍ ଭକ୍ତିମତୀ, ଭାବପ୍ରବଣା, ଠାକୁର-ଦର୍ଶନରେ ଘୃଣା, ଲଜ୍ଜା, ମାନ, ଭୟର ବନ୍ଧ ଭାଙ୍ଗି ପାଗଳିନୀ ନ୍ୟାୟରେ ଆଚରଣ: ହସେ, କାନ୍ଦେ, ନାଚେ, ଗାଏ । କହେ, ତୁମେହିଁ ନିମାଇ, ତୁମେହିଁ କୃଷ୍ଣ, ତୁମେହିଁ ସବୁ, ଏତେଦିନ କୋଉଠି ଥିଲ ? ମୁଁ ପୂଜା କରି ନିବେଦନ କରିଲେ ଏହି ମୂର୍ତ୍ତିରେ ଆସି ଭୋଗ ଗ୍ରହଣ କରିଛ, କିନ୍ତୁ ତା'ପରେ ଦେଶ-ବିଦେଶ କୋଉଠିବି ତ ତୁମର ଦେଖା ପାଇନି ! ଆଜି ସେଇ ମୂର୍ତ୍ତିରେ ଠାକୁର ପ୍ରତ୍ୟକ୍ଷ କରୁଛି— ଇତ୍ୟାଦି । Mr. Dutta କେଇଦିନ ଆସିଲେ, କେତେ କଥାବାର୍ତ୍ତା ହେଲା, admire କରିଛନ୍ତି ସିଏବି ଖୁବ୍ । ତାଙ୍କ ସ୍ତ୍ରୀ ନାମ ଗ୍ରହଣ କରିଲେ । ରାୟବାହାଦୁର ବି ସସ୍ତ୍ରୀକ ନାମ ଗ୍ରହଣ କରିଲେ । ଠାକୁର ତାଙ୍କୁ କହିଲେ, ''ନିଜର ବିଦ୍ୟା-ବୁଦ୍ଧି, ମାନ-ସମ୍ଭ୍ରମ ସମସ୍ତ ଏକପାଖ କରି ଯଦି ଏ ମୂର୍ଖର କଥା ଅନୁସାରେ କିଛିଦିନ ଚାଲନ୍ତି, ତେବେ ଅବଶ୍ୟହିଁ ଫଳ ପାଇବେ । ନଚେତ୍, ବିଦ୍ୟା-ବୁଦ୍ଧି ଖଟେଇ କଥା ବିଚାର କରିବାକୁ ଯଦି ଚାହାଁନ୍ତି, ତେବେ ସତ୍ୱର ଫଳ ନ ପାଇଲେ ସେଥିରେ ଦୋଷ କା'ରବି ନାହିଁ । ବାଳକ ଭଳି ଶିକ୍ଷକର ଆଜ୍ଞା ମାନିବାକୁ ହେବ । ତାଙ୍କ ପ୍ରତ୍ୟେକଙ୍କ କଥା ବିଚାର କରିବାକୁ ବସିଲେ ଚଳିବନି, ଆଧ୍ୟାତ୍ମିକ ରାଜ୍ୟରେ ବାସ୍ତବିକ ଆମେମାନେ ଅନେକେହିଁ ତ ବାଳକ ନୋହୁଁ କି !''— ଇତ୍ୟାଦି ।

ଜ୍ଞାନବାବୁଙ୍କ ଭଗ୍ନୀ, ଦମୟନ୍ତୀ କଥାର ରଚୟିତ୍ରୀ, ସତ୍ତୁର ମା' ଲେଖିକା ଚାରୁବାଳା ସରସ୍ୱତୀ । ଅତ୍ୟନ୍ତ ଶୋକାତୁରା— ଏକାମାତ୍ର କନ୍ୟାଶୋକରେ ହୃଦ୍‌ରୋଗଗ୍ରସ୍ତା । ଜ୍ଞାନବାବୁ କହିଲେ, ତାଙ୍କ ଭାଗିନେୟୀ ତା'ର ମା'କୁ ଯା' କହି ଡ଼ାକୁଥିଲା (ଅର୍ଥାତ୍ ସାଧାରଣତଃ ଲୋକେ ଯେପରି ମା' ବୋଲି ଡ଼ାକନ୍ତି ତା' ନୁହେଁ) ଠାକୁର ତାଙ୍କୁ ପ୍ରଥମ ଦର୍ଶନରେହିଁ ତା'ହିଁ କହି ଡ଼ାକି ଉଠିଲେ ଏବଂ ସେ ଯେପରି କରି ନେଇ ଖାଉଥିଲା ସେପରି କରି ଖାଦ୍ୟ ନେଇ ଖାଇବାକୁ ଲାଗିଲେ । ଏଥିରେ ସେମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି ଏବଂ ଶୋକାତୁରା ଶ୍ରୀଶ୍ରୀଠାକୁରଙ୍କଠାରେ ଅତିମାତ୍ର ଭକ୍ତିମତୀ ହୋଇଛନ୍ତି ଏବଂ ତାଙ୍କର ଅନେକଟା ସାନ୍ତ୍ୱନା ଆସିଛି । *(କ୍ରମଶଃ)*

ଯେ ସମୟେ ଧରିଲୁ ଯେ କାମ
କରିଲୁ ଯେବେ ନିଷ୍ପାଦନ,
ଏହାରି ମଝିରେ ଯେତିକି ସମୟ
ଦକ୍ଷତାର ତା'ହିଁ ପରିମାପଣ;
କାର୍ଯ୍ୟ ଧରିବା ଆଉ ନିଷ୍ପାଦନର
ଯେତେଟିକେ ଫାଙ୍କ ମଝିରେ,
ଦକ୍ଷ ତୁମେ ସେଇପରି
କୃତିରାଗହିଁ ସେପରି ଭାବରେ । ୮୧ ।

*(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

*ପରମଦୟାଲ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ*

# ଇସଲାମ ପ୍ରସଙ୍ଗ

*ପ୍ରଶ୍ନକର୍ତ୍ତା* – **ମହମ୍ମଦ ଖଲିଲର ରହମାନ**

**ଓ ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ, ଏମ.ଏ**

*(ପୂର୍ବପ୍ରକାଶିତ ଉତ୍ତାରୁ........)*

ତେଣୁ, ମୋର ମନେହୁଏ— ଯେଉଁଠାରେ ଏହିଭଳି ଉନ୍ନତ-ଚଳନାର ବାଧା, ଅପମାନ ଓ ବିରୁଦ୍ଧଭାବ ରହିଛି, ସେଠାରେ ହଜରତ-ପ୍ରାଣତା କୌଣସିମତେହିଁ ନାହିଁ ! ଅନ୍ୟର ଜୀବନ ଓ ବୃଦ୍ଧିକୁ କ୍ଷୁର୍ଣ୍ଣ କରି ନିଜର ଜୀବନକୁ ପୋଷଣ କରିବାର ବିଧି ହଜରତ-ବିଧିରେ କୋଉଠିବି ନିବଦ୍ଧ ନାହିଁ ! ତେଣୁ, ତତ୍‌କ୍ଷଣାତ୍ ସନ୍ଦେହ କରାଯାଇପାରେ— ହଜରତଙ୍କ ନାମ ଭଣ୍ଡେଇ ଶୟତାନହିଁ ସେଠାରେ ବସବାସ କରୁଛି ! ଶୟତାନ ଯେଉଁଠାରେ, ସେଠାରେ ଶାନ୍ତି ଓ ଅନୁତାପ ନ ଗଲେ କ'ଣ କେବେବି ଶାନ୍ତି ଆସିଛି ? ତେଣୁ, ନମାଜ, ସନ୍ଧ୍ୟା-ପ୍ରାର୍ଥନା ପ୍ରିୟପରମପ୍ରାଣତାର ଭିତର ଦେଇ ଯେତେବେଳେ ଜୀବନ୍ତ ଓ ଚଳନ୍ତ ହୋଇଉଠେ, ସେତେବେଳେ ତା' ଯେ କି ମଙ୍ଗଳ-ସାଧନ କରି ନପାରେ ତା' କହି ହୁଏନା ।

ଆଉ ଗୀତ-ବାଜା ଯେ କରିବା ଉଚିତ୍ ନୁହେଁ ସେଠାରେ କାହିଁକି, ତା' ତ ପୂର୍ବେହିଁ କହିଛି । ପୁଣି ପ୍ରାର୍ଥନା କରିବା, ଗୀତ-ବାଜା,— ଇଷ୍ଟପ୍ରାଣଭାବମୁଖର-ନୃତ୍ୟଗୀତ-ସମନ୍ୱିତ, ମଣିଷର ଜୀବନ ଓ ବୃଦ୍ଧିର ଉନ୍ନତିକର ସ୍ତୁତି-କୀର୍ତ୍ତନକୁ ଯେ ଇସଲାମ ଅପବାଦ କରେ, ବିରୋଧର ସୃଷ୍ଟି କରି ନିଷ୍ପେଷିତ କରିବାକୁ ଚାହେଁ— ଏ ନିଦେଶବି ଯେ ଇସ୍‌ଲାମର ପ୍ରତୀକ ହଜରତ ରସୁଲଙ୍କର ନୁହେଁ, ଏକଥା ଗୋଟେ ବାକ୍ୟରେହିଁ କୁହାଯାଇପାରେ ! ତାତ୍ପର୍ଯ୍ୟ-ବୋଧରେ ହଜରତ ରସୁଲଙ୍କର ବାଣୀଗୁଡ଼ିକ ତନ୍ନ-ତନ୍ନ କରି ଖୋଜିଲେହିଁ ଦେଖି ପାରିବେ ! ପ୍ରିୟପରମ ଯେଉଁମାନେ, prophet ଯେଉଁମାନେ— ସେମାନଙ୍କର ତସ୍‌ବୀର ଯଦି କୌଣସିକ୍ରମେ ଅମର୍ଯ୍ୟାଦାରେ ଦୁଃସ୍ଥ ହୋଇଉଠେ ମଣିଷ ନିକଟରେ, ତା'ହେଲେ ମଣିଷ ସେମାନଙ୍କ ପ୍ରତି ତାଚ୍ଛିଲ୍ୟ-ବୁଦ୍ଧିଯୁକ୍ତ ହୋଇ, ସେମାନଙ୍କର ନିଦେଶଗୁଡ଼ିକୁ ମାନି ଜୀବନ-ଚଳନାକୁ ଉନ୍ନତ କରିପାରିବନି ବୋଲି ହିଁ ପ୍ରିୟପରମମାନଙ୍କର ତସ୍‌ବୀର ନ ରଖିବାକୁ ରସୁଲ ଏହିଭଳିଭାବେ ନିଦେଶ ଜାରି କରି ଯାଇଛନ୍ତି । ଭାବି ଦେଖନ୍ତୁ, ତା' ମାନବଜାତିର କେତେ ମଙ୍ଗଳ ପାଇଁ ! ଆଉ ସେହି ତସ୍‌ବୀର— ଯେଉଁ ତସ୍‌ବୀର ପୁଣ୍ୟର ସ୍ମାରକ ନୁହେଁ, ପବିତ୍ର ସ୍ମୃତିର ଉଦ୍ରେକ କରି ମଣିଷକୁ ମହାନଙ୍କ ପୂଜାରୀ କରି ତୋଳେନା, ସେ ତସ୍‌ବୀର ମଣିଷର ଆତ୍ମେନ୍ଦ୍ରିୟ-ପୂଜାର ଉଦ୍‌ବୋଧନା ଜଗେଇ ବଞ୍ଚିବା-ବଢ଼ିବାର ଉପଢ଼ୌକନରେ ପୁରୁଷୋତ୍ତମଙ୍କୁ ସାର୍ଥକ ହେବାର ଅନୁରାଗ-ଦୀପ୍ତିକୁ ଆଚ୍ଛନ୍ନ କରି ଆତ୍ମେନ୍ଦ୍ରିୟ-ପ୍ରୀତିପ୍ରାଣ କରିତୋଳେ— ତା'ହିଁ ହାରାମ । ଉନ୍ନତି-ପଥର ପଥିକ ନିକଟରେ ତା'ହିଁ ହେଉଛି ଦର୍ଶନ-ସ୍ପର୍ଶର ଅଯୋଗ୍ୟ । ମୋର ମନେହୁଏ, ସେଇଭଳି ତସ୍‌ବୀରକୁ ଲକ୍ଷ୍ୟ କରିହିଁ ପୁଣ୍ୟଶ୍ଳୋକ ପୁରୁଷୋତ୍ତମ ହଜରତ ରସୁଲ ମଣିଷକୁ ହୁଏତ କହି ଥିବେ— ତୁମେମାନେ ଏହିଭଳି ତସ୍‌ବୀରଗୁଡ଼ିକୁ ହାରାମ ବୋଲି ଉପେକ୍ଷା କର, ତୁମମାନଙ୍କର ଦୃଷ୍ଟିକୁ ସେଗୁଡ଼ିକର ସ୍ପର୍ଶରୁ ରକ୍ଷା କରି ଚାଲ ।

କୋର-ଆଣରେ କାଳେ ଏହାବି ଅଛି— ଆଲ୍ଲାଙ୍କ ସମ୍ମତିକ୍ରମେ Solomon ଛବି ଓ ମୂର୍ତ୍ତି ବ୍ୟବହାର କରିଥିଲେ । ଆହୁରି ମୁଁ ଶୁଣିଛି, ତସ୍‌ବୀରବାଲା ଉପାଧାନାଦି ବ୍ୟବହାର କରିବାକୁ ହଜରତ ରସୁଲ କୌଣସି ଆପତ୍ତିହିଁ ଉତ୍ଥାପନ କରିନାହାଁନ୍ତି । ଆଉ, ଏହିଭଳି ଶୁଣି ମୋର ମନେହୁଏ, ତସ୍‌ବୀର ମାତ୍ରେହିଁ ଯେ ତାଙ୍କର ଅବଜ୍ଞା ଥିଲା ଏହିଭଳି ଉକ୍ତି ଯେ ଯଥାର୍ଥ— ଏଇଟା କିନ୍ତୁ ବ୍ୟାପାର ନୁହେଁ । ଆଉ, ସିଏ ଖରାପ ଜାଣିବି ତା' ବ୍ୟବହାର କରିଛନ୍ତି— ଏକଥା ଭାବିବାବି ମୋ ପକ୍ଷେ ନିତାନ୍ତ ବେଇମାନୀ ବୋଲି ବ୍ୟଥା ଲାଗେ ।

ପ୍ରଶ୍ନ— ଇସଲାମ-ଧର୍ମଗଣ ହଜରତ ମହମ୍ମଦଙ୍କ ଅଧୀନରେ ଦେଖୁ ଦେଖୁ ଗୋଟେ ବିରାଟ ଯୋଦ୍ଧୃଜାତିରେ ପରିଣତ ହେଲେ ! ଅନ୍ୟ କୌଣସି ଧର୍ମରେହିଁ ତ ଏହିଭଳି ଯୁଦ୍ଧ କରିବାର ଦେଖାଯାଏନା ? ଧର୍ମ ସଙ୍ଗେ ଯୁଦ୍ଧ, ଆଉ ଦେଶଜୟ— କିପରି ବେଖାପ୍ପା ବୋଲି ମନେହୁଏନା କି ?

ଶ୍ରୀଶ୍ରୀଠାକୁର— ସେବାକର୍ମରେ ବାସ୍ତବତାକୁ ନିୟନ୍ତ୍ରଣ କରି, ଜୀବନରେ ଯେଉଁଠାରେ ଇଷ୍ଟସ୍ୱାର୍ଥ ଓ ପ୍ରତିଷ୍ଠାକୁ ଉଚ୍ଛଳ କରି ତୋଳିବାର ଆକୂତି ମଣିଷକୁ ସମ୍ବେଗଶାଳୀ ଉଦ୍‌ବୁଦ୍ଧ କରିତୋଳେ— କୃତ-କାର୍ଯ୍ୟତାରେ କୃତାର୍ଥ ହେବା ସେଠାରେ ନିୟତହିଁ ଯେ ଅଭିନନ୍ଦିତ ହୋଇ, ପ୍ରିୟ-ପରମଙ୍କର ଯା'କିଛି ଇଚ୍ଛା ଜୀବନରେ ଫୁଟି ଉଠେ ତାଙ୍କର ପୂଜାର ସମ୍ଭାରବାହୀ ହୋଇ, ପରିପୂରଣ ଓ ପୋଷଣରେ ତାଙ୍କୁ ତୃପ୍ତ ଓ ସନ୍ଦୀପ୍ତ କରି, ଶାନ୍ତିମୟ ଶକ୍ତିଶାଳୀ ଅନ୍ତଃକରଣର ଅଭିନିବେଶ କରି ମଣିଷକୁ ଜୀବନ, ଯଶ ଓ ବୃଦ୍ଧିରେ ଅମୃତ-ସଞ୍ଚାର କରିଦିଏ— ଏହା ଯେ ଅମୋଘ କଥା !

ଧର୍ମ ନାମରେ ଯୁଦ୍ଧ ଓ ଦେଶଜୟ ମାନେ ଏହା ବୁଝେ— ଯେଉଁମାନେ ଯବନ ଥିଲେ, ଯେଉଁମାନେ ମ୍ଳେଚ୍ଛ ଥିଲେ, ଯେଉଁମାନେ heathen, କାଫେର,— ବୃତ୍ତି-ସ୍ୱାର୍ଥପରାୟଣ, ମରଣ-ସଂସ୍କାରବାହୀ ହୋଇ ମଣିଷକୁ ତା'ରହିଁ ସଂକ୍ରମଣରେ ଦୁର୍ବଳ, ମରଣସମ୍ବେଗୀ କରି ତୋଳୁଥିଲେ ଯେଉଁମାନେ, ଯୁଦ୍ଧ କରିବାକୁ ହୋଇଥିଲା ସେମାନଙ୍କରହିଁ ବିରୁଦ୍ଧରେ— ସେମାନଙ୍କୁ ଅବନତ କରି ଜୀବନ ଓ ବୃଦ୍ଧିର ଅମୃତ-ସଂବାଦ ଶୁଣାଇ ଉଦ୍‌ବୁଦ୍ଧ-ଉଦ୍ଦୀପ୍ତ କରି ସେଇ ଆକୂତିରେ ଜ୍ୱଳନ୍ତ ଓ ବାସ୍ତବ କରି ତୋଳିବାକୁ ! ଆଉ ଏଇଟା ଯେଉଁଠାରେ ସହଜରେ ହୋଇ ନାହିଁ, ଜୀବନ ଓ ବୃଦ୍ଧିର ଅମୃତବାହୀ ସଂବାଦ ଯେଉଁଠାରେ ବାଧାପ୍ରାପ୍ତ ହୋଇଛି ବିକୃତି ଓ ବ୍ୟଭିଚାରାକ୍ରାନ୍ତ ହୋଇ— ସେମାନଙ୍କୁ ବଞ୍ଚାଇବାକୁ, ଜୀବନ-ବୃଦ୍ଧିର ଅମୃତବାହୀ ସଂବାଦକୁ ନିର୍ବାଧ ଓ ଚଳନଶୀଳ କରି ତୋଳି ମଣିଷର ବୃତ୍ତି-ପ୍ରପୀଡ଼ିତ ଭାରାକ୍ରାନ୍ତ ହୃଦୟକୁ ଅମୃତସିକ୍ତ କରିବାକୁହିଁ କୋଉଠି କୋଉଠି ହୁଏତ ଏହିଭଳି କରିବାକୁ ହୋଇଥିଲା— ତା'ବି ସେଗୁଡ଼ିକ ନିତାନ୍ତହିଁ ଅପାରତପକ୍ଷେ । ଯେଉଁଠାରେ ଏହିଭଳି ନ କରି ସେମାନେ ଅନ୍ୟ କୌଣସି ପଥହିଁ ପାଇ ନଥିଲେ, ସେଠାରେହିଁ ହୁଏତ ଯୁଦ୍ଧବିଗ୍ରହର ଭିତର ଦେଇ ସେଇ ଧର୍ମବାର୍ତ୍ତାକୁ ବହନ କରି ଲୋକ-ଅନ୍ତରରେ ପ୍ରତିଷ୍ଠା କରିବାକୁ ହୋଇଥିଲା ।

ଏହିଭଳି ଆହୁରି ଅନେକେହିଁ ତ କରିଥିଲେ— ଯେଉଁଭଳି ଭଗବାନ୍ ଶ୍ରୀକୃଷ୍ଣ । ପ୍ରାଣପଣେ ଚେଷ୍ଟା କରିବି ଯେତେବେଳେ ସେମାନଙ୍କର ଉଦ୍ଦାମବୃତ୍ତି-ସଂକ୍ଷୁବ୍ଧ, ଦ୍ୱନ୍ଦ୍ୱ-ବିରୋଧ-ବିଚ୍ଛେଦପୂର୍ଣ୍ଣ, ବୃତ୍ତିସ୍ୱାର୍ଥ-ପରାୟଣ ଅହଙ୍କାରକୁ ପ୍ରଶମନ କରି ପାରିଲେନି, ସେତେବେଳେ ନିଜେ ସେମାନଙ୍କର ପ୍ରତି-ପ୍ରତ୍ୟେକଙ୍କର କିଛି କହିବାର ବା ଅବଶୋଷ କରିବାର କୌଣସିପ୍ରକାର କିଛି ନଥାଏ ଏହିଭଳିଭାବେ ତାଙ୍କର ଯା'କିଛି ଶ୍ରମ, ବୁଦ୍ଧି, ବିବେଚନା ଖଟେଇ ସମସ୍ତଙ୍କର ସମ୍ମତିର ଭିତର ଦେଇ ଯୁଦ୍ଧ-ବିଗ୍ରହରେ ନିଜକୁ ନିୟୋଗ କରି, ସାରଥିତ୍ୱର ଭିତର ଦେଇ ଯା'କିଛି ସବୁ ପ୍ରଶମନ କରି ଏହିଭଳି ଧର୍ମ ଓ ଶାନ୍ତିରାଜ୍ୟ ସ୍ଥାପନ କରିଥିଲେ— ଯେଉଁଥିରେ କି ଏହି ଭାରତବର୍ଷକୁ ହଜାର ହଜାର ବର୍ଷ ଭିତରେବି କାହାର ଆକ୍ରମଣ କରିବାର ସାହସ ଓ ପ୍ରବୃତ୍ତି ଘଟି ଉଠିନି; ଆଉ, ସେତେବେଳକାର Pre-Buddhist touristମାନଙ୍କର reportରେ କାଳେ ଏହିଭଳି ଦେଖିବାକୁ ମିଳେ— ଭାରତବର୍ଷ ମହା-ସମୃଦ୍ଧିଶାଳୀ, highly-educated, ନିର୍ବାଧ ଓ ପରସ୍ପର-ନିର୍ବିରୋଧଶୀଳ ଜୀବନ ଓ ବୃଦ୍ଧିର ସଙ୍ଗତିସମ୍ପନ୍ନ ହୋଇ ଦୁନିଆ ସମକ୍ଷରେ ଠିଆ ହୋଇଥିଲେ ! ତା'ହେଲେହିଁ ବୁଝି ଦେଖନ୍ତୁ, ସେଇ ଯୁଦ୍ଧବିଗ୍ରହର ଭିତର ଦେଇ— ଯଦିଓ ବାଧ୍ୟ ହୋଇବି କରିବାକୁ ହୋଇଥିଲା— ଜୀବନବୃଦ୍ଧିର ଅମୃତସଞ୍ଚାରୀ ସଂବାଦକୁ ବହନ କରି, ଲୋକ-ଜୀବନକୁ କର୍ମର ଭିତର ଦେଇ ବାସ୍ତବତାରେ ପରିଣତ କରି ପ୍ରତି-ପ୍ରତ୍ୟେକଙ୍କୁ ଯା' କରି ତୋଳିଥିଲେ— ତା' ଭଲହିଁ କରିଥିଲେ, ନା ମନ୍ଦହିଁ କରିଥିଲେ ? ଇସଲାମ-ଧର୍ମୀ ହଜରତ ମହମ୍ମଦଙ୍କରବି ସେଇସବୁ ବ୍ୟାପାର— ମୋର ଏହିଭଳି ମନେହୁଏ ।

ତେଣୁ, ମୋର ମନେହୁଏ, ଯୁଦ୍ଧବିଗ୍ରହାଦିର ଅନ୍ତର୍ନିହିତ ଉଦ୍ଦେଶ୍ୟ, ବ୍ୟବହାର ଓ କର୍ମ— ଯେଉଁମାନଙ୍କ ସଙ୍ଗେ ଯୁଦ୍ଧବିଗ୍ରହାଦିରେ ଲିପ୍ତ ହେବା ହେଉଛି ସେମାନଙ୍କର ବି ଜୀବନ-ବୃଦ୍ଧିର ଆକୁଳ ଉଦ୍‌ଗ୍ରୀବତାକୁ ଅମୃତବାହୀ କରି, କର୍ମରେ ବାସ୍ତବତାରେ ସେମାନଙ୍କୁ ପୂରଣୀୟ ଓ ପ୍ରତି-ପ୍ରତ୍ୟେକର ପୋଷଣୀୟ କରିବାର ବିହିତ ବ୍ୟବସ୍ଥା ଓ କର୍ମ-ଯୋଜନା ଯଦି ନ ଥାଏ— ଗୋଟେ କଥାରେ ତା' ଯଦି ବାସ୍ତବପକ୍ଷେ ଉନ୍ନତି-ସଞ୍ଚରଣଶୀଳ ନ ହୋଇଉଠେ ସେବା, ସହାନୁଭୂତି ଓ ସାହଚର୍ଯ୍ୟର ଭିତର ଦେଇ,— ତେବେ ସେ ଯୁଦ୍ଧବିଗ୍ରହ ଯେ ଆହୁରି ମରଣକୁ ଆମନ୍ତ୍ରଣ କରେ, ସେ ବିଷୟରେ ତ କୌଣସି ସନ୍ଦେହ ହିଁ ନାହିଁ !

(କ୍ରମଶଃ)

ସ୍ଥାନ-କାଳ-ପାତ୍ର
ଆଉ ପରିବେଶ,
ଦେଖି-ଶୁଣି-ଭାବି ବୁଝିଣ ବିଶେଷ,
କର, କୁହ ଆଉ ସେପରି ଚଳ,
ସ୍ମରଣରେ ରଖି ଇଷ୍ଟ-ନିଦେଶ । ୧୪୮ ।

(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)

পরম-পুরুষোত্তম শ্রীশ্রীঠাকুর অনুকূলচন্দ্রঙ্ক সহিত কথোপকথন

# ପ୍ରଭୁଳଦାସ୍ଥି

ସଂକଳୟିତା — ଶ୍ରୀ ମଣିଲାଲ ଚକ୍ରବର୍ତ୍ତୀ

(ପୂର୍ବପ୍ରକାଶିତ ଉତ୍ତାରୁ........)

ସକାଳ ୮ଟା ୪୫ମିଃ. । ବିହାରର କୃଷି ମନ୍ତ୍ରୀ ଶ୍ରୀରୁଦ୍ରପ୍ରତାପ ସାରଙ୍ଗୀଙ୍କୁ ନେଇ ହରିବଲ୍ଲଭ ନାରାୟଣଭାଇ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଆସିଲେ ।

ହରିବଲ୍ଲଭଭାଇ ତାଙ୍କୁ ଶ୍ରୀଶ୍ରୀଠାକୁରଙ୍କ ସହିତ ପରିଚୟ କରାଇ ଦେଲେ ଏବଂ କହିଲେ — ସିଏ ଆପଣଙ୍କ ଦର୍ଶନ କରିବାକୁ ଆସିଛନ୍ତି ।

ଶ୍ରୀଶ୍ରୀଠାକୁର — ମୋର ମହାଭାଗ୍ୟ ।

ମନ୍ତ୍ରୀମହୋଦୟ — ଆମମାନଙ୍କର ମହାଭାଗ୍ୟ ଆପଣଙ୍କ ଦର୍ଶନ କରିବା ।

ହରିବଲ୍ଲଭଭାଇ — ଆସ୍ମମାନଙ୍କର ୟୁନିଭରସିଟିର ଜମି ସଂଗ୍ରହ କଥା ମନ୍ତ୍ରୀମହୋଦୟଙ୍କୁ ଜଣାଇଲି । ଯେପରି ହୁଏ ସେଇ ବ୍ୟବସ୍ଥା ପାଇଁ ଜଣାଇଲି ।

ମନ୍ତ୍ରୀମହୋଦୟ — ସେଇଟା ହୋଇଯିବ, ଏତେ ଭଲ ଜିନିଷ ଆପଣମାନେ କରିବାକୁ ଯାଉଛନ୍ତି, ସେଇଟା (ଜମି) ହେବାକୁ ଏତେ ଡେ଼ରି ହେଉଛି ଦେଖି ମୋତେ ଦୁଃଖ ଲାଗିଲା ।

ଶ୍ରୀଶ୍ରୀଠାକୁର — ସେମାନେ ଆପଣଙ୍କୁ ପାଇଲେ । ଖୁବ୍ ଭଲ ହେଲା ।

ମନ୍ତ୍ରୀମହୋଦୟ — ଏତେ ବାଧା ଯଦି ଆସେ ସେଇଟା ଆମମାନଙ୍କର ଦୁର୍ଭାଗ୍ୟ । ହୋଇଯିବ ଏସ.ଡ଼ି.ଓଙ୍କୁ ମୁଁ ନିଜେ ଯାଇ କହିବି ଯେପରି ଜମିଟା ହୁଏ ।

ହରିବଲ୍ଲଭଭାଇ — ରୁଦ୍ରପ୍ରତାପବାବୁ ଖୁବ୍ honest (ସତ୍) ବୋଲି ତାଙ୍କର ଖୁବ୍ ନାମ ଓ ସମ୍ମାନ ଅଛି ।

ଶ୍ରୀଶ୍ରୀଠାକୁର — ସେଇଗୁଡ଼ିକ ତ ସମ୍ବଳ । ଟଙ୍କା ସମ୍ବଳ ନୁହେଁ ।

ସେଇସବୁ ଗୁଣଗୁଡ଼ିକ ମଧ୍ୟରେ ମନୁଷ୍ୟତ୍ୱ ଥାଏ । ଦେଖୁ ଦେଖୁ ମଣିଷ ବଡ଼ ହୋଇଉଠେ ।

ମନ୍ତ୍ରୀମହୋଦୟ — ଆଗେ ମୁଁ ଜମିଟା ଯେପରି ହୁଏ ତା'ର ବ୍ୟବସ୍ଥା କରିଦିଏ । ଏଇଟା ଆମମାନଙ୍କର ନିଜ ଜିନିଷ । ସମସ୍ତେ ଉପକୃତ ହେବେ । କରିବାହିଁ ଦରକାର ।

ଦେବୀଭାଇ — ସିଏ ଖୁବ୍ ଆଶା ଦେଇଛନ୍ତି ।

ଶ୍ରୀଶ୍ରୀଠାକୁର — ଆଶା ମୂର୍ତ୍ତ ହୁଏ activity (କର୍ମ) ଦ୍ୱାରା । ତେଣୁ କହେ 'କରିବାହିଁ ପାଇବାର ଜନନୀ' ।

ମନ୍ତ୍ରୀମହୋଦୟ — ମୁଁ ଆପଣଙ୍କର ଗୋଟେ ଚିହ୍ନ ଚାହେଁ । ଗୋଟେ ଲାଠି ପ୍ରାର୍ଥନା କରେ ।

ଶ୍ରୀଶ୍ରୀଠାକୁର — ନେଇ ଆସ (ଜନୈକ ଭାଇଙ୍କୁ) ।

ମନ୍ତ୍ରୀମହୋଦୟଙ୍କ ସଙ୍ଗେ ଜଣେ ପ୍ରେସ ରିପୋର୍ଟରବି ଥିଲେ । ଦୁଇଟି ଲାଠି ଅଣାଗଲା ।

ଶ୍ରୀଶ୍ରୀଠାକୁର ଦୁଇଜଣଙ୍କୁ ଦୁଇଟି ଲାଠି ଦେଲେ ।

ମନ୍ତ୍ରୀମହୋଦୟ ଖୁବ୍ ଖୁସି ହେଲେ । ପ୍ରଣାମ କରି କହିଲେ — ଜମି ରେଜିଷ୍ଟ୍ରେଶନ ହୋଇ ଯାଉ । ତା'ପରେ ପୁଣି ଆସିବି । ଜମି ରେଜିଷ୍ଟ୍ରେଶନ ନ ହେବା ଅବଧି ଆଉ ଆସିବିନି ।

ସେମାନେ ଉଭୟେ ଚାଲିଗଲେ ।

କାମ ସମୟରେ ଦରଦ ନିଶାରେ
ସତର୍କ ରହି ସାହାଯ୍ୟ କରିବା,
ଅନୁକମ୍ପାରହିଁ ଲକ୍ଷଣ ସେଇଟା
ପ୍ରୀତିବି ଥାଏ ସେଥିରେ ଧରା । ୧୩୩ ।
(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)

ଶ୍ରୀଶ୍ରୀଠାକୁର ଉଠି ବାଥରୁମ ଗଲେ । ତାଙ୍କର ସ୍ନାନାହାରର ବ୍ୟବସ୍ଥା ଚାଲିଲା ।

## କାର୍ତ୍ତିକ-୨୪, ଶନିବାର, ୧୩୭୪ସାଲ (ଇଂ-ତା୧୧।୧୧।୧୯୬୭)

ଶ୍ରୀଶ୍ରୀଠାକୁର ସକାଳବେଳା ପାର୍ଲରରେ ଉପବିଷ୍ଟ ଅଛନ୍ତି । ପୂଜ୍ୟପାଦ ବଡ଼ଦା ନିତ୍ୟଦିନଭଳି ଆଜିବି ଠାକୁରବାଡ଼ି ଆସିଲେ । ସିଏ ଆସି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ବସିଲେ ।

ଆଗ୍ରାର ଦୟାଲବାଗରୁ ଜଣୈକା ମା' ଆଉ ଜଣେ-ଦୁଇଜଣ ଆଶ୍ରମ ପରିଦର୍ଶନରେ ଆସିଛନ୍ତି । ସେଇ ମା'ଟି ଦୟାଲବାଗ ସତ୍‌ସଙ୍ଗର ଦୀକ୍ଷିତା ।

ଶ୍ରୀଶ୍ରୀଠାକୁର ଜଣୈକ ଭାଇଙ୍କୁ ସେଇ ମା'ଙ୍କୁ ଆଶ୍ରମ ବୁଲାଇ ଦେଖାଇବାକୁ କହିଲେ ଏବଂ କିଛି ଜଳଯୋଗର ବ୍ୟବସ୍ଥା କରିଦେବାକୁ କହିଲେ ।

ସେଇ ମା'ଟି ଓ ତାଙ୍କ ସଙ୍ଗେ ଥିବା ଲୋକମାନେ ଉକ୍ତ ଭାଇଟି ସଙ୍ଗେ ଆଶ୍ରମ ପରିଦର୍ଶନରେ ଗଲେ ।

## କାର୍ତ୍ତିକ-୨୬, ସୋମବାର, ବଂ-୧୩୭୪ (ଇଂ-ତା୧୩।୧୧।୧୯୬୭)

ସକାଳବେଳା ସାଢ଼େ ତିନିଟା ବେଳେ ଶ୍ରୀଶ୍ରୀଠାକୁର ପାର୍ଲରରେ ଉପବିଷ୍ଟ ଅଛନ୍ତି ।

ଶ୍ରୀଶ୍ରୀଠାକୁର ସକାଳବେଳା ପ୍ରାର୍ଥନା ପରେ ଥରେ ବାଥରୁମ ଗଲେ ।

ପୂଜ୍ୟପାଦ ବଡ଼ଦା ଆସି ବସିଛନ୍ତି ।

ଶ୍ରୀଶ୍ରୀଠାକୁର— ମୋର ଛାତିରେ କିପରି ବ୍ୟଥା ହେଉଛି, ଦୌଡ଼ିଲେ ଯେପରି ହୁଏ ସେପରି ଧପ୍ ଧପ୍ କରୁଛି । ଅନେକଟା anxiety (ଉଦ୍‌ବିଗ୍ନ) ହେଲେ ଯେପରି ହୁଏ ସେପରିଟା ମନେହେଉଛି ।

ପୂଜ୍ୟପାଦ ବଡ଼ଦା ପ୍ୟାରୀଭାଇଙ୍କୁ (ଡ଼ାକ୍ତର ପ୍ୟାରୀମୋହନ ନନ୍ଦୀ) ଡ଼ାକି କହିଲେ— ବାବାଙ୍କ ଛାତିରେ ଅସ୍ୱସ୍ତି ଲାଗୁଛି । ଦେଖନ୍ତୁ ତ ଭଲ କରି ।

ପ୍ୟାରୀଭାଇ ଷ୍ଟେଥିସ୍କୋପ ଦେଇ ଶ୍ରୀଶ୍ରୀଠାକୁରଙ୍କ ଛାତି, ପିଠି ସବୁ ଦେଖିଲେ । ତା'ପରେ ଶ୍ରୀଶ୍ରୀଠାକୁରଙ୍କୁ ଏକ ଡ଼ୋଜ 'ଭେଲଲ୍' ଦେଲେ ଆଉ କହିଲେ— ଟିକେ ପରେ ଠିକ୍ ହୋଇଯିବ ।

ବଡ଼ଦା କିଛିକ୍ଷଣ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ବସିଲେ । ଶ୍ରୀଶ୍ରୀଠାକୁର ତମାଖୁ ଖାଉଛନ୍ତି । ଶ୍ରୀଶ୍ରୀଠାକୁରଙ୍କୁ ଟିକେ ସ୍ୱସ୍ତି ଲାଗିବାରୁ ଯାଇ ସିଏ ଷୋଡ଼ଶୀଭବନକୁ ଗଲେ ।

## କାର୍ତ୍ତିକ-୨୭, ମଙ୍ଗଳବାର, ବଂ୧୩୭୪ (ଇଂ-ତା୧୪।୧୧।୬୭)

ସକାଳ ନଅଟା ସମୟରେ ଶ୍ରୀଶ୍ରୀଠାକୁର ପାର୍ଲରରେ ଉପବିଷ୍ଟ । ଭକ୍ତବୃନ୍ଦ ତାଙ୍କୁ ପରିବେଷ୍ଟିତ କରି ଅଛନ୍ତି । ଶ୍ରୀଶ୍ରୀଠାକୁର ସହାସ୍ୟବଦନରେ ସମସ୍ତଙ୍କର ଖୋଜଖବର ନେଉଛନ୍ତି ।

ଏପରି ସମୟରେ କଲିକତାରୁ ପାଞ୍ଚଜଣ ଭାଇ ଆସିଲେ । ବିଶ୍ୱନାଥ ଘୋଷ, କମଳ ଭଣ୍ଡାରୀ, ଜିତେନ ରାୟ, ଅଣ୍ଟୁ, ସୁରେଶ ସାନ୍ୟାଲ । ସେମାନେ ସମସ୍ତେ ଆସି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରିଲେ ।

ସୁରେଶ ସାନ୍ୟାଲଭାଇ କହିଲେ— ଆମେମାନେ ପାଞ୍ଚଜଣ କଲିକତାରୁ 'ମୋଟର ବାଇକ' କରି ଆପଣଙ୍କ ଦର୍ଶନରେ ଆସିଛୁ ।

ଶ୍ରୀଶ୍ରୀଠାକୁର— ତୁମମାନଙ୍କୁ ଦେଖିଲି । ମୋତେ ଖୁବ୍ ଶାନ୍ତି ଲାଗିଲା ।

ସୁରେଶଭାଇ— ଆମେମାନେ ସତୁଭାଇଙ୍କର (ସତୁ ସାନ୍ୟାଲ) ଖୁବ୍ ପ୍ରିୟ । ତାଙ୍କୁ ଆମେମାନେ ଖୁବ୍ ଭଲପାଉ । ଆପଣଙ୍କ ଗପ ଆମମାନଙ୍କ ନିକଟରେ ଖୁବ୍ କରନ୍ତି । ସିଏ ଆପଣଙ୍କୁ ଦର୍ଶନ କରିବା କଥା ବାରମ୍ବାର କହିଛନ୍ତି ।

ଶ୍ରୀଶ୍ରୀଠାକୁର— ଖୁବ୍ ଭଲ ।

ସୁରେଶ ସାନ୍ୟାଲଭାଇ— ଆମେମାନେ ଶଲପର ସାନ୍ୟାଲ । ନିଜ ଦେଶରେ ଆମମାନଙ୍କର ଖୁବ୍ ନାଁ ଥିଲା । ଏବେ ଏ ଦେଶରେ ଅଛୁ ।

ଶ୍ରୀଶ୍ରୀଠାକୁର— ସବୁ ଦଙ୍ଗଲ ବାନ୍ଧି ପୁଣି ସେଦେଶକୁ ଯିବାକୁ ପଡ଼ିବ । ଚେଷ୍ଟା କର ।

ସୁରେଶଭାଇ— ଆପଣଙ୍କ ଆଶୀର୍ବାଦ । ଆମେମାନେ

> ସମାଧାନୀ ପ୍ରବୃତ୍ତି ନେଇ
> ପ୍ରବୃତ୍ତହିଁ ଯଦି ହୋଇ ରହିବୁ,
> ସେଇ ଆଗ୍ରହ-ଧୃତି-ତପାରେ
> କର୍ମେ ମୁଖ୍ୟ କରି ରଖିବୁ । ୧୩୨ ।
> *(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

ଆଜି ଫେରିବୁ ।

ଶ୍ରୀଶ୍ରୀଠାକୁର— ଖାଇ ଦେଇ ଯାଅ ।

ସୁରେଶଭାଇ— ପ୍ରସାଦ ନେଇ ଯିବୁ ।

ସେମାନେ ପ୍ରଣାମ କରି ଚାଲି ଆସିଲେ ।

କମଳାକ୍ଷ ସରକାରଭାଇ ଭିଲାଇରୁ ଆସିଛନ୍ତି । ସିଏ ପକ୍ଷାଘାତ ଭୋଗୁଛନ୍ତି । ଏଠାରେ କେଷ୍ଟଭାଇଙ୍କ ଘରେ ଉଠିଛନ୍ତି ।

ସିଏ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ବସିଛନ୍ତି । ସଙ୍ଗରେ ତାଙ୍କର ପରିବାର ଅଛନ୍ତି ।

ଶ୍ରୀଶ୍ରୀଠାକୁର କମଳାକ୍ଷଭାଇଙ୍କୁ କହିଲେ— ଶରୀର କିପରି ଅଛି ?

କମଳାକ୍ଷଭାଇ— ଟିକେ ଅସୁସ୍ଥ ହୋଇ ପଡ଼ିଲି । ଗତ ଶୁକ୍ରବାର ଦିନ ୧୩୦ତଳକୁ ବ୍ଲଡ଼ ପ୍ରେସର ଥିଲା । ଆଜି ଟିକେ ଭଲ ବୋଧ ହେଉଛି ।

ଶ୍ରୀଶ୍ରୀଠାକୁର— ଯା', ମୁଁ ଆପଣଙ୍କୁ ଦେଖିଲି । ମୋର ତୃପ୍ତି ହେଲା ।

କମଳାକ୍ଷଭାଇ— ଗୋଟେ ଦିଗ ଅବଶ ହୋଇଗଲା । କୌଣସିପ୍ରକାରେ ଚାଲିଛି ।

ଶ୍ରୀଶ୍ରୀଠାକୁର— ସଜନାଫୁଲ ରାନ୍ଧି ଖାଇବେ । ତା' ଭଲ ।

କମଳାକ୍ଷଭାଇ— ଆଜ୍ଞା । ଖାଇବି । କମ୍ବୁମାଳିନୀବି ଖାଉଛି ।

ଶ୍ରୀଶ୍ରୀଠାକୁର— ତା'ବି ଭଲ ।

ଗୌର ମଣ୍ଡଳଭାଇ ଆସି ପ୍ରଣାମ କରି ଠିଆ ହେଲେ ।

ଶ୍ରୀଶ୍ରୀଠାକୁର— କ'ଣ ରେ ? କ'ଣ ଖବର ?

ଗୌରଭାଇ— ଆଜ୍ଞା । ଏଠାରେ ଆମମାନଙ୍କର କାରଖାନାରେ ଗୋଟେ 'ମୋବାଇଲ କମୋଡ଼' ତିଆରି କରିଛି କ୍ଷେପୁଭାଇଙ୍କ ପାଇଁ । ଆପଣ ଦେଖିବେ ?

କମୋଡ଼ଟା ଅଣାଗଲା । ଶ୍ରୀଶ୍ରୀଠାକୁର ତା' ଦେଖି ଖୁବ୍ ଖୁସି ହୋଇ କହିଲେ— ଏଇଟା କ୍ଷେପୁକୁ (ଶ୍ରୀଶ୍ରୀଠାକୁରଙ୍କ ଅନୁଜ) ଦେଇ ଦେ । ଆଉ ମୋ ପାଇଁ ପାରିଲେ ଗୋଟେ କରିବୁ । ପଡ଼ିଆକୁ ଗଲେ ଲାଗେ ।

> ଆଗେହିଁ ଯା'ର କରିଲେ ମନ୍ଦ
> ତା'ରହିଁ ଭଲ କରିବ ଆଗେ,
> ଭଲ କରିବାର ଏହି ଚଳନରେ
> ପାପ ସ୍ଖଳନ ହୁଏ ଏପରି ରାଗେ । ୩୧ ।
> *(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

ଗୌରଭାଇ— ଆଜ୍ଞା ।

ଗୌରଭାଇ ପ୍ରଣାମ କରି ଚାଲିଗଲେ ।

## କାର୍ତ୍ତିକ-୨୮, ବୁଧବାର, ୧୩୭୪ସାଲ (ଇଂ-ତା୧୫।୧୧।୬୭)

ଉପରବେଳା ଶ୍ରୀଶ୍ରୀଠାକୁର ପାର୍ଲରରେ ଉପବିଷ୍ଟ ଅଛନ୍ତି । ଏବେ ସମୟ ପ୍ରାୟଃ ଚାରିଟା । ନିତ୍ୟହିଁ ପୂଜ୍ୟପାଦ ବଡ଼ଦା ଏ ସମୟରେ ଠାକୁରବାଡ଼ି ଆସନ୍ତି । କୋଉ କୋଉ ଦିନ ଟିକେ ଆଗରୁବି ଆସନ୍ତି । ସିଏ ଆସି ଶ୍ରୀଶ୍ରୀବଡ଼ମା'ଙ୍କ ଘରକୁ ଯାଆନ୍ତି ଏବଂ କିଛିକ୍ଷଣ ତାଙ୍କ ନିକଟରେ ବସି ତା'ପରେ ଶ୍ରୀଶ୍ରୀଠାକୁରଙ୍କ ଘରକୁ ଯାଇ ତାଙ୍କ ଚୌକି ପାଖରେ ମେଜରେ ଗୋଟେ ଆସନ ଉପରେ ବସନ୍ତି । ଶ୍ରୀଶ୍ରୀଠାକୁରଙ୍କ ସଙ୍ଗେ କଥାବାର୍ତ୍ତା କରନ୍ତି ।

ଆଜି ବଡ଼ଦା ଆସି ଆସନ ପରିଗ୍ରହ କରିବା ପରେ ଶ୍ରୀଶ୍ରୀଠାକୁର କଥାରେ କଥାରେ ବଡ଼ଦାଙ୍କୁ ପଚାରିଲେ— ବଡ଼ବୌ (ଶ୍ରୀଶ୍ରୀବଡ଼ମା') ତତେ ମାରିଥିଲା ?

ବଡ଼ଦା— ବେଶୀ ନୁହେଁ । ମା' ଗାଲ ଧରି ଟାଣୁଥିଲେ । କର୍ତ୍ତାମା' ଥିଲେ । ସେଥିପାଇଁ ପାରୁ ନଥିଲେ । କର୍ତ୍ତାମା'ଙ୍କୁ ଆସୁଥିବାର ଦେଖିଲେ ହିଁ ଛାଡ଼ି ଦେଉଥିଲେ । କର୍ତ୍ତାମା' ମତେ ଖୁବ୍ ଭଲପାଉଥିଲେ ।

ଶ୍ରୀଶ୍ରୀଠାକୁର— ମା'ଙ୍କର କ୍ଷମତା ଥିଲା ଖୁବ୍ ।

ବଡ଼ଦା— କର୍ତ୍ତମା'ଙ୍କ ବ୍ୟକ୍ତିତ୍ୱ ଥିଲା ଅସାଧାରଣ ।

ଶ୍ରୀଶ୍ରୀଠାକୁର— ଆଜି ଅନେକଦିନ ପରେ ଦିପହରେ ମୁଁ ଖୁବ୍ ଶୋଇଛି ।

ବଡ଼ଦା— ଶୋଇବା ତ ଭଲ । ଆଜିଠାରୁ ଆପଣଙ୍କୁ କବିରାଜି ଔଷଧ ଦିଆ ଯାଇଛି । ମଝିରେ ବେଶ୍ କିଛିଦିନ ବନ୍ଦ ଥିଲା । ଆଜିଠାରୁ ପୁଣି କବିରାଜି ଔଷଧହିଁ କେବଳ ଦିଆ ଯାଉଛି । କବିରାଜି ଔଷଧ ଖାଇଲେହିଁ ଆପଣ ଭଲ ରୁହନ୍ତି ।

କଥା ଚାଲିଛି ଏପରି ସମୟରେ ପୂଜ୍ୟପାଦ ଛୋଟଦା (ଶ୍ରୀବିବେକରଞ୍ଜନ ଚକ୍ରବର୍ତ୍ତୀ) ଆସି ପାର୍ଲରରେ ପ୍ରବେଶ କରିଲେ । ସିଏ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ମେଜରେ ଗୋଟେ ଆସନରେ ବସିଲେ ।

ଶ୍ରୀଶ୍ରୀଠାକୁର ଛୋଟଦାଙ୍କୁ କହିଲେ— ତୁ ଏବେ କ'ଣ କରୁଛୁ ?

ଛୋଟଦା— 'ଦି ବୁମିଂ ବ୍ଲେଜ' ବୋଲି ଗୋଟେ ଇଂରାଜୀ ପତ୍ରିକା ଆଉ 'ଧୃତିଦୀପା' ବୋଲି ବଙ୍ଗଳା ଗୋଟେ ମ୍ୟାଗାଜିନ ଚଳାଉଛି । ଭଲ ଲେଖା ମିଳେନା । ତଥାପି ଚାଲିଛି । *(କ୍ରମଶଃ)*

*ଯୁଗାଚାର୍ଯ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ସହିତ କଥୋପକଥନ*

# ଇଷ୍ଟପ୍ରସଙ୍ଗ

*ସଂକଳୟିତା*— **ଡଃ. ଶ୍ୟାମସୁନ୍ଦର ରକ୍ଷିତ,** ଏମ୍.ଏ., ପି.ଏଚ୍.ଡି.

*(ପୂର୍ବପ୍ରକାଶିତ ଉତ୍ତାରୁ........)*

## ଚୈତ୍ର-୨, ବୁଧବାର, ୧୩୯୪
## (ଇଂ-୧୬।୦୩।୧୯୮୮)

ଷୋଡ଼ଶୀଭବନର ହଲଘର । ସକାଳ ସାଢ଼େ ନ'ଟା । ଶ୍ରୀଶ୍ରୀପିତୃଦେବ ଚୌକିରେ ଉପବିଷ୍ଟ । ପୂଜନୀୟା ରାଙ୍ଗାମା' ସେଇ ଚୌକିର ଏକପ୍ରାନ୍ତରେ ବସିଛନ୍ତି । ପୂଜନୀୟା ବନ୍ଦନା ଦେବୀ (ସମ୍ପର୍କରେ ଶ୍ରୀଶ୍ରୀପିତୃଦେବଙ୍କ ପିୟୁସୀମା') ବସିଛନ୍ତି ସୋଫାରେ । ପୂଜ୍ୟପାଦ ବଡ଼ଦାଦା ଶ୍ରୀଶ୍ରୀପିତୃଦେବଙ୍କ ସମୀପରେ ଆସି ମେଜରେ ପକାଯାଇଥିବା ସତରଞ୍ଜିରେ ବସିଛନ୍ତି । ହଲଘରେ ଆଶୁଭାଇ (ଗାଙ୍ଗୁଲୀ), ରୋହିତୋଷ (ମୁହୁରୀ), କୃପାସିନ୍ଧୁ (ରକ୍ଷିତ) ଅଛନ୍ତି । ପୂଜ୍ୟପାଦ ବଡ଼ଦାଦାଙ୍କ ପଛେ ପଛେ ଅଜିତଭାଇ (ଗାଙ୍ଗୁଲୀ) ଓ କନ୍ୟା ମିନତି, ଧୀରେନଭାଇ (ମଲ୍ଲିକ) ପ୍ରମୁଖ ଆସି ବସିଲେ ।

ଶ୍ରୀଶ୍ରୀପିତୃଦେବ ମିନତି ଆଡ଼େ ଥରେ ଚାହିଁ ପୂଜ୍ୟପାଦ ବଡ଼ଦାଦାଙ୍କୁ କହିଲେ— ମିନତିର ଫୁଲା କମିଛି ।

ପୂଜ୍ୟପାଦ ବଡ଼ଦାଦା ଉତ୍ତର ଦେଲେ— 'ଆଜ୍ଞା' । ଅତଃପରେ କହିଲେ— ଏହି ରୋଗର ଗୋଟେ ଔଷଧ ପଢ଼ିଥିଲି— ଅତସୀର ଚେର ତିନିଖଣ୍ଡ କରି ଗୋଟେ ଖଣ୍ଡ ମୁଣ୍ଡର କେଶରେ, ଗୋଟେ ଗଳାରେ, ଗୋଟେ ଅଣ୍ଟାରେ ଧାରଣ କରିବାକୁ ହେବ । 'ପାରିବାରିକ ଚିକିତ୍ସା' ବହିରେ ପଢ଼ିଥିଲି ଖୁବ୍ ସମ୍ଭବ ।

ଶ୍ରୀଶ୍ରୀପିତୃଦେବ— ବ୍ୟବହାର କରି ଦେଖିପାର ।

କସ୍ତୁରୀ ମୁର୍ମୁଭାଇ ହଲଘରକୁ ଆସନ୍ତେହିଁ ଶ୍ରୀଶ୍ରୀପିତୃଦେବ ତାଙ୍କର କୁଶଳ ନେଲେ । ସମ୍ପ୍ରତି କସ୍ତୁରୀଭାଇ ପାଟନା ଯାଇଥିଲେ ଶତବାର୍ଷିକ ଉତ୍ସବରେ ଯୋଗ ଦେବାକୁ ।

ଶ୍ରୀଶ୍ରୀପିତୃଦେବ କସ୍ତୁରୀଭାଇଙ୍କୁ ପଚାରିଲେ— ଶୋଭାଯାତ୍ରାରେ ଲୋକ କେତେ ହୋଇଥିଲେ ?

କସ୍ତୁରୀଭାଇ— ୧୫।୨୦ହଜାର ।

ଶ୍ରୀଶ୍ରୀପିତୃଦେବ— ଆଉ ମିଟିଙ୍ଗରେ ?

କସ୍ତୁରୀଭାଇ— ୭।୮ହଜାର ।

ରାଧାକୃଷ୍ଣଭାଇ (ଲାଲ)ବି ଉତ୍ସବରେ ଉପସ୍ଥିତ ଥିଲେ । ସିଏ କହିଲେ— ଆକାଶରେ ମେଘ ଦେଖି ମନେ ହେଉଥିଲା ଶୋଭାଯାତ୍ରା କରି ହେବନି । କୋଉଠୁ ଗୋଟେ ଝଡ଼ ଆସି ମେଘକୁ ଉଡ଼େଇ ନେଲା । ବେଦମାଙ୍ଗଳିକୀ ଗାଇଥିଲେ ଗୁରୁକିଙ୍କରଭାଇ । ଶୁଣିବାକୁ ଖୁବ୍ ସୁନ୍ଦର ଲାଗିଥିଲା । ଜଣେ ବିରାଟ ଜ୍ୟୋତିଷୀ ଉତ୍ସବରେ ଉପସ୍ଥିତ ଥିଲେ । ସିଏ କହିଥିଲେ, ଏତେ ସୁନ୍ଦର ଉତ୍ସବ କେବେବି ଦେଖିନି । ଉତ୍ସବରେ Indian culture (ଭାରତୀୟ କୃଷ୍ଟି)କୁ uphold (ଧାରଣ) କରା ହୋଇଛି ।

ଶ୍ରୀଶ୍ରୀପିତୃଦେବ ଖୁସି ହେଲେ ଏହିସବୁ ଖବର ଶୁଣି ।

ରାଧାକୃଷ୍ଣଭାଇ— କେହି ହୁଏତ ପଚାରୁଛି ଶ୍ରୀଶ୍ରୀଠାକୁର-ପରିବାରର କେହି ଆସିଲେନି ? କହିଲି, ମା' ଚାଲିଗଲେ, ସେଥିପାଇଁ ମାନସିକତା କାହାରବି ଭଲ ନାହିଁ ।

ଶ୍ରୀଶ୍ରୀପିତୃଦେବ— ଓଲଟା ପ୍ରଶ୍ନ କରି କହିପାରିଥା'ନ୍ତୁ, ଏପ୍ରକାର ପରିସ୍ଥିତିରେ କ'ଣ ଆସିବା ସମ୍ଭବ ?

ଶ୍ରୀଶ୍ରୀପିତୃଦେବ ପୂଜ୍ୟପାଦ ବଡ଼ଦାଦାଙ୍କ ଆଡ଼େ ଚାହିଁଲେ । ବଡ଼ଦାଦା ପ୍ରସଙ୍ଗାନ୍ତର ଘଟାଇ ଅନ୍ୟ ଗଳ୍ପ କରୁଥା'ନ୍ତି । — ଶତବାର୍ଷିକ ଉତ୍ସବର ମୁଖେ ମୁଖେ ବହୁ ମନ୍ଦିର complete (ସମ୍ପୂର୍ଣ୍ଣ) ହୋଇଯାଇଛି, ତୁମେ ମତେ ଉଦ୍‌ବୋଧନ କରିବାକୁ ପଠାଇଲ ।

ଆସାମ, ମେଘାଳୟ ଇତ୍ୟାଦି ଜାଗା ବୁଲିବା ପରେ ଶେଷକୁ ଗଲି ବିରାଟ ନଗର । ସେଠାରେ ବାବୁଲାଲମାନେ ମନ୍ଦିର ତିଆରି କରିଛନ୍ତି । ମାର୍ଚ୍ଚ ମାସ । ଗରମ ବଢ଼ିବାକୁ ଆରମ୍ଭ କରିଛି । ମୋର ଗାଡ଼ି ଡ୍ରାଇଭ କରୁଥିଲା ମୋହନ (ଦାସ) । ପଛରେ ଧ୍ରୁବ ଯୋଶୀଭାଇମାନେ । ଧ୍ରୁବଭାଇଙ୍କୁ ରାସ୍ତା ଜଣା, କିନ୍ତୁ ତାଙ୍କ ଗାଡ଼ି ପଛରେ ପଡ଼ିଯାଇଥିଲା । ମୋହନ ଇତିପୂର୍ବେ ନେପାଳ ଯାଇଛି, କିନ୍ତୁ ମନେ ନଥିଲା ରାସ୍ତାଘାଟ ଭଲଭାବେ । ମୋହନକୁ ସାହସ ଦେଇ କହିଲି ଚାଲ ସିଧା ରାସ୍ତା ଧରି । ଯାଉ ଯାଉ ରାସ୍ତାର ଧାରରେ ଗୋଟେ ଜାଗାରେ ସୁନ୍ଦର ଗୋଟେ ମନ୍ଦିର ଦେଖି ଅଟକିଲି । ଭିତରକୁ ଯାଇ ମନ୍ଦିରରେ ବସିଲି, ସୁନ୍ଦର ପରିବେଶ, ଶୀତଳ ପବନରେ ଦେହ ଶିତେଇଗଲା ।

ବାଟରେ ଯାଉ ଯାଉ ଗୋଟେ ଜାଗାରେ ଅଟକନ୍ତେହିଁ ଲୋକମାନେ ପଚାରୁଛନ୍ତି— ଆପଣମାନେ କ'ଣ ବିରାଟନଗର ଯିବେ ? ଉତ୍ତର ଶୁଣି କହୁଛନ୍ତି, ଯାଆନ୍ତୁ, ଆପଣମାନଙ୍କ ପାଇଁ ବହୁ ଲୋକ ଅପେକ୍ଷା କରିଛନ୍ତି ସ୍ଥାନେ ସ୍ଥାନେ ।

ନେପାଳରେ ପ୍ରବେଶ କରି ୫/୬ମାଇଲ ଯାଆନ୍ତେହିଁ ଧ୍ରୁବଭାଇଙ୍କ ଗାଡ଼ି ସାମନାକୁ ଆସିଗଲା । ୨୦ମାଇଲ ସ୍ପୀଡ଼ରେ ଗାଡ଼ି ଚଲାଇବାକୁ ହେବ ଧ୍ରୁବଭାଇ କହିଲେ ।

ଶ୍ରୀଶ୍ରୀପିତୃଦେବ— କାହିଁକି ?

ପୂଜ୍ୟପାଦ ବଡ଼ଦାଦା— ଧ୍ରୁବଭାଇ କହିଲେ, ରାଜାଙ୍କ ଅର୍ଡ଼ର । ଅର୍ଡ଼ର ନ ମାନିଲେ ଶୁ୍ୟଟ (shoot) କରିଦେବେ ।

ରାଧାକୃଷ୍ଣଭାଇ— ନେପାଳରେ ଚୋରି, ଛିଣ୍ଡାଛିଣ୍ଡି ଏସବୁ କିଛି ନାହିଁ । ଆଇନ ଖୁବ୍ କଡ଼ା, ବର୍ଡ଼ରରୁ ଚାରି-ପାଞ୍ଚଶହ ଗଜ ଦୂରରେ ଚୋରି, ଛିଣ୍ଡାଛିଣ୍ଡି ହେଉଛି । ତେବେ ନେପାଳରୁ ଇଷ୍ଟଭୃତି ପଠାଇବାରେ ଅସୁବିଧା ।

ପୂଜ୍ୟପାଦ ବଡ଼ଦାଦା— ଅନେକେ ବର୍ଡ଼ରରେ ଆସି ପଠାନ୍ତି । ଯେଉଁମାନଙ୍କର ଘର ବର୍ଡ଼ର ପାଖରୁ ଦୂରରେ ସେମାନେ ମାସକୁ ମାସ ଆସି ପାରନ୍ତିନି, ସେମାନେ କେଇମାସ ପରେ ପରେ ଆସି ପଠାନ୍ତି । କାଠମାଣ୍ଡୁ ଟାଉନରେବି ମନ୍ଦିର ପାଇଁ ଜମି ନେବେ ଶୁଣିଲି । ନେପାଳରେ କାମ ଭଲ ହେଉଛି ।

ଶ୍ରୀଶ୍ରୀପିତୃଦେବ ଖୁସି ହେଉଛନ୍ତି ଏଇସବୁ ସମ୍ବାଦ ଶୁଣି । ଶ୍ରୀଶ୍ରୀପିତୃଦେବଙ୍କ ଆସାମ ଭ୍ରମଣର ପ୍ରସଙ୍ଗ ଉଠାଇ ପୂଜ୍ୟପାଦ ବଡ଼ଦାଦା କହିଲେ— ସେଥର ଲାଂହିଠରେ ଥିଲ ତୁମେ ଡ଼ିମାପୁରରୁ ଫେରିବା ସମୟରେ । ସେଠାର ବେଶୀଭାଗ ଲୋକ କାର୍ବି । ମନ୍ଦିର ନିର୍ମାଣ ହୋଇଛି । ଗେଷ୍ଟ ହାଉସ ହୋଇଛି । କାର୍ବିମାନେ ଦୀକ୍ଷା ନେଇ ନିଜେ ନିଜେହିଁ ନିରାମିଷ ଖାଇବା ଆରମ୍ଭ କରନ୍ତି, ସ୍ୱସ୍ତ୍ୟୟନୀ ବ୍ରତ ଗ୍ରହଣ କରି । ଯତୀନ ଚୌଧୁରୀଭାଇ ଲାଂହିଂକୁ ଯାତାୟାତ କରୁଥିଲେ ।

ଦୀନଭାଇ— ମୁଁ ଏଥର ଡ଼ିଫୁ ଯାଇଥିଲି । ଆସିବା ବାଟରେ ଲାଂହିରେ ଯାଇ ଅଟକିଲି ।

ପୂଜ୍ୟପାଦ ବଡ଼ଦାଦା ଦୀନଭାଇଙ୍କୁ ଶୁଣାଇ କହିଲେ— ବାବା ତ ଡ଼ିଫୁ ଯାଇ ନାହାଁନ୍ତି । ସେଠାକାର ଲୋକମାନେ କେହି କହିନାହାଁନ୍ତି । ସେତେବେଳେ ମନ୍ଦିର ବା କେନ୍ଦ୍ର ନଥିଲା । ଏବେ ତ ମନ୍ଦିର, କେନ୍ଦ୍ର ଖୁବ୍ ସୁନ୍ଦର ହୋଇଛି । ସେଠାକାର ଟ୍ରାଇବାଲ ମଣିଷମାନେ ଖୁବ୍ ଭଲ— simple(ସରଳ ପ୍ରକୃତିର)— କଥାବାର୍ତ୍ତା କରି ଆରାମ, ସେମାନଙ୍କ ସଙ୍ଗେ ମିଶିବି ଆରାମ ।

ଏହାପରେ ୧୯୬୭ସାଲରେ ଯୋୟାଇ ଯିବାର ଗୋଟେ ଘଟଣା କହିଲେ ପୂଜ୍ୟପାଦ ବଡ଼ଦା । — ସେଥର ଗାଡ଼ିରେ ଉଠି ତୁମର ବୋହୂମା'କୁ ନେଇ ଯୋୟାଇ ଯାଉଛି । ଯାଉ ଯାଉ ତୁମର ବୋହୂମା' କହିଲା ଶୋଷ ଲାଗୁଛି । ରାସ୍ତା କଡ଼ରେ ଗୋଟେ ଘର ସାମନାରେ ଜଣେ ମା'କୁ ଦେଖିଲି ଲୁଗା ଶୁଖାଉଛି । ତୁମର ବୋହୂମା'କୁ କହିଲି ସେଇ ବୋହୂଟା ସତ୍‌ସଙ୍ଗୀ, ତା' ନିକଟରୁ ପାଣି ମାଗି ପିଇ ଆସ । କହୁ କହୁ ହିଁ ଓହ୍ଲାଇ ଗଲା । ମୋର କିନ୍ତୁ କୌଣସି ପରିଚୟ ନାହିଁ । ଦେଖି ସତ୍‌ସଙ୍ଗୀ ମନେ ହୋଇଥିଲା ତେଣୁ କହିଥିଲି । ସେଇ ମା' ଭଲ କରି ଧୋଇ ପରିଷ୍କାର ଗ୍ଲାସରେ ପାଣି ପିଇବାକୁ ଦେଇଥିଲା । ପଚାରିବାରୁ କହିଥିଲା ହଁ ଆମେମାନେ ସତ୍‌ସଙ୍ଗୀ । ଆଉ ଆପଣମାନେ ? ତୁମ ବୋହୂମା' କହିଥିଲା, ଆମେମାନେବି । ଘରର ଦରଜା ଫାଙ୍କ ଦେଇ ଦେଖାଗଲା ଠାକୁରଙ୍କର ଟ୍ରାଇକଲର ସୁନ୍ଦର ଫଟୋ ସଜାଇ ରଖାଯାଇଛି । ପୂଜ୍ୟପାଦ ବଡ଼ଦାଦାଙ୍କ ନିକଟରୁ ବିଭିନ୍ନ କାହାଣୀ ଶୁଣି ଶ୍ରୀଶ୍ରୀପିତୃଦେବ ଖୁସି ହେଲେ ।

ଦେଖୁ ଦେଖୁ ସମୟ ପାର ହୋଇଯାଏ । ଶ୍ରୀଶ୍ରୀପିତୃଦେବଙ୍କ ସ୍ନାନର ସମୟ ହୋଇ ଆସେ । ୧୦ଟା ୪୦ମିନିଟ୍‌ରେ ପୂଜ୍ୟପାଦ ବଡ଼ଦାଦା ଉଠିଲେ । ତାଙ୍କ ସଙ୍ଗେ ସମସ୍ତେ ଉଠିଲେ । ଦୀର୍ଘପ୍ରକୋଷ୍ଠର ବାହାରକୁ ଗଲେ ସମସ୍ତେ ।

୧୦ଟା ୫୦ମିନିଟ୍‌ରେ ଶ୍ରୀଶ୍ରୀପିତୃଦେବ ଦୀର୍ଘପ୍ରକୋଷ୍ଠର ବାରଣ୍ଡାରେ ଆସି ଚୌକିରେ ବସିଲେ । ନନ୍ଦଦୁଲାଲଭାଇ (ଭଟ୍ଟାଚାର୍ଯ୍ୟ) ଓ ଆଶୁଭାଇ (ଗାଙ୍ଗୁଲୀ)ଙ୍କ ହାତରେ ଭରା ଦେଇ ଚାଲି ଆସନ୍ତି । ସେ ଚୌକିରେ ବସିବା ସଙ୍ଗେ ସଙ୍ଗେ ବହୁ ଦର୍ଶନାର୍ଥୀ ଉଠାଣରେ ଆସି ଦର୍ଶନ କରିଥା'ନ୍ତି ।

କଲିକତାରୁ ଆସିଛନ୍ତି ଜଣେ ମା', ସଙ୍ଗରେ ୧୩/୧୪ବର୍ଷର ପୁଅ ଶୁଭଦୀପ ।

ସେଇ ମା' ନିବେଦନ କରିଲେ— ବଡ଼ଦା, ମୋର ଏହି ପୁଅକୁ ନେଇ ଭୀଷଣ ଅଶାନ୍ତିରେ ଅଛି । କା'ରିବି ଉପରେ ମାୟା-

ମମତା ନାହିଁ । କେତେବେଳେ ଯେ କ'ଣ କରିବସେ ତା'ର ଠିକଣା ନାହିଁ । ଖୁବ୍ excitement, ଖୁବ୍ ଆବେଗ । ଆପଣ ଦୟା କରି ଆଶୀର୍ବାଦ କରନ୍ତୁ ।

ଏହା କହି ମା'ଟି କାନ୍ଦିବାକୁ ଲାଗିଲେ ।

ଶ୍ରୀଶ୍ରୀପିତୃଦେବ ପୁଅ ଆଡ଼େ ଚାହିଁ ମା'ଙ୍କୁ ଉଦ୍ଦେଶ୍ୟ କରି କହିଲେ ମୋତେ ତ ଦେଖି ଭଲ ମନେହେଉଛି, ସେପରି ପୁଅ ବୋଲି ତ ମନେ ହେଉନି । ଯା' କରିଲେ ସେପରି କରେ ତା' ନ କରିଲେହିଁ ହୁଏ ।

ସେଇମା'— ସେପରି ତ କିଛି କରେନା । ହୁଏତ ଗାଧୋଇବାକୁ କହିଲି, ସଙ୍ଗେ ସଙ୍ଗେ ଉତ୍ପାତ ଆରମ୍ଭ କରିଲା । କୌଣସି କାରଣ ନାହିଁ ।

ଶ୍ରୀଶ୍ରୀପିତୃଦେବ— ନିଶ୍ଚୟହିଁ ଗୋଟେ କାରଣ ଅଛି ।

ସେଇମା'— ହଁ, ମୁଁ ଦାୟୀ, ମୁଁ ତା' ମା' । ସେ ଯେତେବେଳେ ଗର୍ଭାବସ୍ଥାରେ ଥିଲା ସେତେବେଳେ ମୋର ଚାଲିଚଳନ ଭଲ ନଥିଲା ।

ଶ୍ରୀଶ୍ରୀପିତୃଦେବ— ସେଇଟା ତ ଗୋଟେ କାରଣ ହେଲାନି । ତା'ର ନିଜ ମଧ୍ୟରେ ଅଛି ।

ଶ୍ରୀଶ୍ରୀପିତୃଦେବ ଚାହିଁ ରହିଲେ ଶୁଭଦୀପ ଆଡ଼େ । ପୁଅଟି ଲଜ୍ଜାରେ ଅଧୋବଦନରେ ଠିଆ ହୋଇଛି । ଶ୍ରୀଶ୍ରୀପିତୃଦେବ କହିଲେ ଆଉ ସେପରି କରିବନି ।

ମା'ଟି ଖୁସି ହେଲେ ଆଶ୍ୱାସ ବାକ୍ୟ ଶୁଣି ।

ପ୍ରତ୍ୟେକର ଦର୍ଶନ ଓ ପ୍ରଣାମ ପରେ ଶ୍ରୀଶ୍ରୀପିତୃଦେବ ଚୌକି ଛାଡ଼ି ତେଲଲଗା ଟୁଲରେ ଯାଇ ବସିଲେ ।

## ଚୈତ୍ର–୩, ଗୁରୁବାର, ୧୩୯୪
## (ଇଂ–୧୭।୦୩।୧୯୮୮)

ସକାଳ ନଅଟା ପଇଁଚାଳିଶ । ଶ୍ରୀଶ୍ରୀପିତୃଦେବ ଷୋଡ଼ଶୀଭବନରେ ବଡ଼ଘରେ ଚୌକିରେ ଉପବିଷ୍ଟ । ପୂଜନୀୟା ରାଙ୍ଗାମା', ପୂଜନୀୟା ବନ୍ଦନାଦେବୀ (ସମ୍ପର୍କରେ ଶ୍ରୀଶ୍ରୀପିତୃଦେବଙ୍କ ପିଯୁସୀମା'), ପୂଜ୍ୟପାଦ ବଡ଼ଦାଦା ଅଛନ୍ତି ତାଙ୍କ ସମୀପରେ ।

ଲାଲଭାଇ (ଶ୍ରୀରାମନନ୍ଦନ ପ୍ରସାଦ) ପାଟନା ଉତ୍ସବ ସାରି ଆସି ପହଞ୍ଚିଛନ୍ତି । ତାଙ୍କ ହାତରେ ଖବର କାଗଜର ଗୋଟେ ତୋଡ଼ା ।

ଶ୍ରୀଶ୍ରୀପିତୃଦେବ— ପେପର କଟିଂ ନା କ'ଣ ?

'ହଁ' କହି ଲାଲଭାଇ ଆଗେଇ ଯାଇ ତୋଡ଼ାଟି ଖୋଲି ଶ୍ରୀଶ୍ରୀପିତୃଦେବଙ୍କୁ ଦେଖାଉଥା'ନ୍ତି । ପାଟନାରେ ଅନୁଷ୍ଠିତ ଶ୍ରୀଶ୍ରୀଠାକୁରଙ୍କ ଶତବାର୍ଷିକ ଉତ୍ସବର ସମ୍ବାଦ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି । ଲାଲଭାଇ ଜଣାଇଲେ 'ହିନ୍ଦୁସ୍ଥାନ' ହେଲା ବିହାରର ନାମକରା ହିନ୍ଦୀ ଦୈନିକ । ସେଥିରେ ବି ସମ୍ବାଦ ପ୍ରକାଶିତ ହୋଇଛି । ଗୋଟେ ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି ଛବିସହ ଶ୍ରୀଶ୍ରୀଠାକୁରଙ୍କ ସଂକ୍ଷିପ୍ତ ଜୀବନୀ ।

ପାଟନାରୁ ପ୍ରକାଶିତ ହିନ୍ଦୀ ପ୍ରଥମ ଶ୍ରେଣୀର ଦୈନିକ 'ପାଟଳିପୁତ୍ର ଟାଇମସ୍'ରେ ମାର୍ଚ୍ଚ–୧୫, ୧୯୫୮ ତାରିଖର କାଗଜର ତୃତୀୟ ପୃଷ୍ଠାରେ ପ୍ରକାଶିତ ହୁଏ ନିମ୍ନୋକ୍ତ ଶିରୋନାମାରେ ଗୋଟେ ସମ୍ବାଦ । 'ଠାକୁର ଅନୁକୂଳଚନ୍ଦ୍ରକି ସୌୟାଂ ବର୍ଷ ଗାଁଧ : ଓହ ଯୁଗ ପୁରୁଷୋତ୍ତମ ଥେ' : ଡ଼ାଃ ମିଶ୍ର' । ଲାଲଭାଇ ପଢ଼ି ଶୁଣାଇଲେ ସମ୍ବାଦଟି ।

ଆହୁରିବି ଅନେକଗୁଡ଼ିଏ କଟିଂ ପଢ଼ି ଶୁଣାଇଲେ ଲାଲଭାଇ ।

ଶ୍ରୀଶ୍ରୀପିତୃଦେବ— ରଖିଦେ ଭଲ କରି ।

ଲାଲଭାଇ— ଆଜ୍ଞା ।

ଉତ୍ସବରେ ପୁଲିସ୍‌ର ଅକୃତ୍ରିମ ସହଯୋଗିତାର କେତୋଟି ଅଭିଜ୍ଞତା ବ୍ୟକ୍ତ କରିଲେ ଲାଲଭାଇ । ରାତିରେ ଦୂରଦୂରାନ୍ତରୁ ଆଗତ ଭାଇମାନେ–ମା'ମାନେ ଅନୁଷ୍ଠାନସ୍ଥଳରେ ଥିଲେ । ନିରାପତ୍ତାର ବ୍ୟବସ୍ଥା ବେଶ ମଜବୁତ ଥିଲା ପୁଲିସ୍‌ର ତତ୍ପରତାରେ ।

ପୂଜ୍ୟପାଦ ବଡ଼ଦାଦା— ବକ୍ତୃତା ସଭାବି ଭଲ ହୋଇଛି । ରାଜୁ (ଲାଲଭାଇଙ୍କ ପୁତ୍ର), ହରିବଲ୍ଲଭଭାଇ ଭଲ ବକ୍ତୃତା ଦେଇଛନ୍ତି ।

ଲାଲଭାଇ— ଆଜ୍ଞା ହଁ, ବକ୍ତୃତାସଭା ଖୁବ୍ ସୁନ୍ଦର ହୋଇଛି । ଡ଼ାଃ. ଜଗନ୍ନାଥ ମିଶ୍ର ଠାକୁର-ଦର୍ଶନ କରିନାହାଁନ୍ତି, ଦେଓଘର ଆସି ନାହାଁନ୍ତି କେବେବି । କିନ୍ତୁ ଠାକୁରଙ୍କ ବିଷୟରେ ଏତେ ଖବର ରଖନ୍ତି ଶୁଣି ଅବାକ୍ ହୋଇଗଲି । *(କ୍ରମଶଃ)*

***ଅନୁବାଦକ : ଡ଼ାଃ. ବିନାୟକ ମହାପାତ୍ର***

*(ବି.ଦ୍ର. : ଅନୁଲେଖକ ଶ୍ରୀଶ୍ରୀବଡ଼ଦାଙ୍କୁ ଶ୍ରୀଶ୍ରୀପିତୃଦେବ ଓ ପୂଜ୍ୟପାଦ ଦାଦାଙ୍କୁ ପୂଜ୍ୟପାଦ ବଡ଼ଦାଦା ବୋଲି ସମ୍ବୋଧନ କରନ୍ତି ।)*

ସିଦ୍ଧ ହେବ ଯେତେ ତୁମେ
ବୃଦ୍ଧି ପାଇବ ସେଥିରେହିଁ,
ସିଦ୍ଧ ହୋଇ ବୃଦ୍ଧି ପାଇବା
ରହିଛି ତୁମର ହାତରେହିଁ । ୧୩୦ ।

*(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*

ଯୁଗାଚାର୍ଯ୍ୟ ସ୍ମରଣେ

# ମୋର ବ୍ୟକ୍ତିଗତ ଅନୁଭୂତି

◆ ଅନୁପ କୁମାର ମୈତ୍ର (ଝାଇଁ)

*(ଯୁଗାଚାର୍ଯ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଜନ୍ମ-ଶତବର୍ଷ ଅବସରରେ ଇଷ୍ଟ-ପରିବାରବର୍ଗଙ୍କର ତତ୍‌ସମ୍ବନ୍ଧରେ ସ୍ମୃତିଚାରଣ ନେଇ — ଏହି ଆଲେଖ୍ୟ ପ୍ରସ୍ତୁତ — ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳିଭାବେ ।)*

ଜଣେ ଉଚ୍ଚ-ମର୍ଯ୍ୟାଦା ଓ ଗୌରବସମ୍ପନ୍ନ ଏବଂ ପ୍ରବଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ମୋର ଶ୍ୱଶୁର ମହାଶୟ ଶ୍ରୀଅମରେନ୍ଦ୍ରନାଥ ଚକ୍ରବର୍ତ୍ତୀ, ଯିଏ 'ଶ୍ରୀଶ୍ରୀବଡ଼ଦା' ନାମରେହିଁ ସମଧିକ ପରିଚିତ । ସତ୍‌ସଙ୍ଗର ପୁରୋଧା ଥିଲେ ସିଏ ।

ବିବାହ ପୂର୍ବେ 'ସତ୍‌ସଙ୍ଗ' ସମ୍ପର୍କରେ ମୋର କୌଣସି ଧାରଣାହିଁ ନଥିଲା । ଗୋଟେ ବିଶେଷ ବ୍ୟାପାରରେ ଏଠାରେ ଉଲ୍ଲେଖ୍ୟ— ମୋର ପିତୃଦେବ ଓ ଶ୍ୱଶୁରମହାଶୟଙ୍କର ଏକହିଁ ନାମ— ଅମରେନ୍ଦ୍ରନାଥ । ବାପାଙ୍କ ନାମ ଶ୍ରୀଅମରେନ୍ଦ୍ରନାଥ ମୈତ୍ର ଓ ଶ୍ୱଶୁରମହାଶୟଙ୍କ ନାମ ଶ୍ରୀଅମରେନ୍ଦ୍ରନାଥ ଚକ୍ରବର୍ତ୍ତୀ । ଉଭୟେହିଁ ପ୍ରବଳ ବ୍ୟକ୍ତିତ୍ୱର ଅଧିକାରୀ ଏବଂ ନିଜ ନିଜ କର୍ମକ୍ଷେତ୍ରରେ ଖୁବ୍‌ହିଁ ସଫଳ । ମୁଁ ଦେଖିଛି, ଯେତେବେଳେହିଁ ଦୁଇଜଣଙ୍କର ଦେଖା ହେଉଥିଲା, ସେମାନେ ଆଲିଙ୍ଗନରେ ଆବଦ୍ଧ ହୋଇ ଜଣେ ଅପରକୁ ଶ୍ରଦ୍ଧା-ଜ୍ଞାପନ କରୁଥିଲେ । ମୋର ପିତୃଦେବ ଓ ଶ୍ୱଶୁରମହାଶୟ ମୋ ନିକଟରେ ଭଗବାନଙ୍କର ପ୍ରତିମୂର୍ତ୍ତି ଏବଂ ମୋର ମା' ଓ ଶାଶୁ-ମା' ମୋ ନିକଟରେ ସ୍ୱର୍ଗ-ସ୍ୱରୂପା । ବଡ଼ଦାଦା, ଅର୍ଥାତ୍ ସତ୍‌ସଙ୍ଗର ବର୍ତ୍ତମାନ ପୁରୋଧା ତଥା ମୋର ସ୍ତ୍ରୀର ଜ୍ୟେଷ୍ଠ ଭ୍ରାତା ଶ୍ରୀଅଶୋକ ଚକ୍ରବର୍ତ୍ତୀ ଅବଶ୍ୟହିଁ ମୋର ମନର ଏହି ଭାବର ଯଥାର୍ଥ ଓ ପ୍ରାଞ୍ଜଳ ବ୍ୟାଖ୍ୟା କରି ପାରିବେ ।

ବିବାହ ପରେ ଦେଓଘର ଆସି ସମ୍ପୂର୍ଣ୍ଣ ଗୋଟେ ଭିନ୍ନ ନୂଆ ଜଗତ ଦେଖିଲି । ଅଳ୍ପ କେଇଦିନ ମଧ୍ୟରେହିଁ ମୁଁ ପ୍ରାଚୀନ ଭାରତବର୍ଷର କୃଷ୍ଟି-ସଂସ୍କୃତି-ସଭ୍ୟତାର ସେଇ ସ୍ୱର୍ଣ୍ଣଯୁଗକୁ ଯେପରି ବାସ୍ତବଭାବେ ପ୍ରତ୍ୟକ୍ଷ କରିଲି । ଶ୍ରୀଶ୍ରୀଠାକୁରଙ୍କର ମହାନ୍ ଜୀବନ, ତାଙ୍କର ଆଦର୍ଶ ଓ ତାଙ୍କର ପରିବାର ସମ୍ପର୍କରେ ଜାଣି ବୁଝି ଆରମ୍ଭ କରିଲି ମୋର ଶ୍ୱଶୁରମହାଶୟଙ୍କର ପ୍ରେରଣା ଓ ପରିଚାଳନାରେ । ସିଏ କେବଳ ମୋର ସ୍ତ୍ରୀର ବା ତା'ର ଭାଇ-ଭଉଣୀମାନଙ୍କର ପିତା ନଥିଲେ, ତାଙ୍କୁ ସତ୍‌ସଙ୍ଗ-ସମାଜର ପ୍ରତିପ୍ରତ୍ୟେକେହିଁ ପିତୃ-ସଦୃଶ ବୋଲି ବିବେଚନା କରୁଥିଲେ ବାସ୍ତବଭାବେ ।

ମୁଁ ଦେଖିଛି, ତାଙ୍କ ନିକଟରେ କେହି ସମସ୍ୟା ନେଇ ଉପସ୍ଥିତ ହେଲେହିଁ ସିଏ ଅତି ସତ୍ୱର ତା'ର ସହଜ ସମାଧାନ କହି ଦେଉଥିଲେ । ବ୍ୟକ୍ତିଗତଭାବେ ମୋରବି କିଛି ସମସ୍ୟା ଥିଲା— ବିଶେଷତଃ ବ୍ୟବସାୟ କ୍ଷେତ୍ରରେ । ତାଙ୍କର ଅମୂଲ୍ୟ ଉପଦେଶ ମୋର ମନରେ ପ୍ରଭୂତ ଶକ୍ତି ଓ ପ୍ରେରଣାର ସଞ୍ଚାର କରେ ଏବଂ ସହଜ ସମାଧାନ ଲାଭ କରିବାକୁ ସାହାଯ୍ୟ କରେ ।

ଆଜିକାର ଦିନରେ 'ସତ୍‌ସଙ୍ଗ' ଏପରି ଏକ ବିରାଟ ପରିବାର, ଯା'ର ସଦସ୍ୟମାନଙ୍କର ବ୍ୟବହାର ଓ ବ୍ୟକ୍ତିତ୍ୱ ଜଗତରେ ଦୁର୍ଲଭ । ମୋ ମତରେ, ତା' କେବଳହିଁ ସମ୍ଭବ ହୋଇଛି ଶ୍ରୀଶ୍ରୀଠାକୁରଙ୍କ ମହାନ ଆଦର୍ଶର ପାରମ୍ପର୍ଯ୍ୟ ଓ ମୋର ଶ୍ୱଶୁରମହାଶୟଙ୍କ ଚଳନ-ଚରିତ୍ର ଓ ଅସାଧାରଣ ବ୍ୟକ୍ତିତ୍ୱର ପ୍ରଭାବରେ । ସିଏ ପ୍ରୟୋଜନୀୟ ଭିତ୍ତିଭୂମି ପ୍ରସ୍ତୁତ କରି ସୁଯୋଗ୍ୟ ନେତୃତ୍ୱ ମାଧ୍ୟମରେ ସାମଗ୍ରିକ ସମାଜର ଉନ୍ନୟନରେ ପ୍ରଭୂତ ସଫଳତା ଲାଭ କରନ୍ତି । ଆମମାନଙ୍କର ଆଜିକାର ଆଧୁନିକ ପ୍ରଜନ୍ମର ମାନସିକ ଓ ଚାରିତ୍ରିକ ଉନ୍ନୟନ ପାଇଁ ତାଙ୍କ ଭଳି ବ୍ୟକ୍ତିତ୍ୱରହିଁ ଆଜି ଆଶୁ ପ୍ରୟୋଜନ ।

ଭାରତୀୟ ସଭ୍ୟତା ଓ ସଂସ୍କୃତି ଖୁବ୍‌ହିଁ ପ୍ରାଚୀନ ଏବଂ ସମଗ୍ର ପୃଥିବୀରେହିଁ ଉତ୍କର୍ଷ ଦିଗ ଦେଇ ଅନ୍ୟତମ ଶ୍ରେଷ୍ଠରୂପେ ପ୍ରମାଣିତ ଓ ସ୍ୱୀକୃତ । ମୋର ଶ୍ୱଶୁରମହାଶୟଙ୍କର ନେତୃତ୍ୱରେ 'ସତ୍‌ସଙ୍ଗ'ବି ଏପରି ଏକ ପ୍ରତିଷ୍ଠାନ ଯାହା ବହୁଯୁଗ ଧରି ମଣିଷକୁ ପାରସ୍ପରିକତା ଓ ଅନ୍ୟର ବିପଦରେ ଛିଡ଼ା ହେବାର ଶିକ୍ଷାରେ ଶିକ୍ଷିତ କରେ ।

ସିଏ ଖୁବ୍ ଘରୁଆ ମଣିଷ ଥିଲେ । ମୋର ଓ ପରିବାରର ପ୍ରତ୍ୟେକଙ୍କ ପ୍ରତି ହିଁ ଖୁବ୍ ସ୍ନେହପରାୟଣ ଥିଲେ । ତାଙ୍କ କଥା ପରିବାରର ପ୍ରତ୍ୟେକହିଁ ନିର୍ଦ୍ୱିଧାରେ ମାନ୍ୟ କରି ଚାଲୁଥିଲେ । ଏହି ପ୍ରଶ୍ନହୀନ ଆନୁଗତ୍ୟ କିନ୍ତୁ ପ୍ରତ୍ୟେକର ଭଲପାଇବା ଓ ଶ୍ରଦ୍ଧାଭକ୍ତିରୁହିଁ ସହଜ-ଉତ୍ସାରିତ । ସିଏ ଉଚ୍ଚ ଦୈବୀ-କ୍ଷମତାସମ୍ପନ୍ନ ବିରାଟ ଆଧ୍ୟାତ୍ମିକ ମହାପୁରୁଷ ଥିଲେ । ତାଙ୍କର ଏହି ସକଳ କ୍ଷମତା ସେ ଅପାମର ଜନସାଧାରଣଙ୍କ କଲ୍ୟାଣରେ ହିଁ ନିୟୋଜିତ କରିଛନ୍ତି । ବିଭିନ୍ନ ଉଦ୍ଭାବନୀ ଶକ୍ତି ମାଧ୍ୟମରେ ସେ ବିଭିନ୍ନ କ୍ଷେତ୍ରରେ ବହୁ

# ବ୍ରହ୍ମଜ୍ଞାନ

ବ୍ରହ୍ମଜ୍ଞାନ ମାନେହିଁ
ସଂଶ୍ଳେଷଣ ଓ ବିଶ୍ଳେଷଣର ମଧ୍ଯ ଦେଇ
ସାଧାରଣ ତଥ୍ୟ ନିର୍ଣ୍ଣୟରେ
ଯାହା କିଛି ପ୍ରତ୍ୟେକର ଉପାଦାନ-ସାମାନ୍ୟରେ
ଉପନୀତ ହେବା ବା ତା' ନିର୍ଣ୍ଣୟ କରିବା,
ଆଉ, ଏହି ଉପାଦାନ-ସାମାନ୍ୟର ଭିତର ଦେଇ
ଅନ୍ୟର ସାପେକ୍ଷିକତାରେ
ନିରପେକ୍ଷ ବୈଶିଷ୍ଟ୍ୟରେ ଉପନୀତ ହୋଇ
ତାହାର ତାହାତ୍ୱ ବା ତତ୍ତ୍ୱକୁ
ସମ୍ୟକ୍ ବୋଧର ଭିତରେ ନେଇ ଆସିବା—
ଅର୍ଥାତ୍, ପ୍ରତି-ବୈଶିଷ୍ଟ୍ୟକୁ ଅନ୍ୟର ସାପେକ୍ଷରେ
ଏବଂ ନିରପେକ୍ଷ ଭାବରେ ଜାଣିବା;
ବ୍ରହ୍ମଜ୍ଞାନ
କୌଣସି ଗୋଟେର ଏକପାଖିଆ ଭାବ ବା ଗଉଁ ନୁହେଁ,
ବରଂ ସର୍ବସମ୍ବର୍ଦ୍ଧନୀ ପରମ ଜ୍ଞାନ,
ଆଉ, ବ୍ରହ୍ମଜ୍ଞାନ ମାନେବି ବୃଦ୍ଧିର ଜ୍ଞାନ,
''ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍ ।
ବିନଶ୍ୟତ୍ସ୍ୱବିନଶ୍ୟନ୍ତଂ ଯଃ ପଶ୍ୟତି ସ ପଶ୍ୟତି ॥''
— ସେଇ ଈଶ୍ୱରଙ୍କୁ ସାମ୍ୟରେ ଦେଖିବା—
ପ୍ରତିବୈଶିଷ୍ଟ୍ୟରେ,
ସାପେକ୍ଷିକ ନିରପେକ୍ଷତାରେ,—
ବିନିଷ୍ଟ ହେଉଛନ୍ତି ଏହିଭଳି ଯେଉଁମାନେ
ସେମାନଙ୍କ ଭିତରେ
ଅବିନାଶୀକୁ ଉପଲବ୍ଧି କରିବା,
ବୈଷମ୍ୟକୁ ସାମ୍ୟ ଧରି ନୁହେଁ—
ବରଂ ପ୍ରତି ବୈଶିଷ୍ଟ୍ୟରେ ଉପନୀତ ହୋଇ,
ବିରୁଦ୍ଧ ବା ବିପରୀତକୁ ଅବିରୁଦ୍ଧ କରି ନୁହେଁ
ଅସଙ୍ଗତକୁ ସଙ୍ଗତ କହି ଚଳାଇବା ନୁହେଁ
ବରଂ ଯା' ସଙ୍ଗେ ଯା'ର ସଙ୍ଗତି
ତା'କୁ ସେପରି କରି ଜାଣିବା ନେଇ—
ତା' ଭିତରେ ତଉତ୍ ରକମରେ
ସର୍ବ ଏକର ସେଇ ଏକ ଈଶ୍ୱରଙ୍କୁ ଉପଲବ୍ଧି କରି । ୧୫୫୭ ।

ଯେଉଁଥିରେ ମଣିଷ ବଞ୍ଚେ-ବଢ଼େ
ତା'ର ସତ୍ତାପୋଷଣୀ ଯାହାକିଛି ସବୁ ନେଇ—
ସଂହତି-ସହକାରେ—
ଉପଭୋଗରେ ଦୁର୍ଭୋଗଗ୍ରସ୍ତ ନ ହୋଇ,
ଦୈନନ୍ଦିନ ଜୀବନରେ ତାହା କରିବାହିଁ ଧର୍ମ—
ସାରକଥାରେ । ୧୫୫୮ ।

*(ଆର୍ଯ୍ୟ-ପ୍ରାତିମୋକ୍ଷ)*

---

ମଣିଷଙ୍କୁ ପ୍ରେରଣା ଯୋଗାଇଛନ୍ତି ।

ସିଏ ମଣିଷ ଓ ତା' ଭିତରର ସୁପ୍ତ କ୍ଷମତାକୁ ବୁଝିବା ଓ ସେଇ ଅନୁଯାୟୀ ତା'ର ସେଇ କ୍ଷମତାକୁ ବ୍ୟବହାର କରି ବ୍ୟକ୍ତିଗତ ଉନ୍ନୟନ ସଙ୍ଗେ ସଙ୍ଗେ ସାମଗ୍ରିକଭାବେ ଯେପରି ତା'ର ସେବା ଆଦର୍ଶଙ୍କଠାରେ ନିୟୋଜିତ ହୁଏ, ସେହି ପଥରେ ସମସ୍ତଙ୍କୁ ପରିଚାଳିତ କରିବାର ଚେଷ୍ଟା କରୁଥିଲେ । ଶ୍ରୀଶ୍ରୀଠାକୁର-ପ୍ରଦତ୍ତ ଓ ପରବର୍ତ୍ତୀକାଳେ ତାଙ୍କ ନିଜ ଦ୍ୱାରା ଉଦ୍ଭାବିତ ବିଭିନ୍ନ ଭେଷଜ ଔଷଧପତ୍ରର ପ୍ରସ୍ତୁତି ପ୍ରକ୍ରିୟାର ଆଧୁନିକୀକରଣ କରନ୍ତି ସିଏ, ଯା' ଫଳରେ ବିରାଟ ସଂଖ୍ୟକ ମଣିଷ ଏହାଦ୍ୱାରା ଲାଭବାନ ହୋଇ ପାରିଛନ୍ତି । ତାଙ୍କ ପ୍ରଦର୍ଶିତ ପଥରେ ଏହି ଉନ୍ନୟନର ଧାରା ଏବେବି ଅବ୍ୟାହତ ।

ଶ୍ରୀଶ୍ରୀଠାକୁରଙ୍କ ପରି ସିଏ ବି ସଙ୍ଗୀତ ଓ ଅନ୍ୟାନ୍ୟ କଳାକୃତି ଭଲପାଉଥିଲେ ଏବଂ ଆଶ୍ରମରେ ବିଭିନ୍ନ ଅନୁଷ୍ଠାନର ଆୟୋଜନ କରାଉଥିଲେ । ତାଙ୍କ ସମୟରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପରିବାର ଓ ଆଶ୍ରମିକମାନଙ୍କ ସହିତ ସେ ଏହି ଅନୁଷ୍ଠାନଗୁଡ଼ିକରେ ଉପସ୍ଥିତ ରହୁଥିଲେ । ଏବେବି ଆଶ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ ।

ମୋର ଶ୍ୱଶୁରମହାଶୟ ମଣିଷକୁ ଆକର୍ଷଣ କରି ତା'ର ଅନ୍ତରର ଅନ୍ତସ୍ଥଳରେ ପ୍ରବେଶ କରି ପାରନ୍ତି । ଏହିଭାବେହିଁ ସିଏ ପ୍ରତ୍ୟେକର ସମସ୍ୟାକୁ ସହଜରେ ସମାଧାନ କରିଦେଇ ପାରନ୍ତି । ତାଙ୍କ ଜୀବଦଶାରେ ସିଏ ଏକ ବିରାଟ ବ୍ୟକ୍ତିତ୍ୱ ରୂପେ ସ୍ୱୀକୃତ ହୋଇଛନ୍ତି । ତାଙ୍କ ପରିଚାଳନାରେ 'ସତ୍‌ସଙ୍ଗ' ଆଜି କେବଳ ଆଧ୍ୟାତ୍ମିକ ନୁହେଁ, ମଣିଷର ସାର୍ବିକ କଲ୍ୟାଣରେ ନିୟୋଜିତ ଏକ ବିରାଟ ପ୍ରତିଷ୍ଠାନ ।

ତାଙ୍କ ସମ୍ପର୍କରେ କହିବା ପରି ଅନେକ କଥାହିଁ ମନ ମଧ୍ୟରେ ଭାସି ଭାସି ଆସେ । କିନ୍ତୁ ପ୍ରକାଶ କରିବାର ଅକ୍ଷମତା ହେତୁ 'ଅଳମିତି' ।

*(ଆତ୍ମଜନଙ୍କ କଥା, ପୃ.୧୨୪-୧୨୬) ଅନୁବାଦ : ଶ୍ରୀମତୀ ସୁମିତା ମିଶ୍ର*

(ସତ୍ୟାନୁସରଣର ପଥେ)

# ସତ୍ୟାନୁସରଣ ବ୍ୟାଖ୍ୟାନରେ ଯୁଗାଚାର୍ଯ୍ୟ ଶ୍ରୀଶ୍ରୀବଡ଼ଦା

*(ପୂର୍ବପ୍ରକାଶିତ ଉତ୍ତାରୁ......)*

ଶ୍ରୀଶ୍ରୀପିତୃଦେବ— ଗୋଟେ ବାଣୀ କହ ।

ଅଶୋକ— ''ମଣିଷ ନିଜର ଟଙ୍କା ପର/ଯେତେ ପାରୁଛ ମଣିଷ ଧର ।

ଶ୍ରୀଶ୍ରୀପିତୃଦେବ— ଠାକୁରଙ୍କ ବାଣୀଗୁଡ଼ିକ ସତ୍ କାହିଁକି ? ଆଲୋଚନା ତ କରିବାକୁ ହେବ ! ଫାଲ୍ଗୁନୀ (ରାୟଚୌଧୁରୀ) କହ ।

ଫାଲ୍ଗୁନୀ— ସତ୍ ମାନେ ଇଷ୍ଟ ।

ଶ୍ରୀଶ୍ରୀପିତୃଦେବ— କାହିଁକି ? ସତ୍ ମାନେ ବା କ'ଣ, ଇଷ୍ଟ ମାନେ ବା କ'ଣ ?

ଫାଲ୍ଗୁନୀ ନିଶ୍ଚୁପ ରହିବାରୁ କହିଲେ— ସୁଭାଶିଷ କହ । ଡ଼େରି ହୋଇ ଯାଉଛି ।

ସୁଭାଶିଷ— ଜୀବନବୃଦ୍ଧିର ସହାୟକ ଯିଏ ସିଏହିଁ ସତ୍— ସେଥିପାଇଁ ସିଏ ଇଷ୍ଟ । ତାଙ୍କ କଥା କହିବା ଭଲ ।

ଶ୍ରୀଶ୍ରୀପିତୃଦେବ— ଜୀବନବୃଦ୍ଧିର ସହାୟକ ଯିଏ, ସିଏହିଁ ସତ୍ । ତା' ତ ବୁଝିଲି । ଆମେମାନେ ସାରାଦିନ ତ କେତେ କଥା କହୁ ।

ଏଥର କୃତିଦ୍ୟୁତିକୁ (ବିଶ୍ୱାସ) କହିବା ପାଇଁ କହିଲେ ।

କୃତିଦ୍ୟୁତି— ସିଏ ଯେଉଁ କଥାଗୁଡ଼ିକ ଭଲପାଆନ୍ତି, ସେଗୁଡ଼ିକ କରିବାକୁ ହେବ ।

ଶ୍ରୀଶ୍ରୀପିତୃଦେବ— ତା'ହେଲେ ତ ଚାର୍ଟ କରି ନେବାକୁ ହେବ । ଜୀବନବୃଦ୍ଧିର ସହାୟକ ଯେଉଁସବୁ କଥା ସେଗୁଡ଼ିକ ସତ୍ କଥା— କହିବୁ ତ ! ସେସବୁ କଥା କହିବା ଭଲ । ତା'ପରେ ?

— କିନ୍ତୁ ଭାବିବା, ଅନୁଭବ କରିବା ଆହୁରିବି ଭଲ ।

ଶ୍ରୀଶ୍ରୀପିତୃଦେବ— ଠାକୁରଙ୍କ ବାଣୀ ଅଛି ଯେ, ''ସତ୍ କଥା କହିବା ଭଲ, କିନ୍ତୁ ଭାବିବା, ଅନୁଭବ କରିବା ଆହୁରି ଭଲ ।''— ଏଇଟା ତ ଗୋଟେ ସତ୍ କଥା, ଏଇଟା ଭାବିବାକୁ ହେବ, ଅନୁଭବ କରିବାକୁ ହେବ । ଏହିଭଳି କରିବାକୁ ହେବ, ମିଶାଇ ଦେଉନୁ ତ ? *(ପିତୃଦେବଙ୍କ ଚରଣପ୍ରାନ୍ତେ/ଇଂ-ତା୨୫।୦୭।୭୯)*

*** *** ***

**ଅସତ୍ କଥା କହିବାଠାରୁ ସତ୍ କଥା କହିବା ଭଲ ନିଶ୍ଚୟ, କିନ୍ତୁ କହିବା ସହିତ କାମ କରିବା ଓ ଅନୁଭବ ନଥିଲେ କ'ଣ ହେଲା— ବେହେଲା, ବୀଣା ଯେପରି ବାଦକାନୁଗ୍ରହେ ବାଜେ ଭଲ, କିନ୍ତୁ ସେମାନେ ନିଜେ କିଛି ଅନୁଭବ କରିପାରନ୍ତିନି ।**

ଶ୍ରୀଶ୍ରୀପିତୃଦେବ ମିନତିକୁ ପଚାରିଲେ— ସତ୍ କଥା କାହାକୁ କହନ୍ତି, ଅସତ୍ କଥାହିଁ ବା କାହାକୁ କହନ୍ତି ?

ମିନତି— ଯେଉଁ କଥାରେ ଲୋକର ଭଲ ହୁଏ ତା'ହିଁ ସତ୍, ଯେଉଁ କଥାରେ ଲୋକର ଖରାପ ହୁଏ ତା' ଅସତ୍ ।

ଶ୍ରୀଶ୍ରୀପିତୃଦେବ— ଭଲ ହେଉଛି ଯା' କଥାରେ, ତା'ର କ'ଣ ହେବ ?

ମିନତି— ତା'ର ବି ଭଲ ହେବ ।

ଶ୍ରୀଶ୍ରୀପିତୃଦେବ— ଗୋଟେ ଉଦାହରଣ ଦିଅ ।

ମିନତି— ଜଣେ ଲୋକ ସମ୍ବନ୍ଧରେ ମୁଁ ଆଉ ଜଣକୁ କହିଲି— ଲୋକଟା ଭଲ ।

ଶ୍ରୀଶ୍ରୀପିତୃଦେବ— କ'ଣ ଦେଖି କହିଲ ଲୋକଟା ଭଲ ?

ମିନତି— ସେ ଲୋକଟି ଭଲ କଥା କହେ, ରୋଜ ଠାକୁରବାଡ଼ି ଆସେ— ଦୁଇବେଳା ବିନତି-ପ୍ରାର୍ଥନା କରେ । ଯାଜନ କରେ ।

ଶ୍ରୀଶ୍ରୀପିତୃଦେବ— କୁହ, ଲୋକଟାର ଇଷ୍ଟଙ୍କ ପ୍ରତି ଟାଣ, ତେଣୁ ଭଲ ।

ଶ୍ରୀଶ୍ରୀପିତୃଦେବ ଏଥର ସୁନ୍ଦରୀକୁ (ସରକାର) କହିଲେ— ତୁମେ କୁହ ।

ସୁନ୍ଦରୀ— ମୁଁ ବନ୍ଧୁକୁ କହିବି ରୋଜ ସକାଳବେଳା ଉଠି ପ୍ରାର୍ଥନାକୁ ଆସିବ, ଠାକୁରବାଡ଼ି ଆସିବ; ମୁଁ ନିଜେବି ଭାବିବି ଠାକୁରବାଡ଼ି ନ ଆସିଲେ ଖରାପ ହେବ ।

ଶ୍ରୀଶ୍ରୀପିତୃଦେବ— ଠିକ୍ କହିଛ । ସକାଳେ ଉଠି ଠାକୁର-ପ୍ରଣାମ କରି ବାପାଙ୍କୁ-ମା'ଙ୍କୁ ପ୍ରଣାମ କରିବାକୁ ହୁଏ । ଏପରିବି କୁହାଯାଏ ।

ହୃଷୀକେଶକୁ (ଦେ) ଶ୍ରୀଶ୍ରୀପିତୃଦେବ ପ୍ରଶ୍ନ କରିଲେ— 'ମିଥ୍ୟା କଥା କହିବା ଭଲ ନୁହେଁ', ଏଇଟା ସତ୍ କଥା ନା ଅସତ୍ କଥା ?

ହୃଷୀକେଶ— ସତ୍ କଥା ।

ଶ୍ରୀଶ୍ରୀପିତୃଦେବ ହୃଷୀକେଶକୁ କହିଲେ— ସକାଳେ ଉଠି ଆଖିରେ-ମୁହଁରେ ପାଣି ଦେଇ ଠାକୁର-ପ୍ରଣାମ କରିବାକୁ ହୁଏ,

ବାପାଙ୍କୁ-ମା'ଙ୍କୁ ପ୍ରଣାମ କରିବାକୁ ହୁଏ, ଭକ୍ତି କରିବାକୁ ହୁଏ । ଦୁଇବେଳା ପ୍ରାର୍ଥନା କରିବାକୁ ହୁଏ ।

ଶ୍ରୀଶ୍ରୀପିତୃଦେବ ଏଥର ଅତସୀକୁ (ଦିଣ୍ଡା) ପ୍ରଶ୍ନ କରିଲେ— ବେହେଲା, ବୀଣା ଯେପରି ବାଦକାନୁଗ୍ରହରେ ବାଜେ ଭଲ, ତା' ମାନେ ବୁଝାଇ କୁହ । ଅତସୀକୁ ନିରୁତ୍ତର ଦେଖି ଶ୍ରୀଶ୍ରୀପିତୃଦେବ କହିଲେ— ବେହେଲା ବା ବୀଣା ନିଜେ ବାଜି ପାରନ୍ତିନି; ଭଲ ବାଦକ ଥିଲେ ଭଲ ବାଜେ, ବାଦକ ନଥିଲେ ନିଜେ ନିଜେ ବାଜେନା । ସେପରି ତୁମେ ଯଦି ଭଲ ଭଲ କଥା ମୁଖସ୍ଥ ରଖି ଅନ୍ୟ ନିକଟରେ କହି ବୁଲ ଏବଂ ନିଜେ ପରିପାଳନ ନକର ତା'ହେଲେ ବେହେଲା ବା ବୀଣା ଭଳି ହେବ । ସେଥିପାଇଁ ଭଲକଥା ବା ସତ୍‌କଥା ତୁମକୁ ଅନୁଭବ କରିବାକୁ ହେବ, ହୃଦୟଙ୍ଗମ କରିବାକୁ ହେବ— ଚରିତ୍ରଗତ କରିବାକୁ ହେବ ।

*(ଇଷ୍ଟ-ପ୍ରସଙ୍ଗ/ଇଂ-ତା୧୫।୦୨।୭୬)*

***     ***     ***

**ଯିଏ ଅନୁଭୂତିର ଖୁବ୍ ଗଳ୍ପ କରେ ଅଥଚ ତା'ର ଲକ୍ଷଣ ପ୍ରକାଶ ହୁଏନା, ତା'ର ଗଳ୍ପଗୁଡ଼ିକ କଳ୍ପନାମାତ୍ର ବା ଆଡ଼ମ୍ବର ।**

ପ୍ରତିଦିନ ଭଳି ଆଜିବି ବାଣୀଟା ନାନା ଭାଷାରେ ପାଠ ହେବା ପରେ ଶ୍ରୀଶ୍ରୀପିତୃଦେବ ବାଣୀଟି ତୀର୍ଯ୍ୟ (ଦାସ), ଶୁଭା (ସାନ୍ୟାଲ), ମିନତି (ଗାଙ୍ଗୁଲୀ) ଓ ଧୀରା (ମଣ୍ଡଳ)— ଏହି ବାଳିକାମାନଙ୍କୁ ପାଠ କରିବାକୁ କହିଲେ । ତତ୍ପରେ ତୀର୍ଯ୍ୟକୁ ପଚାରିଲେ— କିପରି କରି ଜାଣିହୁଏ ?

ତୀର୍ଯ୍ୟ— ଦୀପ୍ତିଆଦିଙ୍କ ଘର ପାଖ ଦେଇ ଯାଉଛି । ଦୀପ୍ତିକୁ ଦେଖିଲି । ସେତେବେଳେ ଜାଣିଲି ଦୀପ୍ତି ଘରେ ଅଛି ।

ଶ୍ରୀଶ୍ରୀପିତୃଦେବ— ତା'ହେଲେ ଜଣାଗଲା କିପରି ?

ତୀର୍ଯ୍ୟକୁ ନିରୁତ୍ତର ଦେଖି ଏଥର ସିଏ ହୃଷୀକେଶକୁ (ଦେ) ପଚାରିଲେ ।

ହୃଷୀକେଶ— ଅନୁଭବ କରି ଜାଣିହୁଏ ।

ଶ୍ରୀଶ୍ରୀପିତୃଦେବ— ତୁମେମାନେ ତ ଠିକ୍‌ହିଁ କହୁଛ, କିନ୍ତୁ ମୁଁ ତ ବୁଝି ପାରୁନି । (କ୍ଷଣିକ ଅଟକି) ସ୍ୱପ୍ନା କହ ଦେଖି ?

ସ୍ୱପ୍ନା— ରାଣୀର (ମୁଖାର୍ଜ୍ଜୀ) ଦେହ ଅସୁସ୍ଥ— ଶୁଭା ମତେ କହିଲା, ସେତେବେଳେ ରାଣୀର ରୋଗର କଥା ଜାଣିପାରିଲି ।

ଶ୍ରୀଶ୍ରୀପିତୃଦେବ— ତା'ହେଲେ ଜାଣିଲି କିପରି କରି ? କୁହ, କାନରେ ଶୁଣି ଜାଣି ପାରିଲି । ଖାଦ୍ୟରେ ଲୁଣ ବେଶୀ ନା କମ୍ ହୋଇଛି, ମିଠା ବେଶୀ ନା କମ୍ ଜିହ୍ୱା ଦେଇ ଅନୁଭବ କରେ । ପବନ ବହୁଛି କି ନା ତ୍ୱକ୍ ଦେଇ ଅନୁଭବ କରେ । ଯେଉଁ ମାଧ୍ୟମଗୁଡ଼ିକ ସାହାଯ୍ୟରେ ଜାଣିପାରେ ସେଗୁଡ଼ିକୁ ଇନ୍ଦ୍ରିୟ କହନ୍ତି । ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା, ତ୍ୱକ୍ ଦେଇ ଆମେମାନେ ଜାଣିପାରୁ, ଜ୍ଞାନ ହୁଏ । ଏଗୁଡ଼ିକୁ ଜ୍ଞାନେନ୍ଦ୍ରିୟ କହନ୍ତି । ବାକ୍, ପାଣି, ପାଦ, ପାୟୁ, ଉପସ୍ଥ— ଏଗୁଡ଼ିକ ଦେଇ ଆମେମାନେ କାମ କରୁ । ଏଗୁଡ଼ିକୁ କର୍ମେନ୍ଦ୍ରିୟ କହନ୍ତି ।

ଉପସ୍ଥିତ ବାଳକ-ବାଳିକାମାନଙ୍କୁ ସିଏ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ସମୁଦୟ ଉଚ୍ଚାରଣ କରାଇଲେ । ସମସ୍ତଙ୍କର ମୁଖସ୍ଥ ହେବା ପରେ ସିଏ କହିଲେ— ଆହୁରି ଚାରୋଟି ଇନ୍ଦ୍ରିୟ ଅଛି । ସେଗୁଡ଼ିକ ହେଉଛି— ମନ, ବୁଦ୍ଧି, ଚିତ୍ତ, ଅହଙ୍କାର । ଏଗୁଡ଼ିକ ଦ୍ୱାରା ଉପଲବ୍ଧି କରାଯାଏ, ଅନୁଭବ କରାଯାଏ । — ଏଗୁଡ଼ିକୁ ଅନ୍ତରିନ୍ଦ୍ରିୟ କହନ୍ତି । ଅତଃପରେ ଅନ୍ତରିନ୍ଦ୍ରିୟଗୁଡ଼ିକର ନାମ ସିଏ ପୁଅ-ଝିଅମାନଙ୍କୁ ଦେଇ ଉଚ୍ଚାରଣ କରାଇଲେ ।

ବାଣୀଟିର ବ୍ୟାଖ୍ୟା ପ୍ରସଙ୍ଗରେ ଶ୍ରୀଶ୍ରୀପିତୃଦେବ କହିଲେ— ଠାକୁର କହିଛନ୍ତି, ଯିଏ ଅନୁଭୂତିର ଖୁବ୍ ଗପ କରେ, କିନ୍ତୁ ଲକ୍ଷଣ ପ୍ରକାଶ ପାଏନା, ତା'ର ମାନେ ଯା'ର ଅନୁଭୂତି ହୋଇନି ସେ ଯଦି ଅନୁଭୂତିର ଗପ କରେ, ତା'ର ଗପଗୁଡ଼ିକ ଆଡ଼ମ୍ବରପୂର୍ଣ୍ଣ ହୁଏ, ହୃଦୟଗ୍ରାହୀ ହୁଏନା । କୌଣସି ବିଷୟର ଅନୁଭୂତି ହେଲେ ଜ୍ଞାନ ହୁଏ ତ ! ଯେପରି ଦୀଘାରେ ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖି ଆସି ଜଣେ କହୁଛି— ଏହିଭଳି । ତୁମେ ତା' କେବେ ଦେଖିନ, ଅଥଚ ତୁମେ କହୁଛ— ନା, ସେପରି ନୁହେଁ, ଏପରି, ନାନାପ୍ରକାର କାଇଦା କରି ବନେଇ ତୁମେ ବୁଝାଇବାକୁ ଚେଷ୍ଟା କରୁଛ । ତା'ହେଲେ କ'ଣ ହେବ ? ତୁମେ କଲିକତା ନ ଦେଖିହିଁ କଲିକତା ବିଷୟରେ ଗପ କରିଲେ ଯେପରି ହୁଏ, ସେପରି ହେବ । ମୁଁ ରସଗୋଲ୍ଲା କେବେବି ନ ଖାଇ ଗପ କରିଲି । ଆଉ ଜଣେ ଖାଇ ବସି ଗପ କରିଲା— ଆକାର, ଆକୃତି, ରଙ୍ଗ, ସ୍ୱାଦ ସବୁ ଅବଲୀଳାକ୍ରମେ କହିଗଲା । ତା'ର ମୁହଁ-ଆଖି ସବୁ ଦେଇ ତା' ପ୍ରକାଶ ପାଇଲା । ମୁଁ ଯେ ବନେଇ କହୁଛି, କହିବାର ଭାବରେହିଁ ତା' ଧରା ପଡ଼ିଯିବ । ଖାଇବାର କୌଣସି ଲକ୍ଷଣହିଁ ପ୍ରକାଶ ପାଇବ ନାହିଁ । ଆମେମାନେ ଦୀକ୍ଷା ନେଉ କ'ଣ ପାଇଁ ? ଅଶାନ୍ତିର ହାତରୁ ବଞ୍ଚିବା ପାଇଁ । ଦୀକ୍ଷା ନେଇ ବୀଜମନ୍ତ୍ର ଜପ କରୁଥାଉ, ଧ୍ୟାନ କରୁ, ଇଷ୍ଟନିର୍ଦ୍ଦେଶ ମାନି ଚାଲୁ । ଠିକ୍‌ଭାବେ ଚାଲିଲେ ଆମେମାନେ ବହୁ ଜିନିଷ ଅନୁଭବ କରିପାରୁ, ଭିତରର ବୋଧ ଦେଇ ଦେଖିପାରୁ । ଇନ୍ଦ୍ରିୟଗୁଡ଼ିକ ନ ଥିଲେ ଆମେମାନେ କିଛିହିଁ ଜାଣି ପାରିନଥା'ନ୍ତୁ । ଏମାନଙ୍କୁ ଦେଇ ଆମେମାନେ ସବୁ ଜାଣିପାରୁ । କଥାବାର୍ତ୍ତା, ଚାଲିଚଳନ, ହାବ-ଭାବ ମଧ୍ୟରେ ତା' ପ୍ରକାଶ ପାଏ ।

*(ଇଷ୍ଟ-ପ୍ରସଙ୍ଗ/ଇଂ-ତା୧୫।୦୨।୭୬)*

*(ପ୍ରସଙ୍ଗ : ସତ୍ୟାନୁସରଣ, ପୃ.୧୦୨-୧୦୫)*

*ଅନୁବାଦ:ଡ଼କ୍ଟର ନିରଞ୍ଜନ ମିଶ୍ର*

# ପୁରୁଷୋତ୍ତମଙ୍କ ଦୀକ୍ଷା ସମସ୍ତଙ୍କୁ ନେବାକୁ ହେବ କାହିଁକି ?

## ।। ଦୀକ୍ଷାର ନ୍ୟୁନତମ ବୟସ ।।

ଜଣେ ପଚାରିଲେ— ଦୀକ୍ଷାର ନ୍ୟୁନତମ ବୟସ କେତେ ?

ଶ୍ରୀଶ୍ରୀଠାକୁର— ପାଞ୍ଚ ବର୍ଷ ବୟସ ହେଲେ କେବଳ ନାମ ଓ ଇଷ୍ଟଭୃତି ଦିଆଯାଏ । ପରେ ବଡ଼ ହେଲେ ପୁରା ଦୀକ୍ଷା ନେବାକୁ ହୁଏ । ଇଷ୍ଟଭୃତି ପରି ପିତୃଭୃତି ଓ ମାତୃଭୃତି କରିବାକୁ ହୁଏ । ତା' ନହେଲେ ପାରିବାରିକ ସଂହତି ଆସେନା । ସେମାନଙ୍କୁ ମଣିଷ କରିବାକୁ ହେଲେ ନିଜେ ମଣିଷ ହେବାକୁ ପଡ଼େ ।

*(ଆଲୋଚନା-ପ୍ରସଙ୍ଗ, ୨୦ଶଖଣ୍ଡ, ତା୮.୭.୧୯୫୧)*

## ।। ଅଭାବ ପାଇଁ ଦୀକ୍ଷା ନିଅ ନାହିଁ ।।

ଜଣେ କହିଲେ— ଆଜିକୁ କେତେବର୍ଷ ଧରି ହେବ ନାନାଭାବେ ଅଭାବ-ଅଭିଯୋଗରେ ବିଧ୍ୱସ୍ତ ହୋଇଛି । ଶୁଣିଲି ଦୀକ୍ଷା ନେଲେ ଭଲ ହେବ । ମୁଁ ଦୀକ୍ଷା ନେବି କି ?

ଶ୍ରୀଶ୍ରୀଠାକୁର— ଅଭାବ ପାଇଁ ଦୀକ୍ଷା ନିଅ ନାହିଁ । ଦୀକ୍ଷା ପାଇଁ ଦୀକ୍ଷା ନିଅ ।

*(ଆଲୋଚନା-ପ୍ରସଙ୍ଗ, ୨୦ଶଖଣ୍ଡ, ତା୧୮.୧୧.୧୯୫୧)*

## ।। ପୁରୁଷୋତ୍ତମଙ୍କ ଦୀକ୍ଷା ସମସ୍ତଙ୍କୁ ନେବାକୁ ହେବ କାହିଁକି ?

ଦୀକ୍ଷା ଓ ଶିକ୍ଷା ସମ୍ବନ୍ଧରେ କଥା ଉଠିଲା ।

ଶ୍ରୀଶ୍ରୀଠାକୁର କହିଲେ— ଦୀକ୍ଷା ସମସ୍ତଙ୍କର ହିଁ ନେବା ପ୍ରୟୋଜନ ଏବଂ ନାନା ଲୋକଙ୍କର ନାନା ଜାଗାରେ ଦୀକ୍ଷା ନେବା ହୁଏତ ଅଛି । ହିନ୍ଦୁମାନଙ୍କର କଥା, ମହାପୁରୁଷ ବା ପୁରୁଷୋତ୍ତମ ଯେତେବେଳେ ଆସନ୍ତି ସେତେବେଳେ ତାଙ୍କୁ ଗ୍ରହଣ କରିବାକୁ ପଡ଼େ । ତାଙ୍କୁ ଗ୍ରହଣ କରିଲେ ସବୁଗୁଡ଼ିକର ପୁରଶ୍ଚରଣ ହୁଏ ଆଉ, ତାଙ୍କୁ କେନ୍ଦ୍ର କରିହିଁ ସବୁ ଦୀକ୍ଷାର integration (ସଂହତି) ଆସେ । କେହି ହୁଏତ ତାନ୍ତ୍ରିକ ଦୀକ୍ଷା ନେଇଛି, କେହି ହୁଏତ ଶୈବ ମତରେ ଦୀକ୍ଷା ନେଇଛି । ସେଗୁଡ଼ିକର ଅନୁଷ୍ଠାନ କରି ବା ନ କରି ଯଦି ମହାପୁରୁଷ ବା ପୁରୁଷୋତ୍ତମ-ନିର୍ଦ୍ଦେଶିତ ପନ୍ଥାରେ ସାଧନା କରନ୍ତି ସେଥିରେ ସେମାନଙ୍କର ଦୀକ୍ଷା ସାର୍ଥକ ହେବ । ସାଧୁ ନାଗ ମହାଶୟ ତ ଆଗରୁ ଦୀକ୍ଷା ନେଇଥିଲେ । କିନ୍ତୁ ରାମକୃଷ୍ଣଦେବଙ୍କୁ ପାଇ ତାଙ୍କ ନିକଟରୁ ଦୀକ୍ଷା ନେବାକୁ ଦ୍ୱିଧା କରି ନାହାଁନ୍ତି । ସେଥିରେ ସେଇ (ଆଗର) ଦୀକ୍ଷାରହିଁ ପୁରଶ୍ଚରଣ ହୋଇଥିଲା । ଏହିଭାବେ ହିଁ ପୁରୁଷୋତ୍ତମଙ୍କୁ ଗ୍ରହଣର ରୀତି ଯଦି ନଥାଏ, ବିଭିନ୍ନ ଦୀକ୍ଷା ପଦ୍ଧତି ଓ ସେଥିରେ ଦୀକ୍ଷିତ ଲୋକଗୁଡ଼ିକ ବିଚ୍ଛିନ୍ନ ହୋଇ ରହିଥା'ନ୍ତି । ଲୋକସଂହତି ବୋଲି ଜିନିଷଟା ଆସେନା । ଭାବଗୁଡ଼ିକ integrated (ସଂହତ) ହୁଏନା । ନାନା ମତ ଓ ପଦ୍ଧତିର solution (ସମାଧାନ) ହୁଏନା । ବିଭିନ୍ନ ରକମଗୁଡ଼ିକର solution (ସମାଧାନ) ନ ହୋଇ ଯେଉଁ ଦୀକ୍ଷାରେହିଁ ମଣିଷ ଦୀକ୍ଷିତ ହେଉନା କାହିଁକି, ସେଥିରେ ପରମ solution (ସମାଧାନ) ଅର୍ଥାତ୍ meaningful adjustment (ସାର୍ଥକ ବିନ୍ୟାସ) ହୁଏନା । ନାନା ସମ୍ପ୍ରଦାୟର ସୃଷ୍ଟି ହୁଏ । ସେମାନେ କେହି କାହାକୁ ଦେଖି ପାରନ୍ତିନି, ବିରୋଧ ରହିହିଁ ଯାଏ, consolidation (ଦୃଢ଼ୀକରଣ) ହୁଏନା ।

ଆମ ହିନ୍ଦୁମାନଙ୍କ ମଧ୍ୟରେ ଧାରଣା ଅଛି 'ସର୍ବଦେବମୟୋ ଗୁରୁ' । ଗୁରୁଙ୍କ ମଧ୍ୟରେ ସମସ୍ତ ଦେବତାଙ୍କୁ ଦେଖିବାକୁ ଚାହୁଁ ଆମେ । ଅର୍ଥାତ୍ ସିଏ ସେପରି ସର୍ବପରିପୂରକ ହେବା ଦରକାର ବାସ୍ତବରେ । ତା' ନହେଲେ ବ୍ୟଷ୍ଟି ଓ ସମଷ୍ଟିର ସର୍ବାଙ୍ଗୀନ ବିକାଶ ସମ୍ଭବ ନୁହେଁ । ତାଙ୍କ ନିକଟରୁ ଦୀକ୍ଷା first and foremost (ପ୍ରଥମ ଓ ପ୍ରଧାନ) । ଆଉ ଯାହାକିଛିକୁ ସଙ୍ଗତିଶୀଳ ଅନ୍ୱୟୀ ତାତ୍ପର୍ଯ୍ୟ ଭିତର ଦେଇ ସତ୍ତା-ପୋଷଣୀ କରି ତୋଳିବାହିଁ ହେଲା ତପସ୍ୟା । ତା'କୁହିଁ କହେ ଶିକ୍ଷା । *(ଆଲୋଚନା-ପ୍ରସଙ୍ଗ, ୨୨ଶଖଣ୍ଡ, ତା୪.୯.୧୯୫୩)*

## ।। କାମ ବାଦ ଦେଇ କେବଳ ନାମଧ୍ୟାନ କରିଲେ କ'ଣ ହୁଏ ?

ଶ୍ରୀଶ୍ରୀଠାକୁର କଥା କଥାରେ କହିଲେ— ମୁଁ ତ ଏକ ସମୟରେ ଖୁବ୍ ନାମଧ୍ୟାନ କରୁଥିଲି, କାମ ବାଦ୍ ଦେଇ କେବଳ ନାମଧ୍ୟାନ କିଛିଦିନ କରି କିପରି ଯେମିତି ନିଥର ହୋଇଗଲି— ଭଲ-ମନ୍ଦ, ସୁଖ-ଦୁଃଖ କୌଣସି sensation (ଭାବ) ହିଁ ଯେପରି feel (ବୋଧ) କରୁନଥିଲି, ଆଗର ସେଇ tremer of life (ଜୀବନର ସମ୍ପନ୍ଦ) ଚାଲିଗଲା, solid (ନିରାଟ) ହୋଇ ଉଠିଲି—

ସେ ଏକ ନରକ ବିଶେଷ, ତା'ପରେ ମୁଁ ନାମ ସଙ୍ଗେ ସଙ୍ଗେ କାମ ଦିଗରେ ମନ ଦେଲି— ସେତେବେଳେ ସ୍ୱାଭାବିକ ଅବସ୍ଥା ଫେରି ଆସିଲା । *(ଆଲୋଚନା-ପ୍ରସଙ୍ଗ, ୧ମଖଣ୍ଡ, ତା୮.୧.୧୯୪୦)*

## ।। କାହାର ଧ୍ୟାନ କରିବାକୁ ହେବ ?

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ଯୁଗାବତାର ଛଡ଼ା ଅନ୍ୟ କେହି ଧ୍ୟେୟ ନୁହଁନ୍ତି । ଯୁଗାବତାରଙ୍କ ଅବର୍ତ୍ତମାନରେ ତାଙ୍କଠାରେ ଅଚ୍ୟୁତ-ଆନତିସମ୍ପନ୍ନ, ଛନ୍ଦାନୁବର୍ତ୍ତୀ, ଜୀବନ-ବୃଦ୍ଧିଦ ଆଚରଣସିଦ୍ଧ, ତଦ୍‌ବଂଶଧର ଇଷ୍ଟପ୍ରତୀକ ସ୍ୱରୂପ ରହିପାରନ୍ତି । ପରବର୍ତ୍ତୀ ଆସିଗଲେ ସେତେବେଳେ ସିଏହିଁ ହେବେ ଧ୍ୟେୟ ।

*(ଆଲୋଚନା-ପ୍ରସଙ୍ଗ, ୧ମଖଣ୍ଡ, ତା୮.୧.୧୯୪୦)*

## ।। ଧ୍ୟାନ ମାନେ କ'ଣ ?

ଧ୍ୟାନ-ସମ୍ବନ୍ଧରେ କଥା ଉଠିଲା । ଶ୍ରୀଶ୍ରୀଠାକୁର କହିଲେ— ମଣିଷ ଧ୍ୟାନ-ଧ୍ୟାନ କରେ, ଅଥଚ ଧ୍ୟାନ କହିଲେ କିଛି ବୁଝେନା, concentration (ଏକାଗ୍ରତା) ନ ହୋଇ ହୁଏ fixation (ତ୍ରାଟକ) ଧରଣର । ସେଥିରେ ମସ୍ତକର କର୍ମ ନିକାଶ । ଧ୍ୟାନ ମାନେ ହେଲା ଅନୁରାଗମୁଖର ଇଷ୍ଟଚିନ୍ତନ; ଇଷ୍ଟସ୍ୱାର୍ଥ ଓ ଇଷ୍ଟପ୍ରତିଷ୍ଠାର ପରିପୋଷକ କରି ଭିତର ବାହାରର ଯାହାକିଛିର ନିୟନ୍ତ୍ରଣ, ସାମଞ୍ଜସ୍ୟ ଓ ସମାଧାନର ବୁଦ୍ଧି ସ୍ଥିରୀକରଣ । ଏହିଭାବେ ଚିନ୍ତା କରି ବୁଦ୍ଧି ସ୍ଥିର କରି କାମରେ ବି ତା' କରିବା ଦରକାର । ସେଥିରେହିଁ ହୁଏ ଧ୍ୟାନ ସାର୍ଥକ, ଚରିତ୍ରର ଇଷ୍ଟାନୁଗ ବିନ୍ୟାସବି ହୁଏ ସେପରି କରିହିଁ ।

*(ଆଲୋଚନା-ପ୍ରସଙ୍ଗ, ୧ମଖଣ୍ଡ, ତା୧୮.୧୧.୧୯୪୦)*

## ।। ନାମ-ଧ୍ୟାନ ନ କରି ବେଶୀ କରି କାର୍ଯ୍ୟ କରିଲେ କ'ଣ ହୁଏ ?

ପ୍ରସଙ୍ଗତଃ ଜଣେ ପଚାରିଲେ— ନାମ-ଧ୍ୟାନ ନ କରି ଯଦି motor activity (କାର୍ଯ୍ୟକର୍ମ) ବେଶୀ କରି ଚଲାଏ ?

ଶ୍ରୀଶ୍ରୀଠାକୁର— ସେଥିରେ subconscious or unconscious mind (ଅବଚେତନ ବା ଅଚେତନ ମନରେ) unsolved (ଅସମାହିତ) ଯା' ଥାଏ ତା' ଜାଣି ହୁଏନା, adjust (ନିୟନ୍ତ୍ରଣ) କରାଯାଏନା । ଜ୍ଞା ଧାତୁ ମାନେ ଜ୍ଞାନ, ବୋଧ— ସେଠାରେ (ଆଜ୍ଞାଚକ୍ରରେ) ଧ୍ୟାନ କରିଲେ ଜ୍ଞାନ ଓ ବୋଧ ହୁଏ ବୋଲି ତା'କୁ ଆଜ୍ଞାଚକ୍ର କୁହାଯାଏ । ଆଉ pressure (ଚାପ)ଟା ହିଁ ମୂଳ ଜିନିଷ, ଇଷ୍ଟଭୃତି ସେଇ pressure (ଚାପ) । ହାତର exercise (ବ୍ୟାୟାମ) ଯେତେହିଁ କର, muscle (ପେଶୀ)ର ଦିଗରେ attention (ନଜର) ନଦେଲେ କିନ୍ତୁ କାମ ହୁଏନା । କଥାମୃତର ଗଳ୍ପ ପରି— ନଷ୍ଟ ଝିଅ ଯାହାକୁ ଭଲପାଏ, ସବୁ କାମ ମଧ୍ୟରେ ତା'ର କଥା ମନେପଡ଼େ— ଭାବେ କେବେ ତା' ପାଖକୁ ଯିବି, ତା'କୁ ଦେଖିଲେ ଆନନ୍ଦ ହୁଏ, ଚଟାପଟ୍ ଭଲ କରି କାମ ସାରି ସେଇଠାକୁହିଁ ଛୁଟିଯାଏ । ଅନୁରାଗୋଦ୍ଦୀପ୍ତ ନାମ-ଧ୍ୟାନ ଦରକାର, ତାଙ୍କ ପ୍ରତିଷ୍ଠା ଓ ଭରଣର ଆକୁଳ ଧନ୍ଦା ଦରକାର— ଭଲପାଇଲେ ଯେମିତିହିଁ କରେ;— ସେମିତିହିଁ ଯଜନ-ଯାଜନ-ଇଷ୍ଟଭୃତି ସ୍ୱତଃହିଁ ଆସେ ।

ପ୍ରଶ୍ନ— ଇଷ୍ଟଭୃତିର pressureରେ (ଚାପରେ) କ'ଣ ହୁଏ ?

ଶ୍ରୀଶ୍ରୀଠାକୁର— ସବୁ ସମୟରେ ସବୁ କାମ ମଧ୍ୟରେ ସେ ଧନ୍ଦା ଯଦି ଥାଏ, ଇଷ୍ଟଭୃତିଟା ଯୋଗାଡ଼ କରିବାକୁ ହେବ, ସେତେବେଳେ ଜୀବନର ସବୁଗୁଡ଼ିକ ମଧ୍ୟରେ ଇଷ୍ଟ ଓତଃପ୍ରୋତଃ ଭାବେ ଗୁନ୍ଥି ହୋଇଯାଆନ୍ତି ।

*(ଆଲୋଚନା-ପ୍ରସଙ୍ଗ, ୧ମଖଣ୍ଡ, ତା୧୮.୧୧.୧୯୪୦)*

## ।। କନ୍‌ସେନ୍‌ଟ୍ରେସନ୍ ବା ଏକାଗ୍ରତା କ'ଣ ?

Concentration (ଏକାଗ୍ରତା) ସମ୍ବନ୍ଧରେ କଥା ଉଠିଲା ।

ଶ୍ରୀଶ୍ରୀଠାକୁର କହିଲେ— Concentration (ଏକାଗ୍ରତା) କିନ୍ତୁ fixation (ତ୍ରାଟକ) ନୁହେଁ । Con ମାନେ with (ସହ) ଆଉ centration ମାନେ centre (କେନ୍ଦ୍ର), concentration ମାନେ with the centre (କେନ୍ଦ୍ର ସହିତ) । ଇଷ୍ଟ ଆଉ ଇଷ୍ଟସ୍ୱାର୍ଥରେ ମନର ଯାତାୟାତ, ଏପରି କରିହିଁ ଧ୍ୟାନରେ ଆସେ ଚିତ୍ତ-ସଂଯୋଜନା । Third (ତୃତୀୟ) ତିଳରେ ବା ଆଜ୍ଞାଚକ୍ରରେ ମନସଂଯୋଗ କରିବାର କଥା କୁହାଯାଏ, ମଣିଷ ଗଭୀର ଚିନ୍ତା କରିବାକୁ ଗଲେହିଁ କିନ୍ତୁ ଅଜ୍ଞାତସାରରେ ସେଠାରେ ହାତ ଦିଏ— process (ନିୟମ) ଅନୁଯାୟୀ ଏଗୁଡ଼ିକ କରିବାକୁ ଲାଗିଲେ base of the brain excited (ମସ୍ତିଷ୍କର ତଳଦେଶ ଉଦ୍ଦୀପ୍ତ) ହୁଏ, pineal glandରେ (ଆଜ୍ଞାଚକ୍ରରେ) ସେଇ excitement (ଉଦ୍ଦୀପନା) ସଞ୍ଚରି ଯାଏ । Suppressed (ନିରୁଦ୍ଧ) ଅନେକ କିଛି ବାହାରି ପଡ଼େ, ବୋଧ କରାଯାଏ, କାର୍ଯ୍ୟ ଭିତର ଦେଇ ପୁନଶ୍ଚ ସେଗୁଡ଼ିକ adjusted (ନିୟନ୍ତ୍ରିତ) ହୁଏ ।

*(ଆଲୋଚନା-ପ୍ରସଙ୍ଗ, ୧ମଖଣ୍ଡ, ତା୧୬.୧୧.୧୯୪୧)*

କର୍ମାର୍ପଣ

# ମୋର ଈପ୍ସିତ ମଣିଷ ଯୋଗାଡ଼୍ କର

**।। ମତେ ଭଲପାଇବା କେତେବେଳେ ସ୍ୱାଭାବିକ ନୁହେଁ ?**

ମତେ ଖୁବ୍ ଭଲପାଆନ୍ତି ଅଥଚ ମୁଁ ବା ମୋର ଯେଉଁମାନେ, ସେମାନେ ବିପନ୍ନ ହେଲେ ଆପଣଙ୍କର ପ୍ରାଣ କାନ୍ଦିଉଠେନା ବା ନିଜକୁ ବିପନ୍ନ ବୋଲି ବୋଧ କରନ୍ତିନି ଏବଂ ତା'ର ପ୍ରତିକାର ପାଇଁ ଆପଣଙ୍କର ଶକ୍ତି-ସରଞ୍ଜାମ ନେଇ ଯଥାସାଧ ଚେଷ୍ଟା କରନ୍ତିନି । ଏଇଟା କିନ୍ତୁ ଗୋଟେ ଅସ୍ୱାଭାବିକ ବ୍ୟାପାର । ଏହିପ୍ରକାର ଗଲଦ ଥିଲେ ବାହାରର ଲୋକଙ୍କର ବି ତା' ଟେର ପାଇବାକୁ ଢ଼େରି ହୁଏନା, ଏବଂ ଯା'ର ଯେପରି ପ୍ରକୃତି, ସେ ସେଇଭାବେ ତା'ର ସୁଯୋଗ ନେବାକୁ ବି ତ୍ରୁଟି କରେନା ।

*(ଆଲୋଚନା-ପ୍ରସଙ୍ଗ, ୬ଷ୍ଠଖଣ୍ଡ, ତା୧.୮.୧୯୪୫)*

**।। ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ବଡ଼ କରିବାକୁ ଚେଷ୍ଟା କରନ୍ତୁ ।।**

ତୁମମାନଙ୍କ ପକ୍ଷେ ଅସାଧ କାଣ୍ଡ ନାହିଁ । ଦରକାର continuity (କ୍ରମାଗତି) ଓ co-ordination (ସଙ୍ଗତି) । ଆମେ ଯଦି auspicious (ମଙ୍ଗଳଲିପ୍ସୁ ନ ହୋଇ) ambitious (ଉଚ୍ଚାକାଂକ୍ଷୀ) ହେଉ, ତା'ହେଲେ ସମସ୍ତଙ୍କୁ ନେଇ ବଡ଼ ହେବାର ପଥରେ ଆଗେଇ ଯିବାର ବୁଦ୍ଧି ହୁଏନା । ଅନ୍ୟକୁ ଦବେଇ ନିଜେ ବଡ଼ ହେବାର ବୁଦ୍ଧି ହୁଏ । ସେଥିରେ ସୁଖ ହୁଏନା । ମୋର ଦେଖିବାକୁ ଇଛା ହୁଏ ଯେ ଆପଣମାନେ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ବଡ଼ କରି ତୋଳିବାକୁ ଚେଷ୍ଟା କରୁଛନ୍ତି ଏବଂ ସମସ୍ତେ ମିଶି ବଡ଼ ହୋଇ ଉଠୁଛନ୍ତି । ଆପଣମାନେ ଯଦି ଠିକ୍ ଭାବେ ଚଳିପାରନ୍ତି, ତା'ହେଲେ ଏଇଟା factually demonstrated (ବାସ୍ତବରେ ପ୍ରମାଣୀକୃତ) ହୋଇଯିବ ଯେ India (ଭାରତ) ଆଜିବି world (ଜଗତ)ର life and light (ଜୀବନ ଓ ଆଲୋକ) ହୋଇ ଛିଡ଼ା ହୋଇପାରେ । କଠିନ କିଛି ନୁହେଁ । Pilot-man (ଚାଳକ) କମ୍, ତେଣୁ ମୁସ୍କିଲ୍ । ତେବେ responsive, sincere, untottering, responsible adherence (ସାଡ଼ାପ୍ରବଣ, ଆନ୍ତରିକ, ଅତୁଟ, ଦାୟିତ୍ୱଶୀଳ ଅନୁରାଗ) ରହିଲେ ସାଧାରଣ ମଣିଷହିଁ ଅସାଧାରଣ ହୋଇ ଛିଡ଼ା ହୋଇପାରେ । ଆପଣମାନେ କମ୍ ନୁହଁନ୍ତି । କିନ୍ତୁ ଆପଣମାନଙ୍କର ଆହୁରି more (ଅଧିକ) ହେବାକୁ ହେବ— both in quality and number (ଗୁଣ ଓ ସଂଖ୍ୟାରେ) । ଶ୍ରେଷ୍ଠଯାଜୀ ହେବାକୁ ହେବ ।

ଶ୍ରେଷ୍ଠଯାଜୀ ହେଲେହିଁ ବଢ଼େ/ବ୍ୟକ୍ତିତ୍ୱଟା ପ୍ରଜ୍ଞା ନେଇ,<br>
ନିମ୍ନଯଜାରେ ବୁଦ୍ଧି ମୋଟା/ନିଷ୍ଠା ବଢ଼ାଏ ଫାଙ୍କି ଦେଇ ।

ଗତାନୁଗତିକ ଚଳନରେ ଚାଲିଲେ ହେବନି । ଅନନ୍ୟମନା ହେବାକୁ ହେବ । ଆପଣମାନେ ଇଚ୍ଛା କରିଲେ, ଏହି ଆପଣମାନଙ୍କ ଦ୍ୱାରାହିଁ thirty times (ତିରିଶଗୁଣ) ବେଶୀ work (କାମ) ହୋଇପାରେ । ଗୋଟେ ଫୁଙ୍କାରେ ହୁଏ । ଜଣକର inertia (ଜଡ଼ତା) କଟିଗଲେ ସମସ୍ତଙ୍କର (ଜଡ଼ତା) କଟି ଯାଏ । ଜଣେ ତଡ଼ି ମାଡ଼ିଆସିଲେ ଆଉ ପାଞ୍ଚଜଣ ଉତ୍ସାହରେ ନାଚି ଉଠନ୍ତି— ସଙ୍ଗରେ ଆସି ଏଡ଼େଇ ଯାଆନ୍ତି ।

*(ଆଲୋଚନା-ପ୍ରସଙ୍ଗ, ୬ଷ୍ଠଖଣ୍ଡ, ତା୧୮.୧୦.୪୫)*

**।। ମଣିଷ ସଙ୍ଗେ କଥାବାର୍ତ୍ତା ସମୟରେ ସ୍ମରଣ ରଖ ।।**

ଯା' ସଙ୍ଗେ ଯେଉଁ କଥାହିଁ କୁହ, ତା' ମଧରେ ଗୋଟେ elating interestedness (ଉଦ୍ଦୀପନୀ ଅନ୍ତରାସ) ଓ aloving inquisitiveness (ଭଲପାଇବାମୟ ଅନୁସନ୍ଧିତ୍ସା) ଥିବାହିଁ ଦରକାର । ଯେଉଁ ବ୍ୟବହାର ତୁମକୁ ଭଲଲାଗେ, ଅନ୍ୟକୁବି ତା' ସାଧାରଣତଃ ଭଲ ଲାଗିବାର କଥା— ଏଇଟା ସ୍ମରଣ ରଖ ।

*(ଆଲୋଚନା-ପ୍ରସଙ୍ଗ, ୬ଷ୍ଠଖଣ୍ଡ, ତା୧୫.୧୧.୧୯୪୫)*

**।। ମୋର ଈପ୍ସିତ ମଣିଷ ଯୋଗାଡ଼୍ କର ।।**

ସବୁ କାମ ମଧରେ ମନେ ରଖିବେ, ଭଲ-ଭଲ ଲୋକ ଦୀକ୍ଷିତ କରି ତୋଳିବାହିଁ ଆପଣମାନଙ୍କର ପ୍ରଧାନ କାମ । ଏହି ବଜାର ମଧ ଦେଇ ମୋର desired men (ଈପ୍ସିତ ଲୋକ) ଯୋଗାଡ଼୍ କରନ୍ତୁ । ଅନ୍ତତଃ ପାଞ୍ଚ/ସାତ ଜଣ pilot men (ଚାଳକ ଲୋକ) ଦରକାର, ଯେଉଁମାନେ ବୁଝି-ସୁଝି ଅମୋଘ ଉଦ୍ଦୀପନାରେ ତତ୍ପର ହୋଇ ରହିଛନ୍ତି— ଅତୁଟ ନିଷ୍ଠା ନେଇ ଆତ୍ମନିୟନ୍ତ୍ରଣୀ ଓ ଉତ୍ସାହନନ୍ଦିତ ହୋଇ; ଯେଉଁମାନଙ୍କୁ କହିପାରନ୍ତି apostles (ଧର୍ମଦୂତ) । ସେମାନେ ହେବେ Brahminical temperament (ବ୍ରାହ୍ମଣ୍ୟ ପ୍ରକୃତି)ବାଲା— sincere (ଏକନିଷ୍ଠ), pushing (ଅଗ୍ରଗାମୀ), zealously adventurous (ଉତ୍ସାହୀ ସତ୍‌ସାହସ-ସମ୍ପନ୍ନ); ଏମାନେ science (ବିଜ୍ଞାନ)ର ଏମ.ଏ. ହେଲେ ଭଲ ହୁଏ । ଦରକାର ହେଲେ ଏମାନେ ଆମେରିକା ଯିବେ, ବିଲାତ ଯିବେ, ଜର୍ମାନୀ ଯିବେ, ଦୁନିଆରେ ଖେଳାଇ ଦେବେ ଆପଣମାନଙ୍କର କଥା ।

ଏହାଛଡ଼ା ତିନିଶହ wholetime (ପୂର୍ଣ୍ଣକାଳିକ) ଋତ୍ୱିକ୍ ଦରକାର । ସନ୍ନ୍ୟାସୀ ଧରଣର ମଣିଷ ହୁଅନ୍ତି, bachelor

(ଅବିବାହିତ) ହୁଅନ୍ତି ତା'ହେଲେହିଁ ଭଲ ହେବ । ଏମାନେ ଅନ୍ତତଃ graduate (ବି.ଏ. ବା ବି.ଏସ.ସି. ପାସ) ହେବା ଦରକାର । right man in right place (ଉପଯୁକ୍ତ ସ୍ଥାନରେ ଉପଯୁକ୍ତ ଲୋକ) ଯଦି ହୁଅନ୍ତି, ତା'ହେଲେ ଦେଖିବେ, କେମିତି ହୋଇଯିବ । ପ୍ରତ୍ୟେକଙ୍କୁ ବକ୍ତୃତା ଦେବା ଭଲକରି ଶିଖାଇ ଦେବେ । ଏମିତି କରି କହିବେ ଯେ ନିଥର ଯେ, ତା'ର ଅନ୍ତରକୁ ବି ଆପଣମାନଙ୍କ ଭାବରେ ଅନୁରଣିତ କରି ତୋଳିବେ, କମ୍ପାଇ ଦେବେ ।

*(ଆଲୋଚନା-ପ୍ରସଙ୍ଗ, ୭ମଖଣ୍ଡ, ତା୫.୧.୧୯୪୬)*

## ।। ପ୍ରକୃତ କର୍ମୀର ମନୋଭାବ କିପରି ହୁଏ ?

ପ୍ରଶ୍ନ— ଅନ୍ୟାନ୍ୟ ପ୍ରତିଷ୍ଠାନ କର୍ମୀ ପାଆନ୍ତି, ଆମେମାନେ ପାଉନା କାହିଁକି ?

ଶ୍ରୀଶ୍ରୀଠାକୁର— କାରଣ, ତୁମେମାନେ exalting (ଉଚ୍ଚେତନୀ) ନୁହଁ, self-seeking (ସ୍ୱାର୍ଥ-ସନ୍ଧିତ୍ସୁ), ବୁଭୁକ୍ଷାଭୀରୁ । ମୁଁବି ଆଗେ କହୁଥିଲି, ସୁଖର ପ୍ରଲୋଭନରେ ମୋ ନିକଟକୁ ଯଦି କେହି ଆସିବାକୁ ଚାହଁ, ତେବେ ଆସନା । କେଷ୍ଟଦା, ଗୋପାଳ— ଏମାନେ ସବୁ ଆତ୍ମଦାନର ସ୍ପୃହା ନେଇହିଁ ଆସିଥିଲେ । ମୋର ଏଠାରେ ଆଗେ ରକମଟା ସେଇ ଧରଣର ଥିଲା । ଏହିଭଳି ଯେଉଁମାନେ ସେମାନେହିଁ ପ୍ରକୃତ କର୍ମୀ, ଆଉ ସବୁ ନାଁକୁ ମାତ୍ର କର୍ମୀ ।

ପ୍ରଶ୍ନ— ଆମମାନଙ୍କର କର୍ମୀମାନଙ୍କଠାରୁ କ'ଣ ଅନ୍ୟାନ୍ୟ ଜାଗାର କର୍ମୀମାନେ ବେଶୀ ତ୍ୟାଗୀ ?

ଶ୍ରୀଶ୍ରୀଠାକୁର— ତା' ଦେଖି ତୁମର ଲାଭ କ'ଣ ? ତୁମର ଆଦର୍ଶ ହେବା ଉଚିତ୍, କରିବାର ଭିତର ଦେଇ ଯା' ଆସେ ତା' ପ୍ରସାଦସ୍ୱରୂପ ଗ୍ରହଣ କରିବା, ଆଉ ସେତେଟିକେ ସୁଖହିଁ ଭୋଗ କରିବା ଯା' ଶରୀର-ଧାରଣ ପକ୍ଷେ ପ୍ରୟୋଜନ । 'ଶାରୀରଂ କେବଳଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷଂ' ଏବଂ ଏହାର ଉଦ୍ବୃତ ଯା' ତା' ଏପରିଭାବେ ନିୟୋଜିତ କରିବା ପ୍ରୟୋଜନ— ଯେଉଁଥିରେ ଅନ୍ୟ ସମସ୍ତେ ସୁଖୀ ହୁଅନ୍ତି ।

ପ୍ରଶ୍ନ— ଶରୀର ଧାରଣ ପକ୍ଷେ ଯା' ଯେତେଟିକେ ପ୍ରୟୋଜନ, ତା'ଠାରୁ ବେଶୀ ରଖିବେନି, କିନ୍ତୁ ଭବିଷ୍ୟତ ପାଇଁ ସଞ୍ଚୟର ବି ତ ପ୍ରୟୋଜନ ଅଛି ?

ଶ୍ରୀଶ୍ରୀଠାକୁର— ସେଇଟା ଗୃହୀ ପକ୍ଷେ । ସନ୍ନ୍ୟାସୀର ଧର୍ମ ତା' ନୁହେଁ ।

ପ୍ରଶ୍ନ— ଆପଣଙ୍କର କର୍ମୀ କ'ଣ କରିବେ ?

ଶ୍ରୀଶ୍ରୀଠାକୁର— ସେ ତ ସନ୍ନ୍ୟାସୀ ।

ପ୍ରଶ୍ନ— ସେ ସନ୍ନ୍ୟାସୀର ଦୃଷ୍ଟିଭଙ୍ଗୀ ନେଇ ଚାଲିପାରେ, କିନ୍ତୁ ତା'ର ପୁତ୍ର-ପରିବାର ପାଇଁ କ'ଣ ବ୍ୟବସ୍ଥା କରିବ ? ତା'ପରେ ବୃଦ୍ଧ ବୟସରେ ସେ ଯଦି ଅସୁସ୍ଥ ହୋଇପଡ଼େ, ସେତେବେଳେ କ'ଣ କରିବ ?

ଶ୍ରୀଶ୍ରୀଠାକୁର— ତା' ନିକଟରେ କୌଣସି 'ଯଦି' ବା 'ସେତେବେଳେ' ନାହିଁ । ତା' ନିକଟରେ ସବୁହିଁ ଏବେ । ସେ କରିହିଁ ଚାଲେ ତା'ର କରଣୀୟ । ସମସ୍ତଙ୍କୁ ଗୃହୀ କରିବା ପାଇଁ ସେ ଗୃହହରା ହୁଏ, ସମସ୍ତଙ୍କୁ ସୁଖୀ କରିବା ପାଇଁ ସେ ନିଜର ସୁଖ ବିସର୍ଜନ ଦିଏ ଏବଂ ସେଥିରେହିଁ ସୁଖ ପାଏ । ସମସ୍ତଙ୍କର ଉପଭୋଗର କାମନାରେ ସେ ନିଜସ୍ୱ ଉପଭୋଗ ଭୁଲେ, ସେଥିରେ ହୁଏ ପ୍ରକୃତରେ ଉପଭୋଗ ଏବଂ ସମସ୍ତଙ୍କର ମୁକ୍ତି-ପ୍ରଲୋଭନରେ ଓ ମୁକ୍ତିସାଧନରେ ସେ ହୁଏ ନିବଦ୍ଧ । Nature abhors vacuum (ପ୍ରକୃତି ଶୂନ୍ୟତାକୁ ଅପସନ୍ଦ କରେ), ଅର୍ଥାତ୍ ପ୍ରକୃତ surrender (ଆତ୍ମସମର୍ପଣ) ହେଲେ ପ୍ରକୃତି ତା'କୁ ସବୁଦିଗରୁ ଭରିତୋଳେ । କେବଳ ମୌଖିକ କଥାରେ ନ ହୋଇ essentially (ମୂଳତଃ) ଯଦି କେହି ଇଷ୍ଟସ୍ୱାର୍ଥପ୍ରତିଷ୍ଠାପରାୟଣ ହୁଏ, ତା'ର ସ୍ୱାର୍ଥ ଓ ପ୍ରତିଷ୍ଠା ସେଥିରେ ସୁସିଦ୍ଧ ହୁଏ ।

ପ୍ରଶ୍ନ— ଆଚ୍ଛା, ଭବିଷ୍ୟତ ସମ୍ବନ୍ଧରେ ନ ଭାବିବା ସତ୍ତ୍ୱେବି ଯଦି ସେ ଅସୁସ୍ଥ ବା ଅକର୍ମଣ୍ୟ ହୋଇପଡ଼େ, ସେତେବେଳେ ସେ (ତ) ଅନ୍ୟ ନିକଟରେ ଭାର ହୋଇପଡ଼ିବ ।

ଶ୍ରୀଶ୍ରୀଠାକୁର— ତା'ର ଜୀବନ ସୈନିକ ଭଳି । ସେ ତ ମୃତ୍ୟୁ ପାଇଁ ପ୍ରସ୍ତୁତ । ସେ ତ ନିଜକୁ ଦେଇହିଁ ଦେଇଛି, ତେଣୁ ସନ୍ନ୍ୟାସୀ ନିଜର ଶ୍ରାଦ୍ଧ ନିଜେ କରିନିଏ । ସେ ଯଦି ଅସୁସ୍ଥ ବା ଅକର୍ମଣ୍ୟ ହୋଇପଡ଼େ, ସେ କା'ରିବି ନିକଟରୁ କିଛି ପ୍ରତ୍ୟାଶା କରିବନି, ସେପରି ଅବସ୍ଥାରେ ପଡ଼ିଲେ ସେ ଗୋଟେ ମାତାଲ ଭଳି ହୁଏତ ନର୍ଦ୍ଦମାର ଧାରରେ ପଡ଼ି ନିଜର ନିଶାରେ ମସ୍‌ଗୁଲ ରହି ତା'ର ଶେଷ ନିଃଶ୍ୱାସ ବିଲୀନ କରି ଦେବ, ତେବେ ତା'ର କ୍ଷୋଭ ରହିବନି, ପୁଣି, ତା' ପାଇଁ ହୁଏତ ରାଜାଧିରାଜଙ୍କ ଭଳି ସୁବ୍ୟବସ୍ଥାବି ହୋଇପାରେ, କିନ୍ତୁ କୌଣସି ପ୍ରତ୍ୟାଶା ସେ ରଖିବନି ।

ପ୍ରଶ୍ନ— ଆପଣ ସୈନିକର କଥା କହୁଥିଲେ, ସେ ମରିଗଲେ ତ ତା'ର ପରିବାରର ଭାର ସରକାର ନିଏ, କିନ୍ତୁ ଆମମାନଙ୍କର କୌଣସି କର୍ମୀ ମରିଗଲେ ତା'ର ପରିବାରବର୍ଗଙ୍କ ଭାର ଯଦି ଆପଣ ନିଅନ୍ତି, ତା'ହେଲେ ତ ତା'ର ଜୀବନର ଉଦ୍ଦେଶ୍ୟ ବ୍ୟାହତ ହୋଇଗଲା । ଯା' ସେ ଚାହିଁନଥିଲା, ସେପରିଭାବେ ବୋଝ ଚାପିଦେଲା ।

ଶ୍ରୀଶ୍ରୀଠାକୁର— ସରକାର ଯଦି ନିଏ, ସେ ସରକାରଙ୍କର ଦୟା । କିନ୍ତୁ ପ୍ରକୃତ ଯୋଦ୍ଧାର ମନୋବୃତ୍ତି ଓ ସଂସ୍କାର ଯା'ର, ସେ ସେଦିଗରେ ଭ୍ରୂକ୍ଷେପ କରେନା । ସେ ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ କରି କରି ଜୀବନଦାନର ସୁଯୋଗ ପାଇବାରେହିଁ ସୁଖୀ । ତେବେ ବିଶେଷ ଏକ ଶ୍ରେଣୀର କର୍ମୀମାନଙ୍କର ବିବାହ ନ କରିବାହିଁ ଭଲ ।

*(ଆଲୋଚନା-ପ୍ରସଙ୍ଗ, ୭ମଖଣ୍ଡ, ତା୨୯.୧.୧୯୪୬)*

ମାତୃଜଗତ

# ଜନ୍ମ ନେବା କଠିନ ବ୍ୟାପାର

## ।। ସ୍ୱାମୀ-ସ୍ତ୍ରୀଙ୍କର ଭଲପାଇବା କେତେବେଳେ ଗଭୀର ଓ ସାର୍ଥକ ହୋଇଉଠେ ?

କେବଳ ନିଜେ ପରସ୍ପର ସ୍ୱାର୍ଥାନ୍ୱିତ ହେଲେ ହେବନି । ତା' ପଛରେ ଉଦ୍ଦେଶ୍ୟ ରହିବା ଦରକାର ଏକଯୋଗେ ଶ୍ରେୟ କା'ରବି ପରିପୂରଣ । ସ୍ୱାମୀ-ସ୍ତ୍ରୀ ଉଭୟେ ମିଶି ଯେତେବେଳେ ଗୁରୁଜନ, ଗୁରୁ ବା ଆଦର୍ଶଙ୍କ ପରିପୂରଣରେ ଉଦ୍ଦାମ ହୋଇଉଠନ୍ତି ସେତେବେଳେ ସେମାନଙ୍କର ଭଲପାଇବାଟାବି ଗଭୀର ଓ ସାର୍ଥକ ହୋଇଉଠେ । ସାର୍ଥକତାର କେନ୍ଦ୍ରହିଁ ହେଲେ ପରମପିତା ଏବଂ ପରମପିତାଙ୍କ ସ୍ପର୍ଶ ଆମେମାନେ ପାଉ ଇଷ୍ଟଙ୍କ ଭିତର ଦେଇ ।

*(ଆଲୋଚନା-ପ୍ରସଙ୍ଗ, ୧୯ଶଖଣ୍ଡ/୨୭.୨.୧୯୫୦)*

## ।। ସନ୍ତାନର ଶରୀର, ମନ, ଆୟୁ କ୍ଷୁଣ୍ଣ ହୁଏ କେତେବେଳେ ?

ପ୍ରତ୍ୟେକର ଗୋଟେ ଜୈବୀ-ସଂସ୍ଥିତି ଅଛି । ବିବାହ କ୍ଷେତ୍ରରେ ନାରୀ-ପୁରୁଷ ପରସ୍ପରର ଜୈବୀ-ସଂସ୍ଥିତି, ରକ୍ତ ଓ ପ୍ରକୃତିର ପରିପୂରକ ଓ ପରିପୋଷକ ନ ହୋଇ ଯଦି ପ୍ରତିରୋଧକ ହୁଅନ୍ତି, ସେଠାରେ ସନ୍ତାନର ଶରୀର, ମନ, ଆୟୁ ସବୁହିଁ କ୍ଷୁଣ୍ଣ ହୁଏ । ଏପରିକି ସନ୍ତାନର ଜୀବନ ମାତୃଗର୍ଭରେ ଥିବା ସମୟରେହିଁ ନଷ୍ଟ ହୋଇଯାଇପାରେ ।*(ଆଲୋଚନା-ପ୍ରସଙ୍ଗ, ୧୯ଶଖଣ୍ଡ/୯.୪.୧୯୫୦)*

## ।। ସନ୍ତାନ ଶ୍ରେୟନିଷ୍ଠ ହୁଏନା କେତେବେଳେ ?

ସ୍ତ୍ରୀ ନିକଟରେ yield (ନତିସ୍ୱୀକାର) କରି ଯେଉଁଠାରେ ଦାମ୍ପତ୍ୟ-ସଂହତି ବଜାୟ ରଖାଯାଏ, ସେଠାରେ ବାହାରୁ ଖୁବ୍ ମେଳ ଅଛି ବୋଲି ମନେ ହେଲେବି ସ୍ତ୍ରୀର ସ୍ୱାମୀ ପ୍ରତି ଗଭୀର ଅନୁରାଗ ଅଛି— ତା' କହିବା ଚଳେନା । ଏପରି ସ୍ଥଳେ ସନ୍ତାନ ଭଲ ହୋଇପାରେ କମ୍‌ହିଁ । ଭଲ ମାନେ ମୁଁ କହିବାକୁ ଚାହେଁ ଶ୍ରେୟନିଷ୍ଠା । ସ୍ତ୍ରୀର ଚରିତ୍ର ଓ ମାନସିକତା ସନ୍ତାନ ମଧ୍ୟରେ ପ୍ରତିଫଳିତ ହୁଏହିଁ । ମା'ର ଯା'ଙ୍କ ପ୍ରତି ଶ୍ରଦ୍ଧା-ଭକ୍ତି ଥାଏ, ସନ୍ତାନ ମଧ୍ୟରେ ସେଇ ତା'ର ଛାପ ଫୁଟି ଉଠେ । ଏଠାକାର ଅନେକ ପିଲାମାନଙ୍କ ମଧ୍ୟରେ ମୋର କିଛି କିଛି ରକମ ଦେଖାଯାଏ, ଯା' ହୁଏତ ସେମାନଙ୍କର ପରିବାର ମଧ୍ୟରେ ମିଳେନା । ପିତାମାତା ବିଶେଷତଃ ମା'ମାନେ ଶ୍ରେୟଭକ୍ତି-ପରାୟଣ ହେଲେ ଜାତି ଧୀରେ ଧୀରେ ଅଜ୍ଞାତସାରରେ ଉନ୍ନତ ହୋଇ ଚାଲେ ।

*(ଆଲୋଚନା-ପ୍ରସଙ୍ଗ, ୧୯ଶଖଣ୍ଡ/୯.୪.୧୯୫୦)*

## ।। ଅନୁଲୋମ ଅସବର୍ଣ୍ଣ ବିବାହରେ ଗୋତ୍ର-ବିଚାର ।।

ମୋର ମନେହୁଏ, ଅନୁଲୋମ ଅସବର୍ଣ୍ଣ ବିବାହ ବେଳକୁବି ସଗୋତ୍ର ବିବାହ ନ ହେବା ଭଲ ।

*(ଆଲୋଚନା-ପ୍ରସଙ୍ଗ, ୧୯ଶଖଣ୍ଡ/୯.୪.୧୯୫୦)*

## ।। ସୁଜନନରେ ଯବନିକା ପଡ଼ି ଯାଇଛି କାହିଁକି ?

କି ଭାରତ କି ପାଶ୍ଚାତ୍ୟ ସର୍ବତ୍ର ବିଶେଷ ମଣିଷ ଜନ୍ମୁଛନ୍ତି କମ୍‌ହିଁ, ଯେପରି ଯବନିକା ପଡ଼ିଯାଇଛି । ପୁରୁଷର ନାହିଁ Ideal centric attitude (ଆଦର୍ଶକେନ୍ଦ୍ରିକ ଭାବ), ସ୍ତ୍ରୀଲୋକର ନାହିଁ concentric chastity (ସୁକେନ୍ଦ୍ରିକ ସତୀତ୍ୱ) । ସେହି ମାନବିକତାର ଛାପ ନେଇହିଁ ତ ପୁଅଝିଅ ଜନ୍ମନ୍ତି, ଭଲ ହେବ କିପରି ?

*(ଆଲୋଚନା-ପ୍ରସଙ୍ଗ, ୨୦ଶଖଣ୍ଡ/୧୩.୨.୧୯୫୧)*

## ।। କୃଷ୍ଟିଗତ ବ୍ୟଭିଚାରର ପ୍ରତିକାର କୋଉଠି ?

ଗୋଟେଦୁଇଟା ସମୟରେ ମୋର ମନେହୁଏ ଦେଶ ମଧ୍ୟରେ ଯେପରି ଗୋଟେ cultural debauchery (ସଂସ୍କୃତିକ ବ୍ୟଭିଚାର) ପ୍ରବେଶ କରି ଯାଇଛି । ଆମମାନଙ୍କର କୃଷ୍ଟି କ'ଣ, ଧର୍ମ କ'ଣ, ବୈଶିଷ୍ଟ୍ୟ କ'ଣ, ସେ ସମ୍ବନ୍ଧରେ ଆମମାନଙ୍କର ଧାରଣା ସ୍ପଷ୍ଟ ନୁହେଁ । ତେଣୁ ଶତ ଦୁଃଖ ସହିବି ଇଷ୍ଟ, କୃଷ୍ଟି, ଧର୍ମ ଓ ବୈଶିଷ୍ଟ୍ୟକୁ ଆଙ୍କଡ଼ି ଧରି ରହିବାର ବୁଦ୍ଧି ପୁରୁଷ-ନାରୀ ସମସ୍ତଙ୍କ ଭିତରୁ ଅପସୃତ ହୋଇ ଯାଉଛି । ଏତେ କରି ମଣିଷମାନଙ୍କର ଆତ୍ମିକ ଓ ନୈତିକ ମାନ କମି ଯାଉଛି । ବିବାହ ଆଦି ସମ୍ବନ୍ଧରେବି ଆମେମାନେ କୁଳଶୀଳଠାରୁ ଅର୍ଥନୈତିକ ଦିଗ ଉପରେ ବେଶୀ ନଜର ଦେବାକୁ ଆରମ୍ଭ କରିଛୁ । ଏହିସବୁ ନାନା କାରଣରୁ ଭଲ ମଣିଷ ଜନ୍ମୁଛନ୍ତି କମ୍ । କ୍ଷେତର ଚାଷ ଦିଗରେ ଆମେମାନେ ଯେତେଦୂର ନଜର ଦେଉ ତା'ଠାରୁ ଢ଼େର ବେଶୀ ନଜର ଦେବା ଉଚିତ୍ ଭଲ ମଣିଷ

ଯେପରି ଜନ୍ମନ୍ତି ସେଇ ଦିଗରେ । ସଙ୍ଗେ ସଙ୍ଗେ ଦରକାର ଦୀକ୍ଷା-ଶିକ୍ଷା ଇତ୍ୟାଦିର ବ୍ୟବସ୍ଥା । ଏପରି ସବୁ ମଣିଷ ଜନ୍ମଗ୍ରହଣ କରିବା ଦରକାର ଯେଉଁମାନେ ସାରା ଦୁନିଆକୁ ମଙ୍ଗଳର ପଥ ଦେଖାଇ ପାରିବେ । ଘରେ ଘରେ ଯେପରି ନାରାୟଣଙ୍କ ଆବିର୍ଭାବ ହୁଏ ତା'ର ବ୍ୟବସ୍ଥା କରିବାକୁ ହେବ । ଏକ ସମୟରେ କହୁଥିଲେ ଭାରତରେ ତ୍ରେତିଶ କୋଟି ଦେବତା । ତା'ର ମାନେ ଭାରତର ଅଧିକାଂଶ ମଣିଷ ଥିଲେ ସେତେବେଳେ ଦେବୋପମ ଚରିତ୍ରସମ୍ପନ୍ନ । ଏହିଭଳି ମଣିଷର ଜନ୍ମ ହେଲେହିଁ ସେମାନେ ସନାତନ ଗୌରବ ପୁନରୁଦ୍ଧାର କରିପାରିବେ ।(ଆଲୋଚନା-ପ୍ରସଙ୍ଗ, ୧୯ଶଖଣ୍ଡ/୩୦.୪.୧୯୫୦)

## ।। ଦାମ୍ପତ୍ୟ ଜୀବନର ଅଶାନ୍ତିରେ ପୁରୁଷର କର୍ତ୍ତବ୍ୟ ।।

ବିବାହ ଠିକ୍‌ଭାବେ ନ ହେଲେ ସେଥିରୁ ଅନେକ ସମୟରେ ଦାମ୍ପତ୍ୟ ଜୀବନରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ । ତେବେ ପୁରୁଷର ଉଚିତ୍ ଶ୍ରଦ୍ଧାର୍ହ ଚଳନରେ ଚାଲିବା । ଆଉ ସ୍ତ୍ରୀର ଛୋଟମୋଟ ଦୋଷତ୍ରୁଟି ignore (ଉପେକ୍ଷା) କରିବାକୁ ହୁଏ । ସ୍ୱାମୀର ଚଳନ ଯଦି ଏପରି ହୁଏ ଯେ ଦଶଜଣ ତା'କୁ ଶ୍ରଦ୍ଧା କରନ୍ତି, ସେତେବେଳେ ସ୍ତ୍ରୀ ତା' ଦେଖିବି ଅନେକ ସମୟରେ ଅନୁଗତ ହୁଏ । ତେବେ ଏହି ଧରଣର ପରିବର୍ତ୍ତନ ହେବାକୁ ଟିକେ ସମୟ ନିଏ । ପୁଣି, ଖରାପ ମଧ୍ୟରେ ଭଲ ଯେତେଟିକେ ଦେଖାଯାଏ ସେଥିପାଇଁ ସ୍ତ୍ରୀକୁ ପ୍ରଶଂସା କରିବାକୁ ହୁଏ ଏବଂ ସେଇଟା ଘରେ-ବାହାରେ ସର୍ବତ୍ର ।

(ଆଲୋଚନା-ପ୍ରସଙ୍ଗ, ୧୯ଶଖଣ୍ଡ/୧୨.୪.୧୯୫୦)

## ।। ପ୍ରଜନନ କ୍ଷେତ୍ରରେ ରକ୍ତରେ ବିଭିନ୍ନ ରକମର ସଂମିଶ୍ରଣ ଭଲ କି ନା ?

ଯଦି ବିଧିବିରୁଦ୍ଧ କୌଣସି ସଂମିଶ୍ରଣ ନହୁଏ, ତା'ହେଲେ ଗୋଳ ହୁଏନା । ବୀଜରହିଁ ଗଛ, ମାଟିର ତ ଗଛ ନୁହେଁ ! ତୁମେ ଯେକୌଣସି ବଂଶର ହିଁ ଝିଅ ବିବାହ କର ନା କାହିଁକି, ସନ୍ତାନ ପାଇବ ପିତୃବର୍ଣ୍ଣ । ଅବଶ୍ୟ ମା'ର ବର୍ଣ୍ଣ-ଅନୁଯାୟୀ ଅଲଗା ଅଲଗା ଥାକ ହେବ । ମା' କିନ୍ତୁ soil (ମାଟି) । ପ୍ରତିଲୋମ ବିବାହ ହେଲେ ପ୍ରତିଲୋମ ଯୌନ-ସଂସ୍ରବ ଫଳରେ ପୁରୁଷର ଅନେକଗୁଡ଼ିଏ trait (ଗୁଣ) ଟାଣି ନେଇ ବିଚ୍ଛିନ୍ନ କରି ଦେଇ ଅଲଗା orbit (କକ୍ଷ) ସୃଷ୍ଟି କରି ସନ୍ତାନକୁ ବହୁମୁଖୀ ବିଭିନ୍ନ ବ୍ୟକ୍ତିତ୍ୱର ଗୋଟେ ଜଗାଖେଚୁଡ଼ି— ରୂପେ ସୃଷ୍ଟି କରେ । ସେମାନେ କେବେବି integrated personality (ସଂହତ ବ୍ୟକ୍ତିତ୍ୱ) ହୋଇ ଗଢ଼ି ଉଠିପାରେନା । ସେମାନେ କେତେବେଳେ ଯେ କୋଉ ଧରଣ ଧରିବ, ତା'ର କୌଣସି ଠିକଣା ରହେନା । (ଆଲୋଚନା-ପ୍ରସଙ୍ଗ, ୧୯ଶଖଣ୍ଡ/୮.୮.୧୯୫୦)

## ।। ପ୍ରତିଭା କିପରିଭାବେ ଗଜାଏ ?

ପ୍ରତିଭା ଏମିତି ସେମିତି ଗଜାଏନା । ଏହା ପଛରେ ଉପଯୁକ୍ତ custom (ପ୍ରଥା) ଓ instinct (ସଂସ୍କାର) ଦୁଇଟାହିଁ ଦରକାର । ଆମେମାନେ ତାଙ୍କୁ (ଈଶ୍ୱରଙ୍କୁ) ବିଧାତା କହୁ । ବିଧାତା କହିବି ଯଦି ଯା' ତା' କରି ଚାଲି ଭଲଭଲ ଫଳ ପାଇବାକୁ ଚାହୁଁ, ତା' ହେବନି । ଗୋଟେ crystal (ସ୍ଫଟିକ) ଯଦି ପାଇବାକୁ ଚାହୁଁ ତା'ର ବିଧି ଅନୁସରଣ କରି ପାଇବାକୁ ହେବ ।

(ଆଲୋଚନା-ପ୍ରସଙ୍ଗ, ୨୦ଶଖଣ୍ଡ/୧୨.୨.୧୯୫୧)

## ।। ଜନ୍ମ ନେବା ଗୋଟେ କଠିନ ବ୍ୟାପାର କାହିଁକି ?

ପ୍ରଶ୍ନ— ପ୍ରକୃତି ମଧ୍ୟରେ ତ ଗୋଟେ ମିତବ୍ୟୟିତା ଦେଖାଯାଏ । (ତେବେ) ଯେଉଁଠାରେ ଗୋଟେ ସନ୍ତାନ ହେବାକୁ ଗୋଟେ ଶୁକ୍ରକୀଟ ଲାଗେ, ସେଠାରେ ଲକ୍ଷ ଲକ୍ଷ ଶୁକ୍ରକୀଟର ଆମଦାନୀ ହୁଏ କାହିଁକି ?

ଶ୍ରୀଶ୍ରୀଠାକୁର— ଲକ୍ଷ ଲକ୍ଷ ମଧ୍ୟରେ ସ୍ତ୍ରୀର ଡ଼ିମ୍ବକୋଷ ସହିତ ଯେଉଁଟାର ସଙ୍ଗତି ଅଛି, ସେଇଟା ହିଁ ସ୍ଥାନ ପାଏ । ଜନ୍ମଗ୍ରହଣ କରିବା ବଡ଼ କଠିନ ବ୍ୟାପାର । ମୋ ପରି ଲକ୍ଷ ଲକ୍ଷ ସତ୍ତା ଟହଲ ମାରୁଛନ୍ତି । କାଳୀଘାଟର ମନ୍ଦିରରେ ଧର, ଜଣେ ଜଣେ କରି ପ୍ରବେଶ କରିପାରିବେ, ଅଥଚ ଲକ୍ଷ ଲକ୍ଷ ଛିଡ଼ା ହୋଇ ରହିଛନ୍ତି । ଜଣେ ଯଦି ପ୍ରବେଶ କରେ, ଆଉ ସମସ୍ତେ ଯଦି ବାହାରେ ପଡ଼ିଥା'ନ୍ତି, ଚଢ଼ାମଢ଼ା ହୋଇଥା'ନ୍ତି ପ୍ରବେଶ କରିବା ପାଇଁ, ସେ ଅବସ୍ଥା କଳ୍ପନା କରିପାରୁଛ? ଜନ୍ମ ନେବା ସେଇ ରକମ କଠିନ ବ୍ୟାପାର । ପ୍ରତ୍ୟେକଟି ଶୁକ୍ରକୀଟ ଜୀବନ୍ତ । ସେ ତୁମେହିଁ, ତା' ମଧ୍ୟରେ ତୁମର ସବୁଗୁଡ଼ିକହିଁ ଅଛି । ପ୍ରତ୍ୟେକଟା ମଧ୍ୟରେ ବିଶିଷ୍ଟ ରକମର ଗୋଟେ ପ୍ରବେଶ କଲା, ଆଉ ଗୋଟେ ଶୁକ୍ରକୀଟକୁ ନେଇ ଯଦି ଅନ୍ୟ ଗୋଟେ ଡ଼ିମ୍ବକୋଷ ସହିତ ମିଳାଇ ଦେଇପାର ସେ ପୁନଶ୍ଚ ଗୋଟେ ବିଶିଷ୍ଟ ମଣିଷ ହୋଇଉଠିବ । ଦୁଇଟା ଜିନିଷ ଯେ ଏକ ରକମର ହେବ, ତା' ଦେଖାଯାଏନା ।

(ଆଲୋଚନା-ପ୍ରସଙ୍ଗ, ୨୦ଶଖଣ୍ଡ/୧୧.୬.୧୯୫୧)

ଯେମନ ତାଁକେ ଦେଖି

# ଯେମିତି ତାଙ୍କୁ ଦେଖେ

*(ପୂର୍ବପ୍ରକାଶିତ ଉତ୍ତାରୁ......)*

ଯେଉଁ ଦୀପର ମୁଖରେ ଶିଖା ଜଳି ନ ଉଠେ, ସେ ଦୀପର ଦୀପବୃକ୍ଷରେ ପ୍ରବେଶ ନିଷିଦ୍ଧ । ତା'ର ଦେବଗୃହରେ ପ୍ରବେଶ ହୋଇପାରେନା । କୁମ୍ଭାର ଘରେ ତିଆରି ହୋଇଛି, ଏଥର ସଂଗ୍ରହ କର ସେଇ ଦୀପର ଶିଖାକୁ ।

ଅମ୍ଳାନ ସ୍ଥିର ବହ୍ନି ନେଇ ଠାକୁର ବସିଛନ୍ତି । ଜଗେଇ ରଖିଛନ୍ତି ନିର୍ଧୂମ ଭାବରେ ପବିତ୍ର ଶିଖାଟିକୁ ।

ତୁମେ ହୁଏତ ପରମ ପବିତ୍ର । ଯେମିତି ପବିତ୍ର ସେମିତି ପାରଗ । ତୁମେ ହେଲ ପରମ ପାରଗ ପୁରୁଷ ।

ଆନନ୍ଦାଶ୍ରୁ ଜଳରେ ବୁଡ଼ିଗଲେ କିଶୋରୀ । ଇଚ୍ଛା ହେଲା ସେଇ ଜାଗାରେହିଁ ପାଦ ତଳେ ଲୋଟି ପଡ଼ିବାକୁ ।

କିନ୍ତୁ ସନ୍ଦେହ ଗଲେ ମଧ୍ୟ ସଂକୋଚ ଯାଇନି ମନ ମଧ୍ୟରୁ । ଭାବିଲେ କାଲି ଯଦି କହି ଦିଅନ୍ତି, ମୁଁ ଭଗବାନ ବୋଲି ମୋର ପାଦ ଧରିଛି ତା'ହେଲେ ଲୋକମାନଙ୍କ ପାଖରେ ଲଜ୍ଜା ପାଇବାକୁ ହେବନି ?

କିନ୍ତୁ ଯିଏ ନଇଁ ପଡ଼ିଛି ତା'କୁ କେମିତି ଧରି ରଖା ଯାଇ ପାରେ ? ସ୍ୱତଃ ପ୍ରଣାମକୁ କେଉଁ ବାରଣରେ ନିବାରଣ କରିବେ ? ଏଇ ନତି ତ ଅବନତି ନୁହେଁ । ଏଇ ନତି ଉନ୍ନତି । ଉର୍ଦ୍ଧ୍ୱର ପ୍ରତି ଆନତି ।

ଆଉ ସଂକୋଚ ନୁହେଁ । ଏଥର ବିସ୍ତାର ସ୍ୱଭାବ ହେଉ । ସଂକୋଚରୁ ସଙ୍କଟ ଏବଂ ବିସ୍ତାରରୁ ନିସ୍ତାର ।

ଲଜ୍ୟାରେ ମୁଣ୍ଡ ଖାଇ ଲୋଟି ପଡ଼ିଲେ ବନ୍ଧୁଙ୍କ ଚରଣ କମଳରେ । ଆଖିର ନୀରରେ ଜଗତ ବନ୍ଧୁଙ୍କ ଚରଣକମଳକୁ ପଖାଳି ଦେଲେ ।

ଲଜ୍ୟାର ହାତରେ ପଡ଼ି ଲାଞ୍ଛିତ ହେବାକୁ ଯାଅ ନାହିଁ । ଲଜ୍ୟାକୁ ବିଜୟ କର । ଲୋକ ଭୟକୁ ଅତିକ୍ରମ କର । କଥାରେ ଅଛି— ଘୃଣା, ଲଜ୍ୟା, ଭୟ ଏ ତିନୋଟି ରହିବା ଉଚିତ୍ ନୁହେଁ ।

ଜଣେ ଭଦ୍ରଲୋକ କୂଅରୁ ପାଣି କାଢୁଛନ୍ତି । ଏମିତି ସମୟରେ ତାଙ୍କର ବନ୍ଧୁବାନ୍ଧବମାନେ ଆସି ହାଜର ହୋଇଗଲେ । ଭଦ୍ରଲୋକ ଆଉ ଭାବି ପାରିଲେନି କଅଣ କରିବେ । ବନ୍ଧୁମାନେ ଯଦି ଦେଖି ପକାନ୍ତି ଯେ, ମୁଁ ନିଜେ ହାତରେ ପାଣି କାଢୁଛି; ତା'ହେଲେ କି ଲଜ୍ୟାର କଥା ! କଳସୀ ବାନ୍ଧି ପାଣି କାଢୁଥିଲେ । କଳସୀ ଓ ଦଉଡ଼ିକୁ ଛାଡ଼ି ଦେଇ ପାରିଲେ କିନ୍ତୁ ଲୋକ ଲଜ୍ୟାକୁ ଛାଡ଼ି ପାରିଲେ ନାହିଁ ।

ଏହି ଲଜ୍ୟାହିଁ ହେଲା ପାପ । ଏହି ଲଜ୍ୟାର ମୁଣ୍ଡରେ ବଜ୍ରଘାତ ହେଉ ।

ହିସାବ ଖାତାରେ କାଳୀଙ୍କ ନାମ ଲେଖି ରଖିଛନ୍ତି ରାମପ୍ରସାଦ । ମୁନିବରଙ୍କର ନଜରରେ ପଡ଼ିଲା । ଭାବିଲେ ଇଏ କି ରକମର ମୋହରୀର । ଲୋକମାନେ ଭାବିଲେ ଇଏ ଏକ ନିର୍ଘାତ ପାଗଳ । ଆଉ ରାମପ୍ରସାଦ ଭାବିଲେ କଅଣ ? ରାମପ୍ରସାଦ କାହାରି କିଛି ଭାବିବାକୁ ଗ୍ରହଣ ହିଁ କଲେ ନାହିଁ । ପାଗଳ କୁହନ୍ତୁ କି ଛାଗଳ କୁହନ୍ତୁ, ପାଗଳୀ ''ମା''ଙ୍କୁ ମୋର ଛାଡ଼ିବାର ''ଯୁ'' ନାହିଁ ।

ତାଙ୍କର ଏଇ ଗୋଟାଏ କଥା—

ଜୟ କାଳୀ ଜୟ କାଳୀ ବୋଲ,
ଲୋକେ କହିବେ ପାଗଳ ହେଲା ।

ପରମବନ୍ଧୁଙ୍କୁ ପାଇଛନ୍ତି । ଆତ୍ମସମର୍ପଣ କରିଛନ୍ତି । ଚରଣ କମଳରେ ପ୍ରଣତି ଜଣେଇଛନ୍ତି । ଏବେ ଯିଏ ଯାହା କହିବ କହୁ ।

ଏ କଅଣ କଲ ? କାଲି କାଲି ଯଦି କହିଦିଏ ସହାସ୍ୟେ ଥଟ୍ଟା କରିବାକୁ ଲାଗିଲେ ଠାକୁର ।

ସେଇ କଥା କୁହ । କହିଦିଅ ଯେ, ତୁମେ ହିଁ ଶମ୍ଭୁ । କୁହ ତୁମେ ସେ ସଦ୍ ସତ ପରମପୁରୁଷ ।

କିଶୋରୀମୋହନଙ୍କର ସେତେବେଳେ ଭାବବିହ୍ୱଳିତ ଅବସ୍ଥା । ତୃପ୍ତିର ଆହ୍ଲାଦରେ ପ୍ରାର୍ଥନାବନ୍ତ ହୋଇ ଉଠୁଛନ୍ତି । ନିବେଦନରେ ନିଃସଙ୍କୋଚ ।

ତୁମେ ନ କହିଲେ, ତୁମ କଥା ମଣିଷ କିପରି କହିବ ? ତୁମେ କହିଲେ ତା'ପରେ ତୁମେ କଥିତ । ଲେଖିଲେ ତା'ପରେ ତୁମେ ଲିଖିତ । ତୁମେ ଜଣେଇଲେ ତା' ହେଲେ ତୁମେ ଜ୍ଞାତ ।

ଭାଷାର ସୀମାରେ ତୁମକୁ ସୀମିତ କରିବ କିଏ ? ତୁମେ ଯେ ଅବୋଧଗମ୍ୟ !

ମହାଦେବଙ୍କର ପାଞ୍ଚ ମୁହଁ ବଦଳେ ଯଦି ହଜାରେ ମୁହଁ ହୋଇଥାଆନ୍ତା, ତେବେ ସେ ହଜାରେ ରସନା ଦ୍ୱାରା ତୁମର କେତେ ବା ଗୁଣ ପ୍ରଶସ୍ତି କରି ପାରନ୍ତେ ? ପ୍ରବଚନରେ ତୁମେ ଅଲଭ୍ୟ ଶ୍ରୁତିମେଧାରେ ତୁମେ ଅପରିମେୟ । ତୁମେ ନିଜେ ତୁମର ଅଲେଖ୍ୟ ।

ତୁମେ ହିଁ ତୁମର ଭାଷା । ତୁମେ ହିଁ ତୁମର ଭାଷ୍ୟକାର । ତେଣୁ ତୁମର ତନୁ ପରିଗ୍ରହ ।

ତୁମ ନିଜକୁହିଁ ତ କହିବାକୁ ହେବ । ତା' ନହେଲେ ତୁମର କଥା କହିବ କିଏ ? ମୁଁ ତୁମକୁ କେତେ ବା ଜାଣିଛି ? କେତେ ବା ଦେଖିଛି । ତୁମେ ଯେ ଆକାଶଠାରୁ ବଡ଼ । ଦୃଷ୍ଟିଠାରୁ ମଧ୍ୟ ଗଭୀର । ତୁମେ ହେଲ ବିଶ୍ୱ ପ୍ଲାବନ । ନୟନ ଉପଜ ଅଶ୍ରୁ ।

ତୁମେ ମୋର ଅବଧିହୀନ ଅବଧି । ପ୍ରାନ୍ତହୀନ ପ୍ରାନ୍ତର ।

ଏଥର ସତ କରି କୁହ, ତୁମେ ଶ୍ମଶାନକୁ ଆସିଲ କିପରି ? କିଶୋରୀ ପଚାରିଲେ, ଆଉ ଆସିଲ ବା କାହିଁକି ?

ସ୍ୱେଚ୍ଛାରେ ସୀମାବଦ୍ଧ ହୋଇଅଛ । ପରିଚୟ ଦେଇଛ ମଣିଷ ବୋଲି । ତା'ହେଲେ ପ୍ରଶ୍ନ କରିବନି କାହିଁକି ? ତୁମର ପାରିବାର ବାହାରେ କିଛି ନାହିଁ । ତା'ହେଲେ ମୋର ବୋଧର ପାରଦରେ ସେଥିରୁ କିଛିଟା ବୁଝିନେବି କାହିଁକି ?

ଦେଖ ସୀତାର ଓ ଏସରାଜରେ ଅନେକଗୁଡ଼ିଏ ତାର ଅଛି । ସେଥିରୁ ଗୋଟାଏ ତାରରେ ଆଘାତ କଲେ, ଆର ଗୁଡ଼ିକ ବାଜି ଉଠେ । ଗୋଟାଏ କାନ୍ଦିଲେ ଆରଗୁଡ଼ାକ ମଧ୍ୟ କାନ୍ଦି ଉଠେ ।

ଉତ୍ତର ଦେଇ ହସିବାକୁ ଲାଗିଲେ ଠାକୁର । ସେହି ସ୍ମିତ ଲାବଣ୍ୟରୁ ପ୍ରସାଦ ଆହରଣ କଲେ କିଶୋରୀ ।

କି ଅପୂର୍ବ ଉତ୍ତର ! କି ସୁନ୍ଦର ବ୍ୟାଖ୍ୟା ! ବ୍ୟାଖ୍ୟାର ଅର୍ଥ ସବୁ ଆଖି ଦେଖା ବ୍ୟାପାର । ଲେଖାଲେଖିର କଥା ନାହିଁ । ଦେଖାଦେଖିର କଥା ପୁସ୍ତକର କଥା ନୁହେଁ; ଦେଖା ସାକ୍ଷାତର କଥା ।

କହିଲେ ଶ୍ମଶାନରେ ଆଉ କି କାମ ଭାଇ ? କଅଣ ଚାହଁ ଓ କଅଣ ପାଅ ? ଯାହା ପାଇବା କଥା ତାହା କଅଣ ପାଇ ନାହଁ ?

ଶ୍ମଶାନ ସାଧନାରେ କଅଣ ହେବ ? ଏଥର ସେଇ ଶାଶ୍ୱତ ପୁରୁଷଙ୍କର ଶାସନ ମାନି ଚଳ । ପରମେଶ୍ୱରଙ୍କୁ ପଠାଇଲେ, ଏବେ ତାଙ୍କୁ ପରିବହନ କର ।

ଥରେ ପାଦ ତଳେ ପଡ଼ିଥିଲେ କିଶୋରୀ । ଏଥର ପୁଣି ଥରେ ପାଦ ତଳେ ପଡ଼ିଲେ । ତୁମକୁ କେତେ କଷ୍ଟ ଦେଇଛି, ମୋତେ ମାର୍ଜନା କର । ହେ ବିଭୁ: ତୁମେ ବିଭୁତି ଦେଇ ମୋତେ ପରିଧୌତ କର । ମୋର ଦୃଷ୍ଟିକୁ ତୁମେ ନିର୍ମଳ କର ।

ଏଥର କିଶୋରୀ କାନ୍ଦିବାକୁ ଲାଗିଲେ ।

କାନ୍ଦ....କାନ୍ଦି......କାନ୍ଦି ତୁମର ଚକ୍ଷୁକୁ କ୍ଳେଶମୁକ୍ତ କର । ଯେମିତି ବର୍ଷାରେ ଆକାଶଟା ଧୋଇ ହୋଇଯାଏ, ସେଇମିତି ପ୍ରେମ ବର୍ଷାରେ ତୁମ ନୟନ ଅଗଣା ଧୌତ କରିଦିଅ ।

କାନ୍ଦ, କାନ୍ଦି ହାଲୁକା ହେଲେ, ମହାକାଶର ଆବରଣ ତଳେ ବସ । ପ୍ରାଣର ବୋଝଟିକୁ ପ୍ରାଣ ସର୍ବସ୍ୱଙ୍କ ଚରଣ ଯୁଗଳରେ ଓହ୍ଲେଇ ଦେଲ ।

କିଶୋରୀ କଥା କହୁ କହୁ ଠାକୁରଙ୍କ ସଙ୍ଗେ ଠାକୁରଙ୍କ ଘରକୁ ଚାଲି ଆସିଥିଲେ । ଏଥର ଘରକୁ ଯିବାକୁ ଚାହିଁଲେ । କହିଲେ ଗୋଟେ ଲଣ୍ଠନ ଦିଅ ।

ସିଏ କି କଥା ? ଏତେ କରି ଆସି ଏହିକ୍ଷଣି ଲଣ୍ଠନ ? ପଚାରୁଛି ଅନ୍ଧକାରରେ ଶ୍ମଶାନ ଯାଇଥିଲ କିପରି ?

ସେଇଟା ଯାଇଥିଲି ପ୍ରାଣର ଆବେଗରେ ।

ଠାକୁର କହିଲେ, ମୋର ମଧ୍ୟ ସେଇଆ । ତାଙ୍କର ସମ୍ବର୍ଦ୍ଧନା ହୁଏ ।

ସମ୍ବେଗର ରସ ସମୃଦ୍ଧି ଦ୍ୱାରା । ଅକୃପଣ ଆବେଗ ଭୂମିରେ ହିଁ ତାଙ୍କର ଅନ୍ତର ବିନିମୟ ହୋଇପାରେ ।

ତାଙ୍କ ପାଇଁ ଯିଏ କାତର ହୋଇଛି, ଯେ ଦୂରାନ୍ତକାରୀ ପ୍ରାଣର ଏକାନ୍ତ ରାଜ୍ୟରେ ସମ୍ବନ୍ଧ ସ୍ଥାପନ କରିଛି ତାଙ୍କ ସହ, ତା' ସଙ୍ଗେ ମିଳନ ଅକାଟ୍ୟ ପ୍ରଣୟ । ଯେମିତି ପ୍ରାଣାନ୍ତକାରୀ ବିରହ ସେହିପରି ଦୂରାନ୍ତକାରୀ ମିଳନ ।

## ॥ ପଚିଶ ॥

ଅନେକଦିନ ଧରି ପେଟ ବେମାରୀ ଭୋଗୁଛନ୍ତି ଦୁର୍ଗାନାଥ ସାନ୍ୟାଲ । ଏଲୋପ୍ୟାଥି, ହୋମିଓପ୍ୟାଥିକ, କବିରାଜୀ ତୁଟୁକା ମନ୍ତ୍ରତନ୍ତ୍ର ସବୁ କରି ଦେଖି ସାରିଲେଣି । କିଛି ଫଳ ହେଉନି । ଯାହା ଖାଆନ୍ତି ତାହା ବଦହଜମ ହୁଏ । ଦିନ ଭିତରେ କୋଡ଼ିଏ ଥର ପାଇଖାନା ଯିବାକୁ ହୁଏ । ଏମିତି ଆଉ କେତେଦିନ ବଞ୍ଚିବେ ? ଲୋକମାନେ ଉପଦେଶ ଦେଲେ; ଯାଅ ବାବାଙ୍କ ପାଖରେ ଏଥର ଧାରଣା ଦେଇ ଦେଖ । ବାବାଙ୍କର ଦୟା ହେଲେ ଏଥିରୁ ରକ୍ଷା ମିଳିବ ।

ଦୁର୍ଗାନାଥ ଦେଖିଲେ ସେ କଥା ଠିକ୍ । ମା' ବୈଦ୍ୟନାଥଙ୍କ ନାମ ପ୍ରଭାବରୁ ପୁତ୍ର ଲାଭ କରିଥିଲେ । ଏ ଜୀବନ ଯଦି ଶେଷ ହେବାର ଥିବ, ତେବେ ସେଠାରେ ଯାଇ ହିଁ ହେଉ । ବାବାଙ୍କ ସ୍ଥାନକୁ ହିଁ ଯାଇ ଶେଷରେ (ନାଲିଶ) ଅଭିଯୋଗ ଜଣାଇବାକୁ ହେବ ।

ଘରୁ ବାହାରି ପଡ଼ିଲେ । ବୈଦ୍ୟନାଥ ଧାମକୁ ଯାଇ ବୈଦ୍ୟନାଥଙ୍କ ଦୁଆରେ ଆତ୍ମାହୁତି ଦେବେ । କଲିକତାର ଚିହ୍ନା ଲୋକ ଅଛନ୍ତି ପୂର୍ଣ୍ଣଚନ୍ଦ୍ର ମୈତ୍ର । ପୂର୍ଣ୍ଣଚନ୍ଦ୍ରଙ୍କୁ ଆଗରୁ ଚିଠି ଲେଖିଛନ୍ତି ଦୁର୍ଗାନାଥ । ପୂର୍ଣ୍ଣଚନ୍ଦ୍ରର ପଣ୍ଡା ଚନ୍ଦ୍ର ସୂର୍ଯ୍ୟ ପଣ୍ଡା । ପୂର୍ଣ୍ଣଚନ୍ଦ୍ର ଆଗରୁ ପଣ୍ଡାକୁ ଖବର ଦେଇ ରଖିଲେ, ଅମୁକ ଦିନ ମୋର ଲୋକ ଯାଉଛି । ଦେଖି ଶୁଣି ବ୍ୟବସ୍ଥା କରିବ । ରୋହିଣୀ ରୋଡ଼ରେ କାର୍ତ୍ତିକ ବସୁର ସାନିଟୋରିୟମ । ସେଠାରେ ଦୁର୍ଗାନାଥଙ୍କ ପାଇଁ ଗୋଟିଏ ଘର ଭଡ଼ା ରଖିଲେ । ଦୁର୍ଗାନାଥ ସପରିବାର କଲିକତା ହୋଇ ଆସି ପହଞ୍ଚିଲେ ସେଇ ଘରେ ।

ସେଇଟା ତେରଶହ ସାଲର ଫାଲଗୁନ ମାସ ।

ଦୁର୍ଗାନାଥ ଭୋରୁ ଉଠି ଚାଲିଯାଆନ୍ତି ବାବାଙ୍କ ମନ୍ଦିରକୁ । ଅନେକ ବେଳ ପର୍ଯ୍ୟନ୍ତ ବସି ବଞ୍ଚିବାର ବାସନାଟିକୁ ଜଣାନ୍ତି । କାତର ହୋଇ ଜୀବନ ଭିକ୍ଷା କରନ୍ତି ବାବାଙ୍କ ପାଖରେ । ଏଇମିତି ପ୍ରତିଦିନ ଦୁର୍ଗାନାଥ ବାବାଙ୍କ ମନ୍ଦିରକୁ ଯିବା ଆସିବା କରିବାକୁ ଲାଗିଲେ । ଦିନେ ଦୁଇଦିନ ହୋଇ ଅନେକ ଦିନ କଟିଗଲା । ଭୋଗର କିନ୍ତୁ ଉଣେଇଶ ନାହିଁ । ଯାହା ଥିଲା ତାହାହିଁ ରହିଛି । ଜୀବନ ପ୍ରଦୀପରୁ ସଳିତା ନିଃଶେଷ ହୋଇ ଆସିଲା ଆସ୍ତେ ଆସ୍ତେ । ଜଳବାୟୁ ପରିବର୍ତ୍ତନର ମଧ୍ୟ କିଛି ଲାଭ ହେଲା ନାହିଁ । *(କ୍ରମଶଃ)*

*ମୂଳ ବଙ୍ଗଳା ରଚନା- ଶ୍ରୀନାଥ* *ଓଡ଼ିଆଭାଷାନ୍ତର- ଶ୍ରୀମତୀ ବିଷ୍ଣୁପ୍ରିୟା ପଣ୍ଡା*

ପ୍ରବନ୍ଧ

# ତୁମେ ଥିଲ ତେଣୁ

● ଡ଼ାଃ. ବିନାୟକ ମହାପାତ୍ର

୧୯୭୫ସାଲର ଏକ ପ୍ରଖର ରୌଦ୍ରସ୍ନାତ ଅବହେଳିତ ନିଝୁମ ଅପରାହ୍ଣରେ ଶ୍ରୀଶ୍ରୀଠାକୁରଙ୍କର ଐଶୀ ବେଷ୍ଟନୀପ୍ରାନ୍ତେ ପହଞ୍ଚିବାର ପରମ ସୌଭାଗ୍ୟ ମୋର ହୋଇଥିଲା । ବହୁଦିନ ଧରି ଯେଉଁ ନାମ ଶୁଣି ଆସିଛି, ନିଃଶ୍ୱାସ-ପ୍ରଶ୍ୱାସ ସହ ବିଶ୍ୱାସରେ ତା' ଅନୁରଣିତ ହୋଇଥିଲା । ସାଧୁ-ଗୁରୁଜନଙ୍କର ଶାସ୍ତ୍ରକଥନରେ ଆକାରହୀନତାକୁ ଅବଲମ୍ବନ କରି ଅଦର୍ଶନସମ୍ଭୂତ ବୋଧକୁ ଆଧାର କରି ରହିଥିଲା ଚେତନା । ସେସବୁ କିଛିର ଉପାନ୍ତେ ତା'ରହିଁ ଏକ ପ୍ରକାଶ ସନ୍ଦର୍ଶନ ବେଳକୁ ଭାଷାବୋଧ, ଦ୍ୱନ୍ଦ୍ୱବୋଧ ଅପରିପକ୍ୱତାର ବାଧାକୁ ଅତିକ୍ରମ କରି ନେଇ ଆସିଲା ଏକ ଅନନ୍ୟ ଅନୁଭୂତି । ମନ୍ତ୍ରମୁଗ୍ଧତାର ଭିତର ଦେଇ ପ୍ରାଣକେନ୍ଦ୍ର, ଯେପରି ଏକ ଗଭୀର ନୀରବ ବିନିମୟର ଈଶ୍ୱର ଅଦର୍ଶନର ଯାବତୀୟ ଆକୂତି, ତୃଷ୍ଣା, ବିରୁଦ୍ଧାଭାସ ଓ ପ୍ରତ୍ୟୟହୀନତାର ଶୁଷ୍କତା ଏବଂ ଧ୍ୟାନ-ଧାରଣାର ଇତି ଟାଣି ଉଦ୍ଭାସିତ ହେଲା ଏକ ନୂତନ ପ୍ରତ୍ୟୟ । ତାଙ୍କୁ ଦେଖିଲି ମାତ୍ର, ଦୂରରୁ । ଦେଖାରେ ଦୃଷ୍ଟିଶୁଦ୍ଧତା ନଥିଲା ବୋଲି ଠିକ୍ ଠିକ୍ ଦର୍ଶନ ନଥିଲା ତା' । କିଛିଟା ବୁଝିଲି, କିନ୍ତୁ ବୋଧ ସଠିକ୍ ନଥିଲା । କିଛି ଶୁଣିଲି, କିନ୍ତୁ କର୍ଣ୍ଣ ଶ୍ରୁତିଶୁଦ୍ଧ ନଥିଲା । କ୍ଷଣିକ ସାନ୍ନିଧ୍ୟ ପରେ ପୁଣି କୋଳାହଳମୟ ଜୀବନଧାରାକୁ ପ୍ରତ୍ୟାବର୍ତ୍ତନ । କ୍ଷଣସିଞ୍ଚିତ କିଞ୍ଚିତ୍ ଯେଉଁ ସୁଖସୁଧା ସେ ପୁଣି କୋଳାହଳମୟ ଜଗତରେ ମିଳେଇ ଯିବାକୁ ଯେତେବେଳେ ବସୁଥିଲା, ପୁଣି ନିମଜ୍ଜିତ ହେବାର ଆଶଙ୍କାରେ ଭାସି ଉଠିବାର ପ୍ରୟାସରେ ଛୁଟିଯାଇଛି ତାଙ୍କ ସନ୍ନିକଟକୁ । ଏପରି ଗତାନୁଗତିକ ଚାଲିଥିଲା ସେତେବେଳେ ମୋର ଜୀବନ ।

ଯୁକ୍ତ-ବିଯୁକ୍ତ ମାଧ୍ୟମରେ ଯା'କିଛି ସଂଯୁକ୍ତ ହେଉଥିଲା ତା' ଚେତନାର ପରିଧିରେ ନ ଆସିଲେବି ଗୋଟେ ନିଶା ଧରାଉଥିଲା । ଏହା ଏକ ଭିନ୍ନ ନିଶା । ଯେଉଁ ନିଶା ମାତ୍ରାରେ ବଢ଼ାଇଲେବି, ଅସୁସ୍ଥ କରୁନଥିଲା । ନୂତନ ସ୍ୱାସ୍ଥ୍ୟର ସୂଚନା କରୁଥିଲା । କୈବଲ୍ୟ ନଥିଲେବି ତର୍ପଣ ଯେ ତିଳମାତ୍ର ନଥିଲା ତା' ନୁହେଁ । ସେ ସମ୍ପୂର୍ଣ୍ଣ ଉତ୍ସର୍ଗର ତର୍ପଣ ନୁହେଁ, ତୃପ୍ତିର ତର୍ପଣା ମାତ୍ର । ଯୋଗାବେଗର ଆକୂତି ସ୍ୱତନ୍ତ୍ରରୂପେ ସତ୍ତା-ସଂସ୍ଥିତ ହେବାକୁ ଆରମ୍ଭ କରିଥିଲା । ବିଚ୍ଛେଦର ବିରହବୋଧ ଥିଲେବି ଅଭିଭୂତି ନଥିଲା । ମିଳନର ଅନ୍ଧ ଅନ୍ୱେଷା ଥିଲା । ଭଲଲାଗିବା ଥିଲେବି ନିଖାଦ ଭଲପାଇବା ନଥିଲା । ପ୍ରେମ ଭକ୍ତିର ସଠିକ୍ ସଂଜ୍ଞା ଜଣା ନଥିଲା । ଭଲ ଲାଗିବା କର୍ମରେ ସ୍ୱତଃହିଁ ନିର୍ଗତ ହୋଇ ପାରୁନଥିଲା । ସଙ୍ଗସେବାର ମର୍ମବୋଧରେ ବିକଶିତ ନଥିଲା । ଦୃଷ୍ଟିଶୁଦ୍ଧତା ଯେତେବେଳେ ନଥିଲା, ସେତେବେଳେ ମନଶ୍ଚକ୍ଷୁବି ସ୍ୱଚ୍ଛ ନଥିଲା । ନିର୍ବିଚାରିତା ଆସିବ କିପରି କରି ! ଆଉ ନିଜର ପାଲ୍ଲାରେ ଓଜନ କରି ସୀମିତ ବୁଦ୍ଧିରେ ବିଚାର କରି କଠିନ ଅହଂ ଦେଇ ଘଷିମାଜି କ'ଣ ବୁଝାଯାଏ ? ପ୍ରେମ ହୁଏ ? ଅପ୍ରେମରୁ ଅପୁଷ୍ଟ ଆତ୍ମବୋଧ ତା'କୁ କ'ଣ ସମର୍ପଣ ଆଣି ଦେଇପାରେ ସ୍ୱତଃ । ଶବ୍ଦାକୀର୍ଣ୍ଣ ଦୁର୍ବୋଧ ତାତ୍ତ୍ୱିକତା ଛଡ଼ା କିଛିହିଁ ଅନ୍ତଃସଲୀଳା ନଥିଲା । ଦୀକ୍ଷାନ୍ତର ଉପଦେଶ, ଉପଦେଶରେହିଁ ପର୍ଯ୍ୟବସିତ ଥିଲା । ଚରିତ୍ରଗତ କରିବାର ଧାର ନିକଟରେ ନଥିଲା । ମନ୍ତ୍ରସାଧନା ମୁମୂର୍ଷୁ ହୋଇଥିଲା । ଅନିୟମିତ କ୍ଷଣିକ ଅଭ୍ୟାସ ମଜ୍ଜାକୁ ଆନ୍ଦୋଳିତ କରିଲେବି, ତା'ର ସୁପ୍ତଶକ୍ତିର ସୂକ୍ଷ୍ମ ପରିଚୟ ସନ୍ତର୍ପଣରେ ରଖି ଯାଉଥିଲା । ତେବେବି ରାଗ-ବିରାଗର ଭିତର ଦେଇ ଅନୁରାଗ ଯେପରି ସଲିଳଧାରାସମ ସ୍ୱତଃ ହୋଇ ପାରୁନଥିଲା । ତେଣୁ କୌଣସି କିଛିହିଁ ସାବଲୀଳ ଓ ନିରନ୍ତର ହୋଇଉଠିନି ।

ଈଶ୍ୱର, ଭଗବାନ, ପୁରୁଷୋତ୍ତମ ପ୍ରଭୃତି ଧ୍ୱନି ଅନୁଭୂତିହୀନ ବୋଧର ସ୍ପର୍ଶମାତ୍ର ପାଇଥିଲା । ବିଜ୍ଞାନର ଦୃଷ୍ଟିଭଙ୍ଗୀରେ ଓ ଆଲୋକରେ ସବୁକିଛିହିଁ ଦେଖି-ଶୁଣି-ବୁଝି ଏବଂ ଯୁକ୍ତିଗ୍ରାହ୍ୟ କରି ଗ୍ରହଣ କରିବାର ମାନସିକତା ଚିନ୍ତାଜଗତକୁ ଆଚ୍ଛନ୍ନ କରି ରଖିଥିଲା । ନାସ୍ତିକ୍ୟର ଓ ଆସ୍ତିକ୍ୟର ଦ୍ୱନ୍ଦ୍ୱର ମଝିରେ ଯେଉଁ ଯନ୍ତ୍ରଣାର ସୂତ୍ରପାତ କରିଥିଲା, ତା' ଆଉ ସବୁକିଛି ପ୍ରତି ଏକ ଉଦାସୀନତା ଆଣି ଦେଇଥିଲା । ବୀତସ୍ପୃହ ମନନଶୀଳତା ସମୟ ଓ ପରିବେଶର ସଂଘାତରେ ଅନେକ କିଛିକୁ ହରାଇବାକୁ ବସିଥିଲା । ସହଜ ଆନନ୍ଦକୁ ସଙ୍କୁଚିତ କରି ତୋଳିଥିଲା । ନିରାଟ ବିଦ୍ୟାର୍ଥୀ ଜୀବନରେ ପୁସ୍ତକର ବାହାରେ ଆଉ କୌଣସି କିଛିରେ ମନଃସଂଯୋଗ କରିବାଟାକୁ ସମୟର ଅପଚୟ କରିବା ବୋଲି ମନେ ହେଉଥିଲା ।

ଶ୍ରୀଶ୍ରୀଠାକୁରଙ୍କ ଦୀର୍ଘ ଅସୁସ୍ଥତାରେ, ସେବା-ସଙ୍ଗ-ସାନ୍ନିଧ୍ୟ-ଆଳାପହୀନତା ଚିତ୍ତ ଓ ମନର ତୃଷିତ ଅଭାବବୋଧକୁ ଜଗାଇ ତୋଳୁଥିଲା । 'ପରିପ୍ରଶ୍ନେନ ସେବୟା'-ର ସାମାନ୍ୟତମ ସୁଯୋଗ ବଞ୍ଚିତ ହୋଇ 'ପ୍ରଶ୍ନ ମୋର ଅପ୍ରେ ଯାଉ'-ର କୃତ୍ରିମ ଆଶ୍ରୟର ଲଘୁ ସାନ୍ତ୍ୱନା ମନକୁ ପ୍ରଲେପ ଦେବାକୁ ଯାଇ ଯେପରି ଅଧିକରୁ ଅଧିକ ଆର୍ତ୍ତ କରି ତୋଳୁଥିଲା । ଆର୍ତ୍ତ, ଅର୍ଥାର୍ଥୀ, ଜିଜ୍ଞାସୁ କୌଣସି ଦଳରେ ସାମିଲ୍ ହୋଇ ନପାରି ଦ୍ୱନ୍ଦ୍ୱହୀନ ଅସଂଗଠିତ ଭାବନାରାଜି ବିକ୍ଷିପ୍ତ ହୋଇ ମନ-ପ୍ରାଣକୁ ସନ୍ତାପିତ କରିତୋଳୁଥିଲା । ଅବଶ୍ୟ ଏଇଟା ଠିକ୍ ଯେ, ସେ ଅବସ୍ଥାରେ ବି ଏପରି କିଛି ଦେଖିଛି ଯା' ଆଗେ ଦେଖିନି । କିନ୍ତୁ ପାଇଛି ଯା' ଆଗେ

ପାଇନି, କିନ୍ତୁ ବୁଝିଛି ଯା' ଆଗେ ବୁଝିନି । କିଛି କଳ୍ପନା କରିପାରୁଛି, ଯା' ଆଗେ କଳ୍ପନାର ବିଳାସ ଥିଲା । କିଛି କରୁଛି, ଯା' ଆଗେ କରୁ ନଥିଲି । କିଛି ହେଉଛି ଯା' ଆଗେ ହେଉ ନଥିଲା । କିଛିଟା ଚାଲୁଛି, ଯେ ଚାଲିବାର ପଥ ଆଗରୁ ଅଜଣା ଥିବାରୁ ଚାଲିବା ସମ୍ଭବ ହୋଇ ନଥିଲା । କିଛି ଖୁସି ଓ ଆନନ୍ଦର ଉଚ୍ଛ୍ୱାସ ହୋଇଥିଲା, ଯା' ଆଗେ କଦାପି ହେଉ ନଥିଲା । ସାମୟିକ କିଛି ଆତ୍ମସନ୍ତୋଷ ଆସୁଥିଲା ଯା' ଆଗେ ଆସୁ ନଥିଲା । କିଛି ପ୍ରାକୃତିକ ସ୍ପର୍ଶ ଲାଗୁଥିଲା, ଯେଉଁଠାରେ ଆଗେ ନିରାଟ କୃତ୍ରିମତା ବିରାଜ କରୁଥିଲା । କିଛି ଆତ୍ମବିଶ୍ଳେଷଣ ଆସୁଥିଲା ପୂର୍ବରୁ ଯେଠାରେ ଅନ୍ଧ ସମାଲୋଚନା ଓ ଅପବାଦର ରାଜତ୍ୱ ଥିଲା । କିଛି ସ୍ଫୁର୍ତ୍ତି ମୂର୍ତ୍ତ ହୋଇଉଠୁଥିଲା ଯେଉଁଠାରେ ପୂର୍ବେ ନିସ୍ତବ୍ଧତା ଥିଲା । ଚଞ୍ଚଳ ଚିତ୍ତବୃତ୍ତିର ଅଗଭୀର ଖୁସିର ପ୍ରତିକ୍ରିୟାହୀନତାର ଊର୍ଦ୍ଧ୍ୱରେ ଏକ ଅଚଞ୍ଚଳ ଭିନ୍ନ ଆନନ୍ଦର ଆଗ୍ରହ ମୁଣ୍ଡକୁ ଉଠିଥିଲା । ସନ୍ନ୍ୟାସୀର ସଂସାର ପ୍ରତି ଉଦାସୀନତା, ବିଷୟୀର ବିଷୟ ପ୍ରତି ମୋହ, ଭକ୍ତର ଭାବୋଚ୍ଛ୍ୱାସ— ସବୁଟା ଭିତରେ କିପରି ଯେ ଗୋଟେ ଅସମାହିତ ପ୍ରଶ୍ନର ଉତ୍ତର ଖୋଜି ବୁଲୁଥିଲା । ମୁଁ ଯେଉଁଠାରୁ ଆସିଛି ବା ଅଛି, ସେଠାରେ ଅଭୀଷ୍ଟ ନିକଟରେ ନା ଦୂରରେ, ସମ୍ମୁଖରେ ନା ପଶ୍ଚାତ୍‌ରେ, ଗନ୍ତବ୍ୟ ଯଥାର୍ଥ ନା ଅର୍ଥହୀନ, ଲକ୍ଷ୍ୟ ନିର୍ଭୁଲ ନା ତ୍ରୁଟିପୂର୍ଣ୍ଣ— ଏପରି ଏକ ଦୋଳାୟିତ ଭାବବୃତ୍ତି ନେଇ ମନ ଅହର୍ନିଶି ଉଦ୍‌ଭାସିତ ଥିଲା । ପୂର୍ଣ୍ଣତାର ପ୍ରତିମାନତାର ଭିତରେ ଅପୂର୍ଣ୍ଣତାର ବେଦନା— ସବୁ ଥାଇବି କିଛି ନାହିଁ, ସବୁ ଥାଇବି କିଛି ପାଇନି, ସବୁ ଦେଖିବି କିଛି ଦେଖିନି— ଏପରି ନାନାବିଧ ବିରୁଦ୍ଧଭାବ ଉପରେ ଛିଡ଼ା ହୋଇ ରହିବାର ଯନ୍ତ୍ରଣାରୁ ଯେପରି ମୁକ୍ତିର ଉପାୟ ନଥିଲା ।

ଦେଖୁ ଦେଖୁ, ବିଚାର କରୁ କରୁ ହସକାନ୍ଦ ଭିତରେ ଟିକେ ହସିବାର ଚେଷ୍ଟା କରୁ କରୁ ଦୀର୍ଘ ଶ୍ରାନ୍ତ ପ୍ରତୀକ୍ଷାର ଶେଷର କିଛିଟା ଲୀଳାୟିତ ଦର୍ଶନର ରଶ୍ମି ଉଦ୍‌ଗତ ହେଉ ହେଉ, ଦ୍ୱନ୍ଦାତୀତ ନ ହୋଇ ପାରିଲେବି କିଛି ମୀମାଂସାରେ ନିର୍ଦ୍ୱନ୍ଦ୍ୱ ହେବାର ରଙ୍ଗୀନ୍ ପ୍ରତ୍ୟୟର ସଞ୍ଚାର ହେଉ ନ ହେଉଣୁ ଓହ୍ଲାଇ ଆସିଲା ସେଇ କାଳରାତ୍ରି ତା'ର କରାଳ ପ୍ରହାର ଗୁଣରେ । ଆଉ ନିର୍ମମଭାବେ ସମସ୍ତ ସ୍ପନ୍ଦନକୁ, ସକଳ ସମ୍ବେଦନକୁ ସ୍ତିମିତ କରି ସଦ୍ୟ ସ୍ୱପ୍ନକୁ ବନ୍ଦୀ କରି ସହସା ଅକାଳ ଅଶନି ସମ୍ପାତରେ ଗଢ଼ିଉଠି ରହିଥିବା ସେଇ କଞ୍ଚା ଅଟ୍ଟାଳିକାଟି ଧରାଶାୟୀ ହେଲା । ନୂତନ ଦିନର ଆଲୋକ ଦେଖିବାର ସ୍ୱପ୍ନରେ ବିଭୋର କିଶଳୟ ଝଡ଼ି ପଡ଼ିଲା । ହୃଦୟରେ ଲାଳିତ ସମଗ୍ର ବୋଧିସମ୍ବେଗମୟ ରାକାରେ ଗ୍ରହଣ ଲାଗିଗଲା । ଶ୍ରୀଶ୍ରୀଠାକୁର ଚାଲିଗଲେ ୧୯୬୯ମସିହାର ୨୬-ଜାନୁୟାରୀର ଶେଷ ରାତ୍ରରେ । ସେହି ରାତ୍ରରେ 'ମୋର ଦ୍ୱାରଗୁଡ଼ିକ ଭାଙ୍ଗିଗଲା ଝଡ଼ରେ' । ନିଷ୍ଠୁର ନିୟତି ଅଲଖ ରହିଗଲା । ସ୍ରଷ୍ଟା ଯେପରି ତାଙ୍କର ସୃଷ୍ଟିର ନିୟମରେ ସହଜେହିଁ ଧରାଦେଲେ । ଝଡ଼ରାତ୍ରିର ଉତ୍ତାଳ ପାରାପାରରେ ଶାୟିତ ଜୀର୍ଣ୍ଣ ତରୀଟି ତଟସ୍ଥ ହୋଇ ପାରିଲାନି କିମ୍ବା ତା'ର ଗତିପଥରେ ଭାସି ପାରିଲାନି । ଦିଶାହୀନ ଅକୂଳ ପଥରେ ଅନିଶ୍ଚିତ ଆଶଙ୍କାରେ ବିକଳ ବିଳାପି ଆକାଶ-ବାତାସକୁ ମଥିତ କରିତୋଳିଲା । ତମସାକୀର୍ଣ୍ଣ ଶୀର୍ଣ୍ଣ ମୁଠାରେ ଯେଉଁ ପ୍ରଦୀପ ଜଳୁଥିଲା, ତା' ଯେପରି ଭଲ କରି ଜଳିବାର ଆଗରୁହିଁ ଲିଭିଗଲା । ଅଭ୍ୟାସଗତ ଅନ୍ଧତ୍ୱରେ ଯାତନା ନାହିଁ । ମନେହେଲା ଅନ୍ଧ ହୋଇ ଅନ୍ଧକାରରେ ବେଶ୍ ଥିଲି । ଏବେ ହେଲି ପିପାସିତ । ମୁଖରେ ନେଇଥିବା ପାନ ପାତ୍ର ପୂର୍ଣ୍ଣତାର ପରିହାସରେ ଯେପରି ମତେ ଛଳନା କରି ଚାଲିଗଲା ।

ଏପରି ଏକ ଦୁର୍ଦ୍ଦିନରେ ଛୁଟି ଆସିଲି ଦେଓଘର । ଯା' ପାଇଁ ଛୁଟି ଆସୁଥିଲି ବାରମ୍ବାର ଶୀତ-ଗ୍ରୀଷ୍ମ-ବର୍ଷାକୁ ଉପେକ୍ଷା କରି, ଯାହାଙ୍କୁ ଏକ ଝଲକ ଦେଖି ମନପ୍ରାଣ ଭରି ଯାଉଥିଲା, ତାଙ୍କୁ ଆଉ ବଡ଼ାଲ ପାର୍ଲରରେ ଦେଖିବାକୁ ପାଇଲିନି । ଦେଖିବାକୁ ଯେ ପାଇବିନି ସେଇଟା ଅବିଶ୍ୱାସ ଥିଲା । କିନ୍ତୁ ପ୍ରକୃତରେହିଁ ଦେଖି ପାରିଲିନି । 'ଶୂନ୍ୟ ବୁକୁରେ ପକ୍ଷୀ ମୋର ଫେରିଆ'ର ଚାପା କ୍ରନ୍ଦନ ହୃଦୟରେ ଗୁମୁରି ଉଠିଲା । ସେଇ ଆକାଶ-ବାତାସ, ଗଛପତ୍ର, ନଦୀ-ପାହାଡ଼, ନାଲିମାଟିର ରାସ୍ତା ସବୁକିଛି ଅବିକଳ ରହିଛି କେବଳ ଜଣଙ୍କ ଛଡ଼ା । ପୂର୍ବର ବୋଧ-ଭାବନା-ବିଶ୍ୱାସ ଯାହାହିଁ ଥାଉ, ଠିକ୍ ଏହି ମୁହୂର୍ତ୍ତରେ ଯେପରି ମନେହେଲା— ଯାହାଙ୍କୁ ଦେଖୁନି ସେଇ ଜଣେହିଁ ଚିରଦିନର ଆପଣାର ଜନ ପୃଥିବୀରେ, ଆଉ କେହି ନୁହେଁ ।

ଅଧୁନା ସମାଧିସ୍ଥଳର ପଡ଼ିଆରେ କିଛି ଭସ୍ମାଚ୍ଛାଦିତ ସ୍ଥଣ୍ଡିଳ ମଝିରେ ଆଖି ଯେପରି କାହାକୁ ବୃଥା ଖୋଜି ବୁଲୁଛି । ମୋର ହୃଦୟର ଅସ୍ପଷ୍ଟ ବିଳାପ ବାରମ୍ବାର ମୋ ନିକଟକୁ ଫେରି ଆସିବାକୁ ଲାଗିଲା । ଯେ ରକ୍ତମାଂସସଂକୁଳ ଅବର୍ଣ୍ଣନୀୟ ବରତନୁ ଦୁଗ୍ଧଫେନନିଭ ଶଯ୍ୟାରେ ଥିଲା ସେଠାରେ ଦେଖିଲି ଏକ ପ୍ରତିକୃତି । ତା' ସାମ୍ନାରେ ଚଟାଣରେ ବସି ଜଣେ ସନ୍ତାନ ଏକମାତ୍ର ସନ୍ତାନହରା ମା' ପରି ଅବୋଧ ଶିଶୁସମ ଛାତି ବାଡ଼େଇ ଉଚ୍ଚସ୍ୱରରେ କ୍ରନ୍ଦନରତ— 'ତୁମେ କୁଆଡ଼େ ଗଲ, ଅନାଥ କରି ଗଲ, ତୁମେ ମତେ ଫାଙ୍କି ଦେଇ ଚାଲିଗଲ, ତୁମକୁ ଛାଡ଼ି ରହିବି କିପରି ?' ସେଇ ମଣିଷଟି ଆଉ କେହି ନୁହଁନ୍ତି, ଆମମାନଙ୍କର ଶ୍ରୀଶ୍ରୀବଡ଼ଦା । ସେହି କରୁଣ ବିଳାପ ସହିତ ମୋ ଅନ୍ତରର ଯାହାକିଛି ଚାପା ଥିଲା ବୁକୁ ଫଟାଇ କାନ୍ଦଣା ଓହ୍ଲାଇ ଆସିଲା ଉପସ୍ଥିତ ଅନେକଙ୍କ ସହିତ ।

ଯିଏ ଚାଲି ଯାଇଛନ୍ତି ସିଏ ଆଉ ସେହିପରି କରି ଫେରି

ଆସିବେନି । ତେବେ ମନ ମାନେନା ତାଙ୍କୁ ଛାଡ଼ିବାକୁ । ପାରିବ କିପରି ! ତାଙ୍କୁ ମନ ପାଖରେ ପାଇବାକୁ ଚାହେଁ, ହୃଦୟ ଭିତରେ ପାଇବାକୁ ଚାହେଁ । ନ ପାଇଲେ ଯେ ବଞ୍ଚିବା ଅସମ୍ଭବ । ତେଣୁ ସିଏ ଚାଲିଗଲେବି ପ୍ରସ୍ତୁତୀକୃତ ମହାମାନବଙ୍କୁ ଯେ ରହିବାକୁହିଁ ହେବ ଯେକୌଣସି ଭାବରେ । ସେହି ମହାମାନବ ଯେପରି ନିୟତିର ଦାସ, ସେପରି ଭକ୍ତଙ୍କର ବି ଦାସ । ଯେଉଁ ଭକ୍ତ ତାଙ୍କର ଚିରଦାସ, ତା'କୁ ଛାଡ଼ି ସେ ମହାମାନବ ଯାଇ ପାରନ୍ତିନି । ତା'ହେଲେ ଯେ ସବୁ ଭୁଲ୍ ହୋଇଯିବ, ସବୁ ମିଥ୍ୟା ହୋଇଯିବ । ସେଇ ଯିବାକୁ ନ ଦେବାର ଗଭୀର ଆକୂତି, ତାଙ୍କୁ ଧରି ନରଖି ପାରିବାର ଅସହାୟତା, ସର୍ବାଙ୍ଗେ ତୀବ୍ର ଅନୁଭୂତି ଆଣିଦେଲେବି ସତ୍ୟକୁ ମାନି ନ ନେବାର ପଛରେ ଯେଉଁ ପରମ ସତ୍ୟ, ସେଥିରୁ ଓହ୍ଲାଇ ଆସିଲା ସେଇ ଅମର ସଙ୍ଗୀତ— 'ତୋମାର ରଙ୍ଗେ ହୃଦୟ ଆମାର ରାଙ୍ଗା, ତୋମାୟ ବିଦାୟ ଦେବୋ କେମନ କରେ'— ଶ୍ରୀଶ୍ରୀବଡ଼ଦାଙ୍କ ସମସ୍ତ ଅନୁଭବ ଦେଇ ଲେଖା ।

ଜଗତ ବଡ଼ହିଁ ବିଚିତ୍ର । ଏ ହୀନ ତୀବ୍ର ବେଦନା ଓ ଯନ୍ତ୍ରଣାର ପରେ ବି ପ୍ରାଣ ପୁନଶ୍ଚ ଶାନ୍ତ ହୋଇଯାଏ । ତା'ର ଭଲପାଇବାର ଧନକୁ ହୃଦୟରେ ରଖିବାକୁ ଗଲେ ଶାନ୍ତ ହେବାକୁ ହେବ । କେବଳ କାନ୍ଦିଲେ ଚଳିବନି, ସ୍ଥିର ହେବାକୁ ହେବ । କେବଳ ଭାବୋଚ୍ଛ୍ୱାସରେ ଚପଳ ହେଲେ ଚଳିବନି । ବିଚଳିତ ହେଲେ ଚଳିବନି । ବୋଧକୁ ସୂକ୍ଷ୍ମ ଚେତନାରେ ରଖିବାକୁ ହେବ । ନିଥର କରିଲେ ଚଳିବନି । ତା' ନ ହେଲେ ତୁମେ ତାଙ୍କୁ କିଛିହିଁ ଭଲପାଅନି । ତୁମର ମନ୍ତ୍ର ହେବା ଦରକାର ତାଙ୍କୁ କେବଳ ଆନନ୍ଦ ଦିଅ, ବ୍ୟଥା ଦିଅନା ।

ଛାତିରେ ପଥର ଚାପି ଘରକୁ ଫେରିଗଲି । ଦୁଇଦିନ ପରେ ପୁନଶ୍ଚ ଆସିଲି ତାଙ୍କ ଶ୍ରାଦ୍ଧବାସରେ ମୋର ସଞ୍ଚିତ ଶ୍ରଦ୍ଧା ଅର୍ପଣ କରିବା ପାଇଁ ଅନେକଙ୍କ ଭଳି । ନୂଆ କରି ନିର୍ମିତ ବର୍ତ୍ତମାନ ବଡ଼ନାଟମଣ୍ଡପରେ ଶ୍ରାଦ୍ଧର ପାରଲୌକିକ କ୍ରିୟାର ଯାବତୀୟ ଆୟୋଜନ । ସେଦିନ ପୁନଶ୍ଚ ଦେଖିଲି ଶ୍ରୀଶ୍ରୀବଡ଼ଦାଙ୍କୁ । ମୁଣ୍ଡିତ ମସ୍ତକ ଦୀର୍ଘକାୟ ସୁଶ୍ରୀ ଜଣେ ପୁରୁଷଙ୍କୁ ଏକ ଭିନ୍ନ ରୂପାଧାରରେ । ଶ୍ରୀଶ୍ରୀଠାକୁର ଥିବା ସମୟରେ ତାଙ୍କୁ ଦେଖିଛି ଅନେକଥର । ଦୂରରୁ ପ୍ରଣାମ କରି ଚାଲି ଯାଏ । ସେଇ ପର୍ଯ୍ୟନ୍ତ । ଆଜି ତାଙ୍କ ଦୃଷ୍ଟିରେ ଆଗାମୀ ଦିନର ଦର୍ଶନ— ପ୍ରେମର ପ୍ରାବଲ୍ୟ । ମୁଖମଣ୍ଡଳରେ ପ୍ରତ୍ୟୟର ଦୀପ୍ତି, ପ୍ରତିଟି ପଦ ଚାଳନାରେ ଦୃଢ଼ତା, ପରିପକ୍ୱ ସ୍ଥିରତା, ଏକମୁଖୀ ବେଗମାନତା । ସମଗ୍ର ଶରୀରରେ 'ଜ୍ୟେଷ୍ଠଭ୍ରାତା ପିତୃସମ'— ସୁଲଭ ଅଙ୍ଗୀକାର ଓ ଅଟଳ ଆକର୍ଷଣ, ବ୍ୟକ୍ତିତ୍ୱରେ ଅଭୟ ଆଶ୍ରୟ, ସାନ୍ତ୍ୱନା, ନିର୍ଭରତା, ଆଲିଙ୍ଗନ-ଗ୍ରହଣର ତୀବ୍ର ଦ୍ୟୋତନା— ଭୟାଳୁ-ଦୟାଳୁର ଅପୂର୍ବ ସମନ୍ୱୟ, ମାଭୈର ଉଜ୍ଜ୍ୱଳ ସାକ୍ଷ୍ୟ । ଶ୍ରୀଶ୍ରୀଠାକୁରଙ୍କ ଅବର୍ତ୍ତମାନରେ ସେଇ ଦୈବିଦତ୍ତ ଆତ୍ମା ଆତ୍ମଜ ରୂପେ ଅବତୀର୍ଣ୍ଣ । ଶ୍ରୀଶ୍ରୀଠାକୁରଙ୍କ ଅଭିଳଷିତ ସେଇ ପ୍ରସ୍ତୁତୀକୃତ ମହାମାନବ ଯେପରି ତାଙ୍କ ଅବର୍ତ୍ତମାନରେ ଚିର ପ୍ରସ୍ତୁତ ହୋଇଥିଲେ ତାଙ୍କ ରଥର ଦଉଡ଼ି ଧରିବାକୁ । ଶାସ୍ତ୍ର କହେ, ଜ୍ୟେଷ୍ଠପୁତ୍ର ବ୍ରହ୍ମଜ୍ଞାନର ଅଧିକାରୀ ହୁଏ । ଯେଉଁ ବ୍ରହ୍ମଜ୍ଞାନ ସିଏ ସାଧନାରେ ଅର୍ଜନ କରିଥିଲେ କଠିନ ପରୀକ୍ଷା ଦେଇ ଦୟାଳ ତାଙ୍କୁ ବ୍ରହ୍ମଜ୍ଞ ଉପାଧିରେ ଭୂଷିତ କରିଥିଲେ । ଏହି ରଥର ଦଉଡ଼ି ତାଙ୍କ ହାତରେ ଧରାଇ ଦେଇଥିଲେ ତାଙ୍କ ଜୀବଦଶାରେ ଆଉ କହିଥିଲେ— 'ମୁଁ ତା'ର ମଥାରେ କଠିନ ବୋଝର ଭାର ଚାପି ଦେଇ ଗଲି । ମୁଁ ଜାଣେ ସେ ପାରିବ ।' ଆଜି ମନେହେଲା ସେଇ ବୋଝ ଯେପରି ଆହୁରିବି ବଢ଼ିଗଲା ଶତ ଗୁଣରେ । ଏବେ ଶ୍ରୀଶ୍ରୀଠାକୁର ସଶରୀରେ ନାହାଁନ୍ତି, ତେବେବି ଲକ୍ଷ ଲକ୍ଷ ମଣିଷ ଆସିବେ ତାଙ୍କ ନାମରେ, ସେ ପ୍ରତ୍ୟେକଙ୍କୁ ତାଙ୍କ ନିକଟରେ ପହଞ୍ଚାଇ ଦେବାର ରାସ୍ତା ବତେଇ ଦେବାକୁ ହେବ । ଝୁଣ୍ଟି ପଡ଼ିଗଲେ ଉଠାଇ ଧରିବାକୁ ହେବ, ଧୂଳି ଝାଡ଼ି ଦେବାକୁ ହେବ, କ୍ଷତରେ ପ୍ରଲେପ ଲଗାଇ ଦେବାକୁ ହେବ । ପୁନଶ୍ଚ ଚଲାଇବାକୁ ହେବ ହାତଧରି, ଝଡ଼ଝଞ୍ଜାରୁ ସେମାନଙ୍କୁ ରକ୍ଷା କରିବାକୁ ହେବ— ସେମାନଙ୍କର ସବୁ ଦାୟିତ୍ୱ କିନ୍ତୁ ତାଙ୍କର । ତାଙ୍କ ଦେବା ଦଉଡ଼ିଟି ଧରି ସେ ଶେଷ ପର୍ଯ୍ୟନ୍ତ ତା'ହିଁ କରିଗଲେ ନିରବଚ୍ଛିନ୍ନଭାବେ ଅତନ୍ଦ୍ର ହୋଇ ।

ଶ୍ରାଦ୍ଧବାସର ପରେ ଫେରିଗଲି ଦେଶକୁ । ପଢ଼ାଶୁଣାରେ କିଛିଟା ମନ ଦେଲି । ମନ ଠିକ୍‌ଭାବେ ଲାଗୁନି, ତେବେବି ପଢ଼ିବାକୁ ହେବ, ଆଗକୁ ଯେ ପରୀକ୍ଷା । ଦେଖୁ ଦେଖୁ ନବବର୍ଷ ଉତ୍ସବ ପରେ ମଇ ମାସ ଆସିଗଲା । ଶ୍ରୀଶ୍ରୀବଡ଼ଦା ପରମାରାଧ୍ୟା ଶ୍ରୀଶ୍ରୀବଡ଼ମା'ଙ୍କୁ ନେଇ ଶ୍ରୀକ୍ଷେତ୍ରକୁ ଆସିଲେ । ଶ୍ରୀଶ୍ରୀଠାକୁରଙ୍କୁ ଛାଡ଼ି ତାଙ୍କର ବାହାରକୁ କେଉଁଠାକୁ ଯିବା ସମ୍ଭବ ନ ଥିଲା । ବହୁବର୍ଷ ପରେ ଏଇ ପ୍ରଥମ ସେ ବାହାରକୁ ବାହାରିଲେ ଶ୍ରୀଶ୍ରୀବଡ଼ମା'ଙ୍କ ଇଚ୍ଛା ପୂର୍ଣ୍ଣ କରିବାକୁ । ପୁରୀର ଚକ୍ରତୀର୍ଥ ରୋଡ଼ରେ ସୁନାର ଗୌରାଙ୍ଗ ଆଶ୍ରମରେ ଗୋଟେ କୋଠାଘରେ ଶ୍ରୀଶ୍ରୀବଡ଼ମା'ଙ୍କୁ ନେଇ ସପରିବାର ରହିଲେ ପ୍ରାୟଃ ଏକ ପକ୍ଷ । ସେଇ କେତୋଟି ସ୍ୱର୍ଣ୍ଣ ଦିବସରେ ତାଙ୍କର ଖୁବ୍ ନିକଟରେ ରହିବାର ଏବଂ କିଛିଟା ସେବା ଓ ସଙ୍ଗର ସୁଯୋଗ ପାଇଲି ଏଇ ପ୍ରଥମ ଥର ମୋ ଜୀବନରେ । ପ୍ରାତଃ ବିନତିଠାରୁ ଆରମ୍ଭ କରି ତାଙ୍କ ପାଖରେ ବସିବା, ତାଙ୍କ କଥା ଶୁଣିବା, ସେ ବାହାରକୁ ଗଲେ ତାଙ୍କ ପଛେ ପଛେ ଚାଲିବା, ସମୁଦ୍ର ସୈକତରେ ତାଙ୍କ ନିକଟରେ ବସିବାର ସୁଯୋଗ ହୁଏ । ଶ୍ରୀଶ୍ରୀବଡ଼ମା'ଙ୍କୁ ନେଇ ସିଏ ଯେତେବେଳେ ସମୁଦ୍ର ତଟକୁ ଯାଆନ୍ତି ସେତେବେଳେ ପୁରା ସମୟ ପରମାପ୍ରକୃତିଙ୍କ ଆଲୋକରେ ଅତିବାହିତ କରିବାର ସୌଭାଗ୍ୟ ହୁଏ । ଦେଖାଶୁଣା, କିଛିଟା

ଅନୁଭବ କରିବାର ଚେଷ୍ଟା ମାଧ୍ୟମରେ— ସବୁ ମିଳାଇ ତାଙ୍କୁ ମୋର ପ୍ରଥମ ଦର୍ଶନ ।

ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଆସିବାର, ତାଙ୍କ ଶେଷ ପରିଣତ ବୟସରେ ଦୁଇଚାରିବର୍ଷ ଦୂରରୁ ଦର୍ଶନ କରିବାର ଦୁଇଚାରି ମିନିଟ୍ ପାଇଁ ଦୁଇଚାରିଟା ଅବୁଝା କଥା କହିବାର ସଂକ୍ଷିପ୍ତ ଅବକାଶ ଛଡ଼ା ଆଉ କିଛି ହିଁ ସମ୍ବଳ ନଥିଲା । ଏବେ ଶ୍ରୀଶ୍ରୀବଡ଼ଦାଙ୍କ ସାନ୍ନିଧ୍ୟରେ ଆସି ପୂର୍ବୋକ୍ତ ଯେଉଁସବୁ ଅସମାପିକା, ଅମୀମାଂସା, ଦ୍ୱନ୍ଦ୍ୱ, ଅପୂର୍ଣ୍ଣତା, ଅଭାବବୋଧ, ଅସ୍ୱଚ୍ଛତା, ସିଦ୍ଧାନ୍ତହୀନତା, କୃତ୍ରିମତା, ଅହମିକାର ଦହନ ଜ୍ୱାଳା, ଜ୍ଞାନାନ୍ଧତା, ଦୋଦୁଲ୍ୟମାନତା, ନିରାନନ୍ଦ, ଅଖୁସୀ, ଅଶାନ୍ତି, ଅସନ୍ତୋଷ, ଅସମାହିତ ଭାବରାଜି— ସବୁକିଛିହିଁ ନିରାମୟ ହେବାକୁ ଆରମ୍ଭ ହେଲା, ନିରସନ ହେବାକୁ ଆରମ୍ଭ କଲା । ସବୁକିଛିହିଁ ସରଳୀକୃତ ହେବାକୁ ଆରମ୍ଭ କଲା । କିଛି ନୂତନ ଆଗ୍ରହ ସୃଷ୍ଟି କଲା । ପୁନଶ୍ଚ କିଛିଟାର ପ୍ରତି ବୀତସ୍ପୃହା ସୃଷ୍ଟି ହେଲା । କିଛି ବ୍ୟାପାରରେ ଯେପରି କଠୋର ହେବାକୁ ଇଚ୍ଛା ହେଲା, ସେହିପରି ଆଉ କିଛି ବ୍ୟାପାରରେ କୋମଳ ହେବାକୁ ଇଚ୍ଛା ହେଲା । ଏସବୁ କିନ୍ତୁ ବୁଦ୍ଧି କରି ନୁହେଁ ସହଜଭାବେ ହେବାକୁ ଲାଗିଲା । ତାଙ୍କ ନିକଟକୁ ଆସିବା ଆଉ ଉଠାବସା କରିବା ସବୁ ମିଶି ମୁଁ ଯେପରି ମୋର ଅଗୋଚରରେ ଆଗେଇ ଚାଲିଲି ଠାକୁରଙ୍କ ଦିଗରେ ।

ଶ୍ରୀଶ୍ରୀଠାକୁରଙ୍କୁ ଦେଖି ତାଙ୍କ ନିକଟକୁ ଆସି ତାଙ୍କ କଥା ଓ ଚିନ୍ତା ଯେଉଁ ନିଶା ଲାଗିଥିଲା ସ୍ତିମିତ ହେଉ ହେଉ ସେଇ ନିଶା ପୁନଶ୍ଚ ନୂତନ ମାତ୍ରା ପାଇଲା । ଏବେ ନୂଆ କରି ତାଙ୍କ ନିକଟରେ ରହିବାର ଓ ବସିବାର ନିଶା ଗ୍ରାସ କରି ବସିଲା । ତାଙ୍କୁ ଭଲ ଲାଗିବାକୁ ଆରମ୍ଭ କଲା । ତାଙ୍କ ଅଦର୍ଶନ ଓ ପାଖରେ ନ ରହିବାର ବ୍ୟଥା ଅନୁଭବ ହେବାକୁ ଲାଗିଲା । ମନେହେଲା, ତାଙ୍କୁ ଭଲପାଇବାର ମଧ୍ୟ ଦେଇ ମୁଁ ଠାକୁରଙ୍କୁ ଭଲପାଇ ଚାଲିଛି ନୂତନ ଭାବେ । ତାଙ୍କୁ ଦେଖି ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାର ଅଭାବ ଦୂର ହୋଇଛି । ତାଙ୍କ ପାଖରେ ବସି ଶ୍ରୀଶ୍ରୀଠାକୁରଙ୍କ ସାନ୍ନିଧ୍ୟ ଅନୁଭବ କରୁଛି । ସମସ୍ତ ଇନ୍ଦ୍ରିୟ ଦେଇ ଠାକୁରଙ୍କୁ ଯେତେ ଟିକେ ବୋଧ କରିଛି ସେଇ ବୋଧ ତୀବ୍ର ହୋଇ ଅଧିକରୁ ଅଧିକତର ହୋଇ ଚାଲିଛି । କିନ୍ତୁ ବୋଧ ଇନ୍ଦ୍ରିୟାତୀତ ମନେହେଉଛି, ଅନ୍ତସ୍ଥ ତନ୍ତ୍ରୀ ଶିହରିତ ହେଉଛି । ପାଖରେ ବସିଲେ ଶ୍ରୀଶ୍ରୀଠାକୁରଙ୍କ ନାମ କରିବାକୁ ଇଚ୍ଛା କରୁଛି । ଏସବୁ କିନ୍ତୁ କଳ୍ପନା ବା ଭାବାନୁଗ ନୁହେଁ । ଅତି ବାସ୍ତବ ତା'ର ଅସ୍ତିତ୍ୱ— ସବୁ ମିଶି ଏକ ଅନନ୍ୟ ଅନୁଭୂତି । ଆଗେ ନିଶା ଥିଲା, ଏବେ ନିଶା ମାତାଲ କରିବାକୁ ଆରମ୍ଭ କରିଲା । ଯେତେ ମାତାଲହିଁ ହୁଅ, ତାଙ୍କ ପାଖରେ କିନ୍ତୁ ଆଡୁସାଡୁ ଭାବେ ମାତଲାମି କରିଲେ ଚଳିବନି । ତାଳ ଠିକ୍ ରଖିବାକୁ ହେବ । ତାଳରେ ଠିକ୍ ନ ରହିଲେ, ସେ ମାତଲାମିରେ ଖାଦ ଅଛି ବୋଲି ବୁଝିବାକୁ ହେବ । ମାତାଲ ହେବା ମାନେ ଅଭିଭୂତ ହେବା ନୁହେଁ । ଅଭିଭୂତ ହେବାକୁ ହୁଏ ତ ଈଶ୍ୱରପ୍ରେମରେ । ଈଶ୍ୱରପ୍ରେମରେ ଯିଏ ଯେତେ ଅଭିଭୂତ ହେବ ସିଏ ସେତେ ତାଳରେ ଠିକ୍ ରହିବ । ସ୍ଥିତଧୀ ହେବ— ଏପରି କଥା ଓ ବ୍ୟାଖ୍ୟା ତାଙ୍କ ସଂସ୍ପର୍ଶରେ ଆସି ଜାଣିଲି ଓ ବୁଝିଲି ।

ସୁନାର ଗୌରାଙ୍ଗ ଗୌଡ଼ୀୟ ମଠର କିଛି ସନ୍ନ୍ୟାସୀ ତାଙ୍କ ନିକଟକୁ ନିୟମିତ ଆସନ୍ତି, ପ୍ରଣାମ କରି ବସନ୍ତି । ଅନେକ କିଛି ଆଲୋଚନା କରନ୍ତି । ପ୍ରଶ୍ନ କରନ୍ତି । ଦିନେ ଜନୈକ ସନ୍ନ୍ୟାସୀ ଜିଜ୍ଞାସା କଲେ— ଜୀବନର ଉଦ୍ଦେଶ୍ୟ କ'ଣ ? ସିଏ କହିଲେ— 'ଇଷ୍ଟପ୍ରତିଷ୍ଠା । ଯିଏ ଯା'ର ଇଷ୍ଟ, ତାଙ୍କର ପ୍ରତିଷ୍ଠାହିଁ ତା' ଜୀବନର ଉଦ୍ଦେଶ୍ୟ । ଇଷ୍ଟପ୍ରତିଷ୍ଠା ମାନେ ମୋ ଜୀବନରେ ଯିଏ ଚିରବାଞ୍ଛିତ— ସେ ଯାହା ଯାହା ନେଇ ସିଏ ହୋଇଛନ୍ତି ସେଗୁଡ଼ିକୁ ନିଜ ଭିତରେ ପ୍ରତିଷ୍ଠା କରିବା । ଏହାର ଶେଷ ନାହିଁ । କରୁ କରୁ କେତେ ଜନ୍ମ ଲାଗିଯିବ । ପୁନଶ୍ଚ ତାଙ୍କ ଦୟା ହେଲେ ଗୋଟେ ଜନ୍ମରେ ବି ହୋଇପାରେ । କିନ୍ତୁ ମଜାର କଥା କ'ଣ ଜାଣନ୍ତି, ଭକ୍ତ କେବେ ସିଏ ହେବାକୁ ଚାହେଁନା । ସର୍ବଦା ତାଙ୍କ ସେବକ ହୋଇ ରହିବାକୁ ଚାହେଁ, ଦାସ ହେବାକୁ ଚାହେଁ । ସେଥିରେ ତା'ର ଆନନ୍ଦ । ସିଏ ବୁଝେ ଯେ ନିଜେ ଚିନି ହୋଇଗଲେ ଆଉ ଚିନିର ସ୍ୱାଦ ପାଇ ହେବନି ।' ଏପରି ସବୁ କଥା ରୋଜ ଶୁଣୁଥିଲି । ଆଉ ମନ ମଧ୍ୟରେ ନୂତନ ଭାବ ଓ ସଙ୍କଳ୍ପର ଉଦ୍ରେକ ହେଉଥିଲା । ମୁଁ ଓ ମୋର ଦୁଇ ସହପାଠୀ ଗୁରୁଭ୍ରାତା ପୁରୀରେ ସେ କେତେଦିନ ଥିଲୁ । ଆମେ ସେତେବେଳେ ମେଡ଼ିକାଲ ଫୋର୍ଥ ଇୟରର ଷ୍ଟୁଡ଼େଣ୍ଟ । ସେ କିନ୍ତୁ ସେତେବେଳରୁ ହିଁ ମତେ ଡ଼ାକ୍ତର ବୋଲି ଡ଼ାକୁଥିଲେ । ଯେପରି ଡ଼ାକ୍ତର କୁଆଡ଼େ ଗଲା, ଖାଇଛି କି ନା ଇତ୍ୟାଦି । କିଛିଦିନ ପରେ ବିଦାୟର ପାଳି । ଶ୍ରୀଶ୍ରୀବଡ଼ମା'ଙ୍କୁ ନେଇ ଶେଷଥର ପାଇଁ ସୁନାର ଗୌରାଙ୍ଗ ନିକଟସ୍ଥ ସମୁଦ୍ର ସୈକତକୁ ଗଲେ । ଗୋଟେ ଚେୟାରରେ ଜଗଜ୍ଜନନୀ ସମାସୀନା । ସମ୍ମୁଖରେ ତରଙ୍ଗାୟିତ ଭୂମା ବାରିଧି । ଆମେ ଅନେକେ ତାଙ୍କୁ ଘେରି ବସିଅଛୁ । କେହି କେହି ଛିଡ଼ା ହୋଇଛନ୍ତି । ସହସା ବହୁ ଦୂରରୁ ଗୋଟେ ଢ଼େଉ ଆସି ମା'ଙ୍କ ଚରଣ ଯୁଗଳ ଧୌତ କରି ଚାଲିଗଲା । ଶ୍ରୀଶ୍ରୀବଡ଼ମା' ମୃଦୁ ହସିଲେ । ଶ୍ରୀଶ୍ରୀବଡ଼ଦା କହିଲେ— ମା'ର ଆଉ ସମୁଦ୍ରର ବହୁଦିନର ଇଚ୍ଛା ଆଜି ମେଣ୍ଟିଗଲା । ଶ୍ରୀଶ୍ରୀବଡ଼ଦା ଶ୍ରୀଶ୍ରୀବଡ଼ମା'ଙ୍କୁ ନେଇ ଫେରି ଆସିଲେ ଦେଓଘର । ବିଚ୍ଛେଦର ବ୍ୟଥା ନେଇ ଆମେବି ଫେରିଗଲୁ କଟକ । ସେଇ ବର୍ଷ ଅକ୍ଟୋବରରେ ଦେଓଘରେ ପୂଜା ଉତ୍ସବ । ଓଡ଼ିଶାରୁ ଅନେକ ଯାଉଛନ୍ତି, ମୁଁ ବି ଗଲି । ଶ୍ରୀଶ୍ରୀଠାକୁର ଓ ଶ୍ରୀଶ୍ରୀବଡ଼ମା'ଙ୍କ ପ୍ରଣାମ ସାରି ଯେତେକ୍ଷଣ ପାରୁଥିଲି ଚାଳଘରେ

ତାଙ୍କ ଆସନ ପାଖରେ ବସି ରହୁଥିଲି ଆଉ ତାଙ୍କୁ ଦେଖୁଥିଲି । ଗୋଟେ ପଟେ ପାର୍ଲରରେ ପୂର୍ଣ୍ଣାବୟବ ପ୍ରତିକୃତି ଆଉ ଗୋଟେ ଦିଗରେ ସିଏ । ନଜର ମୋର ସେଦିଗରେ ଥରେ ତ ଏ ଦିଗରେ ଥରେ । ତାଙ୍କ ମଧ୍ୟରେ ତାଙ୍କୁ (ଠାକୁରଙ୍କୁ) ଯେପରି ଖୋଜି ପାଇଛି । ଆଉ ଅଲକ୍ଷ୍ୟରେ ଉଜ୍ଜ୍ୱଳ ହୋଇଉଠିଛି ମନପ୍ରାଣ । ସେଥର ମୋର ସହ-ପ୍ରତି-ଋତ୍ୱିକ୍‌ର ପାଞ୍ଜା ହେଲା । ସିଏ ସ୍ୱୟଂ ପାଞ୍ଜା ଦେଇ ଆଶୀର୍ବାଦ କଲେ ଅଶୋକାଶ୍ରମରେ । ଅପ୍ରତ୍ୟାଶିତ ଆଉ ଅପ୍ରସ୍ତୁତ ଭାବେ ଏସବୁ ହୋଇଗଲା । ୧୯୬୯ରୁ ୧୯୭୪ ମସିହା ଭିତରେ ସିଏ କେତେଥର ଓଡ଼ିଶା ଆସିଛନ୍ତି ଏବଂ ପ୍ରତ୍ୟେକଥର ଅବଶ୍ୟହିଁ ପୁରୀ ଯାଇଛନ୍ତି । କେବେ ଡ଼ାକବଙ୍ଗଳାରେ, କେବେ ସର୍କିଟ ହାଉସରେ ଅବସ୍ଥାନ କରନ୍ତି । ତାଙ୍କ ସଙ୍ଗ-ସେବା-ସାନ୍ନିଧ୍ୟ ଲାଭର ସୁଯୋଗରୁ ନିଜକୁ ବଞ୍ଚିତ କରିବାକୁ ଚାହେଁନା । ପୁରୀ ଯେପରି ତାଙ୍କୁ ସବୁ ସମୟରେ ଟାଣୁଥିଲା । ପୁରୀର ସମୁଦ୍ର ତାଙ୍କୁ ଖୁବ୍‌ହିଁ ଭଲ ଲାଗୁଥିଲା । ଜୀବନର ଶେଷ ଅବଧି ସିଏ ତାଙ୍କ ଭଲ ଲାଗିବାର ପ୍ରମାଣ ଦେଇ ଯାଇଛନ୍ତି । ଶେଷ ଆଡ଼କୁ ତାଙ୍କ ନିର୍ବାକ୍ ମନ ବୁଝି ପୂଜ୍ୟପାଦ ଶ୍ରୀଶ୍ରୀଦାଦା ପ୍ରତିବର୍ଷ ତାଙ୍କୁ ପୁରୀ ନେଇ ଯାଇଛନ୍ତି । ୧୯୬୯-୭୩-୭୫-୭୬-୭୮-୮୨-୮୯-୯୨-୯୩-୯୪ରେ ସିଏ ପୁରୀ ଯାଇଛନ୍ତି ଏବଂ ୧୯୯୨ରୁ ପ୍ରତ୍ୟେକଥର ଅପ୍ରେଲରୁ ଅଗଷ୍ଟ ଏକାଧିକ୍ରମେ ରହିଛନ୍ତି । ୧୯୭୮ପର୍ଯ୍ୟନ୍ତ ପୁରୀ ଅବସ୍ଥାନକାଳୀନ ତାଙ୍କର ଏକ ପ୍ରଧାନ ଓ ନିୟମିତ ନିର୍ଘଣ୍ଟ ଥିଲା ସମୁଦ୍ର କୂଳରେ ବସିବା ଓ ସମୁଦ୍ରଶୋଭାକୁ ଉପଭୋଗ କରିବା । ମନେହେଉଥିଲା ସିଏ ଯେପରି ଧ୍ୟାନସ୍ଥ ହୋଇ ସମୁଦ୍ରକୁ ଅବଲୋକନ କରୁଛନ୍ତି । ଥରେ ତାଙ୍କୁ ପଚାରିଥିଲି— ଦେଖୁଛି ଆପଣଙ୍କୁ ସମୁଦ୍ର ଖୁବ୍ ଭଲ ଲାଗେ । ଏତେ ଭଲଲାଗେ କାହିଁକି ? ସିଏ ଉତ୍ତରରେ କହିଥିଲେ— 'ସମୁଦ୍ର ବିଶାଳ ହେଲେବି ଅସୀମ ନୁହେଁ, ଆକାଶ ଅସୀମ ଆଉ ଅନନ୍ତ । ସେହି ବ୍ୟୋମରୁ ସବୁ ସୃଷ୍ଟି— ସମୁଦ୍ରର ବି ସୃଷ୍ଟି । ସମୁଦ୍ର ଯେତେ ହିଁ ବିଶାଳ ହେଉ ନା କାହିଁକି ତା' କେବେ ଆକାଶକୁ ଆଢୁଆଳ କରି ରଖେନା । ଯେପରି ଉତ୍ତୁଙ୍ଗ ଗିରି ପର୍ବତମାଳା କିଛିଟା କରିଥାଏ । ଦୂର ଦିଗ୍‌ବଳୟରେ ଆକାଶ ଆଉ ସମୁଦ୍ର ମିଶି ଯାଇଛନ୍ତି ମନେହୁଏ, ତା' କିନ୍ତୁ ନୁହେଁ । ସମୁଦ୍ର କୂଳରେ ବସିଲେ ମନେହୁଏ ସମୁଦ୍ର ଯେତେ ବିଶାଳ ହେଉନା— ତା'ର ସ୍ରଷ୍ଟାଙ୍କୁ କେବେବି ଆଢୁଆଳ କରି ରଖେନା । ସାଗର ଯେପରି ସର୍ବଦା ଆକାଶ ନିକଟରେ ନିବେଦିତ, ସମର୍ପିତ । ତା' ଆଡ଼କୁ ଚାହିଁ ରହିଛି ଅନନ୍ତକାଳ । ଏପରି ଭାବ ଅନ୍ୟ କେଉଁଠି ବି ହୁଏନା ।' ତାଙ୍କର ଏହି ଅନନ୍ୟ ଅସାଧାରଣ ବିଶ୍ଳେଷଣ ମତେ ସ୍ତମ୍ଭିତ ଓ ମୁଗ୍ଧ କରିଥିଲା ।

୧୯୭୬ମସିହାରେ ଜୀର୍ଣ୍ଣପ୍ରାୟ ପୁରୀ ଠାକୁରବାଡ଼ିର ମୂଳ କୋଠାଟି କିଣା ହୁଏ । ଘରଟିର କିଛି ସଂସ୍କାର ପରେ ସିଏ ପ୍ରଥମ ଆସନ୍ତି ୧୯୭୬ମସିହାରେ । ୧୯୭୮ମସିହାରେ ଯେଉଁଥର ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଶ୍ରୀଶ୍ରୀଠାକୁରଙ୍କ ଜନ୍ମମହୋତ୍ସବ ଏବଂ ଅଖିଳ ଭାରତୀୟ ଋତ୍ୱିକ୍-ସମ୍ମେଳନ ଉଦ୍‌ଯାପିତ ହୁଏ, ତାଙ୍କ ଶୁଭାଗମନ ସଙ୍ଗେ ସଙ୍ଗେ ସେଇ ଉତ୍ସବ ଓଡ଼ିଶାରେ ସତ୍‌ସଙ୍ଗ-ଆନ୍ଦୋଳନର ଏକ ନୂତନ ଅଧ୍ୟାୟର ସୂଚନା କରେ । ମୋ ପଢ଼ା ଶେଷ ହେବା ପରେ ମୁଁ ଭୁବନେଶ୍ୱରରେ ଗୋଟେ ଭଡ଼ା ନିଆଯାଇଥିବା ସତ୍‌ସଙ୍ଗ କେନ୍ଦ୍ରରେ ରହୁଥିଲି । ଆଉ ବୁଲି ବୁଲି ଠାକୁରଙ୍କ କାମ କିଛିଟା କରୁଥିଲି । ମୁଁ ଚାକିରୀ କରେ ଏ ଇଚ୍ଛା ବାପାଙ୍କର ନଥିଲା । ତେବେ ମୁଁ ନିଜସ୍ୱ କ୍ଲିନିକ୍ କରି ଦୁଃସ୍ଥ ମଣିଷର ସେବା ପରେ ଏଇଟା ତାଙ୍କର ଇଚ୍ଛା ଥିଲା । ୧୯୭୩ମସିହା ଅକ୍ଟୋବରରେ ମୁଁ ପୂଜା ଉତ୍ସବରେ ଦେଓଘରକୁ ଆସେ । ସିଏ ଦିନେ ମତେ ପଚାରିଲେ— ଏ ଡ଼ାକ୍ତର, ତୁ ଏବେ କ'ଣ କରୁଛୁ ? ମୁଁ ଯାହା କରୁଛି କହିଲି । ସିଏ କହିଲେ— 'ଠାକୁରଙ୍କ କାମ କରିବା ତ ଭଲ ତେବେ ଏଭାବେ ରହିଲେ ଯାହା ପଢ଼ିଛୁ ସବୁ ଭୁଲିଯିବୁ । ତୁ ଆଶ୍ରମକୁ ଆସି ରହିପାରିବୁ ? ତେବେ ଆସିଲେ ବାପାଙ୍କ ମତ ନେଇ ଆସିବୁ, ଆଉ ବାପାଙ୍କ ନିକଟରୁ ଗୋଟେ ଚିଠିବି ନେଇ ଆସିବୁ । ଆସି ପାରିଲେ ମତେ ଖୁବ୍ ଭଲ ଲାଗିବ ।'' ବାପା ସେତେବେଳେ ଠାକୁରଙ୍କ ଦୀକ୍ଷା ନେଇ ନାହାଁନ୍ତି । ମୁଁ ଘରେ ବାପାଙ୍କୁ ସବୁ କଥା କହିଲି । କିଛିଟା ଦ୍ୱିଧା ଓ ଅନିଚ୍ଛା ନେଇ ସିଏ ଶେଷ ପର୍ଯ୍ୟନ୍ତ ମତ ଦେଇଥିଲେ । ବଙ୍ଗଳାରେ ଲେଖା ଶ୍ରୀଶ୍ରୀବଡ଼ଦାଙ୍କୁ ଗୋଟେ ଚିଠିବି ଦେଇଥିଲେ । ମୁଁ ୧୯୭୪ସାଲର ଡ଼ିସେମ୍ବରରେ ଦେଓଘର ଚାଲି ଆସେ ଏବଂ ଷୋଡ଼ଶୀଭବନରେ ଗୋଟେ ଘରେ ସିଏ ମୋର ରହିବାର ବ୍ୟବସ୍ଥା କରିଦିଅନ୍ତି । ସେଇ ଘରେ ଯତୀନ ବୋଷଦାବି ଥିଲେ । ମୁଁ ବାପା ଦେଇଥିବା ଚିଠିଟି ତାଙ୍କ ନିକଟରେ ନିବେଦନ କରିଲି । ଚିଠି ମଧ୍ୟରେ ଅନେକ କଥା ଥିଲା, ସବୁ କଥା ମୁଁ ଉଲ୍ଲେଖ କରିବାକୁ ଚାହୁଁନି । ମୂଳ କଥା ହେଲା— 'ମୁଁ ମୋର ପୁଅକୁ ଆପଣଙ୍କ ନିକଟରେ ଦେଲି । ଆପଣ ଏବେଠାରୁ ତା'ର ଅଭିଭାବକ । ଆପଣଙ୍କର ଶ୍ରୀଚରଣପ୍ରାନ୍ତରେ ରହି ସେ ଯେପରି ନରନାରାୟଣଙ୍କ ସେବା କରି ଜୀବନ ସାର୍ଥକ କରେ ।'

ଶ୍ରୀଶ୍ରୀବଡ଼ଦା ଚିଠି ପଢ଼ି ଖୁବ୍ ପ୍ରୀତ ହେଲେ । ବାପାଙ୍କୁ ଏହାର ଗୋଟିଏ ପ୍ରାପ୍ତି ସମ୍ବାଦ ଜଣାଇ ଦେବାକୁ କହିଲେ— ବାପାଙ୍କୁ ଲେଖିଦେବୁ— ନରନାରାୟଣଙ୍କ ସେବା ନୁହେଁ, ଇଷ୍ଟସେବା ।' ୧୯୭୫ମସିହାରେ ଶ୍ରୀଶ୍ରୀବଡ଼ଦା ଦକ୍ଷିଣଭାରତ ଯାତ୍ରା କରନ୍ତି ଏବଂ ରାସ୍ତାରେ ଭୁବନେଶ୍ୱରରେ ଗୋଟେ ସରକାରୀ କ୍ୱାଟରରେ ଗୋଟେଦିନ ଅବସ୍ଥାନ କରନ୍ତି । ମୋ ବାପା ତାଙ୍କୁ ଦର୍ଶନ କରିବାକୁ ଆସନ୍ତି ଏବଂ ଶ୍ରୀଶ୍ରୀଠାକୁରଙ୍କ ସତ୍‌ମନ୍ତ୍ରରେ ଦୀକ୍ଷିତ ହୁଅନ୍ତି ।

(କ୍ରମଶଃ)

দিব্যলীলা

# ଇଷ୍ଟକର୍ମ ଆଉ ଇଷ୍ଟଭରଣ ମୃତ୍ୟୁ ଟାଳି ଦିଏ ଜୀବନଦାନ

● ଡ଼କ୍ଟର ନିରଞ୍ଜନ ମିଶ୍ର

ଆମର ଆରାଧ୍ୟ ଇଷ୍ଟଦେବ ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତ ସତ୍‌ସଙ୍ଗୀ କେହି ଯଦି ବିପଦରେ ପଡ଼େ, ତା'ର ଯଦି କିଛି ଅସୁବିଧା ହୁଏ, ସଙ୍ଗେ ସଙ୍ଗେ ଅଦୀକ୍ଷିତମାନେ ଉପହାସ କରି କହନ୍ତି— ଠାକୁରଙ୍କ ଦୀକ୍ଷା ନେଇ ବି ତା'ର ଏଇ ଅବସ୍ଥା ! ସେହିପରି କମ୍ ବିଶ୍ୱାସ ଥିବା ଦୀକ୍ଷିତମାନେ ମଧ୍ୟ ଅନୁରୂପ ମନ୍ତବ୍ୟ ଦେବାକୁ ଆଗେଇ ଆସନ୍ତି । ଚରଣାଶ୍ରିତ ଦୀକ୍ଷିତ ସତ୍‌ସଙ୍ଗୀମାନଙ୍କ ଜୀବନରେ ଶ୍ରୀଶ୍ରୀଠାକୁରଙ୍କ ଅହେତୁକ ଦୟା କେତେଭାବରେ ଯେ ପ୍ରତିଦିନ ବର୍ଷି ଯାଉଛି ତାହା କେବଳ ସେହି ବୁଝିପାରେ ଯେ ଇଷ୍ଟଦେବଙ୍କ ନିର୍ଦ୍ଦେଶିତ ପଥରେ ଚାଲୁଛି ବା ଚାଲିବାରେ ଏକାନ୍ତ ନିଷ୍ଠା ପ୍ରଦର୍ଶନ କରୁଛି । ଏହା ପ୍ରତିପ୍ରତ୍ୟେକଙ୍କ ଜୀବନକୁ ବିଶ୍ଳେଷଣ କଲେ ଅବଶ୍ୟ ବୁଝିହେବ, ଧରିହେବ । ବିଶ୍ୱାସ ନାହିଁ, କରିବାରେ ନିଷ୍ଠା ନାହିଁ, ଭକ୍ତିବି ନାହିଁ, ଅଥଚ ତାଙ୍କ ଦୟା ମିଳିବ— ଏପରି ଭାବିବାଟା ଅସଙ୍ଗତ ନୁହେଁ କି ?

ନିମ୍ନୋକ୍ତ ଘଟଣାଟିରେ ତାଙ୍କ ଭକ୍ତକୁ ଠାକୁର କିପରି ରକ୍ଷା କରନ୍ତି ତାହା ସ୍ପଷ୍ଟ ପରିଲକ୍ଷିତ ହୋଇଛି ।

୧୯୪୬ମସିହା ସେପ୍ଟେମ୍ବର ୨ତାରିଖରେ ଶ୍ରୀଶ୍ରୀଠାକୁର ସପରିବାର ସଭକ୍ତମଣ୍ଡଳୀ ପାବନାରୁ ଦେଓଘରକୁ ଚାଲି ଆସିଲେ । ଦେଓଘରଠାରେହିଁ ସତ୍‌ସଙ୍ଗର ମୁଖ୍ୟ ଆଶ୍ରମ ସ୍ଥାପିତ ହେଲା । ଦେଓଘରରେ ସେତେବେଳେ ଜଳ ସରବରାହର କୌଣସି ବ୍ୟବସ୍ଥା ନଥିଲା । ପ୍ରାୟଃ ଘର ପରିସରରେ ଗୋଟେ ଗୋଟେ ବଡ଼ କୂଅ ଥିଲା । ତାହାହିଁ ଥିଲା ଜଳର ଏକମାତ୍ର ବ୍ୟବସ୍ଥା । ଏଇ ବାମ୍ପୀମାନଙ୍କରୁ ଜଳ ଉତ୍ତୋଳନ କରି ସ୍ନାନାଦି ନିତ୍ୟକର୍ମ, ଲୁଗାପଟା କଚାଠାରୁ ରୋଷେଇବାସ ଓ ପାନୀୟ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସମ୍ପନ୍ନ କରା ହେଉଥିଲା ।

ଶ୍ରୀଶ୍ରୀଠାକୁର ବାସ କରୁଥିଲେ ବଡ଼ାଲବଙ୍ଗଳାରେ । ପରେ ଏହାର ନାମ ହୁଏ ଠାକୁରବଙ୍ଗଳା । ଏହି ଘରର ଉତ୍ତରପୂର୍ବ ଦିଗରେ ଏଇ ଗୃହର କୂପଟି ଅବସ୍ଥିତ ଥିଲା । ଠାକୁର ପରିବାରର ଆବଶ୍ୟକତା ଏଇଥିରୁ ମେଣ୍ଟା ଯାଉଥିଲା । ଠାକୁରବଙ୍ଗଳା ପରିସରରେ ରହୁଥିବା ସମସ୍ତଙ୍କର ଜଳର ଆବଶ୍ୟକତା ମଧ୍ୟ ପୂରଣ କରୁଥିଲା ଏଇ କୂଅଟି ।

ଶ୍ରୀଶ୍ରୀଠାକୁରଙ୍କ ସ୍ନାନସୌକାର୍ଯ୍ୟାର୍ଥେ ବଡ଼ାଲବଙ୍ଗଳା ଭିତରେ ଥିବା ଚତ୍ୱରରେ ଏକ ବଡ଼ ସ୍ନାନକୁଣ୍ଡ ଥିଲା । ସ୍ନାନକୁଣ୍ଡର ପାଚେରୀ ଛାତି ଉଚ୍ଚର ଥିଲା । ସେଇ ସ୍ନାନକୁଣ୍ଡ ମଧ୍ୟକୁ ଓହ୍ଲାଇବାକୁ ହେଲେ ଗୋଟେ ସିଡ଼ି ଦେଇ ଓହ୍ଲାଇ ଯିବାକୁ ହେଉଥିଲା । ଭିତରୁ ଉପରକୁ ଉଠିବା ପାଇଁ କାଠର ରେଲିଂ ତିଆରି କରାଯାଇଥିଲା । ଏଇ ସ୍ନାନକୁଣ୍ଡ ପାଇଁ ଉପରୋକ୍ତ କୂପରୁ ପାଣି ବୋହି ଅଣା ଯାଉଥିଲା । ଶ୍ରୀଶ୍ରୀଠାକୁର ଏଇ ଜଳପୂର୍ଣ୍ଣ ସ୍ନାନକୁଣ୍ଡରେ ବୁଡ଼ିକରି ସ୍ନାନ କରୁଥିଲେ ।

ଏତେବଡ଼ ସ୍ନାନକୁଣ୍ଡଟି ଭର୍ତ୍ତି କରିବା ପାଇଁ ପ୍ରତିଦିନ ପ୍ରଚୁର ଜଳର ଆବଶ୍ୟକ ଥିଲା । ଏତଦ୍‌ବ୍ୟତୀତ ଶ୍ରୀଶ୍ରୀବଡ଼ମା'ଙ୍କ ସ୍ନାନାହାର ଓ ସାଂସାରିକ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ପ୍ରଚୁର ଜଳ ଆବଶ୍ୟକ ଥିଲା । ଦେଓଘର ଏକ ପାହାଡ଼ିଆ ଅଞ୍ଚଳ । ଗ୍ରୀଷ୍ମକାଳରେ ଏଇ ପାହାଡ଼ିଆ ଅଞ୍ଚଳରେ ପୋଖରୀଗୁଡ଼ିକ ପ୍ରାୟଃ ଶୁଖିଯାଏ । କୂପ-ବାମ୍ପୀଗୁଡ଼ିକରେ ଜଳସ୍ତର ଅନେକ କମିଯାଏ । କେଉଁଠି କେଉଁଠି ଜଳଶୂନ୍ୟ ପ୍ରାୟଃ ହୋଇଯାଏ କୂଅ । ପ୍ରଭୁଙ୍କର ଜଳର ଆବଶ୍ୟକତାରେ ଯେପରି ଅଭାବ ନହୁଏ ସେଥିପାଇଁ ଭକ୍ତମାନେ ସର୍ବଦା ଉଦ୍ୟମରତ ଥିଲେ ।

ଶ୍ରୀଶ୍ରୀଠାକୁର ଆସିଥିଲେ ଦେଓଘର ଭାଦ୍ରମାସରେ । ଭାଦ୍ରବ ପରେ ଶୀତଋତୁ ଓ ତତ୍ପରେ ଗ୍ରୀଷ୍ମଋତୁ ଆସନ୍ତେହିଁ ଜଳାଭାବ ପରିଲକ୍ଷିତ ହେବାକୁ ଲାଗିଲା । ଶ୍ରୀଶ୍ରୀଠାକୁରଙ୍କ ଅବସ୍ଥାନ ସ୍ଥଳରେ ଥିବା କୂପରେ ଜଳର ସ୍ତର କମିବାକୁ ଲାଗିଲା । ଶ୍ରୀଶ୍ରୀଠାକୁରଙ୍କ ସ୍ନାନ ପାଇଁ ବାଧ୍ୟ ହୋଇ ଭକ୍ତମାନେ ପାଖାପାଖି ଅନ୍ୟାନ୍ୟ କୂପରୁ ଜଳ ଆଣିବାକୁ ଲାଗିଲେ । ପ୍ରତିଦିନ ଏହିପରି ଅସୁବିଧା ଦେଖି ଠାକୁରଙ୍କୁ ବଡ଼ କଷ୍ଟ ହେଲା । ଠାକୁର କହିଲେ, କୂଅଟା କାଟିଲେ ହୁଅନ୍ତା ।

ତଦନୁଯାୟୀ ପରବର୍ଷ ବୈଶାଖ ଶେଷରେ କୂଅ ଖୋଳିବାର ଉଦ୍ୟମ ଆରମ୍ଭ ହୋଇଗଲା । ସୁଧୀର ଦାସ, ଖଗେନ ତପାଦାର ପ୍ରଭୃତି କର୍ମୀଗଣ ଆଉ କିଛି ଲୋକଙ୍କୁ ନେଇ ଏଇ କାମ ଆରମ୍ଭ କରିଦିଅନ୍ତି । ବିରାଟ ପ୍ରଶସ୍ତ କୂପ ସେଥିରେ ପୁଣି ଅତି ଗଭୀର । କୂଅ ଉପରେ ଛିଡ଼ା ହୋଇ ତଳକୁ ଦେଖିଲେ ପରିଷ୍କାର କିଛି ଦେଖାଯାଏନା । ତଳେ ଖୋଳା ଚାଲିଲା । ଖୋଳୁ ଖୋଳୁ ପଥର ବାହାରି ପଡ଼ିଲା । ମୋଟା ରଶି ଦେଇ ତଳକୁ ଓହ୍ଲାଇ କର୍ମୀମାନେ ପଥର କାଟିବାର କାମ କରୁଥିଲେ । ଉପରୁ ବାଲ୍‌ତି ତଳକୁ ପକାଇ ତଳର ବାଲି, ପଥର ଆଦି ସଂଗ୍ରହ କରି ଉପରକୁ ନିଆ ଯାଉଥିଲା ।

ଏହିକାମ ଚାଲୁ ଚାଲୁ ଜ୍ୟେଷ୍ଠ ମାସର ଅଧାଅଧି ହୋଇଗଲା । ପରିବେଶରେ ଉତ୍ତାପର ତାପ ବେଶ୍ କଷ୍ଟକର । ଦିନେ ମଧ୍ୟାହ୍ନରେ କିନ୍ତୁ ଏକ ଅଘଟଣ ଘଟିଗଲା ଅପ୍ରତ୍ୟାଶିତଭାବେ ।

ମଧ୍ୟାହ୍ନ ସମୟରେ କାମ କରୁଥିବା ଲୋକମାନେ ଆହାରାଦି ପାଇଁ କାମ ବନ୍ଦ କରି ଚାଲିଗଲେ । ଏହି ସମୟରେ ପାଣି କେତେଟା ବାହାରିଛି ଦେଖିବା ପାଇଁ ଖଗେନଭାଇ (ତଦାରଖ) ଉପରେ ଛିଡ଼ା ହୋଇ କୂପ ମଧ୍ୟକୁ ମୁହଁ ବଢ଼ାଇ ଦେଖିବାକୁ ଲାଗିଲେ । ଦେଖିବାରେ ଏତେ ମଜ୍ଜିଗଲେ ଯେ ଅସତର୍କତାବଶତଃ ତାଳ ସମ୍ଭାଳି ନପାରି କୂଅ ଭିତରକୁ ପଡ଼ିଗଲେ । କୂପର ଗଭୀରତା ଥିଲା ୩୦ଫୁଟରୁ ବି ଉର୍ଦ୍ଧ୍ୱ । ତଳଟା ପଥୁରିଆ ଚଟାଣ । ଖଗେନଭାଇଙ୍କର ମୁଣ୍ଡଟି ଅତି ଜୋରରେ ଯାଇ ପିଟି ହୋଇଗଲା ସେଇ ପଥୁରିଆ ଚଟାଣରେ ।

ଖଗେନଭାଇଙ୍କ ଚିତ୍କାର ଆଉ ଢ଼ାଏ କରି ଶବ୍ଦରେ ଭୟପାଇ କର୍ମୀମାନେ ଛୁଟି ଆସିଲେ କୂଅ ପାଖକୁ । ଉପରୁ ସମସ୍ତେ ଚାହିଁ ଦେଖିଲେ ଅଦ୍ଭୁତ ବ୍ୟାପାର । ଖଗେନଭାଇ କୂଅ ଭିତରକୁ ପଡ଼ି ଯାଇଛନ୍ତି । ଏତେ ଉଚ୍ଚରୁ ଧଡ଼ାସ୍ କରି ପଡ଼ିବା ଆଉ ଢ଼ାଏ କରି ପିଟି ହୋଇଯିବା ଦ୍ୱାରା ତାଙ୍କର ମୁଣ୍ଡ ଫାଟି ଯାଇଥିବ ଏବଂ ସଙ୍ଗେ ସଙ୍ଗେ ଅବଶ୍ୟ ମୃତ୍ୟୁ ହୋଇଥିବ— ଏପରି ଆଶଙ୍କାରେ ସମସ୍ତେ ଆତଙ୍କି ଉଠିଲେ ।

ସଙ୍ଗେ ସଙ୍ଗେ ଘଟଣାଟି ଆଶ୍ରମସାରା ଖେଳିଗଲା । ଅନେକେ ଧାଇଁ ଆସିଲେ । କିନ୍ତୁ ସମସ୍ତଙ୍କର ଆଶଙ୍କା, ଆତଙ୍କ ଓ ଭାବନାକୁ ବିପରୀତ କରି ଏକ ଅଦ୍ଭୁତ ଦୃଶ୍ୟ ପରିଦୃଶ୍ୟ ହେଲା କୂପ ମଧ୍ୟରେ । ତଳକୁ ମୁହଁମାଡ଼ି ପଡୁଥିଲେ ଖଗେନଭାଇ । କିନ୍ତୁ ଚଟାଣରେ ମୁଣ୍ଡଟି ଜୋରରେ ପିଟି ହେବା ପରେ ତାଙ୍କର ମୁଣ୍ଡ ସହିତ ମୁହଁ ମଧ୍ୟ ଆଘାତ ପାଇ କ୍ଷତବିକ୍ଷତ ହୋଇଯିବାର କଥା । କିନ୍ତୁ ସେପରି ହେଲାନି । ବରଂ ସେ ହଠାତ୍ ବୁଲିପଡ଼ିଲେ । ଉପରକୁ ମୁହଁ କଲେ ଏବଂ ଉଠି ବସିଲେ ।

ଖଗେନଭାଇଙ୍କ ମୁଣ୍ଡରେ ହେଦରେ କିଛିଟା ଆଘାତ ଚିହ୍ନ ଥିଲା । କିନ୍ତୁ ସେ ଥିଲେ ସମ୍ପୂର୍ଣ୍ଣ ଅଚେତ । ଏହାପରେ କେତେଜଣ ଲୋକ ସାବଧାନରେ କୂପ ମଧ୍ୟକୁ ଓହ୍ଲାଇ ଗୋଟେ ଚେୟାରରେ ତାଙ୍କୁ ବସାଇ ଉପରକୁ ଟେକି ଆଣିଲେ । ଅଚେତ ଖଗେନଭାଇଙ୍କୁ ତାଙ୍କର ରହୁଥିବା ଘର ଓୟେଷ୍ଟ ଏଣ୍ଡ ହାଉସରେ ଆଣି ଶୁଆଇ ଦିଆଗଲା । ଅଧିକାଂଶ ଭାବିଲେ, ତାଙ୍କ ଦେହରେ ଆଉ ପ୍ରାଣ ନାହିଁ । କେହି କେହି କହିଲେ, ନା ସେ ବଞ୍ଚିଛନ୍ତି ।

ଦେଓଘରେ ସେତେବେଳେ ଚିକିତ୍ସାର ସେପରି କୌଣସି ବ୍ୟବସ୍ଥା ନଥିଲା । ଅଭିଜ୍ଞ ଡ଼ାକ୍ତର ବି କେହି ଥିଲେ ବୋଲି ମନେହୁଏନା । ତେବେ ଠାକୁରଙ୍କ ବ୍ୟକ୍ତିଗତ ଚିକିତ୍ସକ ଡ଼ାଃ. ପ୍ୟାରୀମୋହନ ନନ୍ଦୀ ଓ ଡ଼ାଃ. କାଳୀସେନ ସେତେବେଳେ ଏକମାତ୍ର ଡ଼ାକ୍ତର । ଡ଼ାକ୍ତର ଦୁହେଁ ଖବର ପାଇ ଧାଇଁ ଆସିଲେ । ଯତ୍‌ପରୋନାସ୍ତି ଚିକିତ୍ସା କରିବାକୁ ଲାଗିପଡ଼ିଲେ । ପ୍ୟାରୀଭାଇ ଘୋଷଣା କଲେ, ଖଗେନଭାଇ ବଞ୍ଚିଛନ୍ତି । ଚେତା ହରାଇଛନ୍ତି କେବଳ । କିଛି ସମୟ ପରୀକ୍ଷା କରି ସେ ଯାହା ଦେଖିଲେ ସେଥିରେ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଖଗେନଭାଇଙ୍କ ଶରୀରର କୌଣସି ହାଡ଼ ଭାଙ୍ଗି ନାହିଁ । ମୁଣ୍ଡରେ ଯେଉଁ ଜାଗାରେ ଟିକେ ଫାଟିଲା ଭଳି ହୋଇଥିଲା ସେଥିରେ ଆଇଡ଼ିନ୍ ଲଗାଇ ଦେଇ ବ୍ୟାଣ୍ଡେଜ କରିଦେଲେ ଏବଂ କୌଣସି ପ୍ରୟୋଜନୀୟ ଔଷଧ ପାଖରେ ନଥିବାରୁ ସେତେବେଳକାର ପରି ଖଗେନଭାଇଙ୍କୁ କେବଳ ଗୋଟେ କୋରାମିନ୍ ଇଞ୍ଜେକ୍‌ଶନ ଦେଲେ ।

ପୁରା ଗୋଟେ ଦିନ ପରେ ଯାଇ ଖଗେନଭାଇଙ୍କର ଚେତା ଫେରିଲା ।

ଖଗେନଭାଇଙ୍କର କୂଅରେ ପଡ଼ିଯିବାଟା ଏବଂ ତାଙ୍କର କୌଣସି ହାଡ଼ ନ ଭାଙ୍ଗିବା, ମୁହଁମାଡ଼ି ପଡ଼ିଥିଲେ ବି ବୁଲିପଡ଼ି ବସିପଡ଼ିବା— ଏସବୁ ଅଦ୍ଭୁତ କଥା ଶ୍ରୀଶ୍ରୀଠାକୁରଙ୍କ ନିକଟରେ ନିବେଦନ କରାଗଲା । ହୋସ ଆସିଲା ପରେ ଖଗେନଭାଇଙ୍କୁ ଏ ସମ୍ବନ୍ଧରେ ପଚରା ଯିବାରୁ ସେ କହିଲେ, ମୋର ଯେତେବେଳେ ଗୋଡ଼ ଖସିଗଲା, କୂଅ ମଧ୍ୟକୁ ମୁଁ ପଡ଼ିବାକୁ ଯାଉଛି, ଆସନ୍ନ ମୃତ୍ୟୁର ଆଶଙ୍କାରେ ମୁଁ ଚିତ୍କାର କରି ଉଠିଲି । ବାସ୍, ତା'ପରେ ଚେତା ବୁଡ଼ିଗଲା ଆଉ ମତେ କିଛି ଜଣା ନାହିଁ । ତୁମେମାନେ କହୁଛ ଯେ ମୁଁ ମୁହଁମାଡ଼ି ପଡ଼ିଲି ସତ କିନ୍ତୁ ମୁଣ୍ଡ ଉଠାଇ ସିଧା ହୋଇ ବସି ପଡ଼ିଲି— ସେଇଟା କିପରି ହେଲା ତାହା ମତେ ଜଣା ନାହିଁ । ସମ୍ପୂର୍ଣ୍ଣ ଚେତାଶୂନ୍ୟ ହୋଇଥିବାରୁ କ'ଣ ହେଲା, କିପରି ହେଲା ତାହା ମୁଁ କହିବି କିପରି ?

ଶ୍ରୀଶ୍ରୀଠାକୁର ଯେତେବେଳେ ଏହିକଥା ଶୁଣିଲେ ସେ କହିଲେ— ମୋର କାମ କରୁଥିଲା ବୋଲି ବଞ୍ଚିଗଲା । ଆହୁରି କହିଲେ— ଏଇ ହେଲା ଇଷ୍ଟଭୃତିର ସଂଯୋଗ ।

ଏଇ ସଂକ୍ଷିପ୍ତ ଉକ୍ତି ମଧ୍ୟରେ ବିରାଟ କଥା ନିହିତ ରହିଛି । ଇଷ୍ଟଭୃତି ଯଦି କେହି ନିଷ୍ଠାର ସହିତ ନିୟମିତ କରିଚାଲେ, ତା'ହେଲେ ଚରମ ବିପଦ କାଳରେ ବି ତା'ର ବୁଦ୍ଧି କେବେବି ବିଭ୍ରାନ୍ତ ହୁଏନା । ତା'ର ଚେତା ଥାଉ କି ନଥାଉ, ଜ୍ଞାନ ଥାଉ କି ନଥାଉ ବଞ୍ଚିବାର ସମସ୍ତ କୌଶଳ ତା'ର ସତ୍ତା ସ୍ୱତଃ ପ୍ରୟୋଗ କରିଦିଏ ଏବଂ ଏହି ପ୍ରୟୋଗ କମ୍ପ୍ୟୁଟର ଯନ୍ତ୍ର ଭଳି ନିର୍ଭୁଲରେ ହୋଇପାରେ । ବୁଦ୍ଧି କରି, ଚାଲାଖି କରି ଏସବୁ କରିବାର ସୁଯୋଗ ନଥାଏ ସେତେବେଳେ । ଠିକ୍ ଠିକ୍ ଇଷ୍ଟଭୃତି ଏପରି ଏକ ଅଦ୍ଭୁତ ଜିନିଷ । ସେଇଥିପାଇଁ ତ ଜଗତ ସମ୍ମୁଖରେ ଚ୍ୟାଲେଞ୍ଜ କରି କହିଛନ୍ତି ଶ୍ରୀଶ୍ରୀଠାକୁର—

''ଯେତେହିଁ ଆସୁ ଆପଦ୍-ବିପଦ୍
ଯେପରି ହିଁ ହେଉ ପ୍ରାଣ—
ଇଷ୍ଟଭୃତି ଆଣେହିଁ ଆଣେ

ସବୁର ପରିତ୍ରାଣ ।

*(ଅନୁଶ୍ରୁତି/୧ମଖଣ୍ଡ/ଇଷ୍ଟଭୃତି-ସ୍ୱସ୍ତ୍ୟୟନୀ-୧୯)*

ଖଗେନଭାଇ ଯେ ଏକାନ୍ତ ଓ ନିଷ୍ପାପର ଅଭ୍ରାନ୍ତ ମଣିଷ ଥିଲେ ତାହା ନୁହେଁ । ସାଧାରଣ ମଣିଷଟିଏ ପରି ତାଙ୍କରବି ଅନେକ ତ୍ରୁଟି ଓ ପ୍ରବୃତ୍ତି-ପରତନ୍ତ୍ରତା ଥିଲା । କିନ୍ତୁ ଏସବୁ ଭିତର ଦେଇ ମଧ୍ୟ ଇଷ୍ଟକର୍ମରେ ସେ ସର୍ବଦା ବ୍ୟାପୃତ ଥିଲେ । ବାସ୍ । ଏଇଟା ଥିଲା ତାଙ୍କର ସବୁଠୁ ବଡ଼ ସମ୍ପଦ । ସେଥିପାଇଁ ତାଙ୍କର ଅନ୍ତରସ୍ଥ ସତ୍ତା-ସମ୍ବେଗ ସେଇ ଚରମ ମୁହୂର୍ତ୍ତରେ ବି ତାଙ୍କ ମୁଣ୍ଡକୁ ଉପରକୁ ଟେକି ସିଧା କରି ବସାଇ ଦେଲା । ମୃତ୍ୟୁ ଏକଦମ୍ ନିକଟକୁ ଆସିବି ପରାଭୂତ ହୋଇ ଚାଲିଗଲା । ଏହା ହେଲା ଇଷ୍ଟପ୍ରାଣତା ଓ ଇଷ୍ଟଭୃତିର ସୁଫଳ ।

ଗୋଟେ ଦିନ ପରେ ଖଗେନଭାଇଙ୍କର ଚେତା ଫେରିଥିଲା ସତ ହେଲେ ଦେହମୁଣ୍ଡରେ ଅସହ୍ୟ ବ୍ୟଥା ବୋଧ କରୁଥିଲେ । ଖଗେନଭାଇଙ୍କ ଘରର ଲୋକେ ଏବଂ ଆଶ୍ରମର ଅନ୍ୟାନ୍ୟ କର୍ମୀ ଅହୋରାତ୍ର ପାଳି କରି ଜଗି ତାଙ୍କ ସେବା-ଶୁଶ୍ରୂଷା କରିବାକୁ ଲାଗିଲେ । ଏହିପରି ଦୁଇଦିନ ଚାଲିଗଲା ।

ତୃତୀୟଦିନରେ ଶ୍ରୀଶ୍ରୀଠାକୁର ଖଗେନଭାଇଙ୍କୁ ଦେଖିବାକୁ ଗଲେ ତାଙ୍କ ବସା ଓୟେଷ୍ଟ ଏଣ୍ଡକୁ । ଶ୍ରୀଶ୍ରୀଠାକୁର ଯାଇ ଖଗେନଭାଇଙ୍କ ପାଖରେ ଠିଆ ହେଲେ । ଖଗେନଭାଇଙ୍କ ଆପାଦମସ୍ତକ ଶରୀରକୁ ଚାହିଁ ହୁଏତ କୃପା ଦୃଷ୍ଟି କଲେ । ଖଗେନଭାଇବି ଠାକୁରଙ୍କୁ ପାଖରେ ପାଇ କଲ୍ଲୋଳି ଉଠିଲେ । କିୟତ୍ ମୁହୂର୍ତ୍ତ ଠାକୁର ସେଠାରେ କଟାଇଲେ ଏବଂ ଚାଲି ଆସିଲେ । ଏହା ପରଠାରୁ ଆଉ କୌଣସି ଔଷଧର ଆବଶ୍ୟକତା ପଡ଼ିଲାନି ଖଗେନଭାଇଙ୍କର । ତାଙ୍କ ଦିବ୍ୟ ଦୃଷ୍ଟିର କରୁଣାନିର୍ଝର ତାଙ୍କ ସମଗ୍ର ଶରୀରରେ ଯେପରି ମହୋଷୌଧିର କାମ କଲା । କହିବା ବାହୁଲ୍ୟ, ଏହାଠାରୁ ବିନା ଔଷଧରେ କ୍ରମଶଃ ସେ ଆରୋଗ୍ୟଲାଭ କରିବାକୁ ଲାଗିଲେ ।

ଠିକ୍ ଏକମାସ, ଏକଦିନ ପରେହିଁ ଖଗେନଭାଇ ଆସ୍ତେ ଆସ୍ତେ ଚାଲି ଚାଲି ଠାକୁରବାଡ଼ିକୁ ଆସିଲେ ଠାକୁରଙ୍କ ଦର୍ଶନ ପାଇଁ । ଯେପରିଭାବେ ଖଗେନଭାଇଙ୍କର ଦୁର୍ଘଟଣା ହୋଇଥିଲା ସେଥିରେ ମାତ୍ର ୩୦ଦିନରେ ଜଣେ ଉଠି ସ୍ୱାଭାବିକଭାବେ ଚାଲିବା ଆଉ ଚାଲିକରି ଠାକୁରବାଡ଼ିକୁ ଆସିବା ବାସ୍ତବିକ୍ ସେତେବେଳେ ଥିଲା ଅସମ୍ଭବ ବ୍ୟାପାର । ନିଜ ଚକ୍ଷୁରେ ଦେଖିନଥିଲେ ହୁଏତ କେହି ବିଶ୍ୱାସ କରି ନଥା'ନ୍ତେ । କିନ୍ତୁ ତା' ସମ୍ଭବ ହୋଇ ପାରିଥିଲା । ଯାହା ହେଉ ଖଗେନଭାଇ ଠାକୁରବାଡ଼ିର ମୁଖ୍ୟ ତୋରଣରେ ପ୍ରବେଶ କରିବାର ଦେଖି ଠାକୁରବାଡ଼ିରୁ ଶ୍ରୀଶ୍ରୀଠାକୁର ଅତି ଉଲ୍ଲାସରେ ଚିତ୍କାର କରି ଉଠିଲେ, ଆ' ଆ', ପ୍ରହ୍ଲାଦ ଆ' ।

ଉପସ୍ଥିତ ସମସ୍ତେ ଅବାକ୍ । କ'ଣ ଘଟଣା ? ଠାକୁର ଏପରି କହିଲେ କାହିଁକି ?

ପୁରାଣରେ ବର୍ଣ୍ଣିତ ଅଛି, ଦୈତରାଜ ହିରଣ୍ୟକଶ୍ୟପୁ ତା'ର ପୁତ୍ର ହରିଭକ୍ତ ପ୍ରହ୍ଲାଦକୁ ନାନାଭାବେ ମରଣାନ୍ତକ କଷ୍ଟ ଦେଇଥିଲା । କେତେବେଳେ ନିଆଁରେ ପକାଇ ଦେଇଥିଲା ତ କେତେବେଳେ ବିଷ ପ୍ରୟୋଗ କରି, ହସ୍ତୀପଦତଳେ ନିକ୍ଷେପ କରି ବା ପର୍ବତ ଶୃଙ୍ଗରୁ ଧକ୍କା ଦେଇ ତଳକୁ ପକାଇ । ତା'କୁ ହତ୍ୟା କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିଥିଲା । କିନ୍ତୁ କରୁଣାମୟ ଶ୍ରୀହରିଙ୍କ କୃପାରେ ପ୍ରହ୍ଲାଦ ପ୍ରତିଥର ହିଁ ଅକ୍ଷୁଣ୍ଣଭାବେ ରକ୍ଷା ପାଇ ଯାଇଥିଲା । ଏଠାରେ ମଧ୍ୟ ସେଇ ଲୀଳାର ପୁନରାବୃତ୍ତି ହେଲା । ଖଗେନଭାଇଙ୍କର କୂଅ ମଧ୍ୟରେ ପଡ଼ିବା, ପ୍ରାଣ ବଞ୍ଚାଇ ଉଠି ବସିବା ମଧ୍ୟ ଅନୁରୂପ ଘଟଣା । ଯାହାକୁ କୁହାଯାଏ ମୃତ୍ୟୁକୁ ଚକ୍‌ମା ଦେଇ ବଞ୍ଚିଯିବା । ଏସବୁ କେବଳ ପ୍ରାଣଦାତା ବିଧାତାଙ୍କ ଅହେତୁକ କରୁଣାର ଜୀବନ୍ତ ଦୃଷ୍ଟାନ୍ତ ।

ଶ୍ରୀଶ୍ରୀଠାକୁରଙ୍କର ତାଙ୍କୁ ପ୍ରହ୍ଲାଦ ବୋଲି ସମ୍ବୋଧନ କରି ଡ଼ାକିବାରେ ଖଗେନଭାଇ ପୁଲକିତ ହୋଇଉଠିଲେ । ଅସୁସ୍ଥ ଶରୀର ମଧ୍ୟରେ ଜୀବନାବେଗର ପୁଲକ ତୀବ୍ର ବେଗରେ ଖେଳେଇ ହୋଇଗଲା । ସତ୍ତା-ସମ୍ବେଗର ସଞ୍ଚାର ତାଙ୍କର ଅଙ୍ଗ-ଅନୁଙ୍ଗରେ ଜୀବନକଣିକାର ତେଜସ୍କ୍ରିୟତା ଖେଳାଇ ଦେଲା । ପ୍ରତିଟି ରକ୍ତକଣିକାରେ ଜାଗିଉଠିଲା ଅଫୁରନ୍ତ ଜୀବନୀଶକ୍ତି ।

ସେ ଚାଲୁଥିଲେ ଧୀରେ ଧୀରେ । ସୁସ୍ଥ ହୋଇ ଉଠିଥିଲେବି ଦେହରେ ପୂର୍ବର ଫୁର୍ତ୍ତିଭାବ, ତେଜ ଓ ବଳ ଅଦ୍ୟାବଧି ଫେରି ନଥିଲା । ଠାକୁରଙ୍କର କଥା କେଉଁପଦରେ କି ବିଦ୍ୟୁତ୍‌ର ଝଲକ ତାଙ୍କ ଶରୀର ମଧ୍ୟକୁ ପ୍ରବେଶ କଲା କେଜାଣି ସଙ୍ଗେ ସଙ୍ଗେ ସେ ତେଜୋଦୀପ୍ତ ଭାବେ ସ୍ୱାଭାବିକ ହୋଇ କ୍ଷିପ୍ର ବେଗରେ ଚାଲିବାକୁ ଲାଗିଲେ । ତୁରନ୍ତ ଆସି ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଲୋଟି ପଡ଼ିଲେ । ତାଙ୍କୁ ଲାଗିଲା ସମସ୍ତ ଅସୁସ୍ଥତା, ସମସ୍ତ ଅବଶତା, ସମସ୍ତ ଅପାରଗତା ଏଇ ମୁହୂର୍ତ୍ତରେ ତାଙ୍କ ଦେହମନରୁ କେଉଁଆଡ଼େ ଉଭେଇ ଯାଇଛି । ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ । ସତେ ଯେପରି ଏକମାସ ତଳେ ତାଙ୍କ ଜୀବନରେ କୌଣସି ମରଣାନ୍ତକ ଦୁର୍ଘଟଣା ଘଟିନାହିଁ— ଏହିପରି ଏକ ଦିବ୍ୟ ବୋଧ ତାଙ୍କ ମନ-ଚିତ୍ତ-ପ୍ରାଣରେ ସକ୍ରିୟ ହୋଇ ଉଠିଲା ।

ଉପରୋକ୍ତ ଘଟଣାରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଛି, ପ୍ରତିଟି ମୁହୂର୍ତ୍ତରେ ଠାକୁର ଆମକୁ ରକ୍ଷା କରିଥା'ନ୍ତି । ରକ୍ଷା କରିବାର ସୂଚନା ତାଙ୍କଠାରୁ ଅବିରତ ମିଳିଥାଏ । କିନ୍ତୁ ଆମେ ଧରିପାରୁନା । କାରଣ ଆମେ ତାଙ୍କ ସହିତ ଏକତାନିତ ହୋଇ ରହୁନା । ଈଶ୍ୱର ଯେ କେବଳ ତାଙ୍କ ପ୍ରତି ସମର୍ପିତ, ତାଙ୍କ ମୂର୍ତ୍ତ ରୂପ ପୁରୁଷୋତ୍ତମଙ୍କ ଶ୍ରୀଚରଣରେ ଆଶ୍ରିତ ଦୀକ୍ଷିତମାନଙ୍କୁ ରକ୍ଷା କରିଥା'ନ୍ତି ତା' ନୁହେଁ ।

ତାଙ୍କଠାରେ ସମର୍ପିତ ହୋଇ ନଥିବା ପୁରୁଷୋତ୍ତମଙ୍କ ଚରଣାଶ୍ରିତ ହୋଇ ଦୀକ୍ଷିତ ହୋଇନଥିବା ମଣିଷମାନଙ୍କୁ ମଧ ରକ୍ଷା କରିବା ପାଇଁ ଅଗ୍ରିମ ସୂଚନା ପ୍ରଦାନ କରିଥା'ନ୍ତି । କିନ୍ତୁ ମଣିଷ ତାଙ୍କ ସହିତ ଏକତାନିତ ହୋଇ ନଥିବାରୁ ସେ ସୂଚନା ପାଇପାରେନା । ତା'ର ସତ୍ତା ଅନୁରୂପଭାବେ ସମ୍ବେଗଶୀଳ ହୋଇପାରେନା ।

ଏଠାରେ ଆଉ ଗୋଟେ କଥା ଲକ୍ଷଣୀୟ । ଖଗେନଭାଇଙ୍କ କୂଅରେ ପଡ଼ିଯିବା ଖବର ପାଇ ଠାକୁର ସଙ୍ଗେ ସଙ୍ଗେ କହିଥିଲେ, ମୋ କାମ କରୁଥିଲା ବୋଲି ବଞ୍ଚିଗଲା । ଏହାର ତାତ୍ପର୍ଯ୍ୟ ଖଗେନଭାଇଙ୍କର ଅଲଙ୍ଘ୍ୟ ମୃତ୍ୟୁଯୋଗ ଥିଲା । ଯେହେତୁ ଇଷ୍ଟକର୍ମରେ ସେ ବ୍ୟାପୃତ ଥିଲେ ସେଥିପାଇଁ ମୃତ୍ୟୁ ମୁଖରୁ ବଞ୍ଚିଗଲେ ।

ମୁହଁମାଡ଼ି ପଡ଼ିଥିଲେ ମୁହଁଟା ଛେଚି ହୋଇ ଯେଉଁ ବିକଟାଳ ପରିସ୍ଥିତି ସୃଷ୍ଟି କରିଥା'ନ୍ତା ସେଥିରେ ଜଣେ ବଞ୍ଚିବା ସମ୍ଭବ ନଥିଲା । କିନ୍ତୁ ପଡ଼ିବା ମାତ୍ରେ ଉପରକୁ ମୁହଁ କରି ଉଠିପଡ଼ିବା ଆଉ ବସିପଡ଼ିବା— ଏସବୁ ସ୍ୱୟଂଚାଳିତ ପରି ହୋଇଥିଲା । ତାଙ୍କର ଅନ୍ତର୍ନିହିତ ସତ୍ତା-ସମ୍ବେଗ ହଠାତ୍ ଶକ୍ତିଶାଳୀ ହୋଇଉଠିଥିଲା । ସତ୍ତା-ସମ୍ବେଗକୁ ଶକ୍ତିଶାଳୀ ଓ ସକ୍ରିୟ କରିବାକୁ ହେଲେ ଇଷ୍ଟଭୃତି ହେଉଛି ଅମୋଘ ଅସ୍ତ୍ର । ଇଷ୍ଟଭୃତି ମାନେ ଇଷ୍ଟଙ୍କୁ ବାସ୍ତବ ଭାବରେ ଭରଣ କରି ଚାଲିବା । ଏଥିପାଇଁ କର୍ମ କରିବାକୁ ପଡ଼େ । କର୍ମରୁ ଉଦ୍ଭୂତ ଫଳ ଅର୍ଥ ଦେଇ ଇଷ୍ଟଭୃତିର ଅର୍ଘ୍ୟ ନିବେଦନ କରାଯାଏ । ଏହା ମଣିଷକୁ ଆଜୀବନ ସକ୍ରିୟ କରି ରଖିବା ସହିତ ତା'ର ସତ୍ତାକୁ ସମ୍ବେଗଶୀଳ ରଖିଥାଏ । ନିତ୍ୟ ଇଷ୍ଟଭୃତିପରାୟଣ ଖଗେନଭାଇଙ୍କ ସତ୍ତା ସମ୍ବେଗଶୀଳ ହୋଇ ରହିଥିବାରୁ ନିଶ୍ଚିତ ମୃତ୍ୟୁମୁଖରେ ପତିତ ହେବା ପୂର୍ବରୁ ଅଧିକ ସମ୍ବେଗରେ ଶକ୍ତିଶାଳୀ ହୋଇ ନିଜକୁ ବଞ୍ଚେଇବାର ଚେଷ୍ଟା କରିଦେଲା । ଆଉ, ଉପରମୁହାଁ ହୋଇ ଉଠି ବସିପଡ଼ିଲା । ଏସବୁ ଖଗେନଭାଇଙ୍କ ସତ୍ତା-ସମ୍ବେଗ କରୁଥିଲା । ଚେତନ ମନର ବୋଧ ଭିତରେ ଏସବୁ ଆସିପାରିନଥିଲା । କାରଣ ସେ ଥିଲେ ଅଚେତ । ଏପରି ଦେଖାଯାଇଛି, ପ୍ରତିଦିନ ଇଷ୍ଟଭୃତି ନିବେଦନ କରୁଥିବା ଦୀକ୍ଷିତ ସତ୍‌ସଙ୍ଗୀ ଯଦି କୌଣସି ପ୍ରାକୃତିକ ଦୁର୍ବିପାକରେ ଅଚେତ ହୋଇ ପଡ଼ିଯାଏ ଇଷ୍ଟଭୃତି ପ୍ରଦାନ କରିବା ସମୟ ଆସିଲେ ତା'ର ହାତ ସ୍ୱତଃ ଉଠିଯାଏ କିଛି ନିବେଦନ କରିବାକୁ ଇଷ୍ଟାର୍ଥେ । ଏସବୁ କଥା ବାସ୍ତବ ଏବଂ ଅନୁଭବ୍ୟ । ଅନୁଭବୀ ହିଁ କେବଳ ବୁଝିପାରିବ— ଏସବୁ କିପରି ସହଜସାଧ ଭାବେ ଘଟିଥାଏ ।

କେହି କେହି ଭାବିଥା'ନ୍ତି, ଆମେ ତ ଇଷ୍ଟଭୃତି କରୁଛୁ, ଆମେ ତ ଦୀକ୍ଷା ନେଇଛୁ, ସତ୍‌ସଙ୍ଗ ଯାଉଛୁ, ଅଥଚ ବିପଦ-ଆପଦରେ ପଡ଼ିଲେ ସବୁବେଳେ ରକ୍ଷା ପାଉନୁ । ଏହାର ଉତ୍ତର ଅତି ସହଜ । ଆମେ ସମସ୍ତେ ଦୀକ୍ଷା ନେଇଛେ ସତ, ନିତ୍ୟ ଇଷ୍ଟଭୃତିପରାୟଣ ହୋଇ ଚାଲିଛେ । କିନ୍ତୁ ଠାକୁରଙ୍କୁ ଠାକୁରଙ୍କ ପାଇଁ ଭଲପାଇଛେ କେତେଜଣ ? ସତ୍ତାର ଆହ୍ୱାନରେ ତାଙ୍କ ଆଡ଼କୁ ଛୁଟି ଆସିଛେ କେତେଜଣ ? ବରଂ କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ, କିଛି ପ୍ରାପ୍ତିର ଆଶାରେ, ବିପଦରେ ପଡ଼ି ଆର୍ତ୍ତ ସ୍ୱରରେ ରକ୍ଷା ପାଇବାର କାମନାରେ ବାଧ ହୋଇ ତାଙ୍କ ଦୀକ୍ଷା ଗ୍ରହଣ କରିଛୁ । ସତ୍ତାର ଆଗ୍ରହରେ ତାଙ୍କ ଚରଣରେ ସମର୍ପିତ ହେବା ଆଉ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ଦୀକ୍ଷା ଗ୍ରହଣ କରିବା ମଧରେ ଅନେକ ପ୍ରଭେଦ । ସେପରି ସ୍ଥଳେ ଇଷ୍ଟଙ୍କଠାରୁ ରକ୍ଷାକାରିଣୀ ସୂଚନାର ତରଙ୍ଗ ମନ ମଧକୁ ପ୍ରବେଶ କଲେବି ଯେହେତୁ ବିଶ୍ୱାସ କମ୍, ଭରସା ସାମାନ୍ୟ ମାତ୍ର, ଇଷ୍ଟପ୍ରାଣତା ଏକଦମ୍ ଶୂନ୍ୟ, ଇଷ୍ଟଙ୍କ ପାଇଁ କରିବାର ଭାବ ଆଦୌ ନାହିଁ ତାହା ଧରି ହୁଏ ନାହିଁ । ଏସବୁ କ୍ଷେତ୍ରରେ ଇଷ୍ଟ ବା ଈଶ୍ୱରଙ୍କ କୃପା ବରଷୁନି ବୋଲି ଆରୋପ କରିବା ବୃଥା ପ୍ରୟାସ ହୁଏ ମାତ୍ର ।

ସବୁଠାରୁ ବଡ଼ ପ୍ରଶ୍ନ ଜାଗିପାରେ ଅନେକଙ୍କର । ଖଗେନଭାଇ ରହୁଥିଲେ ଆଶ୍ରମରେ । ଶ୍ରୀଶ୍ରୀଠାକୁରଙ୍କ ବର୍ତ୍ତମାନତାରେ ତାଙ୍କ ନିର୍ଦ୍ଦେଶ ଅନୁସାରେ ଇଷ୍ଟକର୍ମରେ ବ୍ୟାପୃତ ଥିଲେ । ଏବେ ସେ ସୁଯୋଗ ଆଉ ନାହିଁ । ତେବେ ତାଙ୍କ କର୍ମରେ ବ୍ୟାପୃତ ହୋଇ ଆମେ ରକ୍ଷା ପାଇବୁ କିପରି ? ଇଷ୍ଟ-ପୁରୁଷୋତ୍ତମ ଚିର ଜାଗ୍ରତ, ଚିର ଜୀବନ୍ତ । ଇଷ୍ଟକର୍ମ କରିବା ମାନେ ଇଷ୍ଟଙ୍କ ନିର୍ଦ୍ଦେଶିତ ନୀତିନିୟମକୁ ମାନି ଚାଲିବା । ଆହାରବିହାର, ପରିଧାନ, କର୍ମ, ବଚନ, ଆଚରଣ ସବୁକିଛି ଇଷ୍ଟାର୍ଥେ ଏବଂ ଇଷ୍ଟାନୁଗ ହେବା ଉଚିତ୍ । ସେହିପରି ହେବାଟାହିଁ ଇଷ୍ଟପ୍ରାଣତା ଆଉ ସେହିପରି କର୍ମରେ ବ୍ୟାପୃତ ରହିବା ହିଁ ଇଷ୍ଟକର୍ମରେ ରତ ରହିବା । ତେବେ ଏସବୁର ପଶ୍ଚାତ୍‌ଭାଗରେ କୌଣସି ସର୍ତ୍ତ ରହିବ ନାହିଁ । କେବଳ ଉଦ୍ଦେଶ୍ୟ ରହିବ, ଇଷ୍ଟଙ୍କ ତୃପ୍ତି । ଇଷ୍ଟଙ୍କୁ ଖୁସି କରିବାକୁ ଯାଇ ନିଜର ସର୍ବନାଶ ହୋଇଯିବାଟାକୁ ଯିଏ ହସି ହସି ଗ୍ରହଣ କରିପାରେ ସେ ତାଙ୍କର ପ୍ରିୟ ହୋଇଉଠେ । ପରିଣାମରେ, ତା'ର ସର୍ବନାଶ ତ ହୁଏ ନାହିଁ, ବରଂ ସର୍ବପ୍ରାପ୍ତି, ସର୍ବବିକାଶ ତା'ର ଜୀବନପଥକୁ କୁସୁମିତ କରିଦେଲେ । ଏହିପରି ନିଃସର୍ତ୍ତ ଓ ସ୍ୱତଃସ୍ଫୂର୍ତ୍ତ ଇଷ୍ଟପ୍ରେମ ପ୍ରଦର୍ଶନ କରୁଥିବା ପ୍ରତ୍ୟେକ ଦୀକ୍ଷିତ ସତ୍‌ସଙ୍ଗୀ ମର୍ମେ ମର୍ମେ, ମୁହୂର୍ତ୍ତେ ମୁହୂର୍ତ୍ତେ ତାଙ୍କର କରୁଣାକୁ ଅନୁଭବ କରୁଥିବେ । ଏହା ଉପଲବ୍ଧିର ବିଷୟବସ୍ତୁ । କଥକତା ଓ ଶୁଣାକଥା ନୁହେଁ ।

ଶ୍ରୀଶ୍ରୀଠାକୁରଙ୍କ ପ୍ରତି ନିଃସର୍ତ୍ତ ଓ ଅକାଟ୍ୟ ଭକ୍ତି-ଶ୍ରଦ୍ଧା ପ୍ରଦର୍ଶନ କରି ଦେଖନ୍ତୁ, ଖଗେନଭାଇଙ୍କ ପରି ନିତ୍ୟ ଅନେକ ଅଦ୍‌ଭୁତ ଅନୁଭୂତି ଲାଭ ହେବ । ଇଷ୍ଟଙ୍କ କୃପାବୃଷ୍ଟିରେ ଭିଜିହିଁ ଚାଲିବେ ଅହରହ ।

*– ବନ୍ଦେ ପୁରୁଷୋତ୍ତମମ୍*

দিব্য অনুভূতি

# ପ୍ରେଷ୍ଠାନୁରାଗ

● ଶ୍ରୀବାସ

ଜୀବନର ବିଭିନ୍ନ ସମସ୍ୟାରେ କ୍ଷତ-ବିକ୍ଷତ ହୋଇ ମାନବହୃଦୟ ଯେତେବେଳେ ଗୁମୁରି-ଗୁମୁରି ଫେରେ, ମଣିଷ ଯେତେବେଳେ ଚାହେଁ ସତ୍ୟର ଆଲୋକ, ଜ୍ଞାନର ଆଲୋକ, ମାନବହୃଦୟ ଯେତେବେଳେ ତମସୋ ମା ଜ୍ୟୋତିର୍ଗମୟ-ର ସାଧନାରେ ମାତିଉଠେ ସେତେବେଳେହିଁ ଅସୀମ ସୀମାର ମଝିରେ ପଡ଼ନ୍ତି ବନ୍ଧା, ଅରୂପ ରୂପର ମଧ୍ୟରେ ଦିଅନ୍ତି ଧରା । ଯୁଗେ ଯୁଗେ ସିଏ ଓହ୍ଲାଇ ଆସନ୍ତି ଏହି ଧରାତଳକୁ । ଯେପରି ଆସିଥିଲେ ସଚ୍ଚିଦାନନ୍ଦମୟ ଶ୍ରୀକୃଷ୍ଣ, ଆସିଥିଲେ ରାଧା, ଭାବଦ୍ୟୁତିସୁବଳିତ ଶ୍ରୀଚୈତନ୍ୟ, ଶୁଦ୍ଧୋଦନନନ୍ଦନ ଭଗବାନ୍ ଶ୍ରୀବୁଦ୍ଧ, ଯୁଗାବତାର ଶ୍ରୀରାମକୃଷ୍ଣ ଆଉ ବିଂଶ ଶତାବ୍ଦୀର ନବ ସଭ୍ୟତାର ଯୁଗରେ ଆସିଲେ ଜନନୀ ମନୋମୋହିନୀ-ନନ୍ଦନ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର । ଯୁଗେ ଯୁଗେ ସେ ଯେ ଆସନ୍ତି, ଆସନ୍ତି, ଆସନ୍ତି । ଯେତେବେଳେ ହିଁ ମାନବହୃଦୟ ଆକୁଳ ହୋଇ ଚାହେଁ ଅସୀମର ନିବିଡ଼ ସଙ୍ଗ ସେତେବେଳେହିଁ ସିଏ ଓହ୍ଲାଇ ଆସନ୍ତି ଆମମାନଙ୍କ ମଝିରେ । କାରଣ, ସାକାରକୁ ବାଦ ଦେଇ ନିରାକାରଙ୍କୁ ଉପଲବ୍ଧି କରିବା ସମ୍ଭବ ନୁହେଁ । ସିଏ ଅସୀମ । କିନ୍ତୁ ସୀମା ମଧ୍ୟ ଦେଇହିଁ, ସାକାରଙ୍କ ଉପାସନା ଭିତର ଦେଇ ତାଙ୍କୁ ପାଇହୁଏ । ତେଣୁ ଶ୍ରୀଶ୍ରୀଠାକୁରଙ୍କ ସତ୍ୟାନୁସରଣରେ ଅଛି— ''ଗୁରୁହିଁ ଭଗବାନଙ୍କର ସାକାର ମୂର୍ତ୍ତି ।'' ସଦ୍‌ଗୁରୁ ଯେପରି ପରଶପଥର । ନିକ୍ଷିପ୍ତ ଏହି ପରଶପଥରକୁହିଁ ଖୋଜି ଖୋଜି ଫେରେ । ଯେତେବେଳେ ସେ ଜୀବନରେ ଚଲାପଥରେ ଏହି ସଦ୍‌ଗୁରୁ ରୂପ ପରଶପଥର ଲାଭ କରେ, ସେତେବେଳେହିଁ ତା'ର ଜୀବନରେ ଅମୃତମୟ ସତ୍ତାର ଘଟେ ଜାଗରଣ ।

ଯୁଗେ-ଯୁଗେ ସେମାନେ ଆସି ମାନବ କଲ୍ୟାଣରେ ଆପଣାକୁ ଖେଳାଇ ଦିଅନ୍ତି । ପ୍ରତିଟି ଜୀବ ପାଇଁ ସେମାନେ ଆକୁଳ ହୋଇ ଥାଆନ୍ତି । ସିଏ ଯେ ଅସୀମ । ବିଶ୍ୱର ପ୍ରତିଟି ଅଣୁ-ପରମାଣୁ ତ ତାଙ୍କରିହିଁ ସତ୍ତାର ବହିଃପ୍ରକାଶ, ମଣିଷ ପ୍ରତି ତାଙ୍କର ଭଲପାଇବା ତ ଅଛିହିଁ, ଗ୍ରୀଷ୍ମର ତାପଦଗ୍ଧ ମଣିଷର ମନପ୍ରାଣ ଭିଜାଇବାକୁ ଯେପରି ଅନନ୍ତ ଆକାଶରୁ ଅବିରଳ ବାରିଧାରା ଝରି ପଡ଼େ ଏହି ଧରଣୀର ବୁକୁରେ, ସେପରି ସେଇ ଅନନ୍ତ କରୁଣାମୟଙ୍କ ସ୍ନେହପ୍ରେମାମୃତଧାରା ଓହ୍ଲାଇ ଆସେ ମାନବ ପ୍ରତି । ସେ ଭଲପାଇବା କା'ରବି ଚାହିଁବାର ପ୍ରତ୍ୟାଶା ରଖେନା । କିନ୍ତୁ ମଣିଷକୁ ତାଙ୍କୁ ଭଲପାଇବାକୁ ହୁଏ । କାହିଁକି ? ସିଏ ଯେ ମଣିଷର ଏକାନ୍ତ ପ୍ରିୟପରମ । ସିଏହିଁ ପରମ ଦରଦୀରୂପେ ତାଙ୍କର ସେଇ ବୁକୁଭରା ଭଲପାଇବା ନେଇ ସମସ୍ତଙ୍କୁ ଡ଼ାକନ୍ତି । ସେଇ ଭଗବାନ୍ ଶ୍ରୀକୃଷ୍ଣଠାରୁ ଆଜି ଅବଧି ଯେତେବେଳେହିଁ ସିଏ ଓହ୍ଲାଇ ଆସିଛନ୍ତି ଆମମାନଙ୍କ ମଧ୍ୟକୁ ସେତେବେଳେହିଁ ତାଙ୍କର ଆହ୍ୱାନ ବାୟୁମଣ୍ଡଳରେ, ଦିଗରୁ ଦିଗନ୍ତରେ ଧ୍ୱନିତ ହୋଇଛି ।

ନିଖିଳଙ୍କ ମଝିରେ ହିରଣ୍ୟଦ୍ୟୁତି କମନୀୟ ତନୁ ଶ୍ରୀଗୌରାଙ୍ଗ ଯେତେବେଳେ ଆସିଲେ ମାନବ ମଧ୍ୟରେ ପ୍ରେମରୂପ ରତନ ଫଳ ବିତରଣରେ— ଯା'ଙ୍କ ବାହାରେ ଥିଲା ରାଧାଙ୍କ ଲାବଣ୍ୟ, ଅନ୍ତରରେ କୃଷ୍ଣପ୍ରେମର ବ୍ୟାକୁଳତା— ସେଇ ଶ୍ରୀଚୈତନ୍ୟ ତାଙ୍କର ପରମ ଭକ୍ତ ନିତ୍ୟାନନ୍ଦଙ୍କୁ ଆକୁଳ ସ୍ୱରରେ ଯେଉଁ କଥା କହିଥିଲେ ତା' ବୈଷ୍ଣବ କବିଙ୍କ ଭାଷାରେ—

''ପ୍ରଭୁ କହେ ନିତ୍ୟାନନ୍ଦ/ଜୀବ ସବୁ ହେଲେ ଅନ୍ଧ
କେହି ନ ପାଇଲେ ନାମ/ଏକ ନିବେଦନ ତୋତେ
ନୟନେ ହେରିବି ଯା'ଙ୍କୁ,/କୃପା କରି ଦିଆଇବୁ ନାମ ।''

ଆଉ ସେଇ ପ୍ରେରଣାରେହିଁ ଉଦ୍‌ବୁଦ୍ଧ ହୋଇ ତାଙ୍କ ନିର୍ଦ୍ଦେଶ ପାଳନ ପାଇଁ ନିତ୍ୟାନନ୍ଦ ପାଗଳ ଭଳି ଧାଇଁ ବୁଲିଛନ୍ତି । ମଣିଷର ଜୀବନକୁ ପ୍ରେଷ୍ଠାନୁରାଗରେ ରଞ୍ଜିତ କରି ତୋଳିବା ପାଇଁ ତାଙ୍କର ବ୍ୟାକୁଳତା ବୈଷ୍ଣବ କବିଙ୍କ ଭାଷାରେ ଜ୍ୱଳନ୍ତ ହୋଇଉଠିଛି—

''ମତେ କିଣି ନିଅ ଭଜ ଗୌରହରି
ଯେ ନା ନିଏ ତା'କୁ ଯାଚ ଦନ୍ତେ ତୃଣ ଧରି ।''

ପରମପୁରୁଷ ଶ୍ରୀରାମକୃଷ୍ଣ ଛାତକୁ ଉଠି— 'ଆସ, ଆସ, ତୁମେ ଆସ' ବୋଲି ଡ଼ାକୁଥିଲେ ।

ଆଉ ଏହି ବିଂଶ ଶତାବ୍ଦୀରେ ଆକୁଳ ହୋଇ ମଣିଷକୁ ଆହ୍ୱାନ ଜଣାଉଛନ୍ତି ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର । ଆଜି ପୁଣି, ପୁଣି ଆସିଛି ପୁରୁଷୋତ୍ତମଙ୍କ ଡ଼ାକ । ଆଜି ୭୬ବର୍ଷ ବୟସରେବି ତାଙ୍କ ଆଖିକୁ ନିଦ ନାହିଁ । ସିଏ ବିନିଦ୍ର ରଜନୀ ଯାପନ କରି ମଣିଷକୁ ଡ଼ାକୁଛନ୍ତି । ସିଏ ଯେ ସର୍ବମଙ୍ଗଳମୟ । ତେଣୁ ତ ଆଜି ମଣିଷର ମଙ୍ଗଳ ପାଇଁ ସିଏ ଆକୁଳ ହୋଇ ଡ଼ାକୁଛନ୍ତି । ସିଏ ଆମମାନଙ୍କର ହୃଦୟର ବନ୍ଦ ଦୁଆରେ ଆଘାତ କରି ଯେପରି କହୁଛନ୍ତି— ଆରେ ତୁମେମାନେ ମୋ ନିକଟକୁ ଆସ । ମତେ ତୁମମାନଙ୍କ ସଂସାରର ଏକ କୋଣରେ ଠାଇଁ ଦିଅ । ମତେ ଟିକେ ଭଲପାଅ । ଜୀବନରେ ଶାନ୍ତି ପାଇବ, ସ୍ୱସ୍ତି ପାଇବ, ଆନନ୍ଦ ପାଇବ ।..... ଆଜି ଦିଗେ ଦିଗେ ତାଙ୍କରିହିଁ ଜୟଭେରୀ ଉଠିଛି ବାଜି ।

ଯେତେବେଳେହିଁ ଆସେ ପୁରୁଷୋତ୍ତମଙ୍କ ଡ଼ାକ, ସେତେବେଳେହିଁ ସେଇ ଡ଼ାକରେ ଯେଉଁମାନେ ଜବାବ ଦିଅନ୍ତି, ନିଃଶେଷରେ ନିଜକୁ ତାଙ୍କ ଚରଣପଦ୍ମରେ ବିତରି ଦିଅନ୍ତି ସେମାନେହିଁ ଜୀବନରେ ହୁଅନ୍ତି ସାର୍ଥକ । ତାଙ୍କ ପ୍ରତି ବୁକୁଭରା ଭଲପାଇବା ନେଇ

ଯେଉଁମାନେ ଚାଲନ୍ତି ସେମାନଙ୍କରହିଁ ଜୀବନଧାରା ବହି ଚାଲେ ଅମୃତର ପଥରେ । ଉନ୍ନତିର ମୂଳ କଥା ହେଲା ଶ୍ରେଷ୍ଠଙ୍କ ପ୍ରତି, ପ୍ରିୟପରମଙ୍କ ପ୍ରତି ଏକନିଷ୍ଠ ଅନୁରାଗ । ଏହି ଏକନିଷ୍ଠ ଆନୁଗତ୍ୟ ମଧ ଦେଇ ହିଁ ମଣିଷର ଜୀବନ ଗଢ଼ିଉଠେ । ତା'ର ବୃତ୍ତି-ପ୍ରବୃତ୍ତିଗୁଡ଼ିକ ତା'କୁ ଆଲୋକର ପଥରୁ ଅନ୍ଧାରର ପଥରେ ଟାଣି ନେଇ ଯାଇପାରେନା । ତେଣୁ ଶ୍ରୀଶ୍ରୀଠାକୁରଙ୍କ ବାଣୀ ମଧରେ ଦେଖିବାକୁ ପାଏ—

''ପ୍ରେଷ୍ଠ ତୋତେ ପାଆନ୍ତି ଭଲ
ସ୍ୱାର୍ଥ ସେଥିରେ କ'ଣ ?
ତୁ ତାଙ୍କୁ ନ ପାଇଲେ ଭଲ
ସବୁହିଁ ପାଉଁଶରେ ଢ଼ଳା ଘିଅ ।''

ମଣିଷକୁ ତାଙ୍କୁ ଭଲପାଇବାକୁ ହୁଏ । ସେ ଭଲପାଇବାର ସ୍ୱରୂପଟା କ'ଣ ? କିପରି କରି ତାଙ୍କୁ ଭଲପାଇବାକୁ ହୁଏ ? ମଣିଷ ଯଦି ନିଜର ଅନ୍ତରକୁ ପଚାରେ ତା'ହେଲେହିଁ ଏହାର ଉତ୍ତର ପାଇପାରେ । କାରଣ, ଭଲପାଇବା ଭଲପାଇବାହିଁ । ସୁନାର ପଥରଗିନା ନୁହେଁ । ମଣିଷ ଯେପରି କରି ନିଜର ସ୍ତ୍ରୀ-ପୁତ୍ରକୁ ଭଲପାଏ, ସେମାନଙ୍କ କଥା ଯେପରି କରି ଭାବେ ଏବଂ ସେମାନଙ୍କ ପାଇଁ ଯେପରି କରେ, ସେପରି କରି ଦେବତାଙ୍କୁ ଅତି ନିଜର କରି ନେଇ ତାଙ୍କୁ ଭଲପାଇବାକୁ ହୁଏ । ତାଙ୍କ ପାଇଁ ଆକୁଳ ହୋଇ କାନ୍ଦିବାକୁ ହୁଏ । ତାଙ୍କୁ ପାଇବାକୁ ହେଲେ ଦରକାର ଭକ୍ତି ଆଉ ଭଲପାଇବା ।

ମଣିଷର ତାଙ୍କ ପ୍ରତି ଯେତେବେଳେ ସହଜ ଭଲପାଇବା ଆସେ ସେତେବେଳେ ତାଙ୍କୁ ନେଇହିଁ ସେ ନିଜର ଜଗତ ଗଢ଼ିତୋଳେ । ସେତେବେଳେ ସେ ଯେପରି ଆଉ କାହ୍ନୁ ଛଡ଼ା ଗୀତ ଖୋଜି ପାଏନା । ଏ ଭଲପାଇବା କିପରି ? ନଦୀ କେତେ ଶସ୍ୟଶ୍ୟାମଳା ପ୍ରାନ୍ତରକୁ ପଛରେ ପକାଇ ରଖି ଦୁର୍ଦ୍ଦାମ ଗତିରେ ଛୁଟି ଚାଲିଛି ସାଗର ଆଡ଼କୁ । ଯେତେବେଳେ ସେ ସାଗର ସଙ୍ଗେ ଯାଇ ମିଶେ ସେତେବେଳେ ସାଗରର ପାଣି ଆଉ ନଦୀର ପାଣିରେ କୌଣସି ଭେଦ ନଥାଏ । ନଦୀ ସାଗରର ମଝିରେ ଆପଣଙ୍କୁ ହଜେଇ ଦିଏ । ମଣିଷ ଯେତେବେଳେ ଦେବତାଙ୍କୁ ପ୍ରକୃତ ଭଲପାଏ ସେତେବେଳେ ସେଇ ମାନବ-ହୃଦୟ ପ୍ରେଷ୍ଠଙ୍କୁ ଉଦ୍ଦେଶ୍ୟ କରି କହିଉଠେ— ହେ ପ୍ରିୟପରମ, ତୁମର ସୁଖରେ ମୋର ସୁଖ, ତୁମର ପରିତୃପ୍ତିରେ ହିଁ ମୋର ପରିତୃପ୍ତି, ତୁମର ଆନନ୍ଦରେହିଁ ମୋର ଆନନ୍ଦ । ତେଣୁ ପ୍ରକୃତ ପ୍ରେମ ସମ୍ବନ୍ଧରେ ବୈଷ୍ଣବ କବି କହିଛନ୍ତି—

ଆତ୍ମେନ୍ଦ୍ରିୟ ପ୍ରୀତି ଇଛା ତା'କୁ କହେ କାମ ।
କୃଷ୍ଣେନ୍ଦ୍ରିୟ ପ୍ରୀତି ଇଛା ଧରେ ପ୍ରେମନାମ ।

ଏହି କୃଷ୍ଣେନ୍ଦ୍ରିୟ ପ୍ରୀତି ଇଛା ଉପରେ ଭିତ୍ତି କରିହିଁ ଗଢ଼ିଉଠିଛି ଗୋପୀପ୍ରେମ । ଏହି ଗୋପୀପ୍ରେମରେ କୌଣସି କାମଗନ୍ଧ ନାହିଁ । ସେମାନେ ନିଜର ସୁଖ କାମନା କରନ୍ତିନି । କୃଷ୍ଣଙ୍କ ପରିତୃପ୍ତିରେହିଁ ସେମାନଙ୍କର ପରିତୃପ୍ତି । ମନେପଡ଼େ ଗୋପୀମାନଙ୍କର ସେହି ପଦରଜ ଦେବାର ଗପ । ଶ୍ରୀକୃଷ୍ଣଙ୍କର ମୁଣ୍ଡ ଧରିଛି । ଜଣାଗଲା ଭକ୍ତର ପଦରଜ ପାଇଲେହିଁ କୃଷ୍ଣ ସୁସ୍ଥ ହୋଇଉଠିବେ । ନାରଦ ବାହାରି ପଡ଼ିଲେ ଭକ୍ତ ପଦରଜର ସନ୍ଧାନରେ । ଲୋକର ଦ୍ୱାରେ ଦ୍ୱାରେ ଯାଆନ୍ତି । ସମସ୍ତେ ତାଙ୍କୁ ଫେରାଇ ଦିଅନ୍ତି । କହିଉଠନ୍ତି— ''ଆରେ ବାବା ! ପ୍ରଭୁଙ୍କ ମଥାରେ ପାଦ ଧୂଳି ଦେବୁ, ଆମକୁ ନରକରେ ବି ସ୍ଥାନ ମିଳିବନି ଯେ ! ନା, ନା— ଠାକୁର, ତା' ଆମେ ପାରିବୁନି ।'' ଶେଷକୁ ନାରଦ ଆସିଲେ ବୃନ୍ଦାବନକୁ ଗୋପୀମାନଙ୍କ ନିକଟକୁ । ସେମାନେ ନାରଦଙ୍କ ନିକଟରୁ ସବୁ କଥା ଶୁଣିଲେ । ଶୁଣିବା ମାତ୍ରେହିଁ ଶହ ଶହ ଗୋପିନୀ ସେମାନଙ୍କର ପାଦଗୁଡ଼ିକୁ ଝାଡ଼ି ଦେଲେ । କହିଲେ— ''ଏଇ ନିଅ ଠାକୁର । ସାମାନ୍ୟ ଟିକେ ପଦରଜରେ ପ୍ରଭୁ ସୁସ୍ଥ ହେବେ । ନିଅ— ନିଅ ! ତୁମେ ଏବେହିଁ ନେଇ ଯାଅ'', ନାରଦ ତ ସ୍ତମ୍ଭିତ ହୋଇଗଲେ । କହିଲେ— ''ଏଥିରେ ତୁମମାନଙ୍କର ଯେ ସାତଜନ୍ମ ନରକବାସ ହେବ ।'' ଗୋପୀମାନେ ଦୃପ୍ତକଣ୍ଠରେ କହିଲେ— ''ଆରେ ସାତଜନ୍ମ ଛାଡ଼ି ଜନ୍ମଜନ୍ମାନ୍ତର ନରକବାସ ହେଲେବି କୌଣସି କ୍ଷତି ନାହିଁ । ଆମ ପ୍ରଭୁ ତ ସୁସ୍ଥ ହେବେ । ତାଙ୍କୁ ସୁସ୍ଥ କରି ଆମମାନଙ୍କୁ ଯଦି ନରକ ଯନ୍ତ୍ରଣା ଭୋଗ କରିବାକୁ ହୁଏ ତା' କରିବୁ । କୌଣସି କ୍ଷତି ନାହିଁ ।'' ଏହି ଯେଉଁ ପ୍ରେମ, ପ୍ରେମ ପ୍ରିୟପରମଙ୍କ ସୁଖ ପାଇଁ ନିଜର ଦୁଃଖକୁ, ନିଜର ଯନ୍ତ୍ରଣାକୁ ଭୁଲି ଯାଆନ୍ତି । ମଣିଷ ଯେତେବେଳେ ଏପରି କରି ଗୋପୀମାନଙ୍କର ଭଲପାଇବା ନେଇ ଏହିଭଳିଭାବେ ଇଷ୍ଟଙ୍କୁ ଭଲପାଇ ପାରେ ସେତେବେଳେ ତା'ର ଆଉ ଚାହିଁବା ରହେନା; ରହେ କେବଳ ଇଷ୍ଟ-ସେବାର ଏକାଗ୍ର ବାସନା । ଏ ପ୍ରେମ ସେହି ଗୋପୀମାନଙ୍କ ଭଳି ଜଗତ୍-ବନ୍ଧନରୁ ମୁକ୍ତି ଚାହେଁନା, ଚାହେଁ କେବଳ ପ୍ରିୟପରମଙ୍କ ନିକଟରେ ନିଜକୁ ଉଜାଡ଼ କରି ଦେବାକୁ । ସେ ଭଲପାଇବା ଚାହେଁନା ଧନ, ଚାହେଁନା ମାନ, ଯଶ, ପ୍ରତିପତ୍ତି । ସେଇ ପ୍ରିୟପରମଙ୍କ ନିକଟରେ ନିଜକୁ ବିତରି ଦେବାକୁ ଚାହେଁ ।

ଏପରିଭାବେହିଁ ମଣିଷ ପ୍ରେଷ୍ଠଙ୍କୁ ଆହ୍ୱାନ ଜଣେଇ ଆକୁଳ ହୋଇ କହିଉଠେ— 'ମତି ରହୁ ତୋର ପରସଙ୍ଗେ ।' ଏପରିଭାବେ ମଣିଷ ଯେତେବେଳେ ପ୍ରିୟପରମଙ୍କୁ ଭଲପାଇପାରେ ସେତେବେଳେ ଯା' ସିଏ ଭଲପାଆନ୍ତିନି ତା' କରିବାର ବାସନା ମନରେ ଜାଗିଲେହିଁ ତାଙ୍କର ମୁହଁଟି ସେତେବେଳେ ଆଖି ସାମନାରେ ଭାସିଉଠେ । ଠାକୁର କହିଛନ୍ତି— ''ମା' ମନରେ କଷ୍ଟ ଦେବାର ନୁହେଁ । ମା'ଙ୍କ କଥାରେ ଅବାଧ ହେବାର ନୁହେଁ ।'' ତେଣୁ, ଯେତେବେଳେ ମୁଁ ତାଙ୍କୁ ଗଭୀରଭାବେ ଭଲପାଏ, ତାଙ୍କୁ ନିଜର ଲୋକ ବୋଲି ଭାବେ ସେତେବେଳେହିଁ ମୋର ମା'ର କୌଣସି କଥା ଅମାନ୍ୟ କରିବାର କୌଣସି ପ୍ରବୃତ୍ତି ମନ ମଧରେ ଉଙ୍କି ଦେଲେହିଁ ମୋର ସେଇ ଅମୃତମୟ ସତ୍ତା କହି ଉଠିବ— ନା, ନା, ମୁଁ ତ ଏ କାମ କରିପାରେନା । ସିଏ ଯେ କହିଛନ୍ତି, ମା'ର ମନରେ

କୌଣସି କଷ୍ଟ ଦେବାର ନୁହେଁ ।

ଏପରି କରି ମଣିଷ ଯେତେବେଳେ ଶ୍ରେୟଙ୍କୁ ଭଲପାଏ ସେତେବେଳେହିଁ କୌଣସି କୁପ୍ରବୃତ୍ତି ତା'କୁ ବିପଥରେ ଟାଣି ନେଇ ଯାଇପାରେନା । ଏପରିକି ନିର୍ଜନ ଅନ୍ଧକାର ଘରେବି ମଣିଷ କୌଣସି ଅନ୍ୟାୟ କାମ କରିପାରେନା । କାରଣ, ସିଏ ଯେ ସର୍ବତ୍ରହିଁ । ଆଉ ଏପରି କରିହିଁ ତାଙ୍କୁ ଭଲପାଇଲେ ସେ ଭଲପାଇବା ହୁଏ ସାର୍ଥକ ।

ମଣିଷ ଯେତେବେଳେହିଁ ଇଷ୍ଟଙ୍କୁ ଗଭୀରଭାବେ ଭଲପାଏ, ସେତେବେଳେ ତାଙ୍କ ନାମରେ ସେ ପାଗଳ ହୋଇଯାଏ । ତା'ର ନଥାଏ ଲଜ୍ଜା, ରହେନା ମାନ, ରହେନା ନିଜର ସମ୍ଭ୍ରମବୋଧ । ରାଧା ଯେତେବେଳେ କୃଷ୍ଣଙ୍କୁ ଭଲପାଇଥିଲେ ସେତେବେଳେ ତାଙ୍କ ନିକଟରେ ନଦୀର ପାଣି, ଆକାଶର ମେଘ, ଗୈରିକ ବନ, ନିଜର କେଶରାଶି ସବୁ କିଛି ମଧ୍ୟରେ ହିଁ କୃଷ୍ଣରୂପ ଦେଖୁଥିଲେ । କୃଷ୍ଣନାମରେ ବିଭୋର ହୋଇ ଯାଉଥିଲେ । ସଖୀମାନଙ୍କ ନିକଟରେ କୃଷ୍ଣମହିମା ବର୍ଣ୍ଣନା କରି ତୃପ୍ତ ହେଉଥିଲେ । ତାଙ୍କ ନିକଟରେ ସବୁହିଁ ସେତେବେଳେ କୃଷ୍ଣମୟ ହୋଇଉଠିଥିଲା । ଏପରି କରି ମଣିଷ ଯେତେବେଳେ ପ୍ରେଷ୍ଠଙ୍କୁ ଭଲପାଏ ସେତେବେଳେ ତାଙ୍କ ନାମରେ ସେ ବିଭୋର ହୋଇଯାଏ । ତାଙ୍କ କଥା କହି କହି ତା'ର ପ୍ରାଣଟା ଆନନ୍ଦରେ ନାଚିଉଠେ । ତା'ର ସେତେବେଳେ ଆଉ ଲୋକଲଜ୍ଜା ରହେନା । ଶ୍ରୀଶ୍ରୀଠାକୁରଙ୍କ ଭାଷାରେ ଏହା ଯେପରି ''wine of life'' ଅର୍ଥାତ୍ ଜୀବନର ମଦିରା । ଏ ମଦିରା ଯେ ପାନ କରେ ସେ ସେଇ ଉନ୍ମତ୍ତ-ମାତାଲ ଭଳି ଲୋକର ଦ୍ୱାରେ ଦ୍ୱାରେ ଯାଇ ତାଙ୍କ କଥା କହେ । ହୁଏତ କେହି ବା କହେ ଲୋକଟା ପାଗଳ, କେହି ବା କରେ ଅବଜ୍ଞା ।

ଏପରିଭାବେ ଶହଶହ ବାଧାବିପତ୍ତି ମଧ୍ୟରେବି ସେ ଶ୍ରୀମତୀ ଭଳି ପୂଜାର ଅର୍ଘ୍ୟ ନେଇ ଛୁଟି ଚାଲେ । ରାଜାଙ୍କ ନିକଟରୁ ଆସିଛି ଆଦେଶ, ସ୍ତୁପରେ ଯିଏ କରିବ ଅର୍ଘ୍ୟ ରଚନା, ରାଜପ୍ରହରୀର ଖଡ୍ଗାଘାତରେ ତା'ର ଜୀବନଦୀପ ହେବ ନିର୍ବାପିତ । ଶ୍ରୀମତୀ ତେବେବି ଆଗେଇ ଯାଏ । ତାଙ୍କୁ ପାଇବାକୁ ହେଲେ ତ ସେଇ ଦୁଃସାଧ୍ୟ ପଥକୁହିଁ ବରଣ କରି ନେବାକୁ ହୁଏ— ଯେଉଁ ପଥ କୁସୁମାସ୍ତୀର୍ଣ୍ଣ ନୁହେଁ, ଯେଉଁ ପଥରେ ଚାଲିବାକୁ ହୁଏ ଶହ ସହସ୍ର କଣ୍ଟକକୁ ଅତିକ୍ରମ କରି । ନଗରର ସବୁ ନରନାରୀ ଭୟରେ ଶିହରି ଉଠନ୍ତି । କେହି ଶ୍ରୀମତୀକୁ କରେ ତିରସ୍କାର, କେହି ବା ଭୟରେ ରୋମାଞ୍ଚିତ ହୋଇଉଠେ । ତା'କୁ ଫେରାଇ ଦେବାକୁ ଚାହେଁ, କିନ୍ତୁ ତା'ର ଫେରିବାର ପଥ ଯେ ବନ୍ଦ । ତା' ନିକଟକୁ ଆସିଛି ଅମୃତମୟଙ୍କ ଡ଼ାକ । ଏପରି କରିହିଁ ମଣିଷ ଯେତେବେଳେ ଅମୃତର ସନ୍ଧାନରେ ଯାତ୍ରା କରେ ଆରମ୍ଭ, ତାଙ୍କ ପ୍ରତି ବୁକୁଭରା ଭଲପାଇବା ନେଇ ଛୁଟି ଚାଲେ ସେତେବେଳେହିଁ ପ୍ରେଷ୍ଠପ୍ରେମର ଦୀପ୍ତାଲୋକ-ଦ୍ୟୁତିରେ ତା'ର ଜୀବନ ଭାସ୍ୱର ହୋଇଉଠେ ।

ମଣିଷ ଯେତେବେଳେହିଁ ଇଷ୍ଟଙ୍କ ଆଡ଼େ ଛୁଟିଚାଲେ, ଇଷ୍ଟଙ୍କ ପ୍ରତି ତା'ର ଭଲପାଇବା ଯେତେ ଗଭୀର ହୁଏ ସେତେହିଁ ସେ ଜୀବନର ଚରମ ଦୁଃଖକୁବି ମୁଣ୍ଡପାତି ନେବାକୁ ଶିଖେ । ଦୁଃଖକୁ ତାଙ୍କରିହିଁ ଆଶୀର୍ବାଦ ବୋଲି ମନେକରେ । ତାଙ୍କର ତିରସ୍କାରରେବି ତା'ର ବୁକୁଟି ଆନନ୍ଦରେ ନାଚି ଉଠେ । ଜୀବନର କଠୋର ପରୀକ୍ଷାରେବି ସେ ଟଳେନା । ମନେ ପଡୁଛି ନିବେଦିତାର ଜୀବନର ଗୋଟେ କଥା । ସେଦିନ ତାଙ୍କର ଦୀକ୍ଷା ହେବ । ଅଥଚ ସିଏ କିଛିହିଁ ଜାଣନ୍ତିନି । ଦିପହରବେଳା ନିବେଦିତା ବସିଛନ୍ତି ଆହାରରେ । ସିଏ ପାଟିରେ ତାଙ୍କର ପ୍ରଥମ ଗ୍ରାସଟି ତୋଳିବାକୁ ଯାଉଛନ୍ତି । ତାଙ୍କର ହାତଟା ସେତେବେଳେ ପାଟି ପାଖକୁ ଅର୍ଦ୍ଧେକଟା ଉଠିଛି । ଏପରି ସମୟରେ ସ୍ୱାମିଜୀଙ୍କର ଜଣେ ଶିଷ୍ୟ ଆସି ଘରର ଦ୍ୱାରଦେଶରେ ଡ଼ାକିଲେ— ''ସିଷ୍ଟର ।'' ନିବେଦିତାଙ୍କ ହାତଟା ଆଉ ପାଟିକୁ ଉଠିଲାନି । ସିଏ ସେଇ ଲୋକଟି ଆଡ଼େ ମୁହଁ ଉଠାଇ ଚାହିଁଲେ । ତାଙ୍କ ମୁଖମଣ୍ଡଳରେ ଜିଜ୍ଞାସୁର ଦୃଷ୍ଟି । ସ୍ୱାମିଜୀଙ୍କ ଶିଷ୍ୟଟି କହିଲେ— ସିଷ୍ଟର, ସ୍ୱାମିଜୀ କହି ପଠାଇଲେ ଆଜି ଆପଣଙ୍କର ଉପବାସ । ଆଜି ଆପଣଙ୍କର ଦୀକ୍ଷା ହେବ । ଯେଉଁ ହାତ ଅର୍ଦ୍ଧେକଟା ଉଠିଥିଲା ସେ ହାତ ଆସ୍ତେ ଆସ୍ତେ ପଡ଼ିଗଲା । ସେ ପରୀକ୍ଷା ଯେ କେତେ କଠୋର ତା' ଭାଷାରେ ପ୍ରକାଶ କରିହୁଏନା । ଉପବାସର ପରଦିନ ବସିଥିଲେ ମଧ୍ୟାହ୍ନର ଆହାରରେ । ସେ ଆହାର ଆଉ ହେଲାନି । ଅଥଚ ତାଙ୍କର ଟିକେବି ମୁଖ ବିକୃତି ଘଟିଲାନି । ମୁଖମଣ୍ଡଳରେ ଅସନ୍ତୋଷର କୌଣସି ଚିହ୍ନ ଦେଖାଗଲାନି, ଜୀବନର ଏହି ଶୁଭ ମୁହୂର୍ତ୍ତଟି ପାଇଁ ସିଏ ପ୍ରତୀକ୍ଷା କରିଥିଲେ । ଭାତ ଥାଳି ପଡ଼ି ରହିଲା । ନିବେଦିତା ପରମ ଆନନ୍ଦରେ ହସହସ ମୁହଁରେ ଉଠି ଚାଲିଲେ ସ୍ୱାମିଜୀଙ୍କ ନିକଟକୁ । କୌଣସି ଦୁଃଖ ନାହିଁ, କୌଣସି ବ୍ୟଥା ନାହିଁ, କୌଣସି ଅଭିମାନ ନାହିଁ, ବରଂ ମୁହଁରେ ଫୁଟିଉଠିଲା ଏକ ପରମ ଆନନ୍ଦର ହସର ରେଖା । ଏକ ସ୍ୱର୍ଗୀୟ ଆନନ୍ଦରେ ଆତ୍ମହରା ହୋଇଉଠି ଚାଲିଲେ ସ୍ୱାମିଜୀଙ୍କ ନିକଟକୁ ।

ଏହା ହେଲା ପ୍ରକୃତ ଭଲପାଇବା । ଯେଉଁ ଭଲପାଇବା ଜୀବନର ଚରମ ମୁହୂର୍ତ୍ତରେବି ଟଳେନା । ତାଙ୍କୁ ଭଲପାଇଲେ ଜୀବନର ଦୁଃଖକୁ ଦୁଃଖ ବୋଲି ମନେହୁଏନା, ଦାରିଦ୍ର୍ୟକୁ ଦାରିଦ୍ର୍ୟ ବୋଲି ମନେହୁଏନା । ଜୀବନର ଶତ ବାଧାବିପତ୍ତି ମଧ୍ୟରେବି ସେ ସତ୍ତା ଥାଏ ଅଟଳ । ଜୀବନରେ ପ୍ରତୀକ୍ଷା କରିଥାଏ କେତେବେଳେ ତାଙ୍କ ନିକଟରୁ ଆସିବ କୋଉ ନିର୍ଦ୍ଦେଶ । ସିଏ କିଛି ଚାହିଁଲେ ହିଁ ସେ ସେତେବେଳେ ଯେପରି କରି ହେଉ ତା' ତାଙ୍କୁ ଦେଇ ତୃପ୍ତି ପାଏ । ସେଥିରେ କିନ୍ତୁ ତା'ର କୌଣସି ଗର୍ବବୋଧ ନଥାଏ, ପ୍ରିୟପରମ ତା'କୁ ଭଲ କହିଲେ କି ନା ସେଦିଗକୁ ସେ ଭ୍ରୁକ୍ଷେପହିଁ କରେନା । କେବଳ ତା'ର ସେଇ ଶ୍ରଦ୍ଧାର୍ହ ପ୍ରେଷ୍ଠଙ୍କ ପାଦରେ ଦେଇହିଁ ତା'ର ତୃପ୍ତି ।

ଏହା ହେଲା ପ୍ରକୃତ ପ୍ରେଷ୍ଠପ୍ରେମ, ଯେଉଁ ପ୍ରେମ କିଛି

ଚାହେଁନା, ତେବେ ତାଙ୍କୁ ଦେଇହିଁ ଯା'ର ତୃପ୍ତି, ତାଙ୍କ ଚରଣରେ ନିଜକୁ ସମର୍ପି ଦେଇହିଁ ଯା'ର ଆନନ୍ଦ । ସେଇ ତାଙ୍କରି ନାମ-ମଦିରା ପାନ କରିହିଁ ସେ ସେତେବେଳେ ଆଲୋକ-ରାଜ୍ୟର ପାତାଳ ଆଡ଼େ ଛୁଟି ଚାଲେ । ସେତେବେଳେ ପରମପୁରୁଷ ଶ୍ରୀଶ୍ରୀଠାକୁରଙ୍କ ବାଣୀଟି ତା'ର ଜୀବନରେ ମୂଳମନ୍ତ୍ର ହୋଇଉଠେ —

''ପ୍ରଶ୍ନ ମୋର ଅସ୍ତେ ଯାଉ/ରହୁ ଯୁକ୍ତି ଦୂରେଇ
ତୁମର ବ୍ରତ କରିବି ପାଳନ/ମରଣ ସ୍ତବ୍ଧ କରି ।''

ତାଙ୍କ ପ୍ରତି ଐକାନ୍ତିକ ଭକ୍ତି ନେଇହିଁ ସେ ତାଙ୍କୁ ପାଇବାକୁ ଚାହେଁ । ସକଳ ଅହଙ୍କାର ବିସର୍ଜନ ଦେଇ ବିଶ୍ୱକବିଙ୍କ ଭାଷାରେ କହିଉଠେ —

''ମୋର ମଥା ନତ କରିଦିଅ ହେ
ତୁମର ଚରଣଧୂଳି ତଳେ ।''

ମଣିଷ ଯେତେବେଳେ ପ୍ରେଷ୍ଠଙ୍କ ଆଡ଼କୁ ଛୁଟି ଚାଲିପାରେ ସେତେବେଳେହିଁ ତା'ର ଜୀବନରେ ଆସେ ସାର୍ଥକତା । ତା'ର ଜୀବନର ହୁଏ ନବ ଉଦ୍‌ବୋଧନ । ପାରିବାରିକ, ଆଧ୍ୟାତ୍ମିକ, ସାମାଜିକ ଜୀବନର ପ୍ରତିଟି ଦିଗର ପରିପୂର୍ଣ୍ଣ ବିକାଶ ଘଟେ । ମାନବଜୀବନ ଫୁଲି ଫୁଲି ସୁଶୋଭିତ ହୋଇଉଠେ । ଆଉ ଜୀବନ-ପ୍ରଭାତର ଅରୁଣ-ଆଲୋକରେ ତା'ର ଗହନ-ସତ୍ତା ଉଦ୍ଭାସିତ ହୋଇଉଠେ । ତା'ର ମନୋବୀଣାର ତାରେ ତାରେ ପ୍ରଭାତ-ପକ୍ଷୀର ଗୀତ ଭଳି ଯେଉଁ ସ୍ୱର ଧ୍ୱନିତ ହୁଏ ସେଥିରେ ତା'ର ହୃଦୟ ଭାବରେ ରସାପ୍ଳୁତ ହୋଇଉଠେ । ସେତେବେଳେ ତା'ର ଅନ୍ତର ଆକୁଳ ହୋଇ କବିଗୁରୁଙ୍କ ଭାଷାରେ କହିଉଠେ —

''ସୀମା ମଝିରେ ଅସୀମ ତୁମେ/ବଜାଅ ନିଜର ସ୍ୱର
ମୋ ମଧ୍ୟେ ତୁମର ପ୍ରକାଶ/ତେଣୁ ଏତେ ମଧୁର ।''

ଜୀବ ମଧ୍ୟରେ ଅନନ୍ତର ପ୍ରକାଶ ସେତେବେଳେହିଁ ଘଟେ ଯେତେବେଳେ ନରରୂପୀ ନାରାୟଣ ଓହ୍ଲାଇ ଆସନ୍ତି ଏହି ଧରଣୀ ବୁକୁରେ । ଯୁଗେ ଯୁଗେ ସିଏ ଆସନ୍ତି । ଜୀବନର ଚଲା ପଥରେ ମଣିଷ ଯେତେବେଳେ ଦୁଃଖ-କଷ୍ଟ ଜର୍ଜରିତ ହୋଇ ନୈରାଶ୍ୟବାଦର ଅନ୍ଧକୂପରେ ନିଜକୁ ହରେଇ ପକାଏ, ଜୀବନ ପ୍ରତି ହୋଇଉଠେ ବୀତଶ୍ରଦ୍ଧ ସେତେବେଳେହିଁ ଏକ ଗୌରବମୟ ଦିନର ଘଟେ ଆବିର୍ଭାବ । କବିଙ୍କ ଭାଷାରେ —

''ମେଘ ଦେଖି କେହି କରନା ଭୟ
ଆଢୁଆଳରେ ତା'ର ସୂର୍ଯ୍ୟ ହସେ ।''

ଜାତୀୟ ଜୀବନରୂପ ମହାକାଶ ଯେତେବେଳେହିଁ ଘନତମସାବୃତ ହୋଇଉଠେ ସେତେବେଳେହିଁ ସିଏ ଆସି ଏକ ନବୀନ ପ୍ରଭାତର ସୂଚନା କରନ୍ତି । କିନ୍ତୁ ଯେତେବେଳେ ସିଏ ଆସନ୍ତି, ମଣିଷ ତାଙ୍କୁ ଦେଖିବି ଦେଖେନା, ବୁଝିବି ବୁଝେନା । ତେଣୁ ଗୀତାରେ ଅଛି —

''ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍ ।
ପରଂ ଭାବମଜାନନ୍ତୋ ମମ ଭୂତମହେଶ୍ୱରମ୍ ॥

ଅର୍ଥାତ୍ ''ଅବିବେକୀ ବ୍ୟକ୍ତିଗଣ ସର୍ବଭୂତ ମହେଶ୍ୱର ସ୍ୱରୂପ ମୋର ପରମ ଭାବ ନ ଜାଣି ମନୁଷ୍ୟ ଦେହଧାରୀ ବୋଲି ମୋତେ ଅବଜ୍ଞା କରିଥା'ନ୍ତି ।''

ପୁଣି ଶ୍ରୀକୃଷ୍ଣ କହୁଛନ୍ତି —

ମୋଘାଶା ମୋଘକର୍ମାଣୋ ମୋଘଜ୍ଞାନା ବିଚେତସଃ ।
ରାକ୍ଷସୀମାସୁରୀଂଚୈବ ପ୍ରକୃତିଂ ମୋହିନୀଂ ଶ୍ରିତାଃ ॥

ଅର୍ଥାତ୍ ''ଏହି ସକଳ ବିବେକହୀନ ବ୍ୟକ୍ତି ବୁଦ୍ଧିଭ୍ରଂଶକାରୀ, ତାମସୀ ଓ ରାଜସୀ ପ୍ରକୃତିର ବଶରେ ମତେ ଅବଜ୍ଞା କରିଥା'ନ୍ତି । ସେମାନଙ୍କର ଆଶା ବ୍ୟର୍ଥ, କର୍ମ ନିଷ୍ଫଳ, ଜ୍ଞାନ ନିରର୍ଥକ ଓ ଚିତ୍ତ ବିକ୍ଷିପ୍ତ ।''

ଶ୍ରୀକୃଷ୍ଣଙ୍କ ବାଣୀରୁ ବୁଝାଯାଏ ମଣିଷ ଯୁଗେ ଯୁଗେ ବୃତ୍ତିମାୟାର ଅନ୍ଧତାରେ ବା ଜାଗତିକ ଐଶ୍ୱର୍ଯ୍ୟର ମୋହରେ ସେଇ ସୀମାରୂପୀ ଅସୀମକୁ ଭୁଲ କରି ଏବଂ ଇଷ୍ଟାନୁରାଗ ରୂପ ପରମ ସମ୍ପଦରୁ ବଞ୍ଚିତ ହୁଏ । ଏହି ପ୍ରସଙ୍ଗରେ ମନେପଡୁଛି ଏକ ଦରିଦ୍ର ବ୍ରାହ୍ମଣର ଗଳ୍ପ । ସେ ବ୍ରାହ୍ମଣ ଭୁଲ କରେ ଏବଂ ଇଷ୍ଟାନୁରାଗ ରୂପ ପରମ ସମ୍ପଦରୁ ବଞ୍ଚିତ ହୁଏ । ଏହି ପ୍ରସଙ୍ଗରେ ମନେପଡୁଛି ଏକ ଦରିଦ୍ର ବ୍ରାହ୍ମଣର ଗଳ୍ପ । ସେ ବ୍ରାହ୍ମଣ ବାହାରିଥିଲା ସାଧୁ ଉଦ୍ଦେଶ୍ୟରେ ତା'ର ସ୍ୱପ୍ନଲବ୍ଧ ପରଶପଥରକୁ ଲାଭ କରିବା ପାଇଁ । ଯେତେବେଳେ ସେ ସନାତନଙ୍କ ନିକଟକୁ ଆସିଲା ସେତେବେଳେ ସନାତନ ତା'କୁ କହିଲେ — ଦେଖ ଦେଖନି, ସେଇ ନଦୀର ଚଡ଼ା ଖୋଜି । ସେଠାରେ ଗୋଟେ ପଥର ରଖିଥିଲି ବୋଲି ମନେ ହେଉଛି । ସନାତନଙ୍କ କଥା ଭଳି ନଦୀର ଚଡ଼ାରୁ ବ୍ରାହ୍ମଣ ପାଇଲା ସେଇ ପଥର ଯେଉଁ ପଥରର ପରଶରେ ସବୁ କିଛି ସୁନା ହୋଇଯାଏ । କିନ୍ତୁ ହଠାତ୍ ତା'ର ଜ୍ଞାନଚକ୍ଷୁ ଗଲା ଖୋଲି, ତା'ର ମନଟା କହିଉଠିଲା — ଯେଉଁ ମୂଲ୍ୟବାନ ପରଶପଥରକୁ ପାଇବି ସନାତନ ଅବଜ୍ଞାରେ ତା' ପକାଇ ରଖି ଦେଇଛନ୍ତି ସିଏ ଆହୁରିବି କି ପରମ ସମ୍ପଦର ଅଧିକାରୀ ହୋଇଛନ୍ତି । ସେତେବେଳେ ବ୍ରାହ୍ମଣ ନିଜର ଭୁଲ ବୁଝିପାରି ସନାତନଙ୍କ ପାଦତଳେ ଯାଇ ଲୋଟିପଡ଼ିଲା । ତା'ର ସମଗ୍ର ସତ୍ତା ସେତେବେଳେ ବିଶ୍ୱକବିଙ୍କ ଭାଷାରେ ଆକୁଳ ହୋଇ କହିଉଠିଲା —

''ଯେଉଁ ଧନରେ ହୋଇ ଧନୀ,/ମଣିରେ ମାନେନା ମଣି,
ମାଗେ ମୁଁ ନତଶିରେ ସେଥିରୁ ଟିକେ ।''

ସନାତନ ତା'କୁ ଦେଲେ ଅମୃତପଥର ପାଥେୟ ।

ମଣିଷ ଯୁଗେ ଯୁଗେ ଭୁଲ କରିଛି । କିନ୍ତୁ ଯା' ଯାଇଛି — ଯାଇଛି, ତା' ଭାବି ଲାଭ ନାହିଁ । ଏଥର ପୂର୍ବତନମାନଙ୍କୁ ସ୍ୱୀକାର କରି ନେଇ ବର୍ତ୍ତମାନକୁ ଆଶ୍ରୟ କରି ପୁଣି ଆମେମାନେ ଅମୃତର ପଥରେ ଚାଲିପାରୁ । କାରଣ, ପୁଣି ଆସିଛି ସେଇ ଯୁଗ-ପୁରୁଷୋତ୍ତମଙ୍କ ଆହ୍ୱାନ । *(ଇଷ୍ଟମନନେ, ପୃ.:୧୮-୨୧)*

# ଆଶ୍ରମରେ ନବବର୍ଷ



ଠାକୁରବଙ୍ଗଳାରେ ସମବେତ ବିନତି-ପ୍ରାର୍ଥନାର ପୁରୋଭାଗେ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ।
ତାଙ୍କ ସଙ୍ଗେ ପୂଜନୀୟ ମେଜଦା, ସେଜଦା, ମୁଣ୍ଟିଦା ଓ ଅନ୍ୟମାନେ

ବର୍ତ୍ତମାନ ଆଶ୍ରମରେ ଭକ୍ତବୃନ୍ଦଙ୍କ ଯିବାଆସିବା ବହୁଳ ପରିମାଣରେ ବୃଦ୍ଧି ପାଇଛି ।

ନବବର୍ଷର ପୂର୍ବରୁହିଁ ଭକ୍ତବୃନ୍ଦଙ୍କର ଯେଉଁ ଭିଡ଼ ଆରମ୍ଭ ହୋଇଥିଲା ସେହି ଭିଡ଼ ହିଁ ଚଳମାନ ହୋଇଯାଏ ନବବର୍ଷ ପ୍ରଣାମ ପାଇଁ । ସେହି ଭିଡ଼ ଏବେବି ଅବ୍ୟାହତ ରହିଛି ।

ଆଜିକାର ଦିନର ପବିତ୍ରତାର କଥା ମନରେ ରଖି ବ୍ରାହ୍ମମୁହୂର୍ତ୍ତରେ ଶ୍ରୀଗୁରୁକିଙ୍କର ପାଣ୍ଡେଙ୍କ ପରିଚାଳନାରେ ଠାକୁରବଙ୍ଗଳାରେ ଆରମ୍ଭ ହୁଏ ବେଦମାଙ୍ଗଳିକୀ ।

ସକାଳ ୫ଟା ୧୪ମିः.ରେ ଠାକୁରବଙ୍ଗଳାରେ ଆରମ୍ଭ ହେଲା ପ୍ରାତଃକାଳୀନ ସମବେତ ବିନତି-ପ୍ରାର୍ଥନା । ପୁରୋଭାଗରେ ଉପସ୍ଥିତ ଥିଲେ ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା । ସଙ୍ଗେ ପୂଜନୀୟ ମେଜଦା, ସେଜଦା, ମୁଣ୍ଟିଦା ଓ ଠାକୁରପରିବାର ଅନ୍ୟାନ୍ୟ ସମସ୍ତେହିଁ । ପୂଜନୀୟା ବୌଦିମାନେ ଏବଂ ବୋହୂରାଣୀମାନେ ପ୍ରାର୍ଥନା ସମୟରେ ଶ୍ରୀଶ୍ରୀବଡ଼ମା'ଙ୍କ ଘରେ ଉପସ୍ଥିତ ରୁହନ୍ତି । ପ୍ରାର୍ଥନା ପରେ ନବବର୍ଷ ଉପଲକ୍ଷେ ପରମଦୟାଲ ଶ୍ରୀଶ୍ରୀଠାକୁରଙ୍କ ପ୍ରଦତ୍ତ ଆଶୀର୍ବାଣୀ (ଆଶିଷବାଣୀ, ପ୍ରଥମଖଣ୍ଡ, ବାଣୀସଂଖ୍ୟା-୯) ପାଠ କରନ୍ତି ଶ୍ରୀ ରତୀନନ୍ଦନ ଚକ୍ରବର୍ତ୍ତୀ । ତତ୍ପରେ ସମବେତ କଣ୍ଠରେ- 'ତୋମାର ରଙ୍ଗେ ହୃଦୟ ଆମାର ରାଙ୍ଗା' ପରିବେଷିତ ହେଲା । ପରିବେଶ ଶାନ୍ତ ସମାହିତ ।

ପ୍ରାର୍ଥନାନ୍ତେ ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ପାର୍ଲରରେ ଅର୍ଘ୍ୟାଞ୍ଜଳି ସହ ପରମଦୟାଲ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ପ୍ରଣାମ ନିବେଦନ କରନ୍ତି । ତା'ପରେ ଜଣ ଜଣ କରି ଶ୍ରୀଶ୍ରୀହୁଜୁର ମହାରାଜ, ଶ୍ରୀଶ୍ରୀସରକାରସାହେବ, ଶ୍ରୀଶ୍ରୀଠାକୁରଙ୍କ ପିତୃଦେବ ଓ ମାତୃଦେବୀଙ୍କୁ ଅର୍ଘ୍ୟାଞ୍ଜଳି ସହ ପ୍ରଣାମ ନିବେଦନ କରନ୍ତି । ତାଙ୍କ ସଙ୍ଗେ ପରିବାରର ସକଳେ ଓ ବାହାରେ ଅପେକ୍ଷାରତ ଭକ୍ତବୃନ୍ଦ ପ୍ରଣାମ ନିବେଦନ କରନ୍ତି । ଏହାପରେ



ପରମାରାଧ୍ୟା ଶ୍ରୀଶ୍ରୀବଡ଼ମା'ଙ୍କ ଆବାସମନ୍ଦିରେ ପରମପୂଜନୀୟା ବଡ଼ବୌଦି, ପୂଜନୀୟା ବୌଦିମାନେ ଓ ବୋହୂରାଣୀମାନେ ।

ଶ୍ରୀଶ୍ରୀବଡ଼ମା'ଙ୍କ ଆବାସଗୃହରେ ଶ୍ରୀଶ୍ରୀବଡ଼ମା'ଙ୍କୁ ଓ ବଡ଼ନାଟମଣ୍ଡରେ ଶ୍ରୀଶ୍ରୀବଡ଼ଦାଙ୍କୁ ପ୍ରଣାମ ନିବେଦନ କରି ତାଙ୍କ ପାଇଁ ନିର୍ଦ୍ଦିଷ୍ଟ ଆସନରେ ଉପବେଶନ କରନ୍ତି । ତାଙ୍କ ପରିବାରର ସକଳେ ତାଙ୍କୁ ଘେରି ବସନ୍ତି । ଆରମ୍ଭ ହୁଏ ବିଭିନ୍ନ ଭାଷାରେ ପରମଦୟାଲ ଶ୍ରୀଶ୍ରୀଠାକୁରଙ୍କ ଅମିୟଗ୍ରନ୍ଥ 'ସତ୍ୟାନୁସରଣ' ଏବଂ 'ନୀତି-ବିଧାୟନା' ପାଠ । ପାଠାନ୍ତେ ପ୍ରଣାମାଦି ସାରି ଷୋଡ଼ଶୀଭବନରେ ପହଞ୍ଚି ଯଥାସ୍ଥାନରେ ପ୍ରଣାମ ନିବେଦନ କରି ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ଫିଲାନ୍ଥ୍ରପୀ ଅଫିସ୍ ସମ୍ମୁଖସ୍ଥ ଆଚାର୍ଯ୍ୟମଣ୍ଡପରେ ଉପବେଶନ କରନ୍ତି । ଏହାପରେ ଭକ୍ତ ନରନାରୀଙ୍କ ଆଚାର୍ଯ୍ୟ-ଦର୍ଶନ ଓ ପ୍ରଣାମ ଆରମ୍ଭ ହୁଏ ।

ଏହିଦିନ ସକାଳେ ସାଢ଼େ ଛ'ଟାରେ ଠାକୁରବଙ୍ଗଳାର ବଡ଼ନାଟମଣ୍ଡପରେ ସଙ୍ଗୀତାଞ୍ଜଳି ଅନୁଷ୍ଠିତ ହୁଏ । ଆଶ୍ରମିକ ଓ ବହିରାଗତ ଯେଉଁମାନେ ଆସିଛନ୍ତି ସେମାନଙ୍କ ମଧ୍ୟରେ ଅନେକେ ବି ସଙ୍ଗୀତ ପରିବେଷଣ କରନ୍ତି ।

ପୂର୍ବାହ୍ନ ସାଢ଼େ ଦଶଟାରେ ନିତ୍ୟଦିନ ପରି ପରମଦୟାଲ ଶ୍ରୀଶ୍ରୀଠାକୁର ଓ ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ଉଦ୍ଦେଶ୍ୟରେ ଭୋଗ ନିବେଦିତ ହୁଏ ।

**ଆନନ୍ଦବଜାର :** ଉତ୍ସବ ବନ୍ଦ ଥିଲେ ବି ଉତ୍ସବର ଆନନ୍ଦବଜାରରେ ଦାୟିତ୍ୱରେ ଥିବା ଓଡ଼ିଶା ଓ ଆସାମର କର୍ମୀମାନେ ସେମାନଙ୍କ ଦାୟିତ୍ୱରୁ ଅବ୍ୟାହତି ନ ନେଇ କିଛି କର୍ମୀମାନଙ୍କୁ ନେଇ ଏଠାରେ ଆସି ୩୦ଚୈତ୍ର ଓ ପହିଲା ବୈଶାଖର ଆନନ୍ଦବଜାରର ପୂତ ଦାୟିତ୍ୱ ପାଳନ କରି ସୁଷ୍ଠୁ ନିଷ୍ପନ୍ନତାରେ ସହଯୋଗିତା କରିଯା'ନ୍ତି ।

ସନ୍ଧ୍ୟା ୫ଟା ୫୮ମିନିଟ୍‌ରେ ଠାକୁରବଙ୍ଗଳାରେ ପୂଜନୀୟ ବାବାଇଦାଙ୍କ ଉପସ୍ଥିତିରେ ସମବେତ ବିନତି-ପ୍ରାର୍ଥନା ହୁଏ । ପ୍ରାର୍ଥନାନ୍ତେ ପ୍ରଣାମାଦି ପରେ ବିଭିନ୍ନ ଭାଷାରେ ଶ୍ରୀଶ୍ରୀଠାକୁରଙ୍କ ଅମିୟଗ୍ରନ୍ଥ 'ଅନୁଶ୍ରୁତି' ଓ 'ଦେବୀସୂକ୍ତ' ପଠିତ ହୁଏ ।

ଏହିଦିନ ସନ୍ଧ୍ୟା ସାଢ଼େ ସାତଟାରେ ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ଆଶୀର୍ବାଦରେ ମୁଖ୍ୟମଣ୍ଡପରେ- 'କୃଷ୍ଟିବାନ୍ଧବ ନାଟ୍ୟଶିଳ୍ପମ୍' କର୍ତ୍ତୃକ ଅଭିନୀତ ହୁଏ ନାଟକ 'ବିଲ୍ୱମଙ୍ଗଳ' । ନାଟକର ନିର୍ଦ୍ଦେଶନା, ପରିଚାଳନା, ବ୍ୟବସ୍ଥାପନା, ସମ୍ପାଦନା, ଅଭିନୟ, ଆଲୋକପାତ, ସ୍ୱର-ସଂଯୋଜନା କରନ୍ତି ଆଶ୍ରମିକମାନେ । ଯାତ୍ରାଭିନୟ ଦର୍ଶନ କରି ଦର୍ଶକବୃନ୍ଦ ପ୍ରଭୂତ ଆନନ୍ଦ ଲାଭ କରନ୍ତି ।

*ପ୍ରତିବେଦକ : ଶ୍ରୀତରୁଣ କୁମାର ପାଲ*

# ବିଶେଷ ବିଜ୍ଞପ୍ତି

## ପରବର୍ତ୍ତୀ ଦୀକ୍ଷା ଦିବସ

ଭାରତବର୍ଷ– ୧୫ଜୁନ୍, ୨୦୧୪, ରବିବାର ।

ନେପାଳ– ୧୪ଜୁନ୍, ୨୦୧୪, ଶନିବାର ।

ବଙ୍ଗଳାଦେଶ– ୧୩ଜୁନ୍, ୨୦୧୪, ଶୁକ୍ରବାର ।

## ସର୍ବଭାରତୀୟ ୨୯୫ ଓ ୨୯୬ତମ ସତ୍‌ସଙ୍ଗ ଋତ୍ୱିକ୍–ସମ୍ମେଳନ

ତା– ଇଂ ୧୨ ଓ ୧୩ ଜୁଲାଇ, ୨୦୧୪

ସ୍ଥାନ– ସତ୍‌ସଙ୍ଗ, ଦେଓଘର

## ପରମାରାଧ୍ୟା ଶ୍ରୀଶ୍ରୀବଡ଼ମା'ଙ୍କର ଶୁଭ ୧୨୧ତମ ଜନ୍ମତିଥି ଉତ୍ସବ

ଇଂ– ୨୩ଜୁଲାଇ, ୨୦୧୪, ବୁଧବାର

ବଂ– ୭ଶ୍ରାବଣ, ୧୪୨୧

*****

## ପରମାରାଧ୍ୟା ଶ୍ରୀଶ୍ରୀବଡ଼ମା'ଙ୍କର ଶୁଭ ୧୨୧ତମ ଜନ୍ମଦିନ

ଇଂ– ୩୦ଜୁଲାଇ, ୨୦୧୪

ବଂ– ୧୪ଶ୍ରାବଣ, ୧୪୨୧, ବୁଧବାର

## ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଶୁଭ ୧୨୭ତମ ଜନ୍ମ–ମହୋତ୍ସବ ଏବଂ ତତ୍‌ସହ ୨୯୭ତମ ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍–ସମ୍ମେଳନ

ତାରିଖ– ଇଂ ୫ ଓ ୬ ଅକ୍ଟୋବର, ୨୦୧୪, ରବିବାର ଓ ସୋମବାର

ବଂ– ୧୮ ଓ ୧୯ ଆଶ୍ୱିନ, ୧୪୨୧

ସ୍ଥାନ– ସତ୍‌ସଙ୍ଗ, ଦେଓଘର

ବି.ଦ୍ର.: – ଏହି ଉପଲକ୍ଷେ ଉତ୍ସବ–ଅର୍ଘ୍ୟ ସଂଗ୍ରହ ପାଇଁ ରସିଦ ବହି ସତ୍‌ସଙ୍ଗ ଦେଓଘରେ ଉତ୍ସବ ଅଫିସରେ ମିଳିବ ।

*– ସମ୍ପାଦକ, ସତ୍‌ସଙ୍ଗ*

# ବିଜ୍ଞପ୍ତି

## ପରମାରାଧ୍ୟା ଶ୍ରୀଶ୍ରୀବଡ଼ମା'ଙ୍କର ୪୪ତମ ମହାପ୍ରୟାଣ ଦିବସ

୨୬ବୈଶାଖ, ୧୪୨୧, ଶନିବାର

ଇଂ ୧୦ମେ, ୨୦୧୪

****

## ପରମାରାଧ୍ୟା ଶ୍ରୀଶ୍ରୀବଡ଼ମା'ଙ୍କର ୪୪ତମ ମହାପ୍ରୟାଣ ତିଥି

୩୦ବୈଶାଖ, ୧୪୨୧, ବୁଧବାର, ବୈଶାଖୀ ପୂର୍ଣ୍ଣିମା

ଇଂ ୧୪ମେ, ୨୦୧୪

## ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ପୁଣ୍ୟ ସ୍ନାନୋତ୍ସବ

ଇଂ–୨୭ମଇ, ୨୦୧୪

ବଂ–୧୨ଜ୍ୟେଷ୍ଠ, ମଙ୍ଗଳବାର, ୧୪୨୧

## ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ନିର୍ଦ୍ଦେଶକ୍ରମେ ସ୍ଥିରୀକୃତ ଅଞ୍ଚଳଭିତ୍ତିକ ଆନନ୍ଦବଜାରର ପୂତ ଦାୟିତ୍ୱର ସୂଚୀ :

| ଅନୁଷ୍ଠାନର ନାମ | ଅନୁଷ୍ଠାନ ସ୍ଥଳ | ତାରିଖ | ଆନନ୍ଦବଜାରର ଦାୟିତ୍ୱପ୍ରାପ୍ତ ରାଜ୍ୟ/ଜିଲ୍ଲା |
|---|---|---|---|
| ୧– ସର୍ବଭାରତୀୟ ୨୯୫ ଓ ୨୯୬ତମ ସତ୍‌ସଙ୍ଗ ଋତ୍ୱିକ୍–ସମ୍ମେଳନ | ସତ୍‌ସଙ୍ଗ ଦେଓଘର | ଇଂ–୧୨.୭.୨୦୧୪<br>ଇଂ–୧୩.୭.୨୦୧୪ | ବାଙ୍କୁଡ଼ା ଜିଲ୍ଲା ସତ୍‌ସଙ୍ଗ<br>ହୁଗୁଳି ଜିଲ୍ଲା ସତ୍‌ସଙ୍ଗ |
| ୨– ପରମାରାଧ୍ୟା ଶ୍ରୀଶ୍ରୀବଡ଼ମା'ଙ୍କ ୧୨୧ତମ ଜନ୍ମତିଥି ଉତ୍ସବ | ସତ୍‌ସଙ୍ଗ ଦେଓଘର | ଇଂ–୨୩.୭.୨୦୧୪ | ମାଲଦହ ଜିଲ୍ଲା ସତ୍‌ସଙ୍ଗ |

*– ସମ୍ପାଦକ, ସତ୍‌ସଙ୍ଗ*

*୨୮.୪.୨୦୧୪*

# ବୈବାହିକ ସ୍ତମ୍ଭ

### ଗୋପାଳ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ଗୋପାଳ, ଗୋତ୍ର-ବାଘ, ବୟସ-୩୦ବର୍ଷ, ଉଚ୍ଚତା-୫'୬'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ବି.କମ୍., ଏକ କମ୍ପାନୀର ଜେନେରାଲ ମ୍ୟାନେଜରଭାବେ ଅବସ୍ଥାପିତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ରମାକାନ୍ତ ବରାଗ, ୧୪୩୬/ପି., ନିଉ ଫରେଷ୍ଟ ପାର୍କ, ଭୁବନେଶ୍ୱର, ମୋ.-୯୪୩୭୪୪୦୯୧୩/୮୭୬୩୨୮୭୮୨୪

### ରାଜପୁତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ରାଜପୁତ, ଗୋତ୍ର-ଭରଦ୍ୱାଜ, ବୟସ-୩୫ବର୍ଷ, ଉଚ୍ଚତା-୫'୧୧'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-କଳା ଓ ଆଇନ ସ୍ନାତକ, ଉଚ୍ଚନ୍ୟାୟାଳୟରେ ଓକିଲଭାବେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ଧୀରେନ୍ଦ୍ର କୁମାର ସିଂହ, ପ୍ଲଟ୍-୩ଡ଼ି/୨୬୬/୨୧, ସେକ୍ଟର-୧୧, ସିଡ଼ିଏ, କଟକ, ଫୋନ୍‌ନଂ.-୦୬୭୧-୨୩୦୯୯୬୫, ମୋ.-୯୪୩୯୧୦୧୦୨୫

### କୁମ୍ଭାର ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-କୁମ୍ଭକାର, ଗୋତ୍ର-ଶାଣ୍ଡିଲ୍ୟ, ବୟସ-୨୯ବର୍ଷ, ଉଚ୍ଚତା-୫'୩'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ଯୁକ୍ତ୨ ପାସ, ଗୃହକର୍ମନିପୁଣା ନିରାମିଷାଶିନୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** କୁଳନାଥ ବେହେରା, ବିଡ଼ାନାସୀ, ଜୟଗୁରୁ କଲୋନୀ, କଟକ, ମୋ.-୮୨୬୦୯୯୧୭୧୭/୯୪୩୭୦୮୪୧୪୭

### କରଣ ପାତ୍ର ଆବଶ୍ୟକ

ଜାତି-କରଣ, ଗୋତ୍ର-ନାଗ, ବୟସ-୨୫ବର୍ଷ, ଉଚ୍ଚତା-୫', ଦୈହିକରଙ୍ଗ-ସଫା, ଯୋଗ୍ୟତା-ବି.ଟେକ, ଇଟିସି, ସଙ୍ଗୀତଜ୍ଞା, ଆଜନ୍ମ ନିରାମିଷାଶିନୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ଦୀପକ କୁମାର ମହାପାତ୍ର, ସା.-କେଓଲା, ପୋ.-ବହଡ଼ାଗୁଡ଼, ସିଂହଭୂମ, ଝାଡ଼ଖଣ୍ଡ, ମୋ.-୦୯୯୦୫୧୭୦୩୬୬

### ଖଣ୍ଡାୟତ ପାତ୍ର ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ନାଗ, ବୟସ-୨୫ବର୍ଷ, ଉଚ୍ଚତା-୫'୫'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ପ୍ରାଣୀବିଜ୍ଞାନରେ ସ୍ନାତକୋତ୍ତର ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ସୁଦର୍ଶନ ଲେଙ୍କା, ଗ୍ରା./ପୋ.-କ୍ଷୀରକୋଣା, ଭା.-ବେତଡ଼ା, ଜି.-ବାଲେଶ୍ୱର, ମୋ.-୯୯୩୮୨୩୦୬୧୫

### କରଣ ପାତ୍ର ଆବଶ୍ୟକ

ଜାତି-କରଣ, ଗୋତ୍ର-କାଶ୍ୟପ, ବୟସ-୨୭ବର୍ଷ, ଉଚ୍ଚତା-୫'୬'', ଯୋଗ୍ୟତା-କୃଷିବିଜ୍ଞାନ ସ୍ନାତକ, ଏମ.ବି.ଏ. ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ଦାମୋଦର ଦାସ, ଦେଓ୍ୱାନ ପାଟନା, ସୁହାଟ, ବାଲେଶ୍ୱର, ମୋ.-୯୪୭୫୫୦୦୭୩୪

### ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ବଳଭଦ୍ର, ବୟସ-୨୭ବର୍ଷ, ଉଚ୍ଚତା-୫'୧୦'', ଯୋଗ୍ୟତା-ବି.ଟେକ. ଇଟିସି, ସଫ୍ଟୱାର ଇଞ୍ଜିନିୟର ରୂପେ ଆମେରିକାରେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ଉଦୟଶଙ୍କର ଭ୍ରମରବର ରାୟ, ପୁରୀ, ମୋ.-୯୪୩୭୧୬୨୧୮୦

### ମାଟିବଂଶ ତନ୍ତୀ ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ମାଟିବଂଶ ତନ୍ତୀ, ଗୋତ୍ର-ଆଦି, ବୟସ-୩୩ବର୍ଷ, ଉଚ୍ଚତା-୫'୨'', ଯୋଗ୍ୟତା-ଯୁକ୍ତ୨, ଗୃହକର୍ମନିପୁଣା ନିରାମିଷାଶିନୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ଶରତ କୁମାର ନାଥ, ଗ୍ରା.-ଦେବତାଗଡ଼ିଆ, ପୋ.-ଟିଲେ, ଭାୟା-ବନ୍ତ, ଜିଲ୍ଲା- ଭଦ୍ରଖ, ମୋ.-୯୭୭୬୫୪୧୬୧୭

### ବିପ୍ର ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବିପ୍ର, ଜାତି-ବଙ୍ଗୀୟବ୍ରାହ୍ମଣ, ଗୋତ୍ର-ଶାଣ୍ଡିଲ୍ୟ, ବୟସ-୩୫ବର୍ଷ, ଉଚ୍ଚତା-୫'୬'', ଯୋଗ୍ୟତା-ଯୁକ୍ତ୨, କୃଷିକାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ବିଭୂତି ଭୂଷଣ ଚକ୍ରବର୍ତ୍ତୀ, ଗ୍ରା./ପୋ./ଭା.-ବନ୍ତ, ଜିଲ୍ଲା-ଭଦ୍ରଖ, ମୋ.-୯୫୮୩୪୩୩୦୨୬

### ଗୋପାଳ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ଗୋପାଳ, ଗୋତ୍ର-ଭରଦ୍ୱାଜ, ବୟସ-୩୨ବର୍ଷ, ଉଚ୍ଚତା-୫'୧'', ଯୋଗ୍ୟତା-ମେକାନିକାଲ ଇଞ୍ଜିନିୟରିଂରେ ଡ଼ିପ୍ଲୋମା, ନିରାମିଷାଶୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** କପିଳ ଚରଣ ମହାକୁଳ, ବାପୁଜୀ ନଗର, ଜୟପୁର, ଜି.-କୋରାପୁଟ, ଫୋନ୍‌ନଂ.-୦୬୮୫୪-୨୫୧୧୬୧, ମୋ.-୯୯୩୮୯୬୨୬୦୨

### ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ବତ୍ସ, ବୟସ-୨୮ବର୍ଷ, ଉଚ୍ଚତା-୬', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ବି.ଟେକ୍, ମେକାନିକାଲ,

ମେକାନିକାଲ ଡ଼ିଜାଇନରଭାବେ ପୁନେରେ ବ୍ୟବସାୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ଶ୍ରୀଧର ନାୟକ, ନିଳାଦ୍ରୀ ବିହାର, ଭୁବନେଶ୍ୱର-୨୧, ମୋ.-୯୪୩୭୭୬୩୮୭୮

## ଗୌଡ଼ୀୟ ତନ୍ତୀ ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ଗୌଡ଼ୀୟତନ୍ତୀ, ଗୋତ୍ର-କାଶ୍ୟପ, ବୟସ-୨୫ବର୍ଷ, ଉଚ୍ଚତା-୫'୨'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ବି.ଏ. ପାସ୍, ଗୃହକର୍ମନିପୁଣା ଆଜନ୍ମ ନିରାମିଷାଶିନୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ବଂଶୀଧର ବେହେରା (ସ.ପ୍ର.ର.), ଗ୍ରା.-ଜନାର୍ଦ୍ଦନପୁର, ପୋ.-ଲେଣ୍ଡୁରା, ଭାୟା-କେନ୍ଦୁପାଟଣା, ଜି.-କଟକ, ଫୋନ୍‌ନଂ.-୦୬୭୧-୨୧୧୨୫୪୦, ମୋ.-୯୯୩୭୫୦୩୭୬୭

## ମାସ୍ତାନୀ ବିପ୍ର ପାତ୍ର ଆବଶ୍ୟକ

ଜାତି-ମାସ୍ତାନୀବ୍ରାହ୍ମଣ, ଗୋତ୍ର-କାଶ୍ୟପ, ବୟସ-୨୭ବର୍ଷ, ଉଚ୍ଚତା-୫'୨'', ଯୋଗ୍ୟତା-ହିନ୍ଦୀରେ ଏମ.ଏ., ପିଜିଡ଼ିସିଏ, ସ୍ୱସ୍ତ୍ୟୟନୀବ୍ରତଧାରିଣୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ପ୍ରତାପ କୁମାର ନାୟକ, ସା./ପୋ.-ସରସଦା, ଭା.-ଭଣ୍ଡାରୀପୋଖରୀ, ଜି.-ଭଦ୍ରଖ, ମୋ.-୯୯୩୭୬୭୫୦୬୯

## ତୈଳିକ ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ତେଲି, ଗୋତ୍ର-ନାଗ, ବୟସ-୨୭ବର୍ଷ, ଉଚ୍ଚତା-୫'୩'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ଏମ.ଏ(ସାମାଜିକ ସେବା), ନିରାମିଷାଶିନୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ଅଧ୍ୟାପକ ନୀଳକଣ୍ଠ ସାହୁ, ମାର୍ଫତ-ଗୌରୀଶ୍ୟାମ ମହାନ୍ତି, ପୁର୍ଣ୍ଣେଶ୍ୱରୀ ସାହି, ପୋ.-ନିମାପଡ଼ା, ଜି.-ପୁରୀ-୭୫୨୧୦୬, ମୋ.-୯୮୬୧୮୮୩୪୯୭

## ଗୁଡ଼ିଆ ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ଗୁଡ଼ିଆ, ଗୋତ୍ର-ନାଗ, ବୟସ-୨୫ବର୍ଷ, ଉଚ୍ଚତା-୫'୬'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ଯୁକ୍ତ୨ ବାଣିଜ୍ୟ, ଡ଼ିପ୍ଲୋମା ଇଟିସି, ଗୃହକର୍ମନିପୁଣା ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ରମେଶ ଚନ୍ଦ୍ର ସାହୁ, ବାଲିକୁଦା (ଗୋପାଳପୁର), କଟକ, ମୋ.-୮୯୦୮୯୭୫୯୨୩/୯୬୫୮୭୧୦୮୪୩

## ଜୌତିଷ ପାତ୍ର ଆବଶ୍ୟକ

ଜାତି-ଜୌତିଷ, ଗୋତ୍ର-ନାଗ, ବୟସ-୨୬ବର୍ଷ, ଉଚ୍ଚତା-୫'୪'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ବି.ଟେକ., ଇଲେକ୍ଟ୍ରିକାଲ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ନୃସିଂହ ଚରଣ ନାୟକ, ଗ୍ରା.-ଦରଖାପାଟଣା, ପୋ.-କଲ୍ୟାଣୀନଗର, କଟକ, ମୋ.-୯୯୩୮୮୩୭୨୦

## ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ମୁଦ୍‌ଗଲ, ବୟସ-୩୧ବର୍ଷ, ଉଚ୍ଚତା-୫'୭'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ବି.ଏ.ଏଲ୍.ଏଲ୍.ବି., ହାଇକୋର୍ଟରେ ଓକିଲଭାବେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ପ୍ରଫୁଲ୍ଲ ଚନ୍ଦ୍ର ନାୟକ (ଅଧ୍ୱର୍ଯ୍ୟୁ), ପ୍ଲଟ୍ ନଂ-୩ଡ଼ି/୫୭୨, ସେକ୍ଟର-୮, ସିଡ଼ିଏ, କଟକ, ମୋ.-୮୯୦୮୯୧୯୮୩୩/୯୫୮୩୭୭୭୫୨୫

## ବିପ୍ର ପାତ୍ର ଆବଶ୍ୟକ

ବର୍ଣ୍ଣ-ବିପ୍ର, ଜାତି-ବ୍ରାହ୍ମଣ, ଗୋତ୍ର-କୌଶିକ, ବୟସ-୨୯ବର୍ଷ, ଉଚ୍ଚତା-୫'୩'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ବି.ଫାର୍ମା, ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ରମାକାନ୍ତ ମିଶ୍ର(ସ.ପ୍ର.ର.), ଚଣ୍ଡିଆଗଡ଼ି, ଆଳି, କେନ୍ଦ୍ରାପଡ଼ା, ମୋ.-୮୭୬୩୩୭୫୧୮୮

## ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ନାଗ, ବୟସ-୩୧ବର୍ଷ, ଉଚ୍ଚତା-୫'୬'', ଯୋଗ୍ୟତା-ଏମ.ବି.ଏ, ଏକ୍‌ଜ୍ୟୁକ୍ୟୁଟିଭ ଭାବେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ମଦନ ସେନାପତି, ସା./ପୋ.-ନାଥସାହି, ଭାୟା-ଦେବୀଦ୍ୱାର, ଯାଜପୁର, ମୋ.-୯୪୩୯୧୬୪୨୮୦/୯୬୫୮୮୯୮୫୦୯

## ତୈଳକାର ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ତେଲି, ଗୋତ୍ର-ନାଗ, ବୟସ-୨୯ବର୍ଷ, ଉଚ୍ଚତା-୫'୬'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ବି.ଟେକ୍, ଇଞ୍ଜିନିୟରଭାବେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ଶ୍ରୀଧର ପୃଷ୍ଟି(ସ.ପ୍ର.ର.), ଗ୍ରା.-କଟକୁଳ, ପାରାଦୀପଗଡ଼, ଜଗତ୍‌ସିଂହପୁର, ମୋ.-୯୯୩୭୭୫୪୫୫୬/୯୯୩୭୧୭୭୯୮୯

## ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ମୁଦ୍‌ଗଲ, ବୟସ-୩୦ବର୍ଷ, ଉଚ୍ଚତା-୫'୬'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ସିଭିଲି ଇଞ୍ଜିନିୟର, ଡ଼ିସିପିଏଲରେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ବୃଷାସନ ରାଉତ, ଗ୍ରା.-ବାହାରବିଲ, ଧୁଷୁରି, ଜି.-ଭଦ୍ରଖ, ମୋ.-୯୪୩୯୩୪୯୫୮୪

## ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-କାଶ୍ୟପ, ବୟସ-୩୦ବର୍ଷ, ଉଚ୍ଚତା-୫'୫'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ବିଜ୍ଞାନ ସ୍ନାତକ, ଇଲେକ୍ଟ୍ରିକାଲ ଡ଼ିପ୍ଲୋମା, ଭାରତୀୟ ବାୟୁସେନାରେ କାର୍ଯ୍ୟରତ,

ନିରାମିଷାଶୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ଅମରେନ୍ଦ୍ର ଜେନା, ପ୍ଲଟ୍ ନଂ-ଇ/୩୫୭, ସେକ୍ଟର-୭, ସିଡ଼ିଏ, କଟକ, ମୋ.-୯୩୩୭୪୫୨୫୩୧

### ଖଣ୍ଡାୟତ ପାତ୍ର ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-କାଶ୍ୟପ, ବୟସ-୨୫ବର୍ଷ, ଉଚ୍ଚତା-୫'୫'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-କଳା ସ୍ନାତକ, ଗୃହକର୍ମନିପୁଣା, ସମ୍ପୂର୍ଣ୍ଣ ନିରାମିଷାଶିନୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ଅମରେନ୍ଦ୍ର ଜେନା, ପ୍ଲଟ୍ ନଂ-ଇ/୩୫୭, ସେକ୍ଟର-୭, ସିଡ଼ିଏ, କଟକ, ମୋ.-୯୩୩୭୪୫୨୫୩୧

### ତେଲି ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ତେଲି, ଗୋତ୍ର-ନାଗ, ବୟସ-୩୪ବର୍ଷ, ଉଚ୍ଚତା-୫'୮'', ଯୋଗ୍ୟତା-ଆଏ, ସିଟି, ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ଭବାନୀ ଶଙ୍କର ସାହୁ, ସା./ପୋ-ପରମାନନ୍ଦପୁର, ଭା.-ଭବାନୀପାଟଣା, ଜି.-କଳାହାଣ୍ଡି-୭୬୬୦୦୧, ମୋ.-୮୭୬୩୨୨୫୪୨୯

### କୁଡ଼ମୀ କ୍ଷତ୍ରିୟ ପାତ୍ରୀ ଆବଶ୍ୟକ

ଜାତି-କୁଡ଼ମୀ, ଗୋତ୍ର-କାଶ୍ୟପ, ବୟସ-୨୯ବର୍ଷ, ଉଚ୍ଚତା-୫'୧୧'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ସ୍ନାତକୋତ୍ତର(ଚିକିତ୍ସା ବିଜ୍ଞାନ) ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ବଂଶୀଧର ମହାନ୍ତ(ଯାଜକ), ସା./ପୋ.-ବାରିପଦା, ଜି.-ମୟୁରଭଞ୍ଜ, ମୋ.-୯୮୬୧୦୮୩୩୬୦

### ତେଲି ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ତେଲି, ଗୋତ୍ର-ନାଗ, ବୟସ-୨୫ବର୍ଷ, ଉଚ୍ଚତା-୫'୨'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ଦଶମ ଶ୍ରେଣୀ, ଗୃହକର୍ମନିପୁଣା ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ଲକ୍ଷ୍ମୀଧର ସାହୁ, ଗ୍ରା.-ଏରେଇଁ, ପୋ.-ଚରମ୍ପା, ଜି.-ଭଦ୍ରକ, ମୋ.-୯୦୪୦୦୬୬୪୮୯/୯୧୭୮୫୫୬୧୩୦

### ବିପ୍ର ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବିପ୍ର, ଜାତି-ବ୍ରାହ୍ମଣ, ଗୋତ୍ର-ଘୃତକୌଶିକ, ବୟସ-୩୨ବର୍ଷ, ଉଚ୍ଚତା-୫'୪'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ଏମ.ଏ. (ଗଣିତ), ପିଜିଡ଼ିସିଏ, ଗୋପାଲ ଆଣ୍ଡ କୋ କମ୍ପାନୀରେ କମ୍ପ୍ୟୁଟର ଅପରେଟରଭାବେ କାର୍ଯ୍ୟରତ, ସ୍ୱସ୍ତ୍ୟୟନୀବ୍ରତଧାରୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ରବୀନ୍ଦ୍ର ନାଥ ଦୀକ୍ଷିତ, ଓ.ପି.ଏସ.ସି. କ୍ୱାଟରନଂ.-ଏଫ/୧, ସେକ୍ଟର-୬, ସିଡ଼ିଏ, କଟକ, ମୋ.-୯୮୫୩୪୬୬୨୧୮

### ଖଣ୍ଡାୟତ ପାତ୍ର ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ନାଗ, ବୟସ-୨୫ବର୍ଷ, ଉଚ୍ଚତା-୫', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ମ୍ୟାଟ୍ରିକ୍ ଫେଲ, ଗୃହକର୍ମନିପୁଣା ନିରାମିଷାଶିନୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ବୀରକିଶୋର ଭୂୟାଁ, ଭୁବନେଶ୍ୱର, ମୋ.-୯୧୭୮୪୨୦୪୨୮/୭୨୦୫୭୭୩୫୧୩

### ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ଓଲକ, ବୟସ-୨୫ବର୍ଷ, ଉଚ୍ଚତା-୫'୩'', ଯୋଗ୍ୟତା-ଯୁକ୍ତ୨ ବିଜ୍ଞାନ, ଡ଼ିପ୍ଲୋମା ଇଞ୍ଜିନିୟର, ହାଇଦ୍ରାବାଦରେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ମୋ.-୯୦୪୦୭୭୧୬୧୧/୯୮୬୧୩୨୩୧୧୬

### କରଣ ପାତ୍ରୀ ଆବଶ୍ୟକ

ଜାତି-କରଣ, ଗୋତ୍ର-କାଶ୍ୟପ, ବୟସ-୩୨ବର୍ଷ, ଉଚ୍ଚତା-୫'୫'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ଆଇ.ଏସ.ସି. ବିଜ୍ଞାନ, ଡ଼ିପ୍ଲୋମା କମ୍ପ୍ୟୁଟର, କଲିକତାରେ ଆଇବିଏମ୍ କମ୍ପାନୀରେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ଭାଗୀରଥୀ ଦାସମହାପାତ୍ର, ସା./ପୋ.-ଅମଠପୁର, ଭା.-ଇନ୍ଦୁପୁର, ଜି.-ଯାଜପୁର, ମୋ.-୯୪୩୯୫୬୨୭୦୮

**ବୈବାହିକୀ ସ୍ତମ୍ଭରେ ବିବାହଯୋଗ୍ୟ ପୁତ୍ର ବା କନ୍ୟାର ବିବରଣୀ ଦେବାକୁ ହେଲେ ନିମ୍ନୋକ୍ତ ତଥ୍ୟଗୁଡ଼ିକୁ ଅବଶ୍ୟ ପ୍ରଦାନ କରିବେ ।**

**୧- ବର୍ଣ୍ଣ, ୨- ଜାତି (ଉପବର୍ଣ୍ଣ), ୩- ଗୋତ୍ର, ୪- ବୟସ, ୫- ଉଚ୍ଚତା, ୬- ଦେହର ରଙ୍ଗ, ୭- ଶିକ୍ଷାଗତ ଯୋଗ୍ୟତା, ୮- ବୃତ୍ତି/ଜୀବିକା ସମ୍ବନ୍ଧରେ ସ୍ପଷ୍ଟ ଏବଂ ବିଶଦ ବିବରଣୀ, ୯- ସମ୍ପୂର୍ଣ୍ଣ ଡ଼ାକ ଠିକଣା, ୧୦- ଫୋନ୍ ନମ୍ବର । ଉର୍ଜ୍ଜନା କାର୍ଯ୍ୟାଳୟରେ ଏଥିପାଇଁ ଫର୍ମ ଉପଲବ୍ଧ । କେବଳ ସତ୍‌ସଙ୍ଗୀ ପାତ୍ର/ପାତ୍ରୀଙ୍କ ତଥ୍ୟ ଗ୍ରହଣୀୟ । ସମସ୍ତ ବିବରଣୀ ସହିତ ଦେୟ ୫୦ଟଙ୍କା ଦେଇ *'ମ୍ୟାନେଜର, ଉର୍ଜ୍ଜନା, ସତ୍‌ସଙ୍ଗ, ଦେଓଘର'* ଠିକଣାରେ ଯୋଗାଯୋଗ କରନ୍ତୁ ।**

# ଆଶ୍ରମ ସମ୍ବାଦ

ଗ୍ରୀଷ୍ମର ତାପମାତ୍ରା ଅହେତୁକଭାବେ ବୃଦ୍ଧି ପାଇଛି । ସର୍ବତ୍ର ଉତ୍ତାପ ହିଁ ଉତ୍ତାପ । ଟାଣ ଖରା ସାଙ୍ଗକୁ ଅନ୍ତର୍ଭେଦୀ ଗୁଳୁଗୁଳି ଜୀବନକୁ ଦୁର୍ବିସହ କରିତୋଳୁଛି । ଦେଓଘରର ଜଳବାୟୁ ଗ୍ରୀଷ୍ମଋତୁରେ ପ୍ରାୟଃ ଏହିପରି ବଡ଼ ଅସହ୍ୟ ବୋଧ ହୁଏ ।

ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ଭଲରେ ଅଛନ୍ତି । ଇଷ୍ଟ-ପରିବାରର ସମସ୍ତ ପୂଜନୀୟ ସଦସ୍ୟମାନେ ମଧ୍ୟ ମୋଟାମୋଟି ଭଲରେ ଅଛନ୍ତି ।

ଏବର୍ଷ ଭାରତରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଉଅଛି । ନିର୍ବାଚନ ଋତୁରେ ଗୋଟେ ଜାଗାରେ ମାତ୍ରାଧିକ ଜନସମାଗମ ହେଲେ ଦୁର୍ଘଟଣାର ଓ ଅସୁବିଧାର ସମ୍ଭାବନା ଥାଏ । ଉକ୍ତ ସମୟ ମଧ୍ୟରେ ବହୁସଂଖ୍ୟାରେ ଜନସମାଗମ ହେବା ଓ ଯାନବାହନ ନିୟନ୍ତ୍ରଣ କରିବା ଜନିତ ସରକାରୀ ଆଇନଗତ କଟକଣା ରହିଥିବାରୁ ଦେଶର ଆଇନକୁ ସମ୍ମାନ ଦେଇ ଏବଂ କିଛି ଅଘଟଣ ଘଟିବାର ସମ୍ଭାବନାକୁ ଏଡ଼ାଇବାକୁ ଯାଇ ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ନିର୍ଦ୍ଦେଶରେ ନବବର୍ଷ ସ୍ୱସ୍ତିତୀର୍ଥ ମହାଯଜ୍ଞ ଓ ୨୯୫ତମ ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍-ସମ୍ମେଳନ ସ୍ଥଗିତ କରାଯାଇଛି ।

**ତା୧୪.୦୪.୨୦୧୪ରିଖ, ସୋମବାର :** ନବବର୍ଷ ସ୍ୱସ୍ତିତୀର୍ଥ ମହାଯଜ୍ଞ ଓ ୨୯୫ତମ ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍-ସମ୍ମେଳନର ପ୍ରଥମ ଦିବସ । (ଏହି ଉତ୍ସବ ବାତିଲ କରାଯାଇଛି)

**ତା୧୫.୦୪.୨୦୧୪ରିଖ, ମଙ୍ଗଳବାର :** ନବବର୍ଷ ସ୍ୱସ୍ତିତୀର୍ଥ ମହାଯଜ୍ଞ ଓ ୨୯୫ତମ ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍-ସମ୍ମେଳନର ଦ୍ୱିତୀୟ ଦିବସ (ଉତ୍ସବ ସ୍ଥଗିତ) । ଆଜି ବଙ୍ଗୀୟ ନବବର୍ଷର ଅୟମାରମ୍ଭ ।

ସମସ୍ତ ବାଧା ଓ କଟକଣା ସତ୍ତ୍ୱେ ନବବର୍ଷରେ ପୁରୁଷୋତ୍ତମଙ୍କ ପାଦପୀଠରେ ଉପସ୍ଥିତ ହୁଅନ୍ତି ଭକ୍ତ ଓ ଅନୁରାଗୀବୃନ୍ଦ । ଆଚାର୍ଯ୍ୟଦେବଙ୍କ ଦର୍ଶନ ଓ ପ୍ରଣାମ କରି ନୂତନ ବର୍ଷ ପାଇଁ ଆଶୀର୍ବାଦ ଲାଭ କରନ୍ତି । ଉଭୟ ଦିନରେ ସମବେତ ବହିରାଗତମାନଙ୍କ ପାଇଁ ଆୟୋଜିତ ବିଶେଷ ଆନନ୍ଦବଜାରର ଦାୟିତ୍ୱ ବହନ କରନ୍ତି ଓଡ଼ିଶା ରାଜ୍ୟ ଓ ଆସାମ ରାଜ୍ୟ ସତ୍‌ସଙ୍ଗ ।

*(ବିଶଦ ବିବରଣୀ ଅନ୍ୟତ୍ର ଦ୍ରଷ୍ଟବ୍ୟ)*

ପ୍ରାତଃ ୫ଟା ୧୪ମିନିଟ୍‌ରେ ଠାକୁରବଙ୍ଗଳାରେ ଆରମ୍ଭ ହୁଏ ପ୍ରାତଃକାଳୀନ ସମବେତ ବିନତି-ପ୍ରାର୍ଥନା । ପରମାରାଧ୍ୟ ଶ୍ରୀଶ୍ରୀଠାକୁରଙ୍କ ଅମିୟଗ୍ରନ୍ଥକ୍ରମେ 'ସତ୍ୟାନୁସରଣ' ଓ 'ନୀତି-ବିଧାୟନା'ରୁ ବାଣୀପାଠ ହୁଏ ।



ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା

ସନ୍ଧ୍ୟା ୫ଟା ୫୮ମିନିଟ୍‌ରେ ସମବେତ ବିନତି-ପ୍ରାର୍ଥନା ପରେ ଶ୍ରୀଶ୍ରୀଠାକୁରଙ୍କ ଅମିୟଗ୍ରନ୍ଥ 'ଅନୁଶ୍ରୁତି' ଓ 'ଦେବୀସୂକ୍ତ'ରୁ ବାଣୀପାଠ ହେଉଛି ।

ପ୍ରତ୍ୟହ ପୂର୍ବାହ୍ନ ସାଢ଼େ ଦଶଟାରେ ପରମଦୟାଲ ଶ୍ରୀଶ୍ରୀଠାକୁର ଓ ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ଉଦ୍ଦେଶ୍ୟରେ ଭୋଗ ଶାସ୍ତ୍ରୋକ୍ତ ବିଧି ଅନୁଯାୟୀ ନିବେଦିତ ହୋଇ ଚାଲିଛି ।

ଅତ୍ୟଧିକ ଉତ୍ତାପ ସତ୍ତ୍ୱେ ଆଶ୍ରମକୁ ଲୋକଙ୍କର ଆଗମନରେ ସେପରି ହ୍ରାସ ପରିଲକ୍ଷିତ ହୋଇନି । ତ୍ରିତାପ ଜ୍ୱାଳାରେ ବିଦଗ୍ଧ ମଣିଷ ବାହ୍ୟ ତାପକୁ ଗୁରୁତ୍ୱ ନ ଦେଇ ଧାଇଁ ଆସୁଛି ପୁରୁଷୋତ୍ତମଙ୍କ ଚରଣପ୍ରାନ୍ତକୁ । ସେଠାରେ ପହଞ୍ଚିଗଲେ ଶାନ୍ତି ହିଁ ଶାନ୍ତି । ଯେତେପ୍ରକାର ତାପ, ଉତ୍ତାପ ରହିଛି ସବୁଥିରୁ ତା'କୁ ମିଳିବ ତ୍ରାହି । ଶାନ୍ତି ଓ ସ୍ୱସ୍ତିର ଶୀତଳତାରେ ତା'ର ପ୍ରାଣ ଆଶ୍ୱସ୍ତ ହେବ- ଏ ଆଶା ଓ ଭରସା ତା'ର ଅବଶ୍ୟ ରହିଛି । ଏଣୁ ତ ସେ ଛୁଟି ଆସୁଛି ।

**ଡ଼କ୍ଟର ନିରଞ୍ଜନ ମିଶ୍ର**
ତା୨୮।୦୪।୨୦୧୪
**ସତ୍‌ସଙ୍ଗ ନଗର, ଦେଓଘର**

## ସମ୍ପାଦକୀୟ

ଦାନର ମାହାତ୍ମ୍ୟ ନେଇ ଶାସ୍ତ୍ର ଶତମୁଖ । କିଛି ନା କିଛି ଦାନ କରିବା ଉଚିତ୍— ଏହି ନିର୍ଦ୍ଦେଶ ଶାସ୍ତ୍ରରେ ସର୍ବଦା ରହି ଆସିଛି । କ'ଣ ଦାନ କରିବ, କେଉଁ ଦାନ ସବୁଠାରୁ ବଡ଼ ଏ ନେଇ ମଧ୍ୟ ଚର୍ଚ୍ଚା ଲୋକଙ୍କ ମଧ୍ୟରେ ବିଶେଷ ଗୁରୁତ୍ୱ ପାଇ ଆସିଛି କେଉଁ କାଳରୁ । ଅନ୍ନଦାନ ମହାପୁଣ୍ୟ । ଭୋକିଲା ମଣିଷକୁ ମୁଠାଏ ଅନ୍ନ ଦେଇ ଦେଲେ ଯେଉଁ ପୁଣ୍ୟ ହୁଏ ତା'ଠାରୁ ବଡ଼ ପୁଣ୍ୟ ଆଉ କିଛି ନାହିଁ— ଏପରି ଧାରଣା ରହିଛି କେତେକଙ୍କର । ସେହିପରି ବସ୍ତ୍ରଦାନ, ବାସଦାନ, ବିଦ୍ୟାଦାନ ଇତ୍ୟାଦି ଇତ୍ୟାଦି ଅସୁମାରୀ ଦାନର ଗାଥା ରହିଛି । କିନ୍ତୁ ଧର୍ମଦାନ ଯେ ସବୁଠାରୁ ଉତ୍ତମ ଓ ମହତ୍ତ୍ୱପୂର୍ଣ୍ଣ ସେ ନେଇ ଅନେକେ ଅବଗତ ନୁହଁନ୍ତି । ଧର୍ମଦାନ କହିଲେ ସାଧାରଣତଃ ବୁଝାଯାଏ ଲୋକଟା ଧର୍ମ ଓ ଅଧର୍ମ କ'ଣ ଜାଣିନି, ତା'କୁ ଧର୍ମର କଥା କହିଲୁ । ମନ୍ଦିରକୁ ଯା', ପୂଜାପାର୍ବଣ କର, ଆଉ ସେ କଲା । ବାସ୍, ହୋଇଗଲା ଧର୍ମଦାନ । ଯଦି ଏହାହିଁ ଧର୍ମଦାନ ହୁଏ ତେବେ ଏହି ଧର୍ମଦାନ କ'ଣ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଦାନ ରୂପେ ଗୃହୀତ ହେବ ? ଏପରି ଦାନ ଦେଲେ କାହାର କ'ଣ ଲାଭ ହୁଏ ବା ନ ଦେଲେ କ'ଣ କ୍ଷତି ହୁଏ— ଏପରି ପ୍ରଶ୍ନ ଆସିବା ସ୍ୱାଭାବିକ ଆଜିକାଲିକା ଆଧୁନିକ ଯୁଗରେ । ତୀର୍ଥକୁ ଯିବା, ସେଠାରେ ଦୁଃସ୍ଥ ଭିକ୍ଷୁକମାନଙ୍କୁ କିଛି ଦାନ କରିବା— ଏହାକୁ ମଧ୍ୟ ଧର୍ମଦାନ ପର୍ଯ୍ୟାୟରେ ନିଆଯାଏ । ଏହିପରି ଅନେକ କଥା ଅନେକ ଭାବରେ ରହିଛି ।

ପୁରୁଷୋତ୍ତମଙ୍କ ଦର୍ଶନରେ କିନ୍ତୁ ଧର୍ମଦାନର ସଂଜ୍ଞା ଓ ପରିଭାଷା ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର । ଶ୍ରୀଶ୍ରୀଠାକୁରଙ୍କ ଭାବାଦର୍ଶ କହେ—

ମଣିଷକୁ ଜୀବନରେ ଜୀବନ୍ତ କରିତୋଳି
ଆଦର୍ଶରେ ସୁନିଷ୍ଠ କରି
ଇଷ୍ଟାନୁଗ ପଥରେ
ସଂରକ୍ଷଣୀ, ସମ୍ପୋଷଣୀ ଓ ସମ୍ପୂରଣୀ ଯୋଗ୍ୟତାରେ
ଯୋଗ୍ୟ କରିତୋଳିବାହିଁ ହେଉଛି ଧର୍ମଦାନ,
ସାହସରେ, ବୀର୍ଯ୍ୟରେ, ଶ୍ରମରେ, ପ୍ରତ୍ୟୟରେ
ଉପଚୟୀ ଅର୍ଜ୍ଜନରେ
ଅଭ୍ୟୁୟଦୀ କରି ତୋଳିବାହିଁ ହେଉଛି ଧର୍ମଦାନ,
ତେଣୁ, ଧର୍ମଦାନଠାରୁ ବଡ଼ ପୁଣ୍ୟ ନାହିଁ;
ତୁମର ଲୋକସେବା ମଣିଷକୁ
ଆଦର୍ଶରେ କେନ୍ଦ୍ରାୟିତ କରି
ଅଭ୍ୟୁଦୟରେ ହିଁ ଯଦି ଉନ୍ନତ କରି
ତୋଳି ନ ପାରିଲା—
ସ୍ୱାବଲମ୍ବୀ କରି
ସହଯୋଗୀ କରି—
ତା' ଯେ ବ୍ୟର୍ଥ କୋଳାହଳ ମାତ୍ର
ସେଥିରେ କ'ଣ ଆଉ ସନ୍ଦେହ ଅଛି ?
*(ଆର୍ଯ୍ୟ-ପ୍ରାତିମୋକ୍ଷ-୧୯୮)*

ଧର୍ମଦାନର ପ୍ରକୃତ ବ୍ୟାଖ୍ୟା ନ ଜାଣିଲେ ତା'ର ମହତ୍ତ୍ୱ ସମ୍ବନ୍ଧରେ ଜ୍ଞାନ ହୁଏନା । ମଣିଷକୁ ଜୀବନରେ ଜୀବନ୍ତ କରିବାକୁ ହେବ । ଆଦର୍ଶରେ ସୁନିଷ୍ଠ କରି ଇଷ୍ଟାନୁଗ ପଥରେ ପରିଚାଳିତ କରିବାକୁ ହେବ । ଭଲଭାବରେ ରକ୍ଷା ପାଇବା, ଭଲଭାବେ ପୁଷ୍ଟ ହେବା ଓ ଭଲଭାବେ ପରିପୂରିତ ହେବା ପାଇଁ ଯେଉଁସବୁ ଯୋଗ୍ୟତା ଆବଶ୍ୟକ ସେସବୁରେ ଦକ୍ଷ କରିତୋଳିବା— ଏସବୁ ଏକତ୍ର ଯେଉଁଠାରେ ସମ୍ପାଦନ କରାଯାଏ ତାହାହିଁ ଧର୍ମଦାନ । ସାହସରେ, ବୀର୍ଯ୍ୟରେ, ଶ୍ରମରେ, ଆତ୍ମପ୍ରତ୍ୟୟରେ ଏବଂ ଉପଚୟୀ ଉପାର୍ଜ୍ଜନରେ ଅଭ୍ୟୁଦୟ କରି ତୋଳିବା ହିଁ ଧର୍ମଦାନ । ମୋଟାମୋଟି ମଣିଷକୁ ଆଦର୍ଶଙ୍କ ପଥରେ ପରିଚାଳିତ କରି ସବୁଆଡୁ ଯୋଗ୍ୟ କରି ତୋଳିବାକୁହିଁ କୁହାଯାଏ ଧର୍ମଦାନ । ଧର୍ମଦାନ ହେଉଛି ସର୍ବଦାନର ସାର୍ଥକ ରୂପ । ଧର୍ମଦାନ କଲେ ଆଉ କୌଣସି ଦାନ କରିବାକୁ ପଡ଼େ ନାହିଁ । କାରଣ, ଜୀବନ-ବୃଦ୍ଧିର ପଥରେ ଚାଲିବାର କୌଶଳ ଶିଖାଇ ଦିଆଯାଏ ଏଇ ଦାନ ମାଧ୍ୟମରେ । ଏପରି କୌଣସି ଦାନ ନାହିଁ ଯାହାକି ଧର୍ମଦାନର ବହିର୍ଭୂତ । ମୋଟାମୋଟି ଧର୍ମଦାନର ପରିସରର ବାହାରେ ଆଉ କୌଣସି ଦାନର ସ୍ଥିତି ନାହିଁ କହିଲେ ଚଳେ । ଅତଃ ଧର୍ମଦାନ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ, ଅତଏବ ଏହା ମହାପୁଣ୍ୟ । ଅନ୍ୟକୁ ମୁଠାଏ ଅନ୍ନ ଦେଇ ଦେଲେ ହୁଏତ ଗୋଟେ ବକତର ଯୋଗାଡ଼ ହୋଇଗଲା । ଆର ବକତକୁ ସେ କ'ଣ କରିବ ? ଏହିପରି ଭୋକିଲାମାନଙ୍କୁ କେତେଦିନ ବା ଜଣେ ଅନ୍ନଦାନ କରି ଚାଲିଥିବ ? ଏ ଦାନ ଆଂଶିକ ଓ ସମାଧାନୀ ଦାନ ନୁହେଁ । କିନ୍ତୁ ଧର୍ମଦାନ କ୍ଷେତ୍ରରେ ଦାନଗ୍ରହୀତା ଏପରିଭାବେ ଯୋଗ୍ୟ ହୋଇଉଠେ ଯେ ତା'ର ଆଉ ଅନ୍ନ, ବସ୍ତ୍ର, ବାସ ଓ ଜୀବନୀୟ ପଦାର୍ଥଗୁଡ଼ିକର କୌଣସି ଅଭାବ ରହେ ନାହିଁ, ବରଂ ସେ ଆହୁରି ଅନେକଙ୍କୁ ଏସବୁ ଯୋଗାଇ ଦେବାରେ ସମର୍ଥ ହୋଇଉଠେ । ଏଣୁ ଧର୍ମଦାନରେ ସମସ୍ତେ ବ୍ରତୀ ହେବା ଉଚିତ୍ । ଧର୍ମଦାନର ଯେ ଦାତା ସେ ତ ମହାନ୍‌ହିଁ, ଧର୍ମଦାନର ଗ୍ରହୀତା ମଧ୍ୟ କିଛି କମ୍ ନୁହେଁ । ଧର୍ମଦାନକୁ ଗ୍ରହଣ କରିବା ସହିତ ନିଜ ଜୀବନରେ ତାହା ଚରିତ୍ରାୟିତ କରି ଚାଲିବା ପାଇଁ ମଧ୍ୟ ଦକ୍ଷତାର ଆବଶ୍ୟକତା ପଡ଼େ । ଏହିପରି ପ୍ରତିପ୍ରତ୍ୟେକେ ଯଦି ଧର୍ମଦାନର ଦାତା ଓ ଗ୍ରହୀତା ହୋଇ ଚାଲନ୍ତି ତେବେ ଏ ମର୍ତ୍ତ୍ୟରେ ସ୍ୱର୍ଗରାଜ୍ୟର ସମ୍ଭାବନା ଉଜ୍ଜ୍ୱଳ ହୋଇଉଠିବ ।

*– ବନ୍ଦେ ପୁରୁଷୋତ୍ତମମ୍*

Published and Printed by Sri Sankar Sensharma on behalf of Satsang, P.o.- Satsang, Dist.- Deoghar, Jharakhanda and Printed at Ananda Printers, Chandi Chhaka, Cuttack-1 (Odisha).